# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୫ /୨୦୨୪ (୧୪ ପୃଷ୍ଠା) | Bhubaneswar, Tuesday, June 25/2024 | Page 14 | ₹ 7.00 | BALASORE

୫୦ଶ ଭାଗ ୨୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 211 | ମୂଲ୍ୟ ₹୭/-




**ଗିଲ୍ ଅଧିନାୟକ ମନୋନୀତ**

ଜିମ୍ବାୱେ ଟୁର୍ ପାଇଁ ଶୁବମନ ଗିଲ୍‌ଙ୍କୁ ଭାରତୀୟ କ୍ରିକେଟ ଦଳର ଅଧିନାୟକ ମନୋନୀତ କରାଯାଇଛି।

୧୪

୦୨

**'ମଟ୍‌କା କିଙ୍ଗ୍'ରେ ଜଲୱା ଦେଖାଇବେ କୃତ୍ତିକା**

କ୍ରାଇମ ଡ୍ରାମା ୱେବ୍ ସିରିଜ୍ 'ମଟ୍‌କା କିଙ୍ଗ୍'ରେ ଅଭିନେତ୍ରୀ କୃତ୍ତିକା କାମ୍ରା ମୁଖ୍ୟ ଭୂମିକାରେ ଅଭିନୟ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି।





**ମା'ଙ୍କ ହାତରୁ ପଖାଳ ଖାଇଲେ**

କେନ୍ଦୁଝର ସଦର ବ୍ଲକ ରାଇକଳାସ୍ଥିତ ନିଜ ବାସଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ତାଙ୍କ ସହଧର୍ମିଣୀ ଡା. ପ୍ରିୟଙ୍କା ମାରାଣ୍ଡି ସୋମବାର ଅନ୍ୟମାନଙ୍କ ଗହଣରେ ପରିବାର ଲୋକଙ୍କ ଦ୍ୱାରା ପ୍ରସ୍ତୁତ ପଖାଳଭାତ ସାଙ୍ଗକୁ କୁନ୍ଦୁରି, ବାଇଗଣ, ଝୁଡ଼ଙ୍ଗ ଆଦି ଭଜା ଖାଉଛନ୍ତି। ଏହାପୂର୍ବରୁ ତାଙ୍କୁ ଘରକୁ ଯିବା ବେଳେ ପାରମ୍ପରିକ ନୃତ୍ୟଗୀତରେ ସ୍ୱାଗତ କରାଯାଇଥିଲା। ପଡ଼ୋଶୀ, ବନ୍ଧୁବାନ୍ଧବ ତାଙ୍କୁ ଫୁଲ ଚନ୍ଦନ ଦେଇ ବନ୍ଦାପନା କରି ପାଛୋଟି ନେଇଥିଲେ। ମୁଖ୍ୟମନ୍ତ୍ରୀ ପଖାଳ ଓ ଭଜା ଆଦି ଖାଇବାକୁ ଭଲ ପାଆନ୍ତି। ମା' ନାଥମଣି ମାଝୀ ତାଙ୍କୁ ନିଜ ହାତରେ ପଖାଳଭାତ ଓ ଭଜା ଖୁଆଇ ଦେଇଥିଲେ।

# ବିଜେଡି ସରକାର ସମୟରେ ମୋତେ ହତ୍ୟା ଉଦ୍ୟମ ହୋଇଥିଲା: ମୁଖ୍ୟମନ୍ତ୍ରୀ

**କେନ୍ଦୁଝର,୨୪।୬(ପି.ଟି.)**

ବିଜେଡି ସରକାର ସମୟରେ ମୋ ଉପରେ ବୋମା ପକାଇ ହତ୍ୟା କରିବାର ଉଦ୍ୟମ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଯୋଗ କରିଛନ୍ତି। କେନ୍ଦୁଝରର ଝୁମ୍ପୁରାଠାରେ ସୋମବାର ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେବାବେଳେ ସେ ଏହା କହିଛନ୍ତି। ତେବେ ଈଶ୍ୱରଙ୍କ ଆର୍ଶୀବାଦ ଓ ଲୋକଙ୍କ ଭଲ ପାଇବା ଯୋଗୁ ସେ ତାଙ୍କ ଜୀବନ ରକ୍ଷା କରିପାରିଥିଲେ। ମା' ତାରିଣୀ, ମା' ଦୁର୍ଗା, ପ୍ରଭୁ ବଳଦେବ ଓ ପ୍ରଭୁ ଜଗନ୍ନାଥ ତାଙ୍କ ସହିତ ଥିବା ଯାଏ ଭୟ କରିବାର ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦୁଝର ଗସ୍ତର ୨ୟ ଦିନରେ ଝୁମ୍ପୁରାଠାରେ ରୋଡ୍ ଶୋ' କରିବା ପରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ଗସ୍ତକାଳରେ ସେ ମା' ତାରିଣୀ, ବଳଦେବଜୀଉ ଓ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଥିଲେ।

## ଚାଷୀଙ୍କୁ ଦଲାଲ ମୁକ୍ତ କରାଯିବ

**ଚମ୍ପୁଆ/ଝୁମ୍ପୁରା,୨୪।୬ (ମହେଶ୍ୱର ଦାସ/ଶଶିଭୂଷଣ ସାହୁ)**

ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଥମ ଥର ପାଇଁ ନିଜ ଜିଲା କେନ୍ଦୁଝରକୁ ମୋହନ ଚରଣ ମାଝୀ ୨ ଦିନିଆ ଗସ୍ତରେ ଆସିଛନ୍ତି। ସୋମବାର ଦ୍ୱିତୀୟ ଦିନରେ ନିଜ ଜନ୍ମମାଟି ରାଇକଳାକୁ ଯାଇଛନ୍ତି। ଏହି ଅବସରରେ ଝୁମ୍ପୁରା ବଜାରସ୍ଥିତ ଦୁର୍ଗାମନ୍ଦିର ପଡ଼ିଆରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ ଯୋଗଦେଇ କହିଛନ୍ତି, କେନ୍ଦୁଝର ଏକ ଲଢୁଆ ଜିଲା, ଏ ମାଟି ପବିତ୍ର ମାଟି, ଏ ମାଟି ଧରଣୀଧର ଭୂୟାଁଙ୍କ ଅନ୍ୟାୟ ଅନୀତି ବିରୋଧରେ ଲଢ଼େଇକୁ ଆଜି ବି ମନେରଖିଛି। ରାଷ୍ଟ୍ରୀୟ ଚିନ୍ତାଧାରା ପ୍ରତ୍ୟେକ ନାଗରିକ ପାଖରେ ରହିବା ଉଚିତ, ଅତ୍ୟାଚାରର ଶିକାର ଓଡ଼ିଶାବାସୀ ପରିବର୍ତ୍ତନ ଆଶା କରିଥିଲେ। ଏହାର ପ୍ରତିଫଳନରେ ଆଜି ଓଡ଼ିଶାରେ ୨୪ବର୍ଷର ବିଜେଡି ସରକାରଙ୍କ ପତନ ଘଟିଛି ଏବଂ ଭାଜପାକୁ ରାଜ୍ୟ ଶାସନର ଦାୟିତ୍ୱ ମିଳିଛି। ଏପରିକି ଚାଷୀଙ୍କୁ ଦଲାଲଙ୍କଠାରୁ ମୁକ୍ତ କରି ଧାନର ସହାୟକ ମୂଲ୍ୟ ୩୧ଶହ ଟଙ୍କା କରାଯିବାର ପ୍ରତିଶ୍ରୁତିକୁ ୧୦୦ଦିନ ଭିତରେ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମିଶନଶକ୍ତି ନାଁରେ ପୂର୍ବ ସରକାରର ବଡ଼ପଣ୍ଡାମାନେ ମହିଳାମାନଙ୍କୁ ଭୁଆଁ ବୁଲାଉଥିଲେ। ଭାଜପା ☞ପୃଷ୍ଠା-୪

# ସବୁ ବ୍ଲକରେ ହେବ ଶୀତଳଭଣ୍ଡାର

## ରିହାତି ଦରରେ ପିଆଜ ଯୋଗାଇବ ନାଫେଡ୍: ମନ୍ତ୍ରୀ କୃଷ୍ଣଚନ୍ଦ୍ର

**ଭୁବନେଶ୍ୱର,୨୪।୬(ଅନିଲ ଦାସ)**

ରାଜ୍ୟର ପ୍ରତି ବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା ହେବ। ମୁଖ୍ୟମନ୍ତ୍ରୀ ମଧ୍ୟ ଏହା ଉପରେ ଗୁରୁତ୍ୱ ଦେଉଛନ୍ତି। କ୍ୟାବିନେଟ୍ ବୈଠକରେ ଏନେଇ ଖୁବ୍‌ଶୀଘ୍ର ଆଲୋଚନା କରାଯିବ ବୋଲି ସୋମବାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ରାଜ୍ୟରେ ଆଳୁ, ପିଆଜ ସମେତ ପନିପରିବା, ହରଡ଼ ଡାଲି, ଅଦା ଏବଂ ରସୁଣ ଦାମ ବୃଦ୍ଧି ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ଏଭଳିସ୍ଥିତିରେ ଫାଇଦା ଉଠାଇ ଲାଭ ଯୋଗାଡ଼ ଲକ୍ଷ୍ୟରେ ଥିବା ବ୍ୟବସାୟୀଙ୍କ ଉପରେ ସରକାର କଡ଼ା ନଜର ରଖିଛନ୍ତି। ଅସାଧୁ ଉପାୟରେ କାରବାର କରୁଥିବା ବ୍ୟବସାୟୀ ଧରାପଡ଼ିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ସ୍ଥଳେ ଲୋକମାନଙ୍କୁ ରିହାତି ଦରରେ ନାଫେଡ୍ ଜରିଆରେ ପିଆଜ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପାତ୍ର କହିଛନ୍ତି। ରାଜ୍ୟରେ ଆଳୁ, ପିଆଜ ଓ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ଉପରେ ମଧ୍ୟ ମନ୍ତ୍ରୀ ସମୀକ୍ଷା କରିଛନ୍ତି। ନାସିକରୁ ପିଆଜ କୁଇଣ୍ଟାଲ ପିଛା ୨,୯୩୫ ଟଙ୍କାରେ କିଣାଯାଉଛି। ପରିବହନ ଖର୍ଚ୍ଚ ସହିତ ଖୁଚୁରା ମାର୍କେଟ କିଲୋ ପିଛା ଦର ୪୦ ଟଙ୍କା ରହିଛି। ବ୍ୟବସାୟୀମାନେ ଯେପରି ଅନାବଶ୍ୟକ ହୋର୍ଡିଂ ନ କରିବେ, ସେନେଇ ନିୟମିତ ହୋଲ୍‌ସେଲ ଷ୍ଟକ ଉପରେ ନଜର ରଖିବାକୁ ସମସ୍ତ ଯୋଗାଣ ଅଧିକାରୀଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ବ୍ୟବସାୟୀ ସରକାରଙ୍କ ନୀତି ନିୟମର ଖିଲାପ କିମ୍ବା କଳବଜାର କରୁଥିବା ଲୋକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ରାଜ୍ୟର ଖାଉଟିମାନେ ଯେଭଳି ସୁଲଭ ଓ ☞ପୃଷ୍ଠା-୪

# ନାବାଳିକା ବୋହୂଙ୍କୁ ହତ୍ୟା: ମଶାଣିରୁ ଖୋଜାଚାଲିଛି ପ୍ରମାଣ

**ଦିଗପହଣ୍ଡି,୨୪।୬(ଅଶେଷ ନାଥ ମିଶ୍ର)**

ନାବାଳିକା ବୋହୂଙ୍କ ଅଚାନକ ମୃତ୍ୟୁ ପରେ ତାଙ୍କୁ ଡାକ୍ତରଖାନା ନ ନେଇ କିମ୍ବା ପୋଲିସକୁ ଖବର ନ ଦେଇ ଅତି ତରବରିଆ ଭାବେ ପୋଡ଼ିଦିଆଯାଇଛି। ଏଥିରୁ ସନ୍ଦେହ ବଢ଼ୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ବାପା ଅଭିଯୋଗ କରିଛନ୍ତି। ଏହା ପରେ ପୋଲିସ ମଶାଣିରେ ପହଞ୍ଚି ତାଙ୍କର ହାଡ଼ ଓ ପାଉଁଶ ଜବତ କରିଛି। ଅନ୍ୟପକ୍ଷରେ ତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଅଟକ ରଖାଯାଇଛି। ପ୍ରକୃତରେ ଏହି ଘଟଣା ପଛର ରହସ୍ୟ କ'ଣ ସେ ନେଇ ମଶାଣିରୁ ପ୍ରମାଣ ଖୋଜୁଛି ପୋଲିସ।

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମର ମହାମାୟୀ ନଗର ପ୍ରଥମ ଲେନରେ ରହୁଥିବା ରମେଶ ବିଷୋୟୀଙ୍କ ଘରେ ତାଙ୍କ ନାବାଳିକା ବୋହୂ ନନ୍ଦିନୀ ସାହୁ(୧୬)ଙ୍କ ଗତ ଶନିବାର ଅପରାହ୍ନରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ତାଙ୍କୁ ଡାକ୍ତରଖାନା ନିଆ ନ ଯାଇ କିମ୍ବା ପୋଲିସକୁ ନ ଜଣାଇ ତରବରିଆ ଭାବେ ଶ୍ମଶାନରେ ପୋଡ଼ି ଦିଆଯାଇଥିଲା। ଏ ନେଇ ନନ୍ଦିନୀଙ୍କ ବାପା ଶିବରାମ ରବିବାର ରାତିରେ ଦିଗପହଣ୍ଡି ଥାନାରେ ତାଙ୍କ ଝିଅକୁ ଅଧିକ ଯୌତୁକ ପାଇଁ ସ୍ୱାମୀ ଓ ଶ୍ୱଶୁର ମିଶି ହତ୍ୟା କରିଥିବା ନେଇ ଏତଲା ଦେଇଥିଲେ। ଥାନା ଆଇଆଇସି ବାବା ଶଙ୍କର ସରାଫ ନଂ.୨୫୫/୨୪ ଦଫା ୪୯୮(କ)/୩୦୨/୨୦୧/୩୦୪(ଖ)/୩୪ ଏବଂ ଯୌତୁକ ନିରୋଧ ଆଇନର ☞ପୃଷ୍ଠା-୪



ନାବାଳିକା ବୋହୂ ନନ୍ଦିନୀ ସାହୁ

# ଦୃଢ଼ ବିରୋଧୀ ଭୂମିକା ନେବ ବିଜେଡି

**ଭୁବନେଶ୍ୱର,୨୪।୬(ଅନିଲ ଦାସ)**

ଦୀର୍ଘ ୨୪ ବର୍ଷ ପରେ ବିଜେଡି ଓଡ଼ିଶାରେ କ୍ଷମତାଚ୍ୟୁତ ହୋଇଛି। ଏକ ଦୃଢ଼ ବିରୋଧୀ ଦଳ ଭାବେ ବିଜେଡି ନିଜକୁ ପ୍ରସ୍ତୁତ କରିବା ଆରମ୍ଭ କରିଛି। ଉଭୟ ଭାଜପା ଓ କଂଗ୍ରେସ ସହ ସମଦୂରତା ଆପଣେଇଥିବା କଥା କହି ଆସୁଥିବା ବିଜେଡି ସଦ୍ୟ ସମାପ୍ତ ନିର୍ବାଚନରେ ପରାଜୟ ପରେ ଆଭିମୁଖ୍ୟ ବଦଳାଇଛି। ଦଳ ଆଉ ପୂର୍ବଭଳି ସାଲିସ୍ କରିବା ମୁଡ୍‌ରେ ନାହିଁ। ରାଜ୍ୟର ସ୍ୱାର୍ଥ ସମ୍ବଳିତ ବିଭିନ୍ନ ପ୍ରସଙ୍ଗକୁ ନେଇ ବିଜେଡି ଗୃହରେ ଓ ଗୃହ ବାହାରେ ଜୋରଦାର ଉଠାଇବାକୁ ନିଷ୍ପତ୍ତି ନେଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରକୁ ବିଜେଡି ଆଉ କୌଣସି ସମର୍ଥନ ଦେବ ନାହିଁ। ଏଥର ସରକାର ଗଢ଼ିବାକୁ ବହୁମତ ପାଇ ନ ଥିବା ଭାଜପାକୁ ଘେରିବାକୁ ଇଣ୍ଡିଆ ମେଣ୍ଟ ଦଳ ସଜବାଜ ହେଉଥିବାବେଳେ ବିଜେଡି ମଧ୍ୟ ଏହି ଧାରାରେ ସାମିଲ ହେବ ବୋଲି ଜଣାପଡୁଛି। ହେଲେ ବିଜେଡିର ଏଭଳି ଆଭିମୁଖ୍ୟକୁ ରାଜନୈତିକ ବିଶେଷଜ୍ଞମାନେ ବିଳମ୍ବିତ ପଦକ୍ଷେପ ବୋଲି ମତ ଦେଉଛନ୍ତି।

ଏନ୍‌ଡିଏ ସହ ନ ଥିଲେ ମଧ୍ୟ ବିଜେଡି ଗତ ୧ ଦଶନ୍ଧି ଧରି କେନ୍ଦ୍ର ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସମର୍ଥନ କରିଆସୁଥିଲା। ଏପରି କି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ୨ ଥର ରାଜ୍ୟ ସଭାକୁ ନିର୍ବାଚିତ କରିବାରେ ବିଜେଡି ପୂର୍ଣ୍ଣ ସମର୍ଥନ ଦେଇଥିଲା। ୨୦୨୪ ସାଧାରଣ ନିର୍ବାଚନ ପରେ ରାଜ୍ୟରେ ପ୍ରଥମ ଥର ପାଇଁ ବିଜେଡି ମୁଖ୍ୟ ବିରୋଧୀ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପାଟି ଚୁପ୍**



ସୋମବାର ଅଷ୍ଟାଦଶ ଲୋକ ସଭାର ପ୍ରଥମ ଦିବସରେ କଂଗ୍ରେସର ଛାତ୍ର ସଂଗଠନ 'ଏନ୍‌ଏସ୍‌ୟୁଆଇ' କର୍ମୀମାନେ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ପ୍ରତିବାଦରେ ପାର୍ଲାମେଣ୍ଟ ଘେରାଉ ଅଭିଯାନବେଳେ ଦିଲ୍ଲୀ ପୋଲିସ ବ୍ୟାରିକେଡ୍ ଲଗାଇ ସେମାନଙ୍କୁ ଅଟକାଉଛି।

# ରୁଙ୍ଗ୍‌ଟା କାରଖାନାରେ ଦୁର୍ଘଟଣା, ୨ ଶ୍ରମିକ ମୃତ

**ଢେଙ୍କାନାଳ ଅଫିସ,୨୪।୬ (ରତନ ନାୟାର)/ ସାତମାଇଲ (ସୁଶାନ୍ତ ପତି)/ ଓଡ଼ାପଡ଼ା (ରଞ୍ଜିତ ନାୟକ)**

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ବାଲିମୀ ଥାନା ଅଧୀନ ଝାଡ଼ବନ୍ଧ ଗ୍ରାମରେ ଥିବା ରୁଙ୍ଗଟା ମାଇନ୍ସ୍ ଲିମିଟେଡ୍ କାରଖାନାରେ ସୋମବାର ସକାଳ ପ୍ରାୟ ୮ଟା ୧୫ରେ ଦୁର୍ଘଟଣା ଘଟିଛି। କାରଖାନା ଭିତରେ ଥିବା ମେକାନିକାଲ ଷ୍ଟ୍ରକଚର ଭୁଶୁଡ଼ି ପଡିବାରୁ ଏହାତଳେ ଚାପିହୋଇ ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ପଶ୍ଚିମବଙ୍ଗ ହାଓଡାସ୍ଥିତ ମାଲାଞ୍ଚବେରେ ଗ୍ରାମର ବିଷ୍ଣୁ ମାଝି(୪୨) ଓ ମେଦିନାପୁର ଜିଲା ହରିଦାଶପୁର ରାଜାହାଟିର ବିବେକାନନ୍ଦ ସାହୁ(୩୭)। ଗୁରୁତର ହୋଇଥିବା ହାଓଡା କମଲପୁର ଅଞ୍ଚଳର ନବ କୁମାର ସାମନ୍ତ(୪୦) ଓ ପୂର୍ବ ମେଦିନାପୁରର ଅମଲ ବେରା(୩୫)ଙ୍କୁ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୧୦ରୁ ଊର୍ଦ୍ଧ୍ୱ ଶ୍ରମିକ ସାମାନ୍ୟ ଆହତ ହୋଇଥିବାରୁ ନିକଟସ୍ଥ ଡାକ୍ତରଖାନାରେ ☞ପୃଷ୍ଠା-୪

**ଏନ୍‌ଇଇଟି ବିଭ୍ରାଟ**

## ପ୍ରଶ୍ନପତ୍ର ଲିକ୍ ଘଟଣାରେ ଆଉ ୫ ଗିରଫ

# ପାଟନା, ଗୋଧ୍ରାରେ ସିବିଆଇ ତନାଘନା

**ପାଟନା,୨୪।୬(ପି.ଟି.)**

ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜିରେ ଅନିୟମିତତା ଅଭିଯୋଗର ତଦନ୍ତ ଦାୟିତ୍ୱ ନେଇଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଟିମ୍ ସୋମବାର ସକାଳେ ବିହାରର ପାଟନା ଏବଂ ଗୁଜରାଟର ଗୋଧ୍ରାରେ ପହଞ୍ଚି ତନାଘନା ଆରମ୍ଭ କରିଛି। ବିହାର ପୋଲିସ୍‌ର ପାଟନାସ୍ଥିତ ଆର୍ଥିକ ଅପରାଧ ଶାଖା (ଇଓୟୁ) କାର୍ଯ୍ୟାଳୟରେ ସିବିଆଇ ଅଧିକାରୀମାନେ ପହଞ୍ଚି ଏନ୍‌ଇଇଟି ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ମାମଲାର ତଦନ୍ତରେ ଏପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତିର ଅନୁଧ୍ୟାନ କରିଥିଲେ। କେନ୍ଦ୍ର ସରକାର ସିବିଆଇକୁ ତଦନ୍ତ ଦାୟିତ୍ୱ ଦେବା ପର୍ଯ୍ୟନ୍ତ ଇଓୟୁ ଏନ୍‌ଇଇଟି ଦୁର୍ନୀତି ମାମଲାର ତଦନ୍ତ ଚଳାଇଥିଲା। ଏପର୍ଯ୍ୟନ୍ତ ଏହି ମାମଲାରେ ବିହାରରୁ ୧୮ ଜଣଙ୍କୁ ଗିରଫ କରାଯାଇଛି। ସିବିଆଇ ଅଧିକାରୀମାନେ ମାମଲା ସମ୍ପର୍କିତ ସବିଶେଷ ତଥ୍ୟ ଇଓୟୁ ନିକଟରୁ ସଂଗ୍ରହ କରିଛି। ପାଟନାର ଏକ ଘରୁ ମିଳିଥିବା ପୋଡ଼ା ପ୍ରଶ୍ନପତ୍ର, ଗିରଫ ଅଭିଯୁକ୍ତମାନଙ୍କ ଫୋନ୍ ନମ୍ବର, ସିମ୍ କାର୍ଡ, ଲାପ୍‌ଟପ୍, ପିଛିଲା ତାରିଖର ଚେକ୍ ଏବଂ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ରୁ ମିଳିଥିବା ପ୍ରଶ୍ନପତ୍ର ନମୁନାକୁ ସିବିଆଇ ଟିମ୍ ସଂଗ୍ରହ କରିଛି। ଇଓୟୁ ପୂର୍ବରୁ ୧୩ ଜଣଙ୍କୁ ଗିରଫ କରିଥିବାବେଳେ ଶନିବାର ଝାଡ଼ଖଣ୍ଡର ଦେଓଘରରୁ ଆଉ ୫ ଜଣଙ୍କୁ ଗିରଫ କରିଛି। ସମସ୍ତେ ଏବେ ପାଟନାରେ ବିଚାର ବିଭାଗୀୟ ☞ପୃଷ୍ଠା-୪

## କେନ୍ଦ୍ର, ଏନ୍‌ଟିଏକୁ ହାଇକୋର୍ଟ ନୋଟିସ

**ଜୟପୁର,୨୪।୬(ପି.ଟି.)**

ଅନିୟମିତତା ଅଭିଯୋଗରେ ଏନ୍‌ଇଇଟି-ୟୁଜି ପରୀକ୍ଷା ବାତିଲ ଓ ସାନି ପରୀକ୍ଷା ଦାବିରେ ଦାଏର ହୋଇଥିବା ୪ ପିଟିଶନ୍‌ର ଶୁଣାଣି କରି ରାଜସ୍ଥାନ ହାଇକୋର୍ଟ ସୋମବାର କେନ୍ଦ୍ର ସରକାର ଏବଂ ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)କୁ ନୋଟିସ ଜାରି କରିଛି। ପରୀକ୍ଷା ବାତିଲ ଆବେଦନ ଉପରେ ଜବାବ ଦାଖଲ କରିବାକୁ ଜଷ୍ଟିସ୍ ଅଶୋକ କୁମାର ଜୈନଙ୍କ ଖଣ୍ଡପୀଠ କେନ୍ଦ୍ର ଏବଂ ଏନ୍‌ଟିଏକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟରେ ଏନ୍‌ଇଇଟି ମାମଲାର ଶୁଣାଣି ଜୁଲାଇ ୮ରେ ହେବ। ଏହାର ୨ ଦିନ ପରେ ଜୁଲାଇ ୧୦ରେ ରାଜସ୍ଥାନ ହାଇକୋର୍ଟ ମାମଲାର ପରବର୍ତ୍ତୀ ଶୁଣାଣି କରିବେ।

## ଧରାପଡ଼ିଲା ଦିଲ୍ଲୀ ଲିଙ୍କ୍

**ନୂଆଦିଲ୍ଲୀ,୨୪।୬**

ଏନ୍‌ଇଇଟି-ୟୁଜି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ ବିହାର ଏବଂ ମହାରାଷ୍ଟ୍ର ପରେ ଦିଲ୍ଲୀର ସମ୍ପୃକ୍ତି ଥିବା ପଦାକୁ ଆସିଛି। ବିହାର ପୋଲିସର ଆର୍ଥିକ ଅପରାଧ ଶାଖା (ଇଓୟୁ) ଏହି ମାମଲାରେ ଏପର୍ଯ୍ୟନ୍ତ ୧୮ ଜଣଙ୍କୁ ଗିରଫ କରିଛି। ପ୍ରଶ୍ନପତ୍ର ପ୍ରଘଟରେ ମହାରାଷ୍ଟ୍ରର ୨ ଜଣ ସ୍କୁଲ୍ ଶିକ୍ଷକ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ସେମାନଙ୍କ ବିରୋଧରେ ଲାତୁର ଥାନାରେ ଏତଲା ଦାଏର ହୋଇଛି। ରବିବାର ନାଣ୍ଡେଡ୍‌ର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ଶିକ୍ଷକ ସଞ୍ଜୟ ତୁକାରାମ ଯାଦବ ଏବଂ ଜଲିଲ ଉମରଖାନ ପଠାନ୍‌ଙ୍କୁ ଉଠାଇ ନେଇଥିଲା। ☞ପୃଷ୍ଠା-୪




## ସଂକ୍ଷେପରେ

### କେଜ୍‌ରିୱାଲଙ୍କୁ ଜାମିନ ନିଷ୍ପତ୍ତି ୨ ଦିନ ଘୁଞ୍ଚିଲା

ନୂଆଦିଲ୍ଲୀ, ୨୪।୬

ଅବକାରୀ ଦୁର୍ନୀତି ମାମଲାରେ କେଜ୍‌ରିୱାଲଙ୍କୁ ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟ ଜାମିନ ପ୍ରଦାନ କରିଥିଲେ। ତେବେ କେଜ୍‌ରିୱାଲଙ୍କ ଜାମିନ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଦିଲ୍ଲୀ ହାଇକୋର୍ଟଙ୍କ ନିକଟରେ ଆବେଦନ କରାଯାଇଥିଲା। ଗତ ୨୧ରେ ଇଡିର ଏହି ଆବେଦନର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ କେଜ୍‌ରିୱାଲଙ୍କୁ ଜାମିନ ପ୍ରଦାନ ନେଇ ନିମ୍ନ ଅଦାଲତଙ୍କ ନିର୍ଦ୍ଦେଶ ଉପରେ ରହିତାଦେଶ ଲଗାଇବା ସହ ୨୫ରେ ମାମଲାରେ ଚୂଡ଼ାନ୍ତ ରାୟ ଶୁଣାଯିବା ନେଇ ଘୋଷଣା କରିଥିଲେ। ତେବେ ସୋମବାର ହାଇକୋର୍ଟଙ୍କ ଏହି ପଦକ୍ଷେପକୁ ସୁପ୍ରିମକୋର୍ଟ ଅସ୍ୱାଭାବିକ ଦର୍ଶାଇଛନ୍ତି। ସାଧାରଣତଃ ଏପରି ମାମଲାରେ ତୁରନ୍ତ ନିଷ୍ପତ୍ତି ନିଆଯାଇଥାଏ ବୋଲି ଜଷ୍ଟିସ୍ ମନୋଜ ମିଶ୍ର ଓ ଜଷ୍ଟିସ୍ ଏସ୍. ଭି. ଭଟ୍ଟିଙ୍କ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି। ମଙ୍ଗଳବାର ଏହି ମାମଲାରେ ଦିଲ୍ଲୀ ହାଇକୋର୍ଟଙ୍କ ରାୟ ଆସିବା ପରେ ବୁଧବାର ଶୁଣାଣି କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତେଣୁ ଜାମିନ ପାଇଁ ଆପ୍ ନେତାଙ୍କୁ ଆଉ ୨ ଦିନ ଅପେକ୍ଷା କରିବାକୁ ପଡ଼ିବ।

### ସରୋଗେସିରେ ମାଆ ହୋଇଥିବା କର୍ମଚାରୀଙ୍କୁ ମିଳିବ ୬ ମାସ ମାତୃତ୍ୱ ଛୁଟି

ନୂଆଦିଲ୍ଲୀ, ୨୪।୬

ସରୋଗେସିରେ ମାଆ ହୋଇଥିବା ମହିଳା ସରକାରୀ କର୍ମଚାରୀ ୧୮୦ ଦିନ ମାତୃତ୍ୱ ଛୁଟି ନେଇପାରିବେ। କେନ୍ଦ୍ର ସରକାର ସେଣ୍ଟ୍ରାଲ ସିଭିଲ୍ ସର୍ଭିସ (ଛୁଟି) ନିୟମାବଳୀ, ୧୯୭୨ରେ ସଂଶୋଧନ ଆଣିଛନ୍ତି। ତଦନୁଯାୟୀ କମିଶନିଂ ମଦର (ସରୋଗେସି ଜରିଆରେ ଜନ୍ମିତ ସନ୍ତାନର ମାଆ)ଙ୍କୁ ୬ ମାସ ମାତୃତ୍ୱ ଛୁଟି ସହ ଶିଶୁର ଯତ୍ନ ନେବା ପାଇଁ ବାପାଙ୍କୁ ମଧ୍ୟ ୧୫ ଦିନ ଛୁଟି ମିଳିବ। ତେବେ ସରୋଗେସିରେ ମାଆ ହୋଇଥିବା ମହିଳା କର୍ମଚାରୀଙ୍କର ୨ରୁ କମ୍ ପିଲା ରହିଥିବା ଆବଶ୍ୟକ। ଆଜି ପର୍ଯ୍ୟନ୍ତ ସରୋଗେସି ଜରିଆରେ ସନ୍ତାନ ପ୍ରାପ୍ତ ହୋଇଥିବା ମାଆଙ୍କୁ ମାତୃତ୍ୱ ଛୁଟି ମିଳୁ ନ ଥିଲା। ବର୍ତ୍ତମାନର ନିୟମ ଅନୁଯାୟୀ ଜଣେ ମହିଳା ସରକାରୀ କର୍ମଚାରୀ ଏବଂ ଜଣେ ଏକକ ମହିଳା ସରକାରୀ କର୍ମଚାରୀଙ୍କୁ ତାଙ୍କ ଚାକିରି କାଳ ମଧ୍ୟରେ ପିଲାଙ୍କ ଯତ୍ନ ନେବା ପାଇଁ ସର୍ବାଧିକ ୭୩୦ ଦିନ ଛୁଟି ନେଇପାରିବେ।


### କୁକୁରକୁ ୭ମ ମହଲାରୁ ଫିଙ୍ଗି ମାରିଦେଲେ

ଗ୍ରେଟର ନଏଡ଼ା, ୨୪।୬

ଗ୍ରେଟର ନଏଡ଼ାର ଏକ ବିଲ୍ଡିଂର ସପ୍ତମ ମହଲାରୁ ବୁଲା କୁକୁରକୁ ଫିଙ୍ଗିଦିଆଯିବାରୁ ଏହାର ମୃତ୍ୟୁ ଘଟିଛି। ସେକ୍ଟର ୧ରେ ଥିବା ବିହାର ହେରିଟେଜ୍ ସାଫିୟର ସୋସାଇଟିରେ ଗୁରୁବାର ଏହି ଦୁଃଖଦ ଘଟଣା ଘଟିଛି। କୁକୁରଟି ୭ମ ମହଲାରୁ ଖସୁଥିବାର ସିସିଟିଭି ଫୁଟେଜ୍‌କୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପୋଷ୍ଟ କରି ପିପୁଲ୍ ଫର ଆନିମାଲ୍ସର ଅଧ୍ୟକ୍ଷ ସୁରଭି ରାୱତ ଏହି ଘଟଣାକୁ ପଦାକୁ ଆଣିଥିଲେ। ପୋଲିସ ସିସିଟିଭି ଫୁଟେଜ୍ ଅନୁଧ୍ୟାନ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଷ୍ଟେଶନ ହାଉସ୍ ଅଫିସର ଅରବିନ୍ଦ କୁମାର କହିଛନ୍ତି।

# ଏମ୍‌ପି ଭାବେ ଶପଥ ନେଲେ ପ୍ରଧାନମନ୍ତ୍ରୀ, ମନ୍ତ୍ରୀ

## ଅଷ୍ଟାଦଶ ଲୋକ ସଭାର ପ୍ରଥମ ଅଧିବେଶନ ଆରମ୍ଭ



ଲୋକ ସଭା ଅଧିବେଶନର ପ୍ରଥମ ଦିନରେ ପାର୍ଲାମେଣ୍ଟ ପରିସରରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ଦଳୀୟ ଏମ୍‌ପିମାନେ ହାତରେ ସମ୍ବିଧାନ ଧରିଛନ୍ତି।

ନୂଆଦିଲ୍ଲୀ, ୨୪।୬

ଅଷ୍ଟାଦଶ ଲୋକ ସଭାର ପ୍ରଥମ ଅଧିବେଶନ ସୋମବାର ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅନ୍ୟ ମନ୍ତ୍ରୀମାନେ ଗୃହର ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି। ମୋଦି ହିନ୍ଦୀରେ ଶପଥ ନେଉଥିବା ବେଳେ ଟ୍ରେଜେରି ବେଞ୍ଚରୁ 'ଜୟ ଶ୍ରୀରାମ' ସ୍ଲୋଗାନ ଦିଆଯାଇଥିଲା। ଏହି ସମୟରେ ବିରୋଧୀ ସଦସ୍ୟମାନେ ସମ୍ବିଧାନ ପୁସ୍ତିକା ଧରି ଛିଡ଼ା ହୋଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶପଥ ନେବାବେଳେ

### ■ସମ୍ବିଧାନ ଉପରେ ଆକ୍ରମଣ ହେବାକୁ ଦେବୁନି: ରାହୁଲ

ଅନୁରୂପ ଦୃଶ୍ୟ ଦେଖିବାକୁ ମିଳିଥିଲା। କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ ମନ୍ତ୍ରୀ ଓ ଏମ୍‌ପିମାନଙ୍କୁ ଶପଥ ପାଠ କରାଇଥିବାବେଳେ ତାଙ୍କୁ ବରିଷ୍ଠ ସଦସ୍ୟ ରାଧାମୋହନ ସିଂ, ଫଗନ ସିଂ କୁଲସ୍ତେ (ଉଭୟ ଭାଜପା) ସହଯୋଗ କରିଥିଲେ। ଅନ୍ୟପକ୍ଷରେ ଅଧ୍ୟକ୍ଷ ପ୍ୟାନେଲରେ ଥିବା କଂଗ୍ରେସ ସଦସ୍ୟ କେ. ସୁରେଶ, ଡିଏମ୍‌କେର ଟି.ଆର୍. ବାଲୁ, ଟିଏମ୍‌ସିର ସୁଦୀପ୍ ବନ୍ଦ୍ୟୋପାଧ୍ୟାୟ ସହଯୋଗ କରି ନ ଥିଲେ। ଭର୍ତ୍ତୃହରିଙ୍କୁ ପ୍ରୋଟେମ୍ ସ୍ପିକର ନିଯୁକ୍ତ କରାଯାଇଥିବାରୁ କଂଗ୍ରେସ ଏହାର ପ୍ରତିବାଦ କରିଥିଲା।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ସଡ଼କ ପରିବହନ ମନ୍ତ୍ରୀ ନିତୀନ ଗଡ଼କରୀ, କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ, ଶକ୍ତିମନ୍ତ୍ରୀ ମନୋହରଲାଲ ଖଟ୍ଟାର ପ୍ରମୁଖ ଲୋକ ସଭା ସଦସ୍ୟ ଭାବେ ଶପଥ ନେଇଥିଲେ। ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶପଥ ନେବାକୁ ଗଲା ବେଳେ ବିରୋଧୀ ସଦସ୍ୟମାନେ 'ନିଟ୍ ନିଟ୍ ଏବଂ ଲଜ୍ଜା ଲଜ୍ଜା' ସ୍ଲୋଗାନ ଦେଇଥିଲେ। ଧର୍ମେନ୍ଦ୍ର ଓଡ଼ିଆରେ ଶପଥ ପାଠ କରିଥିଲେ। ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାଜପା ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ କାମଚଳା ବାଚସ୍ପତି ଭାବେ ଶପଥ ପାଠ କରାଇଥିଲେ।

ଅଧିବେଶନର ପ୍ରଥମ ଦିନରେ ବିରୋଧୀ ଇଣ୍ଡିଆ ମେଣ୍ଟ ନିଜର ଶକ୍ତି ଦେଖାଇବା ପାଇଁ ଏହାର ସମସ୍ତ ସଦସ୍ୟ ଶୋଭାଯାତ୍ରାରେ ପାର୍ଲାମେଣ୍ଟ ପରିସରରେ ପ୍ରବେଶ କରିଥିଲେ। ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଶପଥ ନେଉଥିବାବେଳେ ସେମାନେ ସମ୍ବିଧାନର କପି ହଲାଉଥିବା ଦେଖାଯାଇଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ତୃଣମୂଳ କଂଗ୍ରେସର କଲ୍ୟାଣ ବାନାର୍ଜୀ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଏବଂ ଅୱଧେଶ ପ୍ରସାଦ ବିରୋଧୀ ବେଞ୍ଚର ପ୍ରଥମ ଧାଡ଼ିରେ ବସିଥିଲେ। ପ୍ରଧାନମନ୍ତ୍ରୀ ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ସମ୍ବିଧାନ ଉପରେ ଆକ୍ରମଣ ଚଳାଇଛନ୍ତି। ବିରୋଧୀ ଏହା ହେବାକୁ ଦେବ ନାହିଁ। ପ୍ରଧାନମନ୍ତ୍ରୀ ଉତ୍ତର ନ ଦେଇ ଖସିଯାଇପାରିବେ ନାହିଁ ବୋଲି ରାହୁଲ ପାର୍ଲାମେଣ୍ଟ ପରିସରରେ ଖବରଦାତାମାନଙ୍କୁ କହିଥିଲେ।

### ଶପଥ ଗ୍ରହଣରେ ବିଭିନ୍ନ ଭାଷା

କେନ୍ଦ୍ରମନ୍ତ୍ରୀ ଓ ନବନିର୍ବାଚିତ ଏମ୍‌ପିମାନେ ସୋମବାର ଗୃହର ସଦସ୍ୟ ଭାବେ ଶପଥ ନେଇଛନ୍ତି। ଶପଥ ଗ୍ରହଣ କଲାବେଳେ ସେମାନେ ଇଂଲିଶ, ହିନ୍ଦୀ, ଓଡ଼ିଆ ସମେତ ସଂସ୍କୃତ, ଡୋଗ୍ରୀ, ବଙ୍ଗଳା, ଅସମୀୟା ଆଦି ଭାଷା ବ୍ୟବହାର କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ସମେତ ଅଧିକାଂଶ ମନ୍ତ୍ରୀ ହିନ୍ଦୀରେ ଶପଥ ନେଇଥିବାବେଳେ ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଆରେ, କେରଳ ଏମ୍‌ପି ସୁରେଶ ଗୋପୀ ମାଲାୟାଲମ, ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ୟେସୋ ନାଏକ ସଂସ୍କୃତରେ, ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ବଙ୍ଗଳାରେ ଶପଥ ନେଇଥିଲେ। ପୁଣେ ଏମ୍‌ପି ତଥା ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହଲ ମରାଠୀରେ ଶପଥ ନେଇଥିବାବେଳେ ଜମ୍ମୁ-କଶ୍ମୀର ଉଧାମପୁର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଡୋଗ୍ରୀ ଭାଷାରେ ଶପଥ ପାଠ କରିଥିଲେ। ସେହିପରି ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଅସମୀୟା ଏବଂ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ତେଲୁଗୁରେ, ଭାରୀଶିଳ୍ପମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଏବଂ ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଷୀ କନ୍ନଡରେ ଶପଥ ନେଇଥିବାବେଳେ କୋଇଲା ଓ ଖଣି ମନ୍ତ୍ରୀ ଜି. କିଷନ ରେଡ୍ଡୀ ତେଲୁଗୁରେ ଶପଥ ନେଇଥିଲେ।

## ରୁଷିଆରେ ଆତଙ୍କବାଦୀ ଆକ୍ରମଣ, ୧୬ ପୋଲିସ ମୃତ

ମସ୍କୋ, ୨୪।୬

ରୁଷିଆର ଦକ୍ଷିଣ ଦାଗିସ୍ତାନ ଅଞ୍ଚଳରେ ସୋମବାର ଏକ ଆତଙ୍କବାଦୀ ଆକ୍ରମଣରେ ୧୬ ପୋଲିସ କର୍ମୀଙ୍କ ମୃତ୍ୟୁ ଘଟିଛି। ଏହାସହ ଜଣେ ପାଦ୍ରୀ ଓ କେତେଜଣ ସ୍ଥାନୀୟ ନାଗରିକଙ୍କ ମୃତ୍ୟୁ ଘଟିଛି। ଏହି ଆକ୍ରମଣରେ ଆତଙ୍କବାଦୀ ଇହୁଦୀଙ୍କ ଗୋଟିଏ ପ୍ରାର୍ଥନା ସ୍ଥଳ, ୨ଟି ଚର୍ଚ୍ଚ ଓ ଏକ ପୋଲିସ ପୋଷ୍ଟକୁ ଟାର୍ଗେଟ କରିଥିଲେ। ତେବେ ଆତଙ୍କବାଦୀଙ୍କ ଗୁଳିରେ ୨୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ରୁଷୀୟ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସୁରକ୍ଷାକର୍ମୀଙ୍କ ପାଲଟା ଆକ୍ରମଣରେ ୬ ଆତଙ୍କବାଦୀ ନିହତ ହୋଇଛନ୍ତି। ଆସନ୍ତା ବୁଧବାର ପର୍ଯ୍ୟନ୍ତ ରୁଷିଆରେ ୩ ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ କରାଯିବା ନେଇ ଘୋଷଣା କରାଯାଇଛି।

## କେରଳ ହେବ କେରଳମ୍

### ରାଜ୍ୟ ବିଧାନସଭାରେ ସଂକଳ୍ପ ପାରିତ

ଥିରୁଭାନନ୍ତପୁରମ, ୨୪।୬

କେରଳର ନାମ ପରିବର୍ତ୍ତନ କରି କେରଳମ୍ କରିବାକୁ ସୋମବାର ରାଜ୍ୟ ବିଧାନସଭାରେ ସଂକଳ୍ପ ପାରିତ ହୋଇଛି। ପ୍ରାୟ ବର୍ଷେ ତଳେ ଏହି ସଂକଳ୍ପକୁ ରାଜ୍ୟ ବିଧାନସଭା ସର୍ବ ସମ୍ମତିରେ ପାରିତ କରିଥିବାବେଳେ ଏଥିରେ ସଂଶୋଧନର ଆବଶ୍ୟକତା ଥିବା କହି କେନ୍ଦ୍ର ସରକାର ଫେରାଇଦେଇଥିଲେ। ତେବେ ସୋମବାର ପୁରୁଣା ପ୍ରସ୍ତାବରେ କେତେକ ସଂଶୋଧନ ସହ କେରଳର ନାମ ପରିବର୍ତ୍ତନ କରି କେରଳମ୍ କରିବାକୁ ରାଜ୍ୟ ବିଧାନସଭା ପୁନର୍ବାର ସଂକଳ୍ପ ପାରିତ କରିଛି। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ପକ୍ଷରୁ ବିଧାନସଭାରେ ଆଗତ ହୋଇଥିବା ଏହି ପ୍ରସ୍ତାବରେ ସମ୍ବିଧାନର ପ୍ରଥମ କାର୍ଯ୍ୟସୂଚୀର ଅନୁଚ୍ଛେଦ-୩କୁ ବ୍ୟବହାର କରି ରାଜ୍ୟର ନାମ କେରଳମ୍ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ କେନ୍ଦ୍ର ସରକାରଙ୍କୁ ଦାବି କରାଯାଇଛି । ରାଜ୍ୟର ମାତୃଭାଷା ମାଲୟାଲମ୍‌ରେ ସାଧାରଣତଃ କେରଳମ୍ ନାମର ବ୍ୟବହାର ହେଉଥିବା ଏହି ପ୍ରସ୍ତାବରେ କୁହାଯାଇଛି।

## ଏମର୍ଜେନ୍ସି ପ୍ରସଙ୍ଗ ଉଠାଇ ବିରୋଧୀଙ୍କୁ ଟାର୍ଗେଟ କଲେ ମୋଦି

ନୂଆଦିଲ୍ଲୀ, ୨୪।୬


ନରେନ୍ଦ୍ର ମୋଦି

ଲୋକ ସଭା ଅଧିବେଶନ ଆରମ୍ଭ ପୂର୍ବରୁ ସୋମବାର ଗଣମାଧ୍ୟମକୁ ସମ୍ବୋଧନ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୯୭୫ର ଏମର୍ଜେନ୍ସି ପ୍ରସଙ୍ଗ ଉଠାଇ ବିରୋଧୀଙ୍କୁ ଟାର୍ଗେଟ କରିଥିଲେ। ତତ୍କାଳୀନ କଂଗ୍ରେସ ସରକାର ଦେଶରେ ଜରୁରୀ ପରିସ୍ଥିତି ଜାରି କରି ସମ୍ବିଧାନକୁ ଅଚଳ କରିଦେଇଥିଲା। ଏହା ଗଣତନ୍ତ୍ରରେ ଏକ କଳା ଚିହ୍ନ ଭାବେ ସବୁଦିନ ମନେରହିବ ବୋଲି ପ୍ରଧାନମନ୍ତ୍ରୀ କହିଥିବାବେଳେ ବିରୋଧୀ ନେତାମାନେ ଏହାକୁ ଜୋର୍‌ଦାର ବିରୋଧ କରିଛନ୍ତି। ମୋଦି ସରକାରକୁ ଟାର୍ଗେଟ କରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଗତ ୧୦ ବର୍ଷ ହେଲା ଦେଶରେ ଅଘୋଷିତ ଏମର୍ଜେନ୍ସି ଜାରି ହୋଇଛି। ଭାଜପା ସମ୍ବିଧାନ ବିରୋଧୀ ବୋଲି ଦେଶବାସୀ ଅନୁଭବ କରିବାରୁ ଏଥର ସଂଖ୍ୟାଗରିଷ୍ଠତା ହାସଲ କରିପାରିଲାନି ବୋଲି ଟିଏମ୍‌ସି ନେତ୍ରୀ ମହୁଆ ମୋଇତ୍ର କହିଛନ୍ତି। ୪୦୦ ପାର୍‌ର ସ୍ଲୋଗାନ ଦେଇଆସିଥିବା ଭାଜପା ଲୋକ ସଭାରେ ୨୪୦ ଆସନରେ ସୀମିତ ରହିଯାଇଛି। ସରକାର ବର୍ତ୍ତମାନ ଉପରେ ଫୋକସ୍ କରିବା ଉଚିତ ବୋଲି ଶିବସେନା (ୟୁବିଟି) ନେତା ଆନି ଦେଶାଇ କହିଛନ୍ତି।

## ନଡ୍ଡା ହେଲେ ରାଜ୍ୟ ସଭା ଗୃହର ନେତା

ନୂଆଦିଲ୍ଲୀ, ୨୪।୬


ଜଗତ ପ୍ରକାଶ ନଡ୍ଡା

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ରମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ସୋମବାର ରାଜ୍ୟ ସଭା ଗୃହର ନେତା କରାଯାଇଛି। ସେ ପୂର୍ବରୁ ଗୃହର ନେତା ଥିବା ପୀୟୁଷ ଗୋୟଲଙ୍କ ସ୍ଥାନ ନେବେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ରାଜ୍ୟ ସଭାରେ ବିରୋଧୀ ଦଳ ନେତା ରହିବେ। ନଡ୍ଡାଙ୍କ ବ୍ୟତୀତ ଅନ୍ୟ ୧୧ ଜଣ ରାଜ୍ୟ ସଭା ସଦସ୍ୟ କେନ୍ଦ୍ରରେ ମନ୍ତ୍ରୀ ହୋଇଛନ୍ତି। ୨୦୨୦ରୁ ଭାଜପା ଅଧ୍ୟକ୍ଷ ଥିବା ନଡ୍ଡା ଏନ୍‌ଡିଏର ତୃତୀୟ ପାଳି ସରକାରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ହୋଇଛନ୍ତି। ସେ ଗୁଜରାଟରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ।

## ବ୍ୟାଟେରି କାରଖାନାରେ ନିଆଁ, ୨୨ ମୃତ

ସିଓଲ, ୨୪।୬

ଦକ୍ଷିଣ କୋରିଆ ରାଜଧାନୀ ସିଓଲର ହ୍ୱାସିୟଙ୍ଗସ୍ଥିତ ଏକ ଲିଥିୟମ ବ୍ୟାଟେରି କାରଖାନାରେ ଅଗ୍ନିକାଣ୍ଡ ଘଟି ସୋମବାର ୨୨ ଜଣଙ୍କର ମୃତ୍ୟୁ ଘଟିଛି। ଖବରପାଇ ସ୍ଥାନୀୟ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ସହ କାରଖାନା ମଧ୍ୟରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିଥିଲା। ଘଟଣାସ୍ଥଳରୁ ୮ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଛି। ମୃତକଙ୍କ ମଧ୍ୟରେ ୧୮ ଚାଇନା ନାଗରିକଙ୍କ ସହ ୨୦ ଜଣ ବିଦେଶୀ ଥିବା ସେ କହିଛନ୍ତି। କାରଖାନାର ଦ୍ୱିତୀୟ ମହଲାରେ ଲିଥିୟମ ଆୟନ ବ୍ୟାଟେରିର ପରୀକ୍ଷା କରାଯାଇ ପ୍ୟାକେଜିଂ କରାଯାଉଥିବାବେଳେ ନିଆଁ ଲାଗିଥିବା ପ୍ରାରମ୍ଭିକ ଯାଞ୍ଚରୁ ଜଣାପଡ଼ିଛି। ଅଗ୍ନିକାଣ୍ଡ ଘଟିବା ସମୟରେ ଉକ୍ତ କାରଖାନାରେ ୧୦୦ରୁ ଅଧିକ କର୍ମଚାରୀ କାମ କରୁଥିଲେ। ତେବେ ଅଧିକାଂଶ ମୃତଦେହ ଜଳିଯାଇଥିବାରୁ ମୃତକଙ୍କ ପରିଚୟ ପାଇବାକୁ କିଛି ସମୟ ଲାଗିବ ବୋଲି କିମ୍ କହିଛନ୍ତି।


ଦକ୍ଷିଣ କୋରିଆର ହ୍ୱାସିୟଙ୍ଗସ୍ଥିତ ଏକ ଲିଥିୟମ ବ୍ୟାଟେରି କାରଖାନାରେ ନିଆଁ ଲାଗିଯାଇଛି।

## ପାର୍ଲାମେଣ୍ଟ ଅଭିଯାନ ବେଳେ ବହୁ ଛାତ୍ରୀଛାତ୍ର ଅଟକ

### ଏନ୍‌ଇଇଟି ଅନିୟମିତତାର ପ୍ରତିବାଦ

ନୂଆଦିଲ୍ଲୀ, ୨୪।୬

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଚଳିତ ବର୍ଷ ଅନୁଷ୍ଠିତ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ଏବଂ ପ୍ରଶ୍ନପତ୍ର ପ୍ରଘଟ ପ୍ରତିବାଦରେ ସୋମବାର ପାର୍ଲାମେଣ୍ଟ ଅଭିଯାନ ବେଳେ ୨ ଡଜନରୁ ଅଧିକ ଛାତ୍ରୀଛାତ୍ରଙ୍କୁ ପୋଲିସ ଅଟକ ରଖିଛି। ସେମାନଙ୍କ ମଧ୍ୟରେ କଂଗ୍ରେସ ସ୍ୱୀକୃତିପ୍ରାପ୍ତ ଛାତ୍ର ସଂଗଠନ ନ୍ୟାଶନାଲ ଷ୍ଟୁଡେଣ୍ଟସ୍ ୟୁନିୟନ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) ସଦସ୍ୟ ରହିଛନ୍ତି। ଏନ୍‌ଇଇଟି-ୟୁଜି ଅନିୟମିତତା ଏବଂ ୟୁଜିସି-ନେଟ୍ ପରୀକ୍ଷା ବାତିଲର ପ୍ରତିବାଦରେ ଛାତ୍ରୀଛାତ୍ର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଷ୍ଟାଦଶ ଲୋକ ସଭାର ପ୍ରଥମ ଅଧିବେଶନ ସୋମବାର ଆରମ୍ଭ ହୋଇଥିବାବେଳେ ଏନ୍‌ଇଇଟି ବିଭ୍ରାଟ ପ୍ରତିବାଦରେ ଏନ୍‌ଏସ୍‌ୟୁଆଇ ସଦସ୍ୟମାନେ ପାର୍ଲାମେଣ୍ଟ ଅଭିଯାନ ପାଇଁ ଯୋଜନା କରିଥିଲେ। ଏଥିପାଇଁ ସେମାନେ ଯନ୍ତରମନ୍ତରଠାରେ ବହୁସଂଖ୍ୟାରେ ଏକାଠି ହୋଇଥିଲେ। ବିକ୍ଷୋଭ ପୂର୍ବରୁ ପୋଲିସ ଉକ୍ତ ଅଞ୍ଚଳରେ ବ୍ୟାରିକେଡ୍ ଲଗାଇବା ସହ ବ୍ୟାପକ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଥିଲା। କେତେକ ଛାତ୍ର ବ୍ୟାରିକେଡ୍ ଅତିକ୍ରମ କରିବାକୁ ଉଦ୍ୟମ କରିବାରୁ ପୋଲିସ ସେମାନଙ୍କୁ ଧରିନେଇ ବିଭିନ୍ନ ଥାନାରେ ଅଟକ ରଖିଛି।



ପାର୍ଲାମେଣ୍ଟ ଭବନ ଅଭିମୁଖେ ବାହାରିଥିବା ଜଣେ ଛାତ୍ରଙ୍କୁ ଯନ୍ତରମନ୍ତରଠାରେ ପୋଲିସ ଓ ଯବାନମାନେ ଉଠାଇ ନେଉଛନ୍ତି।

## ଫୁରସତ୍

## ବିନା କାମରେ ୨୦ ବର୍ଷ ଦରମା

### କମ୍ପାନୀ ବିରୋଧରେ କୋର୍ଟ ଗଲେ ମହିଳା

ପ୍ୟାରିସ



କାର୍ଯ୍ୟ ସମ୍ପାଦନ କରି ଅଫିସ ବା ସଂସ୍ଥାରୁ ଦରମା ନ ମିଳିଲେ କ୍ଷୁବ୍ଧ କର୍ମଚାରୀ ଆଇନର ଆଶ୍ରୟ ନେଇଥାନ୍ତି। କିନ୍ତୁ ଫ୍ରାନ୍ସରେ ଏହାର ଓଲଟା ଦେଖିବାକୁ ମିଳିଛି। ଜଣେ ମହିଳା କର୍ମଚାରୀଙ୍କୁ ଟେଲିକମ୍ କମ୍ପାନୀ ଅରେଞ୍ଜ କିଛି କାମ ନ ଦେଇ ଦୀର୍ଘ ୨୦ ବର୍ଷ ଧରି ମାସିକ ଦରମା ଦେଇଆସୁଥିଲା। ଲରେନ୍ସ ଭାନ୍ ୱାସେନ୍‌ହୋଭ୍ ନାମ୍ନୀ ଏହି ମହିଳା କର୍ମଚାରୀ କମ୍ପାନୀର ଏଭଳି ନିଷ୍ପତ୍ତିକୁ କୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।

୧୯୯୩ରେ ଫ୍ରାନ୍ସ ଟେଲିକମ୍‌ରେ ଲରେନ୍ସ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ସମୟରେ ସେ ଆଂଶିକ ପକ୍ଷାଘାତ ରୋଗଗ୍ରସ୍ତ ହୋଇଥିଲେ। ତେଣୁ ସେ କେବଳ ସଚିବ ଏବଂ ମାନବ ସମ୍ବଳ ଅଧିକାରୀ ଭାବେ କାମ କରୁଥିଲେ। ୨୦୦୨ରେ ଅସୁସ୍ଥତା ଦର୍ଶାଇ ସେ ଅନ୍ୟତ୍ର ବଦଳି ହେବାକୁ ଆବେଦନ କରିଥିଲେ। ତାଙ୍କ ବଦଳି ଅନୁରୋଧକୁ କମ୍ପାନୀ ଗ୍ରହଣ କରିଥିବା କହିଥିଲା କିନ୍ତୁ ନୂତନ କର୍ମସ୍ଥଳରେ ସେ ଖାପ ଖୁଆଇ ଚଳିପାରି ନ ଥିଲେ। ଅରେଞ୍ଜ କମ୍ପାନୀ ତାଙ୍କୁ କୌଣସି ନୂଆ କାମ ନ ଦେଇ ଦରମା ଦେଇ ଚାଲିଥିଲା। ଦୁଇ ଦଶନ୍ଧି ଲରେନ୍ସ ବିନା କାମରେ ଦରମା ପାଇବା ସତ୍ତ୍ୱେ ଏଭଳି ସ୍ଥିତିରେ 'ନୈତିକ ନିର୍ଯାତନା'ର ଶିକାର ହୋଇଥିବା ଅଭିଯୋଗ ଆଣିଛନ୍ତି। ଲରେନ୍ସ ଯୁକ୍ତି ବାଢ଼ିଛନ୍ତି, ବିନା କାମରେ ଦରମା ଗ୍ରହଣ କରିବା ଦ୍ୱାରା ସେ ନିଃସଙ୍ଗ ହୋଇଯିବା ସହ ବୃତ୍ତିଗତ ଦକ୍ଷତା ହରାଇଥିଲେ। ଅନ୍ୟପକ୍ଷେ ଟେଲିକମ୍ କମ୍ପାନୀ ଲରେନ୍ସଙ୍କ ପ୍ରତି କୌଣସି ଭେଦଭାବପୂର୍ଣ୍ଣ ଆଚରଣ କରିନାହିଁ ବୋଲି କହିଛି। ଲରେନ୍ସ ନିୟମିତ ଭାବେ ଅସୁସ୍ଥତା ଯୋଗୁ ଛୁଟି ନେଉଥିବାରୁ ତାଙ୍କୁ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ପାଇଁ ଦିଆଯାଇ ନ ଥିଲା।

## 'ମଟ୍‌କା କିଙ୍ଗ୍'ରେ ଜଲୱା ଦେଖାଇବେ କୃତ୍ତିକା



**ମୁମ୍ବାଇ:** ଅଭିନେତା ବିଜୟ ବର୍ମା ତାଙ୍କର ଆଗାମୀ କ୍ରାଇମ ଡ୍ରାମା ୱେବ୍ ସିରିଜ୍ 'ମଟ୍‌କା କିଙ୍ଗ୍'କୁ ନେଇ ଏବେ ବେଶ୍ ଚର୍ଚ୍ଚାରେ ରହିଛନ୍ତି। ନିକଟରେ ଏହାର ପ୍ରଥମ ପୋଷ୍ଟର ମଧ୍ୟ ରିଲିଜ୍ ହୋଇଛି। ତେବେ ଏହି ସିରିଜ୍‌କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଅପ୍‌ଡେଟ୍ ସାମ୍ନାକୁ ଆସିଛି। ଅଭିନେତ୍ରୀ କୃତ୍ତିକା କାମ୍ରା ଏହି ସିରିଜ୍‌ରେ ବିଜୟଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିବେ। ଗତବର୍ଷ 'ବମ୍ବେ ମେରୀ ଜାନ୍' ସିରିଜ୍‌ରେ ଜଣେ ଗ୍ୟାଙ୍ଗଷ୍ଟରର ଶକ୍ତିଶାଳୀ ଭୂମିକା ନିଭାଇବା ପରେ କୃତ୍ତିକା ନାଗରାଜ ମଞ୍ଜୁଲେଙ୍କ ନିର୍ଦ୍ଦେଶିତ 'ମଟ୍‌କା କିଙ୍ଗ' ସିରିଜ୍‌ରେ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ତେବେ ଏନେଇ କୃତ୍ତିକା ନିଜେ ବିଭିନ୍ନ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ ପ୍ରକାଶ କରିଛନ୍ତି। 'ମଟ୍‌କା କିଙ୍ଗ୍'ର ଏକ ଅଂଶ ହୋଇ ସେ ଅତ୍ୟନ୍ତ ଆନନ୍ଦିତ ଥିବା କୃତ୍ତିକା କହିଛନ୍ତି। ସେହିପରି ଏହି ସିରିଜ୍‌ର ମୁଖ୍ୟ ଭୂମିକାରେ ଅଭିନୟ କରିଥିବା ବିଜୟ ବର୍ମାଙ୍କ କାର୍ଯ୍ୟର ସେ ଜଣେ ବଡ଼ ପ୍ରଶଂସକ ହୋଇଥିବା କହିଛନ୍ତି। ଏଥିରେ ତାଙ୍କ ଚରିତ୍ରକୁ ଜୀବନ୍ତ କରିବାକୁ ସେ ଅପେକ୍ଷା କରି ରହିଥିବା କୃତ୍ତିକା କହିଛନ୍ତି। 'ମଟ୍‌କା କିଙ୍ଗ୍'ର କାହାଣୀ ଦେଶର ସାଂସ୍କୃତିକ ଇତିହାସକୁ ଦର୍ଶାଉଛି। ଅତୀତର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରୁ ପ୍ରେରଣା ନେଇ ପ୍ରସ୍ତୁତ କରାଯାଉଥିବା ଏହି ସିରିଜ୍‌ର ଅଂଶ ହେବା ତାଙ୍କ ପାଇଁ ଗୌରବର ବିଷୟ ହୋଇଥିବା ଅଭିନେତ୍ରୀ ଜଣକ କହିଛନ୍ତି।




# ଗତିଗୁଡ଼ାରେ ୭ ଦିନରେ ୪ ଶିଶୁ ମୃତ

- ମୃତ୍ୟୁର କାରଣ ଖୋଜୁଛି ଡାକ୍ତରୀ ଟିମ୍
- ଘର ଘର ବୁଲି ଚାଲିଛି ନମୁନା ସଂଗ୍ରହ
- ଶିଶୁଙ୍କ ମୃତ୍ୟୁ ଡିପଥେରିଆଜନିତ ନୁହେଁ: ଏଡିଏମ୍‌ଓ

କୋରାପୁଟ/ନାରାୟଣପାଟଣା, ୨୪।୬(ଅମିତାଭ ବେହେରା / ରାଜକିଶୋର ଜେନା)


ଗତିଗୁଡା ଗ୍ରାମରେ ଡାକ୍ତରୀ ଟିମ୍ ସ୍ଥିତି ଅନୁଧାନ କରୁଛନ୍ତି।

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ବାଲିପେଟା ପଞ୍ଚାୟତ ଗତିଗୁଡା ଗ୍ରାମରେ ଗତ ୭ ଦିନରେ ଗ୍ରାମର ୩ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ସୋମବାର ପୁଣି ଜଣେ ୬ ମାସର ଶିଶୁର କୋରାପୁଟ ମେଡିକାଲରେ ମୃତ୍ୟୁ ହୋଇଛି। ଏନେଇ ଗଭୀର ଆଲୋଡନ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ଏହାର କାରଣ ଖୋଜା ଆରମ୍ଭ ହୋଇଛି। ସୋମବାର କୋରାପୁଟ ମେଡିକାଲର ଏକ ଡାକ୍ତରୀ ଟିମ୍ ଗ୍ରାମ ପରିଦର୍ଶନ କରି ସ୍ଥିତି ଅନୁଧାନ କରିଛନ୍ତି। ଟିମ୍ ପରିଦର୍ଶନ ବେଳେ ୭ ଦିନ ମଧ୍ୟରେ ଗ୍ରାମରେ ସିକଲସେଲ ରୋଗରେ ଜଣେ ଶିଶୁଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଜଣଙ୍କ ନିମୋନିଆରେ ମୃତ୍ୟୁ ଘଟିଥିବା ଜିଲା ଏଡିଏମଓ ଡାକ୍ତର ମୁକ୍ତିକାନ୍ତ ଖଟୁଆ କହିଛନ୍ତି। ସମସ୍ତ ଶିଶୁଙ୍କ ମୃତ୍ୟୁ ଡିପଥେରିଆ ନୁହେଁ ବୋଲି ଡାକ୍ତର ଖଟୁଆ ସ୍ପଷ୍ଟ କରିଛନ୍ତି। ତେବେ ସୋମବାର କୋରାପୁଟ ଡାକ୍ତରଖାନାରେ ଜଣେ ଶିଶୁର ମୃତ୍ୟୁ ହେବାରୁ ଏହି ସଂଖ୍ୟା ୪ରେ ପହଞ୍ଚିଛି। ଡାକ୍ତରୀ ଟିମ୍ ଗତିଗୁଡାରେ ପହଞ୍ଚିବା ପରେ ଗ୍ରାମର ପ୍ରତି ଘର ବୁଲି ଶିଶୁମାନଙ୍କ ରକ୍ତ ନମୁନା ଯାଞ୍ଚ କରିଛନ୍ତି। ଏଥିସହ ଏହି ଗ୍ରାମ ସହ ଆଖପାଖ ଅଞ୍ଚଳର ବିଭିନ୍ନ ଗ୍ରାମରେ ଡିପଥେରିଆ ଆଶଙ୍କାରେ ଗ୍ରାମଗୁଡିକରେ ଭୟର ବାତାବରଣ ଦେଖିବାକୁ ମିଳିଛି। ତେବେ ଡିପଥେରିଆର ଉକ୍ତ ଅଞ୍ଚଳରେ କୌଣସି ଲକ୍ଷଣ ନାହିଁ ବୋଲି ଡାକ୍ତର ଖଟୁଆ କହିଛନ୍ତି। ଅନ୍ୟପକ୍ଷରେ ଗତିଗୁଡାର ଅନ୍ୟ ୪ ଜଣ ଶିଶୁଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲକୁ ଚିକିତ୍ସା ପାଇଁ ପଠାଯାଇଛି।

# ରଥଯାତ୍ରାରେ ପ୍ରତି ବ୍ଲକରୁ ପୁରୀକୁ ଗଡ଼ିବ ଓଏସ୍ଆର୍‌ଟିସି ବସ୍


ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଭୁବନେଶ୍ୱର,୨୪।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଆସନ୍ତା ଜୁଲାଇରେ ରଥଯାତ୍ରା। ଏହାପୂର୍ବରୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ରଥଯାତ୍ରାରେ ରାଜ୍ୟର ସମସ୍ତ ୩୧୪ ବ୍ଲକରୁ ପୁରୀକୁ ଓଡ଼ିଶା ଷ୍ଟେଟ ରୋଡ୍‌ଟ୍ରାନ୍ସପୋର୍ଟକର୍ପୋରେଶନ (ଓଏସ୍ଆର୍‌ଟିସି) ବସ୍ ଗଡ଼ିବ। ସୋମବାର ଓଏସ୍ଆର୍‌ଟିସି କାର୍ଯ୍ୟାଳୟରେ ମନ୍ତ୍ରୀ ଓଏସ୍ଆର୍‌ଟିସି କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ବିଭାଗୀୟ ସଚିବ ଉଷା ପାଢ଼ୀଙ୍କ ସମେତ କମିଶନର ଅମିତାଭ ଠାକୁର ଏବଂ ଓଏସ୍ଆର୍‌ଟିସି ମୁଖ୍ୟଙ୍କ ସହ ଆଲୋଚନା ପରେ ଏନେଇ ନିଷ୍ପତ୍ତି ହୋଇଛି। ବୈଠକ ପରେ ମନ୍ତ୍ରୀ କହିଛନ୍ତି, ଓଡ଼ିଶାରୁ ଦେଶର ପ୍ରମୁଖ ତୀର୍ଥ ସ୍ଥଳୀକୁ ଆରମ୍ଭ ହେବ ବସ୍ ସେବା।

## ଦେଶର ପ୍ରମୁଖ ତୀର୍ଥସ୍ଥଳକୁ ଆରମ୍ଭ ହେବ ବସ୍ ସେବା

ଅଯୋଧ୍ୟା, ତିରୁପତି, ମହାକାଳେଶ୍ୱର, ବାରାଣସୀ ଓ ବୃନ୍ଦାବନକୁ ଗଡିବ ବସ । ପୁରୀ, ଭୁବନେଶର, ବ୍ରହ୍ମପୁର ଓ ରାଉରକେଲା ଭଳି ପ୍ରମୁଖ ସ୍ଥାନରୁ ଏସବୁ ତୀର୍ଥ ସ୍ଥଳୀକୁ ବସ ଚଳାଚଳ କରିବ। ଏହାସହ ରାଜ୍ୟରେ ଯେପରି ପରିବେଶ ଅନୁକୂଳ ଇଲେକ୍ଟ୍ରିକ୍ ବସ୍ ଅଧିକରୁ ଅଧିକ ଚାଲିବ ସେ ନେଇ ଧ୍ୟାନ ଦିଆଯିବ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲୋକମାନେ ଅଧିକରୁ ଅଧିକ ବସ୍ ସେବା ଯେଭଳି ପାଇବେ, ସେନେଇ ଗୁରୁତ୍ୱ ଦିଆଯାଉଛି। ପ୍ରାରମ୍ଭିକ ଭାବେ ୧୦୦ ବସ୍ କିଣିବାକୁ ନିଷ୍ପତ୍ତି ହୋଇଛି।

# ସ୍ୱତନ୍ତ୍ର ଓଜେଇଇ ଆରମ୍ଭ

ଭୁବନେଶ୍ୱର,୨୪।୬(ଅସମାପିକା ସାହୁ)

ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ସୋମବାର ଆରମ୍ଭ ହୋଇଛି। ଏହା ୨୭ତାରିଖରେ ଶେଷ ହେବ। ପ୍ରଥମ ଦିନରେ ବିଟେକ୍ ପାଇଁ ପରୀକ୍ଷା ହୋଇଛି। ୨୬ ତାରିଖରେ ଦୁଇଟି ସିଟିଂ ପରୀକ୍ଷା ହେବ। ପ୍ରଥମ ସିଟିଂ ଏମ୍‌ବିଏ ପାଇଁ ଏବଂ ଦ୍ୱିତୀୟ ସିଟିଂରେ ବି.ଫାର୍ମ/ଲାଟେରାଲ ଏଣ୍ଟ୍ରି ଟେକ୍ ବିଏସ୍‌ସି ପରୀକ୍ଷା ରହିଛି। ସେହିପରି ୨୭ରେ ଦୁଇଟି ସିଟିଂରେ ଯଥାକ୍ରମେ ଲାଟେରାଲ ଏଣ୍ଟ୍ରି ଟେକ୍ ଏବଂ ଏମ୍‌ସିଏ ପାଇଁ ପରୀକ୍ଷା ରହିଛି। ପ୍ରତ୍ୟେକ ସିଟିଂ ଏକ ଘଣ୍ଟାର ରହିଛି। ସୂଚନାଯୋଗ୍ୟ, ପ୍ରଥମ ପର୍ଯ୍ୟାୟ ଓଜେଇଇ କାଉନସିଲିଂ ଶେଷ ହେବା ପରେ ବଳକା ସିଟ୍‌ରେ ନାମ ଲେଖାଇବା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ବା ସ୍ୱତନ୍ତ୍ର ଓଜେଇଇ ର୍‍ୟାଙ୍କ କାମ କରିବ। ତେବେ ରାଜ୍ୟ ବାହାରର ପରୀକ୍ଷାର୍ଥୀମାନେ ସରକାରୀ କଲେଜରେ ନାମ ଲେଖାଇବା ପାଇଁ ଯୋଗ୍ୟ ହେବେ ନାହିଁ। ସେମାନେ ଘରୋଇ କଲେଜରେ ନାମଲେଖା ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଓଜେଇଇ ପକ୍ଷରୁ କୁହାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ୨୩,୭୮୦ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଆବେଦନ କରିଥିଲେ। ରାଜ୍ୟରେ ୪୮ଟି ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ରାଜ୍ୟ ବାହାରେ ୩ଟି କେନ୍ଦ୍ର ହୋଇଛି।

# ବଦଳି ନିର୍ଦ୍ଦେଶ ମାନୁ ନ ଥିବା ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ


ଭୁବନେଶ୍ୱର, ୨୪।୬
(ଅସମାପିକା ସାହୁ)

ରାଜ୍ୟର ବହୁ ଶିକ୍ଷକ ବଦଳି ନିର୍ଦ୍ଦେଶକୁ ମାନୁ ନାହାନ୍ତି। ଏପରିକି ବଦଳି ହୋଇଥିବା ବିଦ୍ୟାଳୟରେ ଯୋଗ ନ ଦେଇ ବିଭିନ୍ନ ଆଳ କରି ଛୁଟିରେ ରହୁଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏପରି କରୁଥିବା ଶିକ୍ଷକଙ୍କ ବିରୋଧରେ ଏଣିକି କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ବିଦ୍ୟାଳୟକୁ ଯାଇ ଶିକ୍ଷାଦାନ କରିବାକୁ ସେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ଗଣମାଧ୍ୟକୁ ସେ ଆହୁରି କହିଛନ୍ତି, ବିଦ୍ୟାଳୟରେ ଉନ୍ନତ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ କାର୍ଯ୍ୟ କରାଯିବ। ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ସମସ୍ତ ସରକାରୀ ଯୋଜନାକୁ ତଳ ସ୍ତରରେ ପହଞ୍ଚାଇବାକୁ ସରକାର ପ୍ରତିବଦ୍ଧ। ଏହାସହ ରାଜ୍ୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ସେ କହିଛନ୍ତି। ପୂର୍ବରୁ ବହୁ ନକଲି ଶିକ୍ଷକ ଧରାପଡ଼ିଛନ୍ତି। ସେମାନଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ମନ୍ତ୍ରୀ କହିଛନ୍ତି। ସେହିଭଳି ୫-ଟି ସ୍କୁଲରେ ଦୁର୍ନୀତି ହୋଇଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ୨୬ରୁ ତିନିଦିନ ବର୍ଷିବ

ଭୁବନେଶ୍ୱର, ୨୪।୬
(ଅସମାପିକା ସାହୁ)

ବଙ୍ଗୋପସାଗରରେ ଆସନ୍ତା ୨୬ ତାରିଖ ବେଳକୁ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଫଳରେ ରାଜ୍ୟରେ ୨୬ ତାରିଖରୁ ବର୍ଷା ପରିମାଣ ବଢ଼ିବାର ଆଶଙ୍କା ରହିଛି। ୨୮ ତାରିଖ ପର୍ଯ୍ୟନ୍ତ ତିନିଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷିବ। ସେଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୨୬ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ଗଜପତି, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି ଓ କୋରାପୁଟରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ସେହିଭଳି ୨୭ ତାରିଖରେ ଗଞ୍ଜାମ, ରାୟଗଡ଼ା ଓ କୋରାପୁଟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବା ବେଳେ କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା ଓ ବରଗଡ଼ରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ୨୮ ତାରିଖରେ ରାୟଗଡ଼ା ଓ କୋରାପୁଟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବା ବେଳେ ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଓ ମାଲକାନଗିରିରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ୨୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଝଡ଼ତୋଫାନ ସହିତ ବଜ୍ରପାତ ନେଇ ସତର୍କ ସୂଚନା ଜାରି କରାଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଇଣ୍ଟରନ୍ୟାଶନାଲ ଟ୍ରେଡ ଫେୟାର, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୨ଟା ୩୦।
- ଆଲୋଚନା ଚକ୍ର 'ଡୋମେଷ୍ଟିକ ଭାୟୋଲେନ୍ସ ଏଗେନଷ୍ଟ ଓମେନ', ସ୍ଥାନ: ଭୁବନେଶ୍ୱର କ୍ଲବ, ୧ ରାଜପଥ ୟୁନିଟ୍-୬, ସମୟ: ପରାହ୍ନ ୪ଟା।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସଜିବିଶନ 'ବ'ଏ ଡ୍ୟାନ୍ସର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- କୋଷାଗାର ନିର୍ଦ୍ଦେଶାଳୟ ସାଂସ୍କୃତିକ ପରିଷଦର ପଞ୍ଚଦଶତମ ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଉପାସନା ପକ୍ଷରୁ ମେଲୋଡିଅସ୍ ସଙ୍ଗ୍ସ ଅଫ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ
- କଟକ ନଗର ଭାଜପା ପକ୍ଷରୁ କଳା ଦିବସ ପାଳନ, ସ୍ଥାନ: ମୋହନ ମଣ୍ଡପ, ଥୋରିଆ ସାହି, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ମହାପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ, ସ୍ଥାନ: ବ୍ରହ୍ମଗିରି, ସମୟ: ପ୍ରାତଃ ୫ଟା ୩୦।

## ଖୋର୍ଦ୍ଧା
- ଭାରତୀୟ ଜନତା ଦଳ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ରାମଚନ୍ଦ୍ରପୁରସ୍ଥିତ ଦଳୀୟ କାର୍ଯ୍ୟାଳୟ, ଜଟଣୀ, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର
- ଜଉକଣ୍ଢେଇ ବାହାଘର ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ନୀଳଗିରି ମୁଖ୍ୟ ଚିକିତ୍ସାଳୟ ବ୍ଲଡ଼ ବ୍ୟାଙ୍କ, ସମୟ: ସକାଳ ୯ଟା।
- ମିଳିତ ନିଶା ନିବାରଣ ଅଭିଯାନର ଜିଲା ସମ୍ମିଳନୀ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ନେଳିଆବାଗସ୍ଥିତ ଜିଲା କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ନବନିର୍ବାଚିତ ବସ୍ତା ବିଧାୟିକାଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ବରିଷ୍ଠ ନାଗରିକ ପ୍ରକୋଷ୍ଠ, ବଡ଼ସିମୁଳିଆ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ଏବଂ ଆମ କର୍ତ୍ତବ୍ୟ ବିଷୟ ଉପରେ ସାଧାରଣ ସଭା, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ହରିଭକ୍ତି ପ୍ରଦାୟିନୀ ଧର୍ମସଭା, ନାମ ସଂକୀର୍ତ୍ତନ, ଅନ୍ନ ମହୋତ୍ସବ, ସ୍ଥାନ: ହରିପୁର ସମାଜ, ଭୋଗରାଇ, ସମୟ: ମଧ୍ୟାହ୍ନ ୧୨ଟା।
- ମହାପ୍ରଭୁଙ୍କ ଜ୍ୱରର ଉପଚାର, ସ୍ଥାନ: ଜଗନ୍ନାଥ ମନ୍ଦିର, ନୀଳଗିରି, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଶ୍ରୀଶ୍ରୀ ସିଦ୍ଧ ମହାବୀରଙ୍କ ୨୯ତମ ବାର୍ଷିକ ଉଦ୍‌ଯାପନୀ ଉତ୍ସବ, ରାମଚରିତ ମାନସ ଓ ନବାହ୍ନ ପାରାୟଣ ପ୍ରବଚନ, ସ୍ଥାନ: ଭଗତପୁର, ଖନ୍ତାପଡ଼ା, ସମୟ: ଦିବସବ୍ୟାପୀ।

## ଭଦ୍ରକ
- ଭାଜପା ପକ୍ଷରୁ କଳା ଦିବସ ପାଳନ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ମା' ମଙ୍ଗଳାଙ୍କ ମନ୍ଦିରରେ ମଙ୍ଗଳା ଓଷା ଏବଂ ପୂଜାର୍ଚ୍ଚନା, ସ୍ଥାନ: ଭୂଇଁପୁର, ଶାଳକଣିଆଁ, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ଆନନ୍ଦପୁର ବିଧାୟକଙ୍କ ବିଭିନ୍ନ ପଞ୍ଚାୟତରେ ବୈଠକ, ସ୍ଥାନ: ହାଟଡିହୀ,ସମୟ: ଅପରାହ୍ନ ୫ ଟା।
- ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ଏବଂ ରାମାୟଣ ପାଠ, ସ୍ଥାନ: ହାବେଳେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୬ ଟା ଏବଂ ଅପରାହ୍ନ ୫ ଟା।

## ମୟୂରଭଞ୍ଜ
- ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସର, କୁଆମରା, ସମୟ: ଅପରାହ୍ନ ୩ଟା।
- ଭାଜପା ପକ୍ଷରୁ କଳା ଦିବସ ପାଳନ, ସ୍ଥାନ: ଷ୍ଟାଡିୟମ ସମ୍ମିଳନୀ କକ୍ଷ ବାରିପଦା, ସମୟ: ଅପରାହ୍ନ ୪ଟା।
- ବିଶ୍ୱ ବୈଷ୍ଣବ ସମ୍ମିଳନୀ, ଭାଗବତ ଧର୍ମସଭା, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ଏମ୍‌କେସିଜି ନର୍ସିଂ କଲେଜରେ ତାଲିମ ଶିବିର, ସ୍ଥାନ: ଅଡିଟୋରିୟମ ହଲ, ସମୟ: ମଧ୍ୟାହ୍ନ ସାଢ଼େ ୧୨ଟା।

## ଗଞ୍ଜାମ
- ସପ୍ତ ଠାକୁରାଣୀଙ୍କ ଘଟ ପରିକ୍ରମା,ସ୍ଥାନ: ଗୋପବନ୍ଧୁ ନଗର, ଓଡିଆ ସାହି, ଚିନ୍ମୟ ମିଶନ ଗଳି, ତାଲୁକା ରୋଡ, ଏନଏସି କଲୋନୀ ଅଞ୍ଚଳ,ସମୟ: ସନ୍ଧ୍ୟା ୭ଟା।
- ସାହିତ୍ୟ ସୃଜନୀ ପ୍ରଶିକ୍ଷଣ ଶିବିର, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ଆଣ୍ଟି ମ୍ୟାଲେରିଆ ମାସ ପାଳନ, ସ୍ଥାନ:ଜିଲା ମୁଖ୍ୟ ଚିକିତ୍ସାଳୟ ଫୁଲବାଣୀ, ସମୟୟ:ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ମା' ପାଟଦେଈ ମଙ୍ଗଳାଙ୍କ ପୀଠରେ ନାମଯଜ୍ଞ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ଶ୍ରମିକ ନିରାକରଣ ସଚେତନତା ରଥ ଓ ଶୋଭାଯାତ୍ରାର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ମା' ତାରିଣୀଙ୍କ ବାର୍ଷିକ ଉତ୍ସବ ପାଇଁ ଅଧିବାସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ମନ୍ଦିର ପଶ୍ଚିମ ପାର୍ଶ୍ୱ, ସମୟ: ସକାଳ ୭ଟା ୩୦ ମିନିଟ୍।

## ରାୟଗଡ଼ା
- ବୁର୍ଦ୍ଦିଲା ପୋଲୋମା ମା'ଙ୍କ ପର୍ବରେ ଗ୍ରାମ ବନ୍ଧନ, ରାଜା ଓ ତାଙ୍କ ଭୋଗ ସ୍ତ୍ରୀ ରଥ ଉପରେ ଘୁରିବା ପ୍ରଥା ପାଳନ, ସ୍ଥାନ: ଅସ୍ଥାୟୀ ମଣ୍ଡପ, ମେନରୋଡ, ରାୟଗଡା, ସମୟ: ରାତି ୧୨ଟା।

## ନବରଙ୍ଗପୁର
- ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝିଙ୍କ ପୌରାଞ୍ଚଳ ୱାର୍ଡ ପରିକ୍ରମା, ସମୟ: ସକାଳ ୭ଟା।

## କୋରାପୁଟ
- ବିଧାୟକଙ୍କ ସାଗତ ସମ୍ବର୍ଦ୍ଧନା, ସ୍ଥାନ: ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁଶ୍ରମିକ, ଶିଶୁ ନିଯ୍ୟାତନା ରୋକିବା ନେଇ ଜିଲାସ୍ତରୀୟ ସଚେତନତା କର୍ମଶାଳା, ସ୍ଥାନ : କୋରାପୁଟ ଡିଆରଡିଏ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଜୟପୁର ପୌରପାଳିକା ସଭାଗୃହ, ସମୟ: ଅପରାହ୍ନ ୪ଟା।
- ଭାଜପା ପକ୍ଷରୁ ବ୍ଲାକ ଡେ ପାଳନ, ସ୍ଥାନ: କୋରାପୁଟ ଟାଉନ ହଲ୍, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର
- ଅଦା, ହଳଦୀ ବିହନ ବିକ୍ରୟ କାର୍ଯ୍ୟକ୍ରମ, ସ୍ଥାନ: ନିଲଡୁଙ୍ଗୁରୀ ମଡେଲ ନର୍ସରୀ, ସମୟ: ପୂର୍ବାହ୍ନ ୧୦ଟାର।
- ପଶ୍ଚିମ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଶ୍ରମ ବିଭାଗ ପକ୍ଷରୁ ଶ୍ରମିକ ପରିଚୟ ପତ୍ର ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ପରମାଣପୁର, ସମୟ: ପୂର୍ବାହ୍ନ ୧୦ଟା୩୦।
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ ସନ୍ଧ୍ୟା ୫ଟା୩୦।

## ବଲାଙ୍ଗୀର
- ସନ୍ତରଣ ପ୍ରତିଯୋଗିତାର ମନୋନୀତ ଖେଳାଳିଙ୍କୁ ତାଲିମ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଆର.ଏନ.ସିଂଦେଓ ସ୍ପୋର୍ଟସ କମ୍ପଲେକ୍ସ, ସମୟ: ସକାଳ ୭ଟା।

## ସୁବର୍ଣ୍ଣପୁର
- ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନ, ସ୍ଥାନ: ଅମରପାଲି ହାଇସ୍କୁଲ ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣପୁର ଇଷ୍ଟଦେବୀ ସୁରେଶ୍ୱରୀ ମନ୍ଦିରରେ ମହା ଆଳତୀ, ସ୍ଥାନ: ସୁରେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମଙ୍ଗଳ ନୀତି ଓ ମହା ଆଳତୀ, ସ୍ଥାନ: ତରଭା ମା' ପୌର୍ଣ୍ଣମାସୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ସିଟୁ ଏସ୍‌ଡବ୍ଲ୍ୟୁଏଫ୍‌ଆଇ ପକ୍ଷରୁ ଶ୍ରମିକ ବିକ୍ଷୋଭ, ସ୍ଥାନ: ବିଶ୍ରାଛକ, ସମୟ: ସକାଳ ୮ଟା।
- ଡିଆରୟୁସିସିଙ୍କ ରାଉରକେଲା ରେଳ ଷ୍ଟେଶନ ପରିଦର୍ଶନ,ସ୍ଥାନ: ରାଉରକେଲା ରେଳ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରଥଯାତ୍ରା ପାଇଁ ବୈଠକ, ସ୍ଥାନ: ସେକ୍ଟର-୨ ଖରିଆବାହାଲ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ସଂସ୍କୃତ ପ୍ରଶିକ୍ଷଣ ବର୍ଗର ଉଦ୍‌ଯାପନୀ ସମାରୋହ, ସ୍ଥାନ: ବରପାଲି ଧର୍ମଶାଳା, ସମୟ: ସକାଳ ୯ଟା।
- ରାଜ୍ୟପାଳ ରଘୁବୀର ଦାସଙ୍କ ପରିଦର୍ଶନ, ସ୍ଥାନ: କସ୍ତୁରବା ଗାନ୍ଧୀ ମାତୃ ନିକେତନ, ପାଇକମାଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ସମନ୍ୱୟ କମିଟି ବୈଠକ, ସ୍ଥାନ: ଜିଲାପାଳ ଅଫିସ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଜୟ କିଷାନ ଆନ୍ଦୋଳନର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ, ସ୍ଥାନ: ଭଟଲି, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି
- ଭାଜପା ପକ୍ଷରୁ କଳା ଦିବସ ପାଳନ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ଭବାନୀପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଗଣ୍ଡାମେର ରାସ୍ତାକାମରେ ଅନିୟମିତତାକୁ ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା, ସ୍ଥାନ: ଧର୍ମଗଡ଼ ଉପଜିଲାପାଳ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କୃଷି ସମ୍ବନ୍ଧୀୟ ଜିଲାସ୍ତରୀୟ ଡିଏଲ୍‌ସିସି ବୈଠକ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ଭବାନୀପାଟଣା, ସମୟ: ଅପରାହ୍ନ ୩ଟା ୩୦।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ବୌଦ୍ଧ
- ଘଣ୍ଟାପଡା ମା' ସମଲେଶ୍ୱରୀ ମନ୍ଦିରରେ ମହାଆଳତି,ସ୍ଥାନ:ସମଲେଶ୍ୱରୀ ମନ୍ଦିର ଘଣ୍ଟାପଡା, କଣ୍ଟାମାଳ, ସମୟ ସନ୍ଧ୍ୟା ୭ଟା।

## ଦେବଗଡ଼
- ଚାଷୀମାନଙ୍କ ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର ଓ ହନୁମାନ ବାଟିକା, ପୁରୁଣାଗଡ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ରେଲୱେ ଷ୍ଟେଶନ ଛକ କନକ ଦୁର୍ଗା ମନ୍ଦିର, ସମୟ: ସକାଳ ୫ଟା।
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ବେହେରାମାଳ ତାରଣୀ ମା' ମନ୍ଦିର, ସମୟ: ସକାଳ ୭ଟା।
- ସ୍ୱତନ୍ତ୍ର ପୂଜା ସହ ହନୁମାନ ଚାଳିଶା ପାଠ, ସ୍ଥାନ: ସହରସ୍ଥିତ ମଙ୍ଗଳ ବଜାର ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ତେଲି ସମାଜ ବୈଠକ, ସ୍ଥାନ: ସହରସ୍ଥିତ କୁର୍କୁଟଙ୍ଗା ଗ୍ରାମ, ସମୟ: ଅପରାହ୍ନ ୫ଟା।

# ପ୍ରଥମ ପୃଷ୍ଠାରୁ...

## ଚାଷୀଙ୍କୁ ଦଲାଲଙ୍କଠାରୁ ମୁକ୍ତ...

ସରକାର ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଖୁବ୍‌ଶୀଘ୍ର ପୂରଣ କରିବ ବୋଲି ସେ ସୂଚନା ଦେଇଛନ୍ତି। ଓଡ଼ିଶାର ବିକାଶ ପାଇଁ ସମସ୍ତେ ରାମ ସେତୁ ନିର୍ମାଣର ବାନର ସେନା ହୁଅନ୍ତୁ ବୋଲି ସେ ଆହ୍ୱାନ ଦେଇଛନ୍ତି। ଖଣିଜ ସମ୍ପଦଭରା କେନ୍ଦୁଝରର ବିକାଶ ପାଇଁ ଇଚ୍ଛାଶକ୍ତିର ଅଭାବ ରହିଛି। ଖଣିଜ ସମ୍ପଦ ବ୍ୟବହାର ଓ ଜିଲା ଖଣିଜ ପାଣ୍ଠିର ସୁବିନିଯୋଗରେ କେନ୍ଦୁଝରର ବିକାଶ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ପରିଚାଳନା କରିଥିବାବେଳେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଫକୀରମୋହନ ନାଏକ ଓ ଜିଲା ସମ୍ପାଦକ ଅନୁବ୍ରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସବୁ ବ୍ଲକରେ ହେବ...

ଉଚିତ୍ ମୂଲ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ କିଣିପାରିବେ, ତାହା ନିଶ୍ଚିତ କରିବା ଲାଗି ପଦକ୍ଷେପ ନେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ, ଖାଉଟି ସାମଗ୍ରୀଗୁଡ଼ିକର ଦରବୃଦ୍ଧି ଏବେ ଜାତୀୟ ସମସ୍ୟା ହୋଇ ରହିଛି। ତେବେ ଏହାର ଲାଭ ଯେଭଳି ରାଜ୍ୟର ଅସାଧୁ ବ୍ୟବସାୟୀମାନେ ନ ଉଠାନ୍ତି, ତାହାକୁ ନିଶ୍ଚିତ କରିବା ଲାଗି ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯୋଗାଣ ବିଭାଗର ଅଧିକାରୀମାନେ ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଓ ପୁରୀ ଆଦି ଅଞ୍ଚଳରେ ଯାଞ୍ଚ କରୁଛନ୍ତି। ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀର କ୍ରୟ ବିକ୍ରୟ ଉପରେ ନଜର ରଖିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ଜିଲାରେ ଦରଦାମର ସ୍ଥିତି ସମ୍ପର୍କରେ ସୂଚନା ଦେବାକୁ ଜିଲାର ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ ରାଜ୍ୟରେ ଆବଶ୍ୟକ ସଂଖ୍ୟାରେ ଶୀତଳ ଭଣ୍ଡାର ନ ଥିବା କାରଣରୁ ଚାଷୀମାନେ ସେମାନଙ୍କ ଉତ୍ପାଦିତ ସାମଗ୍ରୀକୁ ଗଚ୍ଛିତ କରି ରଖିପାରୁ ନାହାନ୍ତି। ଉତ୍ପାଦନ ସମୟରେ ଆଳୁ, ପିଆଜ, ଟମାଟୋ, କୋବି ସମେତ ଅନ୍ୟ ପନିପରିବାକୁ ଅଧିକ ଦିନ ରଖି ନ ପାରି କମ୍ ମୂଲ୍ୟରେ ବିକ୍ରି କରି ଦେଉଛନ୍ତି। ଫଳରେ ଅଣଚାଷ ସମୟରେ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ଏପରି କି ଏଥିପାଇଁ ଅଧିକ ଦାମରେ କିଣିବାକୁ ପଡୁଛି।

## ନାବାଳିକା ବୋହୂଙ୍କୁ ହତ୍ୟା...

ଧାରା-୪ ଅନୁଯାୟୀ ମାମଲା ରୁଜୁ କରିଥିଲେ। ସୋମବାର ସକାଳୁ ଆଇଆଇସିଙ୍କ ନେତୃତ୍ୱରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ ରମେଶଙ୍କ ଘରେ ପହଞ୍ଚି ସବିଶେଷ ତଦନ୍ତ କରିବା ସହ ମଶାଣିରୁ ନନ୍ଦିନୀଙ୍କ ହାଡ଼, ପାଉଁଶ ଜବତ କରି ଫୋରେନ୍ସିକ ଲାବରେଟୋରିକୁ ପଠାଇଛନ୍ତି। ପୋଲିସ ନନ୍ଦିନୀଙ୍କ ସ୍ୱାମୀ ଜିତୁ ଓରଫ ଜିତେନ୍ଦ୍ର ବିଷୋୟୀ ଏବଂ ଶ୍ୱଶୁର ରମେଶ ବିଷୋୟୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପୋଲିସ ସୂଚନାନୁସାରେ, ଗତ କିଛି ମାସ ହେଲା ଜିତୁ ତାଙ୍କ ଗ୍ରାମର ଶିବରାମ ସାହୁଙ୍କ ନାବାଳିକା ଝିଅ ନନ୍ଦିନୀଙ୍କୁ ପ୍ରେମ କରୁଥିଲେ। ନନ୍ଦିନୀ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ। ବିବାହ ପାଇଁ ଉଭୟଙ୍କ ପରିବାରରେ ଅରାଜି ହେବା କାରଣରୁ ଗତ ଏପ୍ରିଲ ମାସରେ ଉଭୟେ ଗ୍ରାମରୁ ଫେରାର ହୋଇଯାଇଥିଲେ। ପ୍ରାୟ ୩ ମାସ ବାହାରେ ରହିବା ପରେ ଉଭୟେ ଗ୍ରାମକୁ ଫେରିଥିଲେ। ପରେ ଉଭୟ ପରିବାର ଲୋକଙ୍କ ସହମତି କ୍ରମେ ଗ୍ରାମ ନିକଟ ବଡ଼ପଦା ଶ୍ରୀଉଦୟନାଥେଶ୍ୱର ଶୈବପୀଠରେ ବିବାହ କରିଥିଲେ। ସେହିଦିନଠାରୁ ନନ୍ଦିନୀ ଶାଶୁ ଘରେ ରହୁଥିଲେ। ଶନିବାର ନନ୍ଦିନୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଖାଡ଼ାବାନ୍ଧିରେ ତାଙ୍କର ମୃତ୍ୟୁ ଘଟିଥିବା ସ୍ୱାମୀ ଓ ଶାଶୁ ଘର ଲୋକେ ସାହି ପଡ଼ୋଶୀଙ୍କୁ ସଫେଇ ଦେଇଥିଲେ। ଏହାକୁ ସହଜରେ ଗ୍ରହଣ କରି ନ ଥିଲେ ଗ୍ରାମବାସୀ। ନନ୍ଦିନୀଙ୍କ ପରିବାର ଲୋକଙ୍କୁ ଏନେଇ ଖବର ଦିଆଯାଇଥିଲା। ସେମାନେ ପହଞ୍ଚିବା ପୂର୍ବରୁ ଅତି ତରବରିଆ ଭାବେ ମୃତଦେହ ଶ୍ମଶାନକୁ ନେଇ ନନ୍ଦିନୀଙ୍କ ଶାଶୁଘର ଲୋକେ ଦାହ କରିଦେଇଥିଲେ। ତେବେ ତାଙ୍କ ଝିଅକୁ ଯୌତୁକ ପାଇଁ ସ୍ୱାମୀ ଓ ଶାଶୁଘର ଲୋକେ ପିଟିପିଟି ମାରିଦେଇଥିବା ଶିବରାମ ଥାନାରେ ଅଭିଯୋଗ କରିଥିଲେ।

## ନାବାଳିକା ବଳାତ୍କାର ମାମଲାରେ ନାବାଳକ ଦୋଷୀ ସାବ୍ୟସ୍ତ
## ୨୧ବର୍ଷ ହେବା ପରେ ଭୋଗିବେ ୧୦ବର୍ଷ କାରାଦଣ୍ଡ

**ବାରିପଦା, ୨୪।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଅତିରିକ୍ତ ଦୌରାଜଜ (୧)ତଥା ପୋକ୍‌ସୋ କୋର୍ଟରେ ସୋମବାର ଏକ ନାବାଳିକା ବଳାତ୍କାର ଘଟଣାର ରାୟ ପ୍ରକାଶ ପାଇଛି। ଜଜ୍ ସତ୍ୟ ନାରାୟଣ ପାତ୍ର ବିଚାର କରି ନାବାଳକଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ୧ମାସର କାରାଦଣ୍ଡ ଭୋଗିବା ନେଇ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ନାବାଳକ ଜଣକ ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। ନାବାଳକଙ୍କୁ ୨୧ ବର୍ଷ ହେବା ପର୍ଯ୍ୟନ୍ତ ରାଉରକେଲାସ୍ଥିତ ବାଳ ସୁଧାର ଗୃହରେ ରଖାଯିବ। ୨୧ବର୍ଷ ପରେ ବାରିପଦାସ୍ଥିତ ମଣ୍ଡଳ କାରାଗାରକୁ ଅଣାଯିବ ବୋଲି ରାୟରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ୨୦୨୨ ଜୁନ୍ ୧୫ରେ ଜଣୈକା ନାବାଳିକା ରଜ ସଂକ୍ରାନ୍ତି ଦିନ ଘର ସମ୍ମୁଖରେ ଖେଳୁଥିଲେ। ଏକୁଟିଆ ଦେଖି ଅଭିଯୁକ୍ତ ନାବାଳିକାଙ୍କୁ ଅପହରଣ କରିନେଇ ଏକ ଖୋଲା ପଡ଼ିଆରେ ବଳାତ୍କାର କରିଥିଲେ। ଘର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। କିଛି ସମୟ ପରେ ନାବାଳକ ଜଣକ ନାବାଳିକାଙ୍କୁ ନେଇଆସିଥିଲେ। ତେବେ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ଖାରପୋଖରିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ନାବାଳକଙ୍କୁ ଧରି ସୁଧାର ଗୃହକୁ ପଠାଇ ଦେଇଥିଲେ। ୧୪ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୋଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ଉକ୍ତ ମାମଲାକୁ ଅତିରିକ୍ତ ପିପି କୃଷ୍ଣଚନ୍ଦ୍ର ଦାସ ପରିଚାଳନା କରୁଥିଲେ।

## ଦୃଢ଼ ବିରୋଧୀ ଭୂମିକା...

ଦଳ ଭୂମିକା ତୁଲାଇବାକୁ ଯାଉଛି। ନିର୍ବାଚନରେ ପରାଜୟର କାରଣ ଖୋଜିବା ସହ ସଙ୍ଗଠନକୁ ମଜଭୁତ କରିବା ପାଇଁ ବିଜେଡି ରଣନୀତି ପ୍ରସ୍ତୁତ କରିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଏ ନେଇ ଦଳର ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। କେବଳ ରାଜ୍ୟରେ ନୁହେଁ, ପାର୍ଲାମେଣ୍ଟରେ ମଧ୍ୟ ରାଜ୍ୟ ପ୍ରସଙ୍ଗକୁ ଜୋରଦାର ଉଠାଇବାକୁ ନବୀନ ରାଜ୍ୟ ସଭା ଏମ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୋମବାର ନବୀନ ନିବାସଠାରେ ବିଜେଡି ସଭାପତିଙ୍କ ଅଧ୍ୟକ୍ଷତାରେ ୯ ରାଜ୍ୟ ସଭା ଏମ୍‌ପିଙ୍କୁ ନେଇ ସଂସଦୀୟ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକ ସଭାରେ ଦଳ ଗୋଟିଏ ବି ସିଟ୍ ଜିତି ନ ଥିଲେ ମଧ୍ୟ ବିଜେଡି ରାଜ୍ୟ ସଭାରେ ପ୍ରମୁଖ ବିରୋଧୀ ଭୂମିକା ଗ୍ରହଣ କରିବ। ରାଜ୍ୟ ସଭା ସଦସ୍ୟମାନେ ଓଡ଼ିଶାର ସ୍ୱାର୍ଥ ପ୍ରସଙ୍ଗରେ ନିଜର ଆଭିମୁଖ୍ୟ ଶାଣିତ କରିବେ ବୋଲି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି। ଗୃହରେ ଦଳ ବିରୋଧୀ ଭୂମିକାରେ ରହିବ। ଆବଶ୍ୟକ ପଡ଼ିଲେ ଗୃହର ମଧ୍ୟଭାଗକୁ ଆସି ପ୍ରତିବାଦ କରିବ। ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, କୋଷ୍ଟାଲ ହାଇୱେ ସହ ସମ୍ବଲପୁର, ବାଲେଶ୍ୱର ଓ କୋରାପୁଟରେ ଏମ୍ସ ପ୍ରତିଷ୍ଠା ପାଇଁ ଦଳ ଦାବି କରିବ। ସେହିପରି କେନ୍ଦୁପତ୍ରରୁ ଜିଏସ୍‌ଟି ଛାଡ଼, କଟକ-ସମ୍ବଲପୁର ଜାତୀୟ ରାଜପଥ ପ୍ରସଙ୍ଗ, ପ୍ରତ୍ୟେକ ବ୍ଲକରେ କେନ୍ଦ୍ରୀୟ ବିଦ୍ୟାଳୟ, ଆଦିବାସୀ ବହୁଳ ବ୍ଲକରେ ଏକଲବ୍ୟ ସ୍କୁଲ, ୨୦ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ, ରେଲୱେ ସଂଯୋଗୀକରଣ, ବ୍ୟାଙ୍କିଙ୍ଗ ସେବା, ଟେଲିକମ୍, ମହିଳାଙ୍କ ପାଇଁ ୩୩% ସଂରକ୍ଷଣ ଆଦି ବିଭିନ୍ନ ପ୍ରସଙ୍ଗ ଉଠାଇ କେନ୍ଦ୍ର ସରକାରଙ୍କୁ ଘେରିବ ବୋଲି ସସ୍ମିତ କହିଛନ୍ତି।

ଅନ୍ୟପକ୍ଷରେ ଅଷ୍ଟାଦଶ ଲୋକ ସଭାରେ ବିଜେଡିର ସ୍ୱର ଶୁଭିବ ନାହିଁ। ଚଳିତ ନିର୍ବାଚନରେ ଓଡ଼ିଶାର ୨୧ ଏମ୍‌ପିଙ୍କ ମଧ୍ୟରେ ଭାଜପା ୨୦ଟି ଆସନ ହାତେଇଥିବା ବେଳେ କଂଗ୍ରେସ ଗୋଟିଏ ଆସନରେ ବିଜୟୀ ହୋଇଛି। ୨୦୧୪ ନିର୍ବାଚନରେ ବିଜେଡି ଲୋକ ସଭାରେ ସର୍ବାଧିକ ୨୦ଟି ଆସନରେ ବିଜୟୀ ହୋଇଥିଲା। ସେତେବେଳେ ଭାଜପାରୁ କେବଳ ଜୁଏଲ ଓରାମ ବିଜୟୀ ହୋଇଥିଲେ। ୧୦ ବର୍ଷ ପରେ ସ୍ଥିତି ବଦଳିଯାଇଛି। ରାଜ୍ୟରେ ଭାଜପା ସରକାର ଗଢ଼ିଥିବାବେଳେ ଲୋକ ସଭାରେ ବିଜେଡିର କୌଣସି ଏମ୍‌ପି ନାହାନ୍ତି। ରାଜ୍ୟ ସଭାର ୯ ସଦସ୍ୟଙ୍କୁ ନେଇ ବିଜେଡି ରାଜ୍ୟ ପ୍ରସଙ୍ଗକୁ ଦୃଢ଼ଭାବେ ଉତ୍ଥାପନ କରିବାକୁ ରଣନୀତି ପ୍ରସ୍ତୁତ କରିଛି।

## ରୁଙ୍ଗଟା କାରଖାନାରେ...

ସେମାନଙ୍କ ଚିକିତ୍ସା କରାଯାଉଛି। କମ୍ପାନୀର ସୁରକ୍ଷା ବିଭାଗ ଡିଜିଏମ୍ ତରୁଣ କୁମାର ଦୁବେ ଉକ୍ତ ପ୍ରକଳ୍ପ ଦାୟିତ୍ୱରେ ଥିବା ଠିକାଦାରଙ୍କ ବିରୋଧରେ ଥାନାରେ ଏତଲା ଦେବା ପରେ ପୋଲିସ ନଂ.୧୪୩।୨୪ରେ ଏକ ମାମଲ ରୁଜୁ କରିଛି। ଶ୍ରମିକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ କରି କମ୍ପାନୀ ସମ୍ମୁଖରେ ଭାଜପା ନେତାମାନେ ଧାରଣା ଦେବାରୁ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

କମ୍ପାନୀର ଡିଆର୍‌ଆଇ ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ବେଳେ ଏହାର ବେସ୍ ପ୍ଲାଟଫର୍ମରେ ପ୍ରାୟ ୧୦ ମିଟର ଉଚ୍ଚରେ ଥିବା ମିଲେଟ୍ ପ୍ଲାଣ୍ଟ ୟୁନିଟ୍‌ର ମେକାନିକାଲ ଷ୍ଟ୍ରକଚର ଭୁଶୁଡି ପଡିବାରୁ ଏହି ଦୁର୍ଘଟଣା ଘଟିଥିବା କମ୍ପାନୀ ସୁରକ୍ଷା ବିଭାଗ ଡିଜିଏମ୍ ବାଲିମୀ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଦୁର୍ଘଟଣା ଖବରପାଇ କମ୍ପାନୀର ମାନବ ସମ୍ବଳ ବିଭାଗ ଜିଏମ୍ କୁମାର ପୁଷ୍ପେସ୍ ରଞ୍ଜନ, ଏଜିଏମ୍ ଏ.କେ. ଦାସଙ୍କ ସହ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ହିନ୍ଦୋଳ ଏସ୍‌ଡିପିଓ ଦୀପକ ଜେନା, ବାଲିମୀ ଥାନା ଅଧିକାରୀ ଅସିତ ବିଶ୍ୱାଳ, ମୋଟଙ୍ଗା ଥାନା ଅଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ, ଜିଲା ଶ୍ରମ ଅଧିକାରୀ ଶୁଭଶ୍ରୀ ତରାଇ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସେହିପରି ଜିଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର, ନବକିଶୋର ଗୁରୁ, ମାତୃପ୍ରସାଦ ନନ୍ଦ, ସତ୍ୟ ରଞ୍ଜନ ଶତପଥୀ ପ୍ରମୁଖ ଦୁର୍ଘଟଣାସ୍ଥଳକୁ ଯାଇ ମୃତ ଶ୍ରମିକଙ୍କ ପରିବାରକୁ ଆବଶ୍ୟକ କ୍ଷତିପୂରଣ ଦାବି କରି ଧାରଣା ଦେଇଥିଲେ। ଏହାପରେ କମ୍ପାନୀ ପକ୍ଷରୁ ଏକ ଚୁକ୍ତିନାମା କରାଯାଇ ମୃତ ୨ ଶ୍ରମିକଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଏବଂ ସେମାନଙ୍କ ପରିବାରରୁ ଜଣକୁ ନିଯୁକ୍ତି ପ୍ରଦାନ ପାଇଁ କମ୍ପାନୀ ମାନବ ସମ୍ବଳ ବିଭାଗ ଜିଏମ୍ କୁମାର ପୁଷ୍ପେସ୍ ରଞ୍ଜନ ହିନ୍ଦୋଳ ତହସିଲଦାରଙ୍କୁ ଜଣାଇବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା। ଏ ସଂକ୍ରାନ୍ତରେ ଜିଲାପାଳ ଅମ୍ରିତ ଋତୁରାଜ କହିଛନ୍ତି, ଏହି ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ଚିକିତ୍ସାଧୀନ ଅଛନ୍ତି। ପଶ୍ଚିମବଙ୍ଗର ଏହି ଶ୍ରମିକମାନେ ଠିକାଦାରଙ୍କ ମାଧ୍ୟମରେ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସେମାନେ ଇଏସ୍‌ଆଇ ଓ ଇପିଏଫ ପରିସରଭୁକ୍ତ ରହିଛନ୍ତି। ତେଣୁ କମ୍ପାନୀ ପକ୍ଷରୁ ମୃତକଙ୍କ ପରିବାରକୁ ଆବଶ୍ୟକ କ୍ଷତିପୂରଣ ଓ ମୃତଦେହ ସଂସ୍କାର ନିମନ୍ତେ ସହାୟତା ପ୍ରଦାନ କରାଯିବ। ଗୁରୁତର ଓ ଆହତଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରାଯିବ। କାରଖାନା ଓ ବାଷ୍ପିତ୍ର ବିଭାଗ ପକ୍ଷରୁ ନିୟମିତ ବ୍ୟବଧାନରେ କମ୍ପାନୀର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯେପରି ଭବିଷ୍ୟତରେ ଏଭଳି ଦୁର୍ଘଟଣା ନ ଘଟେ ସେଥିପ୍ରତି କମ୍ପାନୀ କର୍ତ୍ତୃପକ୍ଷ ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ୨୦୨୩ ଜୁଲାଇ ୨୦ରେ ରୁଙ୍ଗଟା କାରଖାନାରେ ବିସ୍ଫୋରଣ ଘଟି ଜଣେ ଇଞ୍ଜିନିୟରଙ୍କ ସମେତ ୨ଜଣ ଗୁରୁତର ହୋଇଥିଲେ। କମ୍ପାନୀରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀଙ୍କ ସୁରକ୍ଷା ପ୍ରତି କମ୍ପାନୀ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ପାଟନା, ଗୋଧ୍ରାରେ...

ହାଜତରେ ରହିଥିବାବେଳେ ସିବିଆଇ ଟିମ୍ ସେମାନଙ୍କୁ ଜେରା ପାଇଁ ଦିଲ୍ଲୀ ନେଇପାରେ। ପରୀକ୍ଷା ଅନିୟମିତତାର ପ୍ରମାଣ ନଷ୍ଟ କରିବା ଏବଂ ଅଭିଯୁକ୍ତ ସରକାରୀ ଅଧିକାରୀଙ୍କ ଘରୁ ମିଳିଥିବା ଆୟ ବର୍ହିର୍ଭୂତ ସମ୍ପତ୍ତି ନେଇ ସିବିଆଇ ଏକାଧିକ ଏତଲା ଦାଏର କରିପାରେ ବୋଲି କୁହାଯାଉଛି। ମେ' ୫ରେ ଅନୁଷ୍ଠିତ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ହୋଇଥିବା ଅନିୟମିତତା ପ୍ରତିବାଦରେ ସାରା ଦେଶରେ ଆନ୍ଦୋଳନ ଜାରି ରହିଥିବାବେଳେ ରବିବାର ସିବିଆଇ ଏତଲା ଦାଏର କରିଥିଲା।

## ଧରାପଡ଼ିଲା ଦିଲ୍ଲୀ...

ସେମାନେ ଜିଲା ପରିଷଦ ସ୍କୁଲରେ ଶିକ୍ଷକତା କରିବା ସହ ଲାତୁରରେ ଘରୋଇ କୋଚିଂ ସେଣ୍ଟର ଚଳାଉଥିଲେ। ସେମାନଙ୍କ ଫୋନ୍‌ରୁ ବହୁ ଛାତ୍ରୀଛାତ୍ରଙ୍କ ଆଡମିଟ୍ କାର୍ଡ ଏବଂ ହ୍ୱାଟ୍ସଆପ୍ ଚାଟ୍ ମିଳିଛି। ଏମାନଙ୍କର ଦିଲ୍ଲୀ ସହ ନିୟମିତ ଯୋଗାଯୋଗ ରହିଥିଲା। ଦିଲ୍ଲୀର ଗଙ୍ଗାଧର ନାମକ ବ୍ୟକ୍ତି ସେମାନଙ୍କୁ କେତେଜଣ ପରୀକ୍ଷାର୍ଥୀଙ୍କ ସହ ଯୋଗାଯୋଗ କରାଇବାରେ ସହାୟତା କରିଥିଲେ। ଏହି ପରୀକ୍ଷାର୍ଥୀମାନେ ଗ୍ୟାରେଣ୍ଟିଯୁକ୍ତ ସଫଳତା ପାଇଁ ମୋଟା ଅଙ୍କର ଟଙ୍କା ଦେବାକୁ ରାଜି ଥିଲେ। ଏତଲାରେ ଗଙ୍ଗାଧରଙ୍କ ସମେତ ନାଣ୍ଡେଡ୍ କୋଚିଂ ସେଣ୍ଟରର ପ୍ରଶିକ୍ଷକ ଇରାନା କୋଙ୍ଗଲୱାରଙ୍କ ନାଁ ରହିଛି। ବିହାର ପୋଲିସ ଗିରଫ କରିଥିବା ୪ ଜଣ ଛାତ୍ର ପରୀକ୍ଷାର ଦିନକ ପୂର୍ବରୁ ପ୍ରଶ୍ନପତ୍ର ପାଇଥିବା ସ୍ୱୀକାର କରିଥିଲେ। ପ୍ରଶ୍ନପତ୍ର ଲିକ୍ ପଛରେ 'ସଲ୍‌ଭର ଗ୍ୟାଙ୍ଗ୍'ର ଭୂମିକା ନେଇ ପୋଲିସ ତଦନ୍ତ ଚଳାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ଧର୍ମାଧିପତିଙ୍କ ପ୍ରତ୍ୟକ୍ଷ ଦୃଷ୍ଟିରେ ଥିବାରୁ ଧାର୍ମିକ କିମ୍ବା ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ। ଶୁକ୍ରଙ୍କ ଶୁଭ ସମ୍ବନ୍ଧରୁ ଯାତ୍ରା, ବନ୍ଧୁମିଳନ, ବ୍ୟବସାୟିକ କ୍ଷେତ୍ର ଭଲ ରହିବ। ଶନି ରାଶ୍ୟାଧିପ ମଙ୍ଗଳଙ୍କୁ ଅବଲୋକନ କରୁଥିବାରୁ ଅସୁସ୍ଥତାର ଆଶଙ୍କା ରହିଛି। ଅଫିସରେ ଜଣେ ବନ୍ଧୁଙ୍କ କାର୍ଯ୍ୟକଳାପକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**ବୃଷ**
ମୁଖଭାବରେ ଏକାଧିକ ଗ୍ରହ ଆପଣଙ୍କ ଅପ୍ରିୟ ସତ୍ୟଭାଷଣକୁ କଣ୍ଠରୋଧ କରିପାରିବେ ନାହିଁ। କହିବେ ଯେମିତି କରିବେ ସେମିତି। ବହୁ ଦିନ ହେଲା ଅଟକିରହିଥିବା କାମର ଚିନ୍ତା ଆଜି ମନକୁ ଆନ୍ଦୋଳିତ କରିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ,ପରିବହନ, ନୃତ୍ୟ, ସଙ୍ଗୀତ, ଭାଷଣ ଓ ପ୍ରବଚନରୁ ପ୍ରଶଂସିତ ହେବେ।

**ମିଥୁନ**
ଆପଣଙ୍କ ରାଶିରେ ତିନୋଟି ଗ୍ରହ ଅବସ୍ଥାନ କରି କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଇଦେବେ ନାହିଁ। ବନ୍ଧୁଙ୍କ ମାଧ୍ୟମରେ ବିଭିନ୍ନ ଯୋଜନା, ସାଙ୍ଗଠନିକ କାର୍ଯ୍ୟ କ୍ଷେତ୍ରରେ ସଫଳତା ହାସଲକରିବେ। ପାରିବାରିକ ସମ୍ପର୍କ ହାନି ଚିନ୍ତାର କାରଣ ହେବ। ଆରଦ୍ରା ନକ୍ଷତ୍ରର ସଂଯମର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ**
କର୍ମଜଞ୍ଜାଳ ବୃଦ୍ଧି ହେତୁ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଯାଇପାରେ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ ସହମତିର ଅଭାବ ଫଳରେ ସିଦ୍ଧାନ୍ତରେ ଉପନୀତହେବା କଷ୍ଟକର ହେବ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବନାହିଁ।

**ସିଂହ**
ଆଜିର ପ୍ରତ୍ୟୁଷ ଯାତ୍ରା, କାର୍ଯ୍ୟାରମ୍ଭ, ସଭାସମିତି, ସାହିତ୍ୟ, ସଙ୍ଗୀତ ପ୍ରଭୃତିରେ ସଫଳତା ପାଇବେ। ବାଣିଜ୍ୟ, ପରିବହନ, ଆଲୋଚନା, ନୂତନ ବନ୍ଧୁ ସମ୍ପର୍କ କ୍ଷେତ୍ରରେ ସଫଳ ହେବେ। କର୍ମକ୍ଷେତ୍ରରେ ପ୍ରାଧାନ୍ୟ ଜାହିରକରି ସମାଲୋଚିତ ହେବେ। ସାହିତ୍ୟ, ସାମ୍ବାଦିକତା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
କୌଣସି ଗୁଜବ ମନକୁ ଚହଲାଇଦେବ। ସାଙ୍ଗକୁ ସମ୍ପର୍କୀୟଙ୍କ ଅସହଯୋଗ ଦୁଃଖ ବଢ଼ାଇବ। ସହକର୍ମୀଙ୍କ ସହ ଅର୍ଥ ଦେଣନେଣକୁ ନେଇ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପ୍ରଶାସନ, ଆଇନ ଓ ଅଦାଲତ ତଥା ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ପରିବାରର ଖର୍ଚ୍ଚ ବଢ଼ିଯିବାରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା**
ନୂତନ ବନ୍ଧୁ ସମ୍ପର୍କ ଓ ସୁଚିନ୍ତିତ କାର୍ଯ୍ୟଧାରା କାମକୁ ଅଗ୍ରଗାମୀ କରାଇବ। ଚିତ୍ରା ନକ୍ଷତ୍ର ପାଇଁ ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। କୌଣସି ନିର୍ଦ୍ଦିଷ୍ଟ କାରଣ ନ ଥାଇ କିମ୍ବା କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। ପ୍ରିୟଜନଙ୍କ ଅନୁପସ୍ଥିତିରୁ ବ୍ୟସ୍ତତା ଅନୁଭବ କରିପାରନ୍ତି।

**ବିଛା**
ଅନୁରାଧା ନକ୍ଷତ୍ର ବିଭିନ୍ନ ସମସ୍ୟା ସାଙ୍ଗକୁ କାମର ଚାପ ବୃଦ୍ଧି ଅସ୍ଥିରତାର କାରଣ ହେବ। ଆଜି ଯେତେ ସୁବିଧା ପାଇଲେ ମଧ୍ୟ ସନ୍ତୁଷ୍ଟ ହୋଇପାରିବେ ନାହିଁ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ**
କୌଣସି ଅସୁବିଧା ନ ଥାଇ ମଧ୍ୟ କର୍ମକ୍ଷେତ୍ରରେ ଅସନ୍ତୋଷର ମାତ୍ରା ବୃଦ୍ଧି ପାଇପାରେ। ମୂଳା ନକ୍ଷତ୍ର ଦରକାରୀ ଜିନିଷ ଅନ୍ୟକୁ ଦେଇ ଅପଦସ୍ଥ ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ନୂତନ ସ୍ଥାନ ଭ୍ରମଣ କରିବେ। ଅପ୍ରିୟ ସତ୍ୟ ପ୍ରକାଶ କରିବା କାରଣରୁ ସହକର୍ମୀ କିମ୍ବା ଆତ୍ମୀୟମାନେ ପାଖ ମାଡ଼ିବେ ନାହିଁ।

**ମକର**
ଅଧିକାଂଶ କ୍ଷେତ୍ରରେ ବିବାଦୀୟ କଥା ଅନ୍ୟମାନଙ୍କ ପାଇଁ ଅସୁବିଧାର କାରଣ ହେବ। ଯେତେ ପାଇଲେ ମଧ୍ୟ ଅଭାବ ଲାଗି ରହିବ। ସଭାସମିତି, ପ୍ରଶାସନ, ପ୍ରକାଶନ, ସାମ୍ବାଦିକତା କ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ ପ୍ରଭୃତି ପାଇଁ ଦିନଟି ମନ୍ଦ ନୁହେଁ।

**କୁମ୍ଭ**
କଳା, ସାହିତ୍ୟ, ସଙ୍ଗୀତାଦିରେ ପ୍ରତିଷ୍ଠା ଲାଭକରିପାରନ୍ତି। ଯାତ୍ରା, ଭ୍ରମଣ, ଶୁଭ କାର୍ଯ୍ୟାରମ୍ଭ, ସତ୍‌ଚିନ୍ତା ଓ ଶୁଦ୍ଧଭାବନାରେ ମନୋନିବେଶ କରିବେ। ଉତ୍ତରଭାଦ୍ରପଦ ପାଇଁ ସାମାନ୍ୟ ଅସୁବିଧାକୁ ବାଦ୍ ଦେଲେ ଦିନଟି ଭଲରେ କଟିବ। ପରିବାରରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ ଏବଂ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ।

**ମୀନ**
ବନ୍ଧୁମିଳନ, ସହଯୋଗ ଭିତ୍ତିରେ କାର୍ଯ୍ୟସାଧନ, ଦେବଦର୍ଶନ ଭ୍ରମଣ, ପର୍ଯ୍ୟଟନାଦି ପାଇଁ ସ୍ମରଣୀୟ ଦିନଟିଏ।କର୍ମକ୍ଷେତ୍ରରେ କାର୍ଯ୍ୟସିଦ୍ଧି, ବ୍ୟବସାୟରେ ଉନ୍ନତି, ମାଲିମକଦ୍ଦମାରେ ସଫଳତା ଓ ଗଣମାଧ୍ୟମ କ୍ଷେତ୍ରରେ ସମ୍ମାନ ପ୍ରାପ୍ତିର ସୂଚନା ରହିଛି। ଆଜିର ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି।

ଆଜି ଜୁନ୍ ୨୫ ତାରିଖ, ଆଷାଢ଼ କୃଷ୍ଣ ଚତୁର୍ଥୀ, ମଙ୍ଗଳବାର। ରାଶିନକ୍ଷତ୍ର-ଶ୍ରବଣା/ମକର। ଦିବା ଘ. ୦୨।୩୨ ଗତେ ଧନିଷ୍ଠା ନକ୍ଷତ୍ର, ଚତୁର୍ଥର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୩ ଗତେ, ଘ.୦୬।୫୨ ମଧ୍ୟେ, ଦିବା ଘ.୦୯। ୩୭ ଗତେ, ଘ.୧୨।୧୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୦୭ ମି. ଗତେ, ଘ.୦୪।୪୬ ମି. ମଧ୍ୟେ ରାହୁକାଳ।

# ଚିନ୍ତା ବଢ଼ାଇଛି ଡିପ୍‌ଥେରିଆ, ଜେଇ, ଜଣ୍ଡିସ

## ୩ ଜିଲାର ଜିଲାପାଳଙ୍କ ସହ ସ୍ଥିତି ସମୀକ୍ଷାକଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୬(ଅସମାପିକା ସାହୁ)

ରାଜ୍ୟରେ ଡିପ୍‌ଥେରିଆ, ଜଣ୍ଡିସ୍ ଏବଂ ଜାପାନିଜ୍ ଏନ୍‌ସେଫାଲାଇଟିସ୍(ଜେଇ) ରୋଗ ଚିନ୍ତା ବଢ଼ାଇଛି। ଏହାର ପ୍ରତିକାର ନିମନ୍ତେ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ଏହି ୩ରୋଗ ବ୍ୟାପିଥିବା ଜିଲାଗୁଡ଼ିକରେ ଆବଶ୍ୟକ ଟିକାକରଣ, ପାନୀୟଜଳ ଯୋଗାଣ ଏବଂ ଚିକିତ୍ସା ସେବା ଯୋଗାଇଦେବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ସମ୍ପୃକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ଅନୁଗୋଳ, ରାୟଗଡ଼ା ଓ ସମ୍ବଲପୁର ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସ୍ଥିତିର ସମୀକ୍ଷା କରିଛନ୍ତି।

ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଛନ୍ତି, ଗତ ୧୦ ଦିନ ହେଲା ଡିପ୍‌ଥେରିଆର ନୂଆ ମାମଲା ସାମ୍ନାକୁ ଆସିନାହିଁ। ସମସ୍ତଙ୍କୁ ଟିକାକରଣ କରାଯାଉଛି। ଘରକୁ ଘର ପିଇବା ପାଣି ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଅପହଞ୍ଚ ଥିବା ଗାଁକୁ ରାସ୍ତା ସଂଯୋଗ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ରୋଗ ପ୍ରତିରୋଧକ ଶକ୍ତି କମିଲେ ଏଭଳି ରୋଗ ହେବାର ସମ୍ଭାବନା ଅଧିକ ରହିଛି। ତାକୁ ନିୟନ୍ତ୍ରଣ କରିବାକୁ କାମ ଚାଲିଛି। ଡିପ୍‌ଥେରିଆରେ ମୃତ୍ୟୁ ହୋଇଥିବା ଜଣେ ଶିଶୁକୁ ଟିକା ଦିଆଯାଇ ନ ଥିବାନେଇ ଜିଲା ପ୍ରଶାସନ ସୂଚନା ଦେଇଛି। ଆମେ ସମ୍ପୂର୍ଣ୍ଣ ଟିକାକରଣ ସହ ସଚେତନତା ପାଇଁ ନିର୍ଦ୍ଦେଶ ଦେଇଛୁ। ତେବେ କୋରାପୁଟରେ ଗୋଟେ ସପ୍ତାହରେ ଅଜଣା ରୋଗରେ ୪ ଶିଶୁଙ୍କ ଜୀବନ ଯାଇଥିବା ସୋମବାର ଖବର ମିଳିଛି। ଡିପ୍‌ଥେରିଆରେ ଏମାନଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସେହିପରି ସମ୍ବଲପୁରରେ ବ୍ୟାପିଥିବା ଜଣ୍ଡିସ ଉପରେ ମନ୍ତ୍ରୀ ସମୀକ୍ଷା କରି କହିଛନ୍ତି, ଏହା ଉପରେ ଆମେ ନଜର ରଖିଛୁ। ଜିଲା ପ୍ରଶାସନ ପକ୍ଷରୁ ଖାଦ୍ୟ ପଦାର୍ଥ ଓ ପାନୀୟ ଜଳର ନମୁନା ଯାଞ୍ଚ କରାଯାଉଛି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୁରୁଣା ପାଇପ୍ ସବୁ ବଦଳାଯାଉଛି। ୱାଟ୍‌କୋ ପକ୍ଷରୁ ଘରକୁ ଘର ବୁଲି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଲାଇନ୍ ସବୁକୁ ତନଖି କରାଯାଇଛି। ତେବେ ଅନେକ ଘରକୁ ନାଳ ତଳ ଦେଇ ବେଆଇନ ଭାବେ ସଂଯୋଗ ହୋଇଥିବା ପାଇପ ଲାଇନ୍ ଯାଇଛି। ଆଉ ସେଥିରୁ ସଂକ୍ରମଣ ବ୍ୟାପୁଥିବା ଜଣାପଡୁଛି। ତେବେ ଆଗାମୀ ୪ ଦିନ ମଧ୍ୟରେ ଏହି ସବୁ ବେଆଇନ ଓ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଯାଇଥିବା ଘରୋଇ ପାଇପ ସଂଯୋଗକୁ ହଟାଇ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଆବଶ୍ୟକ ପଡ଼ିଲେ ସେ ନିଜେ ସମ୍ବଲପୁର ଯାଇ ଘଟଣାର ସମୀକ୍ଷା କରିବେ ବୋଲି ମନ୍ତ୍ରୀ କହିଛନ୍ତି। ଜଣ୍ଡିସ ନ ବ୍ୟାପିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଭାବେ ନିରୀକ୍ଷଣ କରାଯାଉଛି। ସହରରେ ଆବଶ୍ୟକସ୍ଥଳେ ସ୍ୱଚ୍ଛ ପାନୀୟ ଜଳ ଟ୍ୟାଙ୍କର ମାଧ୍ୟମରେ ଯୋଗାଇ ଦେବା ସହ ହାଲୋଜିନ୍ ବଟିକା ବିତରଣ କରିବା ଓ ସମସ୍ତ ବେଆଇନ ପାଣି ସଂଯୋଗକୁ ବିଚ୍ଛିନ୍ନ କରିବାକୁ କୁହାଯାଇଛି। ମହାନଗର ନିଗମ ଖାଦ୍ୟ ଓ ପାନୀୟ ଜଳର ସ୍ୱଚ୍ଛତା ପରୀକ୍ଷା କରିବା ସହ ଏହାର ଗୁଣବତ୍ତା ବଜାୟ ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।



ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କୋରାପୁଟ, ସମ୍ବଲପୁର ଏବଂ ଅନୁଗୋଳ ଜିଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରୁଛନ୍ତି।

ସେହିପରି ଅନୁଗୋଳ ଜିଲାରେ ଦୁଇଟି ସନ୍ଦିଗ୍ଧ ଘଟଣା ସାମ୍ନାକୁ ଆସିଥିଲା। ସେଥିମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଚିକିତ୍ସିତ ହେଉଛନ୍ତି ଏବଂ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ମୃତ୍ୟୁ ହୋଇଥିବା ଶିଶୁଙ୍କଠାରେ ରକ୍ତହୀନତାଜନିତ ଅସୁସ୍ଥତା ଥିବାବେଳେ ଅନ୍ୟଜଣଙ୍କ ସେପ୍ଟିସେମିଆରେ ଆକ୍ରାନ୍ତ ଥିଲେ। ଦୁଇଜଣଯାକ ଅପପୁଷ୍ଟିର ଶିକାର ହୋଇ ସେମାନଙ୍କଠାରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥିଲା। ଏହି ଦୁଇଟି ଘଟଣାରେ ଆକ୍ରାନ୍ତ ଶିଶୁଙ୍କ ଘର ପାଖରେ ଘୁଷୁରି ଦଳ ରହୁ ନ ଥିବାବେଳେ ମାଟି ମଧ ସନ୍ତସନ୍ତିଆ ନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ପରିସ୍ଥିତିର ଅନୁଧ୍ୟାନ ପାଇଁ ଏକ ଉଚ୍ଚସ୍ତରୀୟ ଡାକ୍ତରୀ ଦଳ ସମ୍ପୃକ୍ତ ଅଞ୍ଚଳକୁ ଗସ୍ତ କରିଛି। ଏସମ୍ପର୍କିତ ସବିଶେଷ ରିପୋର୍ଟ ହସ୍ତଗତ ହୋଇନାହିଁ ବୋଲି ଜିଲାପାଳ ପ୍ରକାଶ କରିଥିବା ବୈଠକରୁ ଜଣାପଡ଼ିଛି। ତେବେ ଯେଉଁ ଗୁଜବ ସୃଷ୍ଟିକାରୀ ଓ ଅସାମାଜିକ ତତ୍ତ୍ୱ ଜାପାନିଜ୍ ଏନ୍‌ସେଫାଲାଇଟିସ୍ ନାମରେ ଜନସାଧାରଣଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରିବା ସହ ଆତଙ୍କ ଖେଳାଉଛନ୍ତି, ସେମାନଙ୍କ ପ୍ରତି ସତର୍କ ରହିବା ସହ ଆବଶ୍ୟକ ସ୍ଥଳେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ୩ ଜିଲାପାଳଙ୍କ ସହ ଆଲୋଚନା ହୋଇଛି। ଯେଉଁଠି କିଛି ତ୍ରୁଟି ରହିଛି, ତାକୁ ସମାଧାନ କରି ସ୍ଥିତି ନିୟନ୍ତ୍ରଣକୁ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବଲପୁରରେ ୮୨କେସ୍ ଆସିଛି। ସେଥିମଧ୍ୟରୁ ୩୯ ହେପାଟାଇଟିସ୍-ଏ ବୋଲି ଚିହ୍ନଟ ହୋଇଛି। ବିଶୁଦ୍ଧ ଖାଦ୍ୟ ଓ ପାଣି ଯୋଗାଇବା ପାଇଁ ଖାଦ୍ୟ ନିରାପତ୍ତା ବିଭାଗକୁ କୁହାଯାଇଛି। ହେଲେ ଏହାର ଉତ୍ସ ଜଣାପଡ଼ିନି ସେ କହିଛନ୍ତି। ସେପଟେ କୋରାପୁଟ ଜିଲା ନାରାୟଣପାଟଣାରେ କୌଣସି ଅଜଣା ରୋଗ ନୁହେଁ। ଯାହା ଫଟୋ ଆସିଛି, ତାହା ଚିକେନ ପକ୍ସ ବୋଲି ଜଣାପଡୁଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ଅପରାହ୍ନ ୫ଟାରେ ହେବ ରଥଟଣା



ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ ଏବଂ ଅନ୍ୟମାନେ।

## ଛତିଶା ନିଯୋଗ ବୈଠକ

- ୧୯୭୧ ମସିହା ନୀତିନିର୍ଘଣ୍ଟ ଅନୁଯାୟୀ ନୀତିନିର୍ଘଣ୍ଟ ସ୍ଥିର
- ପଟିଦିଅଁଙ୍କଠାରୁ ରଥକୁ ଆଜ୍ଞାମାଳ ବିଜେ ହେବ
- ଆଜି ବସିବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

ପୁରୀ,୨୪।୬(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଜୁଲାଇ ୭ରେ ଅନୁଷ୍ଠିତ ହେବାକୁ ଯାଉଛି। ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ସୋମବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ନୀତି ସବ୍‌କମିଟି ଓ ଛତିଶା ନିଯୋଗର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀରବିକ୍ରମ ଯାଦବ ଅଧ୍ୟକ୍ଷତା କରିଥିଲେ। ପୂର୍ବରୁ ନୀତି ସବ୍‌କମିଟି ବୈଠକରେ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତିନିର୍ଘଣ୍ଟ ଚୂଡ଼ାନ୍ତ ହୋଇଥିବାବେଳେ ଛତିଶା ନିଯୋଗ ବୈଠକରେ ନୀତି ନିର୍ଘଣ୍ଟ ଆଲୋଚନା କରାଯାଇ ଅନୁମୋଦନ କରାଯାଇଛି। ଜୁଲାଇ ୭ରେ ରଥଯାତ୍ରା ଦିନ ଅପରାହ୍ନ ୫ଟାରେ ରଥଟଣା ହେବ ବୋଲି ନୀତିନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ୫୩ ବର୍ଷ ତଳର ଅର୍ଥାତ ୧୯୭୧ ମସିହାର ନୀତିକାନ୍ତି ଅନୁଯାୟୀ ଚଳିତବର୍ଷ ରଥଯାତ୍ରା ସମ୍ପନ୍ନ କରାଯିବାକୁ ଆଲୋଚନା ହୋଇଛି। ସେହିପରି ଆଜ୍ଞାମାଳ ବିଜେ ଉପରେ ମଧ୍ୟ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଛତିଶାନିଯୋଗ ବୈଠକର ନିଷ୍ପତ୍ତି ଅନୁଯାୟୀ, ପଟିଦିଅଁଙ୍କଠାରୁ ଆଜ୍ଞାମାଳ ଯିବା ପରେ ରଥଖଳାରୁ ସିଂହଦ୍ୱାର ନିକଟକୁ ରଥଟଣା ହେବ। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ କ୍ଷୟ ଯୋଗୁଁ ଗୋଟିଏ ଦିନରେ ରଥଯାତ୍ରା, ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ପଡୁଥିବାରୁ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ନୀତି ନିର୍ଘଣ୍ଟ କରାଯାଇଛି। ଏହି ନୀତି ନିର୍ଘଣ୍ଟ ଅନୁଯାୟୀ ସମସ୍ତ ନୀତିକାନ୍ତି କରାଯାଇ ଅପରାହ୍ନ ୫ଟାରେ ଅର୍ଥାତ ବିଳମ୍ବରେ ରଥଟଣା ହେବ। ଛତିଶା ନିଯୋଗ ବୈଠକର ନୀତିନିର୍ଘଣ୍ଟ ଅନୁଯାୟୀ ରଥଯାତ୍ରା ପୂର୍ବଦିନ ରାତ୍ର ୨ଟାରେ ମଙ୍ଗଳ ଆଳତି, ୨ଟା ୪୦ରେ ଦଶାବତାର ଠାକୁର ବାହୁଡ଼ା ବିଜେ, ୩ଟାରେ ଅଣସର ତାଟି ଫିଟା, ୩ଟା ୪୫ଟାରେ ଦଇତାପତି ସର୍ବାଙ୍ଗ, ୪ଟାରେ ନେତ୍ରୋତ୍ସବ ବନ୍ଦାପନା, ୫ଟା ୨୫ରେ ଦ୍ୱାରପାଳ ପୂଜା ହେବ। ସେହିପରି ରଥଯାତ୍ରା ଦିନ ସକାଳ ୬ଟାରୁ ୭ଟା ମଧ୍ୟରେ ଗୋପାଳବଲ୍ଲଭ ଓ ସକାଳଧୂପ, ୭ଟା୩୦ରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ସେନାପଟା ଲାଗି, ପୂର୍ବାହ୍ନ ୧୧ଟାରେ ରଥ ପ୍ରତିଷ୍ଠା, ଅପରାହ୍ନ ୧ଟାରେ ମଙ୍ଗଳାର୍ପଣ, ୧ଟା ୧୦ରେ ଧାଡ଼ି ପହଣ୍ଡି ଆରମ୍ଭ ହେବ। ୨ଟା ୩୦ରେ ପହଣ୍ଡି ଶେଷ, ୪ଟାରେ ଛେରାପହଁରା କରାଯିବ। ୪.୩୦ରେ ଚାରଫିଟା ଓ ଘୋଡ଼ା ସାରଥୀ ଲାଗିବ। ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହେବ। ଚଳିତବର୍ଷ ୧୫ ତାରିଖରେ ବାହୁଡ଼ା ଯାତ୍ରା ହୋଇଥିବା ବେଳେ ୧୭ ତାରିଖରେ ସୁନାବେଶ ଅନୁଷ୍ଠିତ ହେବ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇ କହିଛନ୍ତି, ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକରେ ରଥଯାତ୍ରା ସମ୍ପର୍କରେଆଲୋଚନା କରାଯାଇଥିଲା। ସେହିଭଳି ରଥଯାତ୍ରା ନୀତି ନିର୍ଘଣ୍ଟ ସମ୍ପର୍କରେ ଆଲୋଚନା କରାଯାଇ ନୀତି ନିର୍ଘଣ୍ଟକୁ ଅନୁମୋଦନ କରାଯାଇଛି। ମଙ୍ଗଳବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସି ଛତିଶା ନିଯୋଗରେ ଅନୁମୋଦନ ହୋଇଥିବା ନୀତିନିର୍ଘଣ୍ଟ ଓ ବ୍ୟବସ୍ଥାବଳୀକୁ ଅନୁମୋଦନ କରାଯିବ ବୋଲି ଯାଦବ କହିଛନ୍ତି।

# ରାସ୍ତାପାର୍ଶ୍ୱରୁ ଶିଶୁପତ୍ର ଉଦ୍ଧାର

ନୂଆପଡ଼ା,୨୪।୬ (ମକାରୁ ବେମାଲ)

ନୂଆପଡ଼ା ଜିଲା ଲଖନା ଥାନା କୁରୁମପୁରି ପଞ୍ଚାୟତ ବେଲମୁଣ୍ଡିଆ ପଡ଼ା ରାସ୍ତାପାର୍ଶ୍ୱରୁ ସୋମବାର ଏକ ଶିଶୁପୁତ୍ର ଉଦ୍ଧାର ହୋଇଛି। ଶିଶୁର ବୟସ ଏକ ମାସରୁ ଦେଢମାସ ଭିତରେ ହୋଇଥିବା ଅନୁମାନ କରାଯାଉଛି। ଲଖନା ଥାନା ପୋଲିସ ଓ ଜିଲା ଚାଇଲ୍ଡ ଲାଇନ କର୍ମଚାରୀ ଉଦ୍ଧାର ଶିଶୁପତ୍ରକୁ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି। ସୂଚନା ମୁତାବକ ବେଲମୁଣ୍ଡିଆ ପଡ଼ାର ଜୟଧର ଧରୁଆ (୪୦) ଓ ଦୌପତି ଧରୁଆ (୩୭) ଛେଳି ଚରାଇବା ପାଇଁ ଯାଇଥିବାବେଳେ ୩୫୩ନଂ. ଜାତୀୟ ରାଜପଥର ସପ୍ତାହିକ ଛେଳି ବଜାର ନିକଟ ଏକ ବୁଦାମୂଳରେ ଶିଶୁପୁତ୍ର ପଡିଥିବା ଦେଖିଥିଲେ। ଏ ନେଇ ଖବର ପାଇ ଜିଲା ଚାଇଲ୍ଡ ଲାଇନ କର୍ମଚାରୀ ପହଞ୍ଚି ପୋଲିସ ଗାଡିରେ ଶିଶୁକୁ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଶିଶୁଟି ସୁସ୍ଥ ଥିବା ଜଣାପଡିଛି। ଶିଶୁପତ୍ର କପାଳରେ କଜଳ ଟିକା ଲଗାଯାଇଥିବାବେଳେ ନୂତନ ବେବି ଡ୍ରେସ ପିନ୍ଧିଥିବା ଦେଖାଯାଇଛି। ଶିଶୁପୁତ୍ର କାହାର, ବୁଦାମୂଳକୁ କେମିତି ଆସିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ନାଗସାପ ଦଂଶନରେ ସାପଧରାଳିଙ୍କ ମୃତ୍ୟୁ

## ବୀରମହାରାଜପୁର ଥାନା ପରିସରରେ ଚାଲିଥିଲା ସାପ ଖେଳ

ଅମରପାଲି,୨୪।୬(ପୀତାମ୍ବର ସାହୁ)

ସାପ ଖେଳ ଚାଲିଥିବା ବେଳେ ନାଗସାପ ଦଂଶନରେ ସୋମବାର ଜଣେ ସାପ ଧରାଳିଙ୍କ ମୃତ୍ୟୁ ଘଟିଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଆଦର୍ଶ ଥାନାରେ ଘଟିଛି ଏହି ଘଟଣା। ସର୍ପ ଦଂଶନରେ ମୃତ ସାପ ଧରାଳି ହେଲେ ଉକ୍ତ ଥାନା ଅନ୍ତର୍ଗତ ମେଣ୍ଡାମାଳ ଗ୍ରାମର ଗୌର କୁମ୍ଭାର (୪୬)।

ମିଳିଥିବା ସୂଚନା ଅନୁସାରେ ଚମ୍ପାମାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଏକ ନାଗସାପ ବାହାରିଥିଲା। ଏ ନେଇ ଗୌରଙ୍କୁ ଖବର ଦିଆଯିବା ପରେ ସେ ଘଟଣାସ୍ଥଳରେ ପହଞ୍ଚି ସାପକୁ ଧରିଥିଲେ। ତେବେ ସେ ସାପ ଧରି ଫେରିବା ବେଳେ କୌଣସି କାମରେ ଥାନାକୁ ଯାଇଥିଲେ। ତେବେ ଥାନା କାମ ସରିବା ପରେ ସେ ସେଠାରେ ଉପସ୍ଥିତ କେତେଜଣ ପୋଲିସ କର୍ମଚାରୀ ଓ ଅନ୍ୟ ଲୋକଙ୍କୁ ସାପ ଦେଖାଇବାକୁ ଆଗ୍ରହ ପ୍ରକାଶ କରିଥିଲେ। ସାପକୁ ରଖିଥିବା ଏକ ପ୍ଲାଷ୍ଟିକ ଜାର୍‌ରୁ ବାହରକୁ ଆଣି କିଛି ସମୟ ଖେଳାଇବା ପରେ ପୁଣି ଜାର୍‌ରେ ରଖୁଥିଲେ। ତେବେ ସେହି ସମୟରେ ଅସାବଧାନତାବଶତଃ ସାପ ଗୌରଙ୍କ ହାତକୁ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ଗୌରଙ୍କୁ ପୋଲିସ ପିସିଆର ଗାଡିରେ ସୋନପୁର ଡାକ୍ତରଖାନା ନିଆଯାଇଥିଲା। ହେଲେ



ବୀରମହାରାଜପୁର ଥାନା ଭିତରେ ସାପଖେଳ ଚାଲିଛି।

ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଗୌର ବିଗତ ୧୫ ବର୍ଷରୁ ଅଧିକ ସମୟ ହେଲା ଅଞ୍ଚଳରେ ଜଣେ ସାପଧରାଳିଭାବେ ପରିଚିତ ଥିଲେ। ଲୋକଙ୍କ ପାଖରୁ ଖବର ପାଇ ଯାଉଥିଲେ ଏବଂ ବିଷଧର ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡି ଦେଉଥିଲେ। ସେ ପ୍ରାୟ ୨୫ଶହରୁ ଅଧିକ ସାପ ଧରିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ହେଲେ ସୋମବାର ସାପ କାମୁଡାରେ ତାଙ୍କର ପ୍ରାଣହାନି ଘଟିଥିଲା। ଗୌର ସାପ ଧରିବାକୁ କୌଣସି ତାଲିମ ପାଇ ନ ଥିଲେ। ବନ ବିଭାଗର ନିୟମ ମୁତାବକ ପଞ୍ଜୀକରଣ ପାଇଁ ସେ ଅନେକ ଥର ଜିଲା ବନ ବିଭାଗ କାର୍ଯ୍ୟାଳୟ ଯାଇଥିଲେ ହେଁ ତାହା ସମ୍ଭବ ହୋଇ ନଥିଲା। ତେବେ ବନ୍ୟା ଜନ୍ତୁ ସୁରକ୍ଷା ଆଇନ ଅନୁସାରେ ସାପ ଖେଳ ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ହୋଇଥିବା ବେଳେ ଥାନା ଭିତରେ କେଉଁ ପରିସ୍ଥିତିରେ ସାପ ଖେଳ ଚାଲି ଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆଙ୍କୁ ପଚାରିବାରୁ ଆମ କର୍ମଚାରୀମାନେ ମନା କରିବା ସତ୍ତ୍ୱେ ସମ୍ପୃକ୍ତ ବ୍ୟକ୍ତି ସାପ ଦେଖାଇଥିଲେ। ଏହି ଘଟଣା ଘଟିବା ପରେ ବନ ବିଭାଗ ସାପଟିକୁ ଥାନା ପରିସରରୁ ନେଇ ଯାଇଥିବା ସେ କହିଛନ୍ତି।

# ଆଜି ପ୍ରକାଶ ପାଇବ ପ୍ରଥମ ମେଧା ତାଲିକା

## ଯୁକ୍ତ୩ ନାମଲେଖା

ଭୁବନେଶ୍ୱର, ୨୪।୬ (ଅସମାପିକା ସାହୁ)

୨୦୨୪-୨୫ ଶିକ୍ଷାବର୍ଷରେ ଯୁକ୍ତ୩ ନାମଲେଖା ନିମନ୍ତେ ମଙ୍ଗଳବାର ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ଅପରାହ୍ନ ୪ଟାରେ ସାମ୍ସ ପୋର୍ଟାଲରେ ଏହା ଉପଲବ୍ଧ ହେବ। ୨୫ରୁ ୨୮ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ସ୍ଲାଇଡ୍ ଅପ୍‌ଶନ ଚୟନ କରିପାରିବେ। ଏଥିସହିତ ମନୋନୀତ ଛାତ୍ରୀଛାତ୍ର ଅନ୍‌ଲାଇନ୍‌ରେ ନାମଲେଖା ଫି' ଦାଖଲ କରିପାରିବେ। ୨୬ରୁ ୨୯ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ନାମଲେଖା ଅନୁଷ୍ଠିତ ହେବ। ସେହିଭଳି ଜୁଲାଇ ୫ ତାରିଖ ଅପରାହ୍ନ ୪ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ୬ ରୁ ୯ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ହେବ। ଜୁଲାଇ ୧୫ ତାରିଖ ଅପରାହ୍ନ ୪ଟାରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ତୃତୀୟ ପର୍ଯ୍ୟାୟରେ ମନୋନୀତ ଛାତ୍ରୀଛାତ୍ର ୧୬ରୁ ୧୯ତାରିଖ ଭିତରେ ନାମ ଲେଖାଇ ପାରିବେ। ଅଗଷ୍ଟ ୧ରୁ ଯୁକ୍ତ୩ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ।

ସୂଚନାଯୋଗ୍ୟ, ରାଜ୍ୟରେ ମୋଟ ୧,୦୫୬ଟି ଡିଗ୍ରୀ କଲେଜ ଥିବାବେଳେ ୨,୭୪,୧୫୧ ସିଟ୍ ରହିଛି। ଏଥିମଧ୍ୟରେ କଳାରେ ୧,୫୪,୮୨୮ ସିଟ୍ ଥିବାବେଳେ ପଦାର୍ଥ ବିଜ୍ଞାନରେ ୪୫,୦୭୧, ଜୈବବିଜ୍ଞାନରେ ୨୮,୨୨୮, ବାଣିଜ୍ୟରେ ୩୧,୯୬୪, ସେଲ୍‌ଫ ଫାଇନାନ୍ସିଂରେ ୪,୮୪୮ ଏବଂ ସଂସ୍କୃତରେ ୯,୨୧୨ ସିଟ୍ ରହିଛି। ତେବେ ଚଳିତବର୍ଷ ମୋଟ ୨,୩୭,୭୯୫ଜଣ ଛାତ୍ରୀଛାତ୍ର ନାମଲେଖା ପାଇଁ ଆବେଦନ କରିଛନ୍ତି। ଅର୍ଥାତ୍ ଏଥର ବି ନାମଲେଖା ପରେ ସିଟ୍ ବଳକା ପଡ଼ିବ।

# ଖୋର୍ଦ୍ଧା ରୋଡ୍‌ରେ ହେବ ୭.୪୧ କି.ମି.ର ରେଳ ଫ୍ଲାଏ ଓଭର

## ରେଳ ମନ୍ତ୍ରଣାଳୟର ମଞ୍ଜୁରୀ ମିଳିଲା

ଭୁବନେଶ୍ୱର,୨୪।୬ (ଅନୁରାଧା ମହାରଣା)

ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେଶନରେ ନିର୍ମାଣ ହେବ ଫ୍ଲାଏ ଓଭର। ଏନେଇ ପୂର୍ବତଟ ରେଳପଥ ପକ୍ଷରୁ ଦିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ରେଳ ମନ୍ତ୍ରଣାଳୟ ମଞ୍ଜୁରୀ ଦେଇଛି। ଟ୍ରେନ ଚଳାଚଳକୁ ସୁଗମ କରିବା ଏବଂ ହାଓଡା-ଚେନ୍ନାଇ ମେନ୍ ଲାଇନ ଓ ଖୋର୍ଦ୍ଧା ରୋଡ୍-ପୁରୀ ଶାଖା ଲାଇନ୍‌ରେ ଟ୍ରେନ ବିଳମ୍ବକୁ ହ୍ରାସ କରିବା ପାଇଁ ପୂର୍ବତଟ ରେଳପଥ ଫ୍ଲାଏଓଭର ନିର୍ମାଣ ପାଇଁ ପୂର୍ବରୁ ପ୍ରସ୍ତାବ ଦେଇଥିଲା। ଭାରତୀୟ ରେଳପଥର ଶକ୍ତି କରିଡର ଯୋଜନା ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପ ବ୍ୟସ୍ତବହୁଳ ରେଳ ସେକ୍ସନରେ ଟ୍ରେନ ଚଳାଚଳକୁ ସୁଗମ କରିବ। ପ୍ରସ୍ତାବିତ ଫ୍ଲାଏଓଭରର ମୂଲ୍ୟ ୧୯୧.୮୭ କୋଟି ଟଙ୍କା ଆକଳନ କରାଯାଇଛି। ଏହା ଖୋର୍ଦ୍ଧା ରୋଡ୍ ଷ୍ଟେଶନରେ ଟ୍ରାଫିକ ସମସ୍ୟା କମ୍ କରିବା ସହ ପୁରୀରୁ ଭୁବନେଶ୍ୱର ଯାତାୟାତ କରୁଥିବା ଟ୍ରେନ୍‌ଗୁଡିକୁ ଡାଉନ ଲାଇନକୁ ସ୍ୱତନ୍ତ୍ର ଭାବେ ସଂଯୋଗ କରିବ। ଉପଲବ୍ଧ ରେଳ ଜମି ମଧ୍ୟରେ କିମ୍ବା ଜମି ଅଧିଗ୍ରହଣର ଆବଶ୍ୟକତାକୁ କମ୍ କରି ୭.୪୧ କି.ମି. ଦୀର୍ଘ ଫ୍ଲାଏ ଓଭର ନିର୍ମାଣ କରାଯିବ। ବିଭିନ୍ନ ଟ୍ରେନ୍ ଗତିବିଧିକୁ ପରିଚାଳନା କରୁଥିବା ଖୋର୍ଦ୍ଧା ରୋଡ୍ ରେଳ ଷ୍ଟେଶନ ଏକ ପ୍ରମୁଖ ସଂଯୋଗ ସ୍ଥାନ ବା ଜଙ୍କ୍ସନ। ଏହି ଫ୍ଲାଏ ଓଭର ନିର୍ମାଣ ଭୁବନେଶ୍ୱର-ବ୍ରହ୍ମପୁର ଏବଂ ଖୋର୍ଦ୍ଧା ରୋଡ୍-ପୁରୀ ରେଳ ସେକ୍ସନରେ ଟ୍ରେନ୍‌ର ଏକକାଳୀନ ଗତିବିଧିକୁ ସହଜ କରିବ। ପୁରୀ ଦିଗରୁ କ୍ରସ୍ ଟ୍ରାଫିକ ଅନୁମତି ଦେବା ପାଇଁ ଖୋର୍ଦ୍ଧା ରୋଡ୍‌ରେ ଟ୍ରେନ ଚଳାଚଳ ବନ୍ଦ କରିବାକୁ ପଡୁଥିଲା। ଏହାଦ୍ୱାରା ବିଳମ୍ବ ଏବଂ ଟ୍ରେନ ଚଳାଚଳ କ୍ଷେତ୍ରରେ ସମସ୍ୟା ଦେଖାଦେଉଥିଲା। ଅସୁବିଧାଜନକ ଟ୍ରେନ ଚଳାଚଳ ହ୍ରାସ କରାଇବା ଏବଂ କ୍ରସ-ମୁଭ୍‌ମେଣ୍ଟ ବନ୍ଦୋବସ୍ତକୁ ଦୂର କରି ଏହି ନୂତନ ରେଳ ଫ୍ଲାଏଓଭର ଯାତ୍ରୀଙ୍କ ପାଇଁ ସମୁଦାୟ ଯାତ୍ରା ଅଭିଜ୍ଞତାକୁ ବୃଦ୍ଧି କରିବ। ଏଥିସହ ଏହି ଅଞ୍ଚଳରେ ଭାରତୀୟ ରେଳପଥର କାର୍ଯ୍ୟକ୍ଷମତା ବୃଦ୍ଧି ପାଇବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

# ଖୋଲିଲା ସ୍କୁଲ, ଇଣ୍ଟରନେଟ୍ ସେବା ସ୍ୱାଭାବିକ

## ଟାଉନ୍ ଥାନା ଅଞ୍ଚଳରେ ସକାଳ ୫ରୁ ସନ୍ଧ୍ୟା ୫ କର୍ଫ୍ୟୁ କୋହଳ

ବାଲେଶ୍ୱର, ୨୪।୬(ମାନସ ବିଶ୍ୱାଳ)

ଗୋଷ୍ଠୀ ସଂଘର୍ଷରୁ ଅଶାନ୍ତ ହୋଇପଡିଥିବା ବାଲେଶ୍ୱର ସହରର ସ୍ଥିତି ସ୍ୱାଭାବିକ ହେଉଛି। ସହରରେ ବନ୍ଦ ଥିବା ସ୍କୁଲ, କଲେଜଗୁଡ଼ିକ ସୋମବାରଠାରୁ ଖୋଲାଯାଇଛି। ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଥିବା ସ୍କୁଲଗୁଡ଼ିକ ୧୦ଟାରୁ ଆରମ୍ଭ ହୋଇଥିବା ବେଳେ ଟାଉନ ଥାନାରେ ସକାଳୁଆ ସ୍କୁଲ ହୋଇଥିଲା। ସହରରେ ବନ୍ଦ ରହିଥିବା ମୋବାଇଲ ଇଣ୍ଟରନେଟ୍ ସେବା ପୂର୍ବାହ୍ନ ୧୦ଟାରୁ ଉପଲବ୍ଧ ହୋଇଛି। ସେହିପରି ମଙ୍ଗଳବାର ପାଇଁ ଜିଲା ପ୍ରଶାସନ ପକ୍ଷରୁ କର୍ଫ୍ୟୁ ଗାଇଡଲାଇନ୍ ଜାରି କରାଯାଇଛି। ସହଦେବଖୁଣ୍ଟା ଥାନା ଅଞ୍ଚଳରେ ପୂର୍ବଦିନ ଭଳି ସକାଳ ୫ରୁ ରାତି ୯ଟା ପର୍ଯ୍ୟନ୍ତ ଓ ଟାଉନ ଥାନା ଅଞ୍ଚଳରେ ସକାଳ ୫ରୁ ସନ୍ଧ୍ୟା ୫ ପର୍ଯ୍ୟନ୍ତ କର୍ଫ୍ୟୁ କୋହଳ କରାଯାଇଛି।

ବିଶେଷ କରି ବାଲେଶ୍ୱର ପୌରାଞ୍ଚଳରେ ୩ଟି ଥାନା ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଥିଲା। ସ୍ଥିତିରେ ସୁଧାର ଆସିବା ପରେ ଶିଳ୍ପାଞ୍ଚଳ ଥାନା ଅଞ୍ଚଳରୁ ସମ୍ପୂର୍ଣ୍ଣ ଭାବେ କର୍ଫ୍ୟୁ ହଟାଇ ଦିଆଯାଇଥିବା ବେଳେ ସହଦେଖୁଣ୍ଟା ଥାନା ଅଞ୍ଚଳରେ ସକାଳ ୫ରୁ ରାତି ୯ଟା ଯାଏ କର୍ଫ୍ୟୁ କୋହଳ କରାଯାଇଥିଲା। ସୋମବାରଠାରୁ ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଥିବା ସ୍କୁଲଗୁଡିକ୍ ୧୦ଟାରୁ ଆରମ୍ଭ ହୋଇଛି। ସେହିପରି ଟାଉନ ଥାନା ଅଞ୍ଚଳରେ ସକାଳ



କଣ୍ଢେଇ ଛକରେ ଥିବା ପୋଲିସ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାର୍ଥନା କରାଯାଉଛି।

୫ରୁ ଅପରାହ୍ନ ୨ଟା ଯାଏ କର୍ଫ୍ୟୁ କୋହଳ କରାଯାଇଥିଲା। ଉକ୍ତ ଅଞ୍ଚଳରେ ଥିବା ସ୍କୁଲ କଲେଜଗୁଡିକ କର୍ଫ୍ୟୁ କୋହଳ ମଧ୍ୟରେ ଚାଲିବାକୁ ନିଷ୍ପତ୍ତି ହୋଇଥିବା ବେଳେ ସକାଳୁଆ ସ୍କୁଲ ହୋଇଥିବା ଦେଖିବାକୁ ମିଳିଛି। କର୍ଫ୍ୟୁ ପରେ ସ୍କୁଲ ଖୋଲିଥିବା ବେଳେ ପ୍ରଥମ ଦିନରେ ପିଲାମାନଙ୍କ ସଂଖ୍ୟା କମ୍ ଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଗତ ମଙ୍ଗଳବାରଠାରୁ ପୌରାଞ୍ଚଳରେ ଇଣ୍ଟରନେଟ ବନ୍ଦ ରହିଥିଲା। ପରେ କେବଳ ଲିଜ୍‌ଲାଇନ ଇଣ୍ଟରନେଟ ସୁବିଧା ପ୍ରଦାନ କରାଯାଇଥିଲା। ରବିବାରଠାରୁ ବ୍ରଡବ୍ୟାଣ୍ଡ, ଲ୍ୟାଣ୍ଡଲାଇନ ଇଣ୍ଟରନେଟ ସୁବିଧା ପ୍ରଦାନ କରାଯାଇଥିଲା। ରବିବାର ଜିଲା ପ୍ରଶାସନ ସ୍ଥିତି ସମୀକ୍ଷା କରିବା ପରେ ସୋମବାରଠାରୁ ପୌରାଞ୍ଚଳରେ ସବୁ ପ୍ରକାର ଇଣ୍ଟରନେଟ ସୁବିଧା ପ୍ରଦାନ କରାଯାଇଛି। ଇଣ୍ଟରନେଟ ସୁବିଧା ପ୍ରଦାନ ପରେ ଏବେ ପୋଲିସ ପ୍ରଶାସନ ଏବଂ ସାଇବର ଟିମ ସୋସିଆଲ ମିଡ଼ିଆ ଉପରେ ତୀକ୍ଷ୍ଣ ନଜର ରଖିଛି। ମିଥ୍ୟା ପ୍ରଚାର ଏବଂ ଗୁଜବ ସୃଷ୍ଟି କରୁଥିବା ପୋଷ୍ଟ ଉପରେ କଡ଼ା ନଜର ରଖାଯାଇଥିବା ବେଳେ ସମ୍ପୃକ୍ତ ପୋଷ୍ଟ କରିଥିବା ସୋସିଆଲ ମିଡିଆ ୟୁଜରଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଏଥିପାଇଁ ଗୁଜବଠାରୁ ଦୂରେଇ ରହିବା ପାଇଁ ଆହ୍ୱାନ ଦିଆଯାଇଛି। କୌଣସି ବ୍ୟକ୍ତି ଗଣ୍ଡଗୋଳରେ ସହଯୋଗ କରିବା ଓ ଉସୁକାଉଥିବା ଭଳି କାର୍ଯ୍ୟ କଲେ ବାଲେଶ୍ୱର ସାଇବର ହେଲ୍ପ ଡେସ୍କର ହେଲ୍ପ ଲାଇନ୍ ନଂ.-୭୮୫୫୮୭୭୧୯୯ ଓ ଜରୁରୀକାଳୀନ ସେବା ନଂ.-୧୦୦ ଏବଂ ୧୧୨ ଏବଂ ଇ-ମେଲ୍-Socialmedia. bls@odishapolice.gov.in ଯୋଗେ ସୂଚନା ଦେବା ପାଇଁ ଜିଲାପାଳ ଆଶିଷ ଠାକ୍‌ରେ ଓ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କ ପକ୍ଷରୁ କୁହାଯାଇଛି।

ଗୋଷ୍ଠୀ ସଂଘର୍ଷର ସମାଧାନ ରାସ୍ତା ଧୀରେ ଧୀରେ ବାହାରିବାରେ ଲାଗିଛି। କେମିତି ପୁଣିଥରେ ଶାନ୍ତି ଫେରାଇ ଆଣିହେବ ସେନେଇ ସବୁ ବର୍ଗର ଲୋକମାନେ ଚେଷ୍ଟା ଜାରି ରଖିଛନ୍ତି। ଜିଲାପାଳ ଏବଂ ଏସ୍‌ପି ଏନେଇ ଉଦ୍ୟମ ଜାରି ରଖିଥିବା ବେଳେ ବିଭିନ୍ନ ବ୍ୟକ୍ତିବିଶେଷ, ସଙ୍ଗଠନ, ଓକିଲ ସଂଘ, ରାଜନୈତିକ ଦଳ ସହ ଆଲୋଚନା କରି କେମିତି ଶାନ୍ତି ଫେରିବ ସେନେଇ ପ୍ରଚେଷ୍ଟା ଜାରି ରଖିଛନ୍ତି। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ମାନସ ଦତ୍ତ ଜିଲା ପ୍ରଶାସନ ସହ ବାରମ୍ବାର ଆଲୋଚନା ଓ ପର୍ଯ୍ୟାଲୋଚନା କରି ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇବା ସହ ରାଜ୍ୟ ସରକାରଙ୍କ ସହଯୋଗରେ ସହରରେ ଶାନ୍ତି ଫେରାଇ ଆଣିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି। ସେହିପରି ଇଣ୍ଡିଆ ମେଣ୍ଟ ତରଫରୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସର ଏକ ଟିମ୍ ଏବଂ ବିଜେଡି ଜିଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ବିଜେଡିର ବିଧାୟକ, ପୂର୍ବତନ ବିଧାୟକ ଏବଂ ନେତୃବର୍ଗ ଜିଲାପାଳ ଏବଂ ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି।

ଯଦି ତୁମେ ଠିକ୍‌ କାର୍ଯ୍ୟ କରୁଛ ବୋଲି ଜାଣୁଥାଅ- ତେବେ ଅନ୍ୟର ମତାମତ ଉପରେ ଗୁରୁତ୍ୱ ଦେବାର କିଛି କାରଣ ନାହିଁ। ଅନ୍ତରର ଯଥାର୍ଥ ପ୍ରେରଣା ଦ୍ୱାରା ପରିଚାଳିତ ହୋଇ ଯାହା କରାଯାଏ, ତାହା ନିର୍ଭୁଲ ହେବା ସ୍ୱାଭାବିକ। କିନ୍ତୁ ଏହି ଯଥାର୍ଥ ପ୍ରେରଣାକୁ ବୁଝିବା ମଧ୍ୟ ସହଜ ନୁହେଁ। -ଶ୍ରୀମା



# ପାଟି ଚୁପ୍‌

ନିକଟରେ ଅଷ୍ଟାଦଶ ଲୋକ ସଭା ନିର୍ବାଚନ ଶେଷ ହୋଇ କେନ୍ଦ୍ରରେ ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ନ୍ୟାଶନାଲ ଡେମୋକ୍ରାଟିକ ଆଲାଏନ୍ସ (ଏନ୍‌ଡିଏ)ର ମିଳିତ ସରକାର ଗଠନ ହୋଇଛି। ଏହି କ୍ରମରେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ତାଙ୍କର ତୃତୀୟ ପାଳି ଆରମ୍ଭ କରିଛନ୍ତି। କିନ୍ତୁ ନିର୍ବାଚନ ପରେ ଭାଜପା ନିଜେ ମ୍ୟାଜିକ ନମ୍ବର ହାସଲ କରି ନ ପାରିବା ପଛରେ ଅନେକ କାରଣ ରହିଥିବା ରାଜନୈତିକ ପର୍ଯ୍ୟବେକ୍ଷକମାନେ କହୁଛନ୍ତି। ଏହା ସହ ୨୦୨୪ ଲୋକ ସଭା ନିର୍ବାଚନର ଉଲ୍ଲେଖନୀୟ ବିଷୟ ହେଉଛି, ଭାରତର ବୃହତ୍ତମ ତଥା ଜନବହୁଳ ରାଜ୍ୟ ଉତ୍ତରପ୍ରଦେଶ(ୟୁପି)ରେ ମୋଟ ୮୦ଟି ଲୋକ ସଭା ଆସନ ମଧ୍ୟରୁ ଭାଜପା ୩୩ଟିରେ ସୀମିତ ରହିଛି। ସେଠାରେ ସର୍ବବୃହତ ଦଳ ଭାବେ ସମାଜବାଦୀ ପାର୍ଟି ୩୭ ଆସନ ପାଇଥିବାବେଳେ କଂଗ୍ରେସ ୬ଟି , ରାଷ୍ଟ୍ରୀୟ ଲୋକ ଦଳ ୨, ଅପନା ଦଳ( ଏସ୍‌) ୧ ଓ ଆଜାଦ ସମାଜ ପାର୍ଟି ( କାଂଶିରାମ)୧ ଆସନ ହାସଲ କରିଛି। ଏଠାରେ ସୂଚିତ କରାଯାଇପାରେ ଯେ, ୨୦୧୯ ଲୋକ ସଭା ନିର୍ବାଚନରେ ଭାଜପା ୬୨, ବିଏସ୍‌ପି ୧୦, ସପା ୫, ଅପନା ଦଳ ୨ ଓ କଂଗ୍ରେସ ମାତ୍ର ୧ ଆସନ ଜିତିଥିଲା। ୨୦୧୯ ନିର୍ବାଚନ ଫଳାଫଳ ତୁଳନାରେ ଉତ୍ତରପ୍ରଦେଶରେ ଭାଜପାର ଏଭଳି ବିପର୍ଯ୍ୟୟକୁ ନେଇ ଆଲୋଚନା ପର୍ଯ୍ୟାଲୋଚନା ଜାରି ରହିଥିବାବେଳେ ସେଠାକାର ସରକାରଙ୍କ ଏବକାର ଏକ ପଦକ୍ଷେପ ବିଫଳତାର ପ୍ରତିକ୍ରିୟାକୁ ଦର୍ଶାଇଛି। ୟୁପି ସରକାର କାର୍ଯ୍ୟରତ ସରକାରୀ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ସୋସିଆଲ ମିଡିଆ ସମେତ ମୁଖ୍ୟଧାରା ଗଣମାଧ୍ୟମରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖନୀୟ ଯେ, ପୂର୍ବରୁ ଉତ୍ତରପ୍ରଦେଶ ସରକାରୀ ଚାକିରିଆ ଆଚରଣ ନିୟମ ୧୯୫୬ରେ ସରକାରୀ କର୍ମଚାରୀମାନେ ଛାପାଗଣମାଧ୍ୟମ ଓ ରେଡିଓ କାର୍ଯ୍ୟକ୍ରମରେ ଭାଗ ନେଇପାରିବେ ନାହିଁ ବୋଲି ରହିଥିଲା। ବର୍ତ୍ତମାନ ଏହି ନିୟମକୁ ବିସ୍ତାର କରି କଟକଣା ପରିସରରେ ସୋସିଆଲ ମିଡିଆ ଓ ଇଲେକ୍ଟ୍ରୋନିକ ମିଡିଆକୁ ସାମିଲ କରାଯାଇଛି। ଏପରିକି ସରକାରୀ କର୍ମଚାରୀମାନେ କୌଣସି ରେଡିଓ କାର୍ଯ୍ୟକ୍ରମରେ ଭାଗ ନ ନେବା ବିଷୟ ଦୋହରାଯିବା ସହ ଛାପା ଗଣମାଧ୍ୟମରେ ନ ଲେଖିବା ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି କଟକଣା ଜାରି ହେବା ପରେ ସରକାରୀ କର୍ମଚାରୀମାନଙ୍କର ଥିବା କୌଣସି ସଂଗଠନ ତରଫରୁ ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ତେବେ ନିଜର ନାମ ଗୋପନୀୟ ରଖି ଅନେକ କର୍ମଚାରୀ ଉତ୍ତରପ୍ରଦେଶର ବିଭିନ୍ନ ଗଣମାଧ୍ୟମକୁ ସରକାରଙ୍କର ଏହି ନିଷ୍ପତ୍ତି ବିରୋଧରେ ମତ ଦେଇଛନ୍ତି। ଅବଶ୍ୟ ଏଠାରେ ଉଲ୍ଲେଖ କରାଯିବା ଉଚିତ ହେବ ଯେ, ଉତ୍ତରପ୍ରଦେଶ ରାଜ୍ୟ ସରକାରଙ୍କର ଏହି କଟକଣା କେବଳ ମାତ୍ର ରାଜନୈତିକ ମତାମତ ଏବଂ ସରକାରୀ କାର୍ଯ୍ୟକଳାପ ସମ୍ପର୍କିତ ମତ କୌଣସି ଗଣମାଧ୍ୟମରେ ଦିଆଯାଇପାରିବ ନାହିଁ ବୋଲି କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସୀମିତ ଦୁଇଟି ବିଷୟ ବ୍ୟତୀତ ଅନ୍ୟ ବ୍ୟକ୍ତିଗତ, ବୈଜ୍ଞାନିକ, ସାଂସ୍କୃତିକ ଭଳି ବିଷୟ ଉପରେ ରୋକ ଲଗାଯାଇନାହିଁ।

କୌତୂହଳର ବିଷୟ ହେଲା ଉଭୟ କେନ୍ଦ୍ର ଓ ଉତ୍ତରପ୍ରଦେଶରେ ଭାଜପାର ସରକାର ରହିଆସିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କର ୨୦୧୪ ଓ ୨୦୧୯ ଉଭୟ ନିର୍ବାଚନ ପ୍ରସ୍ତୁତିରେ ସୋସିଆଲ ମିଡିଆ ଏବଂ ଇଲେକ୍ଟ୍ରୋନିକ ମିଡିଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ବିଶେଷକରି ସୋସିଆଲ ମିଡିଆର ଅଧିକ ବ୍ୟବହାର କରି ଭାଜପା ତାହାର ଲୋକପ୍ରିୟତା ପ୍ରବଳ ମାତ୍ରାରେ ବୃଦ୍ଧି କରିବାରେ ସଫଳ ହୋଇଥିଲା। ଏବେ ଏଭଳି ଏକ ସରକାରୀ ନିର୍ଦ୍ଦେଶ ଦେଖି ମନେ ହେଉଛି ଯେପରି ପରିସ୍ଥିତିର ମୋଡ଼ ଭିନ୍ନ ଦିଗକୁ ଯାଉଛି। ବିଶେଷକରି ସୋସିଆଲ ମିଡିଆର ବ୍ୟବହାର କରୁଥିବା ଭାଜପା ସମର୍ଥକମାନେ ଯଥେଷ୍ଟ ପରିମାଣରେ ନୀରବ ପଡ଼ିଯାଇଥିବା ପରିଲକ୍ଷିତ ହେଉଛି। ସରକାରଙ୍କର ଅନେକ ଦୋଷଦୁର୍ବଳତା ପଦାକୁ ଆସିବା ପରେ ଜନସାଧାରଣଙ୍କ ମନରେ ସମ୍ବିଧାନ ଏବଂ ସ୍ୱାଧୀନତା ସମ୍ପର୍କରେ ଚିନ୍ତା ପଶିଲା, ଯାହାଫଳରେ ୨୦୨୪ ନିର୍ବାଚନରେ ମୋଦିଙ୍କ ନେତୃତ୍ୱାଧୀନ ଭାଜପା ଏକାକୀ ୨୭୨ ଆସନ ହାସଲ କରିପାରିଲା ନାହିଁ। ଆଜିର କେନ୍ଦ୍ର ସରକାର ବହୁ ପରିମାଣରେ ଆନ୍ଧ୍ରର ତେଲୁଗୁଦେଶମ ପାର୍ଟି ଏବଂ ବିହାରର ଜେଡି (ଏସ୍‌)ର ସମର୍ଥନ ଉପରେ ନିର୍ଭରଶୀଳ। ସେଥିପାଇଁ ଉତ୍ତରପ୍ରଦେଶ ନିର୍ବାଚନ ପୂର୍ବରୁ ମହାରାଷ୍ଟ୍ର, ଝାଡ଼ଖଣ୍ଡ ଭଳି ଅନ୍ୟ କେତୋଟି ରାଜ୍ୟରେ ହେବାକୁ ଥିବା ନିର୍ବାଚନରେ ଭାଜପା ବଞ୍ଚିବା ପାଇଁ ଲଢ଼େଇ କରିବ। ସେଭଳି ଲଢ଼େଇରେ ଗଣମାଧ୍ୟମର ବିଶେଷକରି ସୋସିଆଲ ମିଡିଆ, ଖବରକାଗଜ ଏବଂ ଟେଲିଭିଜନର ଭୂମିକା ଅନେକ ପରିମାଣରେ ଗୁରୁତ୍ୱ ଧାରଣ କରିବ। ହୁଏତ ଏହି ଚିନ୍ତା ଉତ୍ତରପ୍ରଦେଶରେ ଏବେଠାରୁ ଅସୁବିଧା ସୃଷ୍ଟି କଲାଣି। ଶେଷରେ କୁହାଯାଇପାରେ ଯେ, ସରକାରୀ କର୍ମଚାରୀ ମଧ୍ୟ ଦେଶର ନାଗରିକ। ଚାକିରି ବ୍ୟତୀତ ସେମାନଙ୍କର ଗଣତାନ୍ତ୍ରିକ ଚିନ୍ତାଧାରା ରହିଛି। କାରଣ ସରକାରୀ କର୍ମଚାରୀ ହେଉଛନ୍ତି ବ୍ୟବସ୍ଥାର ସର୍ବୋଚ୍ଚରେ। ତାଙ୍କର ମତାମତ ପ୍ରକାଶ କରିବାର ସୁଯୋଗ ଉପରେ ଠିପି ମାରିଦେଲେ ତାହା କେତେଦୂର ପରିସ୍ଥିତିକୁ ସମ୍ଭାଳିବ ଏବେ କହିବା କଷ୍ଟକର।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | 1 | | 9 | | | 6 |
| | | | | | | | 1 | |
| | | | | | | 9 | 7 | |
| 5 | | | | 2 | | 3 | | |
| | | 1 | 5 | | | | | |
| | | 4 | | | | 7 | 6 | |
| | | | 2 | | | | 3 | |
| 9 | 6 | | 7 | 5 | | 2 | | |
| 7 | 2 | | | 4 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 4 | 9 | 7 | 6 | 3 | 8 | 2 | 5 |
| 5 | 6 | 3 | 2 | 1 | 8 | 7 | 9 | 4 |
| 8 | 7 | 2 | 4 | 5 | 9 | 1 | 6 | 3 |
| 2 | 5 | 6 | 3 | 8 | 1 | 4 | 7 | 9 |
| 7 | 9 | 1 | 5 | 2 | 4 | 6 | 3 | 8 |
| 3 | 8 | 4 | 9 | 7 | 6 | 5 | 1 | 2 |
| 6 | 3 | 5 | 8 | 9 | 7 | 2 | 4 | 1 |
| 9 | 2 | 7 | 1 | 4 | 5 | 3 | 8 | 6 |
| 4 | 1 | 8 | 6 | 3 | 2 | 9 | 5 | 7 |

ଗତକାଲିର ଉତ୍ତର

# ସ୍କୁଲରେ ଆର୍ଥିକ ଶିକ୍ଷା



ଅନନ୍ତ ଚରଣ ସ୍ୱାଇଁ

ଆର୍ଥିକ ଶିକ୍ଷା ପିଲାର ଆଚାର, ବ୍ୟବହାର ଓ ମନୋବୃତ୍ତିରେ ସକାରାତ୍ମକ ପରିବର୍ତ୍ତନ ଆଣେ। ପରୀକ୍ଷାରେ ଭଲ ପ୍ରଦର୍ଶନ କରିବା ପାଇଁ ଯେପରି ପୂର୍ବ ପ୍ରସ୍ତୁତି ଦରକାର, ଠିକ୍‌ ସେହିପରି ଅର୍ଥର ସଦୁପଯୋଗ ପାଇଁ ପୂର୍ବ ପ୍ରସ୍ତୁତିର ଆବଶ୍ୟକତା ରହିଛି। ଅର୍ଥ ବିଶାରଦଙ୍କ ମତରେ ଅର୍ଥ ସମ୍ବନ୍ଧୀୟ ବ୍ୟବହାରିକ ଜ୍ଞାନ ପିଲାଦିନରୁ ଶିକ୍ଷା କରିବା ଉଚିତ। ମାତାପିତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଲାଟି ଅର୍ଥର ଠିକ୍‌ ବିନିଯୋଗ କରିବା ଦ୍ୱାରା କ୍ରମେ ଏହି ଅର୍ଥର ସଦ୍‌ବ୍ୟବହାର ଏକ ଅଭ୍ୟାସରେ ପଡ଼ିଯାଏ। ଶୃଙ୍ଖଳା ଓ ଅନୁଶାସନରେ ବଢୁଥିବା ପିଲାମାନେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇଥାଆନ୍ତି। ଶୃଙ୍ଖଳା ଓ ଅନୁଶାସନ ଶିକ୍ଷା କରିବାର ପ୍ରକୃଷ୍ଟ ସମୟ ହେଉଛି ପିଲା ବୟସ ଏବଂ ସର୍ବୋତ୍ତମ ସ୍ଥାନ ହେଉଛି ସ୍କୁଲ ଓ ନିଜ ଘର। ପିଲାଦିନରୁ ଶୃଙ୍ଖଳା ଓ ଅନୁଶାସନ ଭିତରେ ବଢୁଥିବା ପିଲା ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇଥାଆନ୍ତି। ୧୯୭୦ରେ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ୱାଲ୍ଟର ମିସେଲ ଓ ଇବେ ବି. ଇବେସେନଙ୍କ ଗବେଷଣାରୁ ଏହା ସ୍ପଷ୍ଟ। ସେମାନେ ନର୍ସରିରେ ପଢୁଥିବା ୩ବର୍ଷ ୬ମାସରୁ ୫ ବର୍ଷ ୮ ମାସ ବୟସ ମଧ୍ୟରେ କିଛି ପିଲାଙ୍କୁ ଗୋଟିଏ କୋଠରିକୁ ଆଣିଲେ। କୋଠରିରେ ଥିବା ଗୋଟିଏ ଟେବୁଲ ଚାରିପଟେ ସେମାନଙ୍କର ବସିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଟେବୁଲ ଉପରେ ରଖାଯାଇଥିଲା ସ୍ୱାଦିଷ୍ଟ ଓ ଆକର୍ଷଣୀୟ ମାର୍ଶମ୍ୟାଲୋ (ଏକ ପ୍ରକାର ମିଠା ବା ସ୍ୱାଦିଷ୍ଟ ଟଫି)। ପିଲାମାଙ୍କୁ କୁହାଗଲା ଯେ ଯଦି ୧୫ ମିନିଟ ପର୍ଯ୍ୟନ୍ତ ସେମାନଙ୍କ ସାମ୍ନାରେ ରଖାଯାଇଥିବା ମାର୍ଶମ୍ୟାଲୋ ବା ଟଫିକୁ ନ ଖାଆନ୍ତି ତେବେ ସେମାନଙ୍କୁ ଦୁଇଟି ଲେଖାଏ ମାର୍ଶମ୍ୟାଲୋ ମିଳିବ । କିଛି ପିଲା ମାର୍ଶମ୍ୟାଲୋ ବା ଟଫି ଖାଇବାର ପ୍ରବଳ ଆସକ୍ତିକୁ ପ୍ରତିରୋଧ କରିପାରି ନ ଥିଲେ। କେହି ଗୋଟିଏ ମିନିଟ୍‌, କେହି କେହି ୩ ମିନିଟ୍‌ ଅପେକ୍ଷା କଲେ, କେହି କେହି ଅପେକ୍ଷା କଲେ ୫ ମିନିଟ୍‌ ଏବଂ ଆଉ କିଛି ୧୪ ମିନିଟ୍‌ ୩୦ ସେକେଣ୍ଡ ଅପେକ୍ଷା କଲା ପରେ ମଧ୍ୟ ଖାଇବାର ଲୋଭ ସମ୍ବରଣ କରି ନ ପାରି ଗୋଟିଏ ମାର୍ଶମ୍ୟାଲୋ ନେଇଥିଲେ। ଦୁଇତୃତୀୟାଂଶରୁ ଅଧିକ ପିଲା ଖାଇବାର ପ୍ରଲୋଭନକୁ ପ୍ରତିରୋଧ ନ କରିପାରିବାରୁ ଗୋଟିଏ ଲେଖାଏ ମାର୍ଶମ୍ୟାଲୋରେ ନିଜକୁ ସନ୍ତୁଷ୍ଟ କରିବାକୁ ପଡିଥିଲା। ମାତ୍ର ଏକତୃତୀୟାଂଶ ପିଲା ୧୫ ମିନିଟ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କଲେ ଏବଂ ସେଥିପାଇଁ ସେମାନଙ୍କୁ ଦୁଇଟି ଲେଖାଏ ମାର୍ଶମ୍ୟାଲୋ ବା ଟଫି ମିଳିଥିଲା। ଏ ଥିଲା ୧୯୭୦ ମସିହାର କଥା। ଏହାର ଅଠର ବର୍ଷ ପରେ ସେତେବେଳର ଛୋଟ ପିଲାମାନେ ବଡ ହୋଇଯାଇଥିଲେ। ଗବେଷକ ଦ୍ୱୟ ସେହି ପିଲାମାନଙ୍କ ମାତାପିତାଙ୍କ ସହ କଥାହେଲେ। ସେମାନେ ଜାଣିବାକୁ ପାଇଲେ,ଯେଉଁ ଏକତୃତୀୟାଂଶ ଛାତ୍ର ୨ଟି ମାର୍ଶମ୍ୟାଲୋ ନେଇ ଚାଲିଯାଇଥିଲେ, ସେମାନେ ଶୃଙ୍ଖଳିତ ଓ ସବୁ କାମରେ ଦକ୍ଷ। ୧୯୯୦ରେ ହୋଇଥିବା ଅନ୍ୟ ଏକ ଗବେଷଣାର ଫଳାଫଳରୁ ଜଣାଯାଏ ୪ ବର୍ଷ ବୟସରେ ପ୍ରଲୋଭନକୁ ପ୍ରତିରୋଧ କରିଥିବା ପିଲାମାନେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଏପରି କି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଖ୍ୟାତ କଲେଜରେ ଆଡ୍‌ମିଶନ ପାଇଁ ହେଉଥିବା ପ୍ରତିଯୋଗିତାରେ ସେମାନେ ଅଧିକ ନମ୍ବର ସ୍କୋର କରିଥାଆନ୍ତି। ପ୍ରଫେସର ମିସେଲ ଏବଂ ଇବେସେନ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ଆତ୍ମ ନିୟନ୍ତ୍ରଣର ଅଭାବ ହେଉଛି ଅସଫଳତାର କାରଣ। ପ୍ରଲୋଭନକୁ ପ୍ରତିରୋଧ କିମ୍ବା ବିଳମ୍ବିତ ସନ୍ତୁଷ୍ଟି ଜୀବନରେ ସବୁ କ୍ଷେତ୍ରରେ ସଫଳତା ଆଣିଥାଏ।



ମନରେ ପ୍ରଶ୍ନ ଆସେ, ସ୍କୁଲରେ ପିଲାମାନଙ୍କୁ ଆର୍ଥିକ ଶିକ୍ଷା ଦେବା କେତେଦୂର ଯଥାର୍ଥ? ସେମାନଙ୍କର ତ ଆୟ ବୋଲି କିଛି ନ ଥାଏ। ଘରୁ ମିଳୁଥିବା ପକେଟମନି, କେତେକ ସ୍ଥଳେ ମିଳୁଥିବା ବୃତ୍ତି ସେମାନଙ୍କର ଏକମାତ୍ର ଆୟର ଉତ୍ସ। ବଡ ହେଲା ପରେ ଉଚ୍ଚ ଶିକ୍ଷା ପାଇଁ ପିଲାଟିକୁ ବାହାରକୁ ଯିବାକୁ ପଡେ। ଦୈନନ୍ଦିନ ଖର୍ଚ୍ଚ ସହ ପଢିବା ପାଇଁ ଦରକାର ହେଉଥିବା ଅର୍ଥ ପିଲା ହାତକୁ ଆସେ। ମିଳୁଥିବା ଟଙ୍କାକୁ କିପରି ଓ କେଉଁଥିରେ ଖର୍ଚ୍ଚ କରୁଛି ତାହା ଦେଖିବାକୁ ମଧ୍ୟ କେହି ନ ଥାନ୍ତି। କିନ୍ତୁ ସ୍କୁଲରେ ପାଇଥିବା ଆର୍ଥିକ ଶିକ୍ଷା, ଏହାର ବ୍ୟବହାରିକ ଜ୍ଞାନ ଓ ଅନୁଶାସନ ପିଲାର ମାର୍ଗ ଦର୍ଶନରେ ସହାୟକ ହୁଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଚକ୍ରବୃଦ୍ଧିର ଚମତ୍କାରିତା। ସ୍କୁଲ ସମୟରୁ ଆରମ୍ଭ କରିଥିବା ସଞ୍ଚୟ ଓ ନିବେଶ ପରବର୍ତ୍ତୀ ସମୟରେ ଚକ୍ରବୃଦ୍ଧି ହାରରେ ବଢି ବହୁତ ରିଟର୍ନ ଦେଇଥାଏ।

ପରିବାରର ଆୟ, ବ୍ୟୟ, ଆର୍ଥିକ ସ୍ଥିତି ସମ୍ପର୍କରେ ପିଲାଟି ଜାଣିବା ଦରକାର। ସଞ୍ଚୟ କ'ଣ, ଏହା ଆରମ୍ଭ କରିବାର ସମୟ, ମିତବ୍ୟୟତାର ଲାଭ, ଚକ୍ରବୃଦ୍ଧିର ଚମତ୍କାରିତା, ଅପବ୍ୟୟର କ୍ଷତି, ଜରୁରୀ, ଚାହିଦା ଓ ଅଯଥା ଖର୍ଚ୍ଚ ମଧ୍ୟରେ ଥିବା ତାରତମ୍ୟ ପରି ଅନେକ ବିଷୟ ଆର୍ଥିକ ଶିକ୍ଷାରୁ ମିଳିଥାଏ। ୨୫ ବର୍ଷରୁ ୬୦ ବର୍ଷ ବୟସ ହେଉଛି ଆୟ କରିବାର ସମୟ। ଦୀର୍ଘମିଆଦୀ ନିବେଶରୁ ପ୍ରାୟ ୧୦% ରୁ ୧୫% ରିଟର୍ନ ମିଳିଥାଏ। ୨୫ ବର୍ଷ ବୟସରୁ ଜଣେ ମାସକୁ ମାତ୍ର ୧୦୦୦ ଟଙ୍କା ଦୀର୍ଘ ୩୫ ବର୍ଷ ପର୍ଯ୍ୟନ୍ତ ନିବେଶ କଲେ ବାର୍ଷିକ ୧୨ ପ୍ରତିଶତ ହିସାବରେ ୬୦ ବର୍ଷ ବେଳକୁ ମିଳିବ ୧ .୨୯ କୋଟି। ଦଶ ବର୍ଷ ପରେ ଅର୍ଥାତ୍‌ ୩୫ ବର୍ଷ ବୟସରୁ ସଞ୍ଚୟ ଓ ନିବେଶ ଆରମ୍ଭ କଲେ ୬୦ ବର୍ଷ ହେବାକୁ ହାତରେ ଥିବ ମାତ୍ର ୨୫ ବର୍ଷ। ମାସକୁ ୬୦୦୦ ଟଙ୍କା ସଞ୍ଚୟ କଲେ ବାର୍ଷିକ ୧୨ ପ୍ରତିଶତ ହାରରେ ୨୫ ବର୍ଷରେ ମିଳିବ ୧ .୧୩ କୋଟି। ବିଳମ୍ବରେ ନିବେଶ ଆରମ୍ଭ କଲେ, ଷାଠିଏ ବର୍ଷ ବେଳକୁ କୋଟିଏ ଟଙ୍କାରୁ ଅଧିକ ରିଟର୍ନ ପାଇବାକୁ କିପରି ଅଧିକ ଟଙ୍କା ବିନିଯୋଗ ଦରକାର ତାହା ଏହି ଉଦାହରଣରୁ ସ୍ପଷ୍ଟ। ଲମ୍ବା ଅବଧିର ନିବେଶରୁ ଅଧିକ ଲାଭ ମିଳିଥାଏ। ମନେକର ୧୦ ବର୍ଷ ପିଲାର ଜନ୍ମଦିନରେ ଅଧିକ ଖର୍ଚ୍ଚ ନ କରି ମାତ୍ର ୧୦,୦୦୦ ଟଙ୍କା ୫୦ ବର୍ଷ ପର୍ଯ୍ୟନ୍ତ ନିବେଶ କରାଯାଏ ତା'ହେଲେ ପିଲାକୁ ୬୦ ବର୍ଷ ବେଳକୁ ବାର୍ଷିକ ୧୨ ପ୍ରତିଶତ ହିସାବରେ ସେଥିରୁ ମିଳିବ ୪୦ .୬୦ ଲକ୍ଷ ଟଙ୍କା। ନିବେଶର ଅବଧି ଯେତେ ଅଧିକ ହେବ ସେତେ ଅଧିକ ରିଟର୍ନ ମିଳିବ।

ବିଦ୍ୟାଳୟରେ ଆର୍ଥିକ ସାକ୍ଷରତା ଶିକ୍ଷା ଛାତ୍ରମାନଙ୍କୁ ସେମାନଙ୍କର ଆର୍ଥିକ ସୁସ୍ଥତା ପାଇଁ ଦୃଢ ଭିତ୍ତିଭୂମି ନିର୍ମାଣରେ ସାହାଯ୍ୟ କରିଥାଏ। ଅର୍ଥ ସମ୍ବନ୍ଧୀୟ ମୌଳିକ ଶିକ୍ଷାରୁ ବଜେଟ, ସଞ୍ଚୟ ଏବଂ ବିନିଯୋଗର ବିଭିନ୍ନ ଦିଗ ବିଷୟରେ ଧାରଣା ମିଳେ। ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବିଷୟ ହେଉଛି ଜୀବନର ପ୍ରାରମ୍ଭରେ ଏହି ଜ୍ଞାନ ଆହରଣ, ଆର୍ଥିକ ନିଷ୍ପତ୍ତି ନେବାର ଦକ୍ଷତା, ଅର୍ଥ ପରିଚାଳନାର କୌଶଳ ଓ ଏହାର ଦୀର୍ଘସ୍ଥାୟୀ ପ୍ରଭାବ ଏକ ସଶକ୍ତ ଆର୍ଥିକ ସ୍ଥିତି, ଆର୍ଥିକ ସ୍ଥିରତା ଓ ଆର୍ଥିକ ସ୍ୱାଧୀନତା ଆଣିବାରେ ସହାୟକ ହୋଇଥାଏ। ଆର୍ଥିକ ଜ୍ଞାନ ଛାତ୍ରମାନଙ୍କୁ ଋଣ କିମ୍ବା ଅଧିକ ଓ ଅଯଥା ଖର୍ଚ୍ଚରୁ ଦୂରେଇ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ। ପିଲାଦିନରୁ ସଞ୍ଚୟ ଅଭ୍ୟାସଗତ ହେଲେ ଭବିଷ୍ୟତରେ ପିଲାର ଆର୍ଥିକ ସ୍ୱଚ୍ଛଳତା ସହଜରେ ଆସିଥାଏ। ଉଚ୍ଚତର ଶିକ୍ଷା ପାଇଁ ଘରଠାରୁ ଦୂରରେ ବା ଛାତ୍ରାବାସରେ ରହିବା ସମୟରେ, ଖର୍ଚ୍ଚ ପାଇଁ ମିଳୁଥିବା ଅର୍ଥର ଦୁରୁପଯୋଗ ହେବାର ସମ୍ଭାବନା ମଧ୍ୟ କମ୍‌।

ବ୍ୟକ୍ତିଗତ ଲାଭ ବ୍ୟତୀତ ଆର୍ଥିକ ଶିକ୍ଷା ସମାଜ ପାଇଁ ମଧ୍ୟ ଲାଭଦାୟକ। ଛାତ୍ରମାନଙ୍କୁ ଅର୍ଥ ପରିଚାଳନା ବିଷୟରେ ଶିକ୍ଷା ଦେଇ ବିଦ୍ୟାଳୟଗୁଡ଼ିକ ପ୍ରକାରାନ୍ତରେ ଦାରିଦ୍ର୍ୟ ତଥା ଆର୍ଥିକ ଅସମାନତା ହ୍ରାସ କରିବାରେ ସାହାଯ୍ୟ କରିଥାଆନ୍ତି। ଆର୍ଥିକ ଶିକ୍ଷାକୁ ବିଦ୍ୟାଳୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଉଛି। କେତେକ ରାଜ୍ୟରେ ଆର୍ଥିକ ଶିକ୍ଷାକୁ ବିଦ୍ୟାଳୟ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଛି। ପାରମ୍ପରିକ ଶିକ୍ଷା ସହ ଆର୍ଥିକ ଶିକ୍ଷା ପିଲାର ଭବିଷ୍ୟତ ଗଢିବାରେ ସହାୟକ ହୋଇଥାଏ। ଏଣୁ ବିଦ୍ୟାଳୟ ସ୍ତରରେ ଆର୍ଥିକ ବିଷୟବସ୍ତୁ ପାଠ୍ୟସୂଚୀରେ ଅନ୍ତର୍ଭୁକ୍ତ କରି ପିଲାଙ୍କୁ ଏ ସମ୍ବନ୍ଧରେ ଶିକ୍ଷା ଦେବା ପାଇଁ ବିଶେଷଜ୍ଞମାନଙ୍କ ମତ।

କଳିଙ୍ଗନଗର, ଭୁବନେଶ୍ୱର
ମୋ: ୭୩୮୧୦୪୬୪୭୭

# ଜୀବନଦୀପ ଜାଳିବା ଆସ



ପ୍ର. ଅଜୟ କୁମାର ପାତ୍ର

ଆଜିର ବିଶ୍ୱରେ ଯୁଦ୍ଧର ରାଜତ୍ୱ। ଗୋଳାବାରୁଦର କର୍କଶ ଶବ୍ଦରେ ପ୍ରକମ୍ପିତ ବିଶ୍ୱଭୂମି। ଭୋକର ଭୂଗୋଳ ନକ୍ସାରେ ଅସହାୟ ଜୀବନ। ଯୁଦ୍ଧର କ୍ରୁର ଦଂଶନରେ କ୍ଷତାକ୍ତ ଆଜି ବିଶ୍ୱବାସୀ। କିଏ ଜାଣିଥିଲା ଏମିତି ସବୁ ଅଚାନକ ଘଟିଯିବ ବୋଲି। ଧ୍ୱଂସସ୍ତୂପ ଭିତରୁ ଅନେକେ ଶିଶୁ ବାହାରିଲେ ଶବ ହୋଇ, ଆଉ କେତେକେ ବାହାରିଲେ ଖଣ୍ଡିଆଖାବରା ହୋଇ। ଗୁଳିରେ ହଜାର ହଜାର ଶିଶୁ, ସାଧାରଣ ମଣିଷ ମୃତ୍ୟୁବରଣ କରୁଛନ୍ତି। ଅନେକେ ମୃତ୍ୟୁକୁ ଚିହ୍ନି ବି ଅଚିହ୍ନା ଲାଗେ। ଡରିଯାଉ ଆମେ ଆମର ରାଷ୍ଟ୍ରନେତାନେତ୍ରୀଙ୍କ ନୃଶଂସ ପ୍ରକୃତିକୁ, ଅହଂକାରକୁ।

ହେ ବିଶ୍ୱ ରାଜନୀତିର କୁଟିଳ ଶଠ, ପ୍ରବଞ୍ଚକ ରାଷ୍ଟ୍ରନାୟକ! କ୍ଷମତାର ଲୋଭରେ ତୁମ୍ଭମାନଙ୍କ ଜୀବନ ଆଜି ପାଲଟିଛି ବିଳାସବ୍ୟସନର ଆତ୍ମସ୍ଥଳ, ଅନନ୍ତ ପାପର ଅସରନ୍ତି ଗାଥା। ଜୀବନ ତୁମର ମିଛ ମୂଲ୍ୟବୋଧ ଉପରେ ଆଧାରିତ। ଜୀବନ ବଞ୍ଚିବା ହେଉଛି ଜୀବନ ପାଇଁ ସବୁଠାରୁ ବଡ଼ ସତ୍ୟ ଯାହାକୁ ସହଜରେ ଗ୍ରହଣ କରିପାରୁନି ଉଦ୍ଧତ, ଅବାଧ୍ୟ, ଦାମ୍ଭିକ ନେତା ନେତ୍ରୀଙ୍କ କଳୁଷିତ ରକ୍ତ । ଜାଣିଥାଅ ସୁଖ ଦୁଃଖର ମିଶ୍ରଣ ହେଉଛି ଜୀବନ। ପ୍ରକୃତରେ ସେ ଜୀବନରେ କିଛି ବିଡ଼ମ୍ବନା ନାହିଁ, ପ୍ରତାରଣା ନାହିଁ, ହିପୋକ୍ରାସି ନାହିଁ; ଅଛି କେବଳ ଗୀତାର ଉପଦେଶ, ବାଇବେଲର ନିର୍ଦ୍ଦେଶ, କୋରାନର ଆଦେଶ ଓ ଧର୍ମଗ୍ରନ୍ଥର ପରାମର୍ଶକୁ ଅବଜ୍ଞା କରିବାର ଧୃଷ୍ଟତା। କ୍ଷମତା ମୋହରେ ବାରବାର ଉଲ୍ଲଂଘନ କରୁଛ ପବିତ୍ର ଗ୍ରନ୍ଥର ସତ୍ୟକୁ। ତୁମ ହାତ ମୁଠାରେ ସ୍ୱର୍ଗ ଥାଇ ମଧ୍ୟ ହାତଛଡ଼ା କରୁଛ।

ମନେରଖ ସ୍ୱାର୍ଥାନ୍ଧ ରାଷ୍ଟ୍ରନାୟକ! ଆଞ୍ଜୁଳା ଆଞ୍ଜୁଳା ଯନ୍ତ୍ରଣାକୁ ଢକଢକ କରି ପିଇ ଯାଉଥିବା ଶୁଭାକାଂକ୍ଷୀ ଜଣକ ହେଉଛନ୍ତି ଧରିତ୍ରୀ ମାଆ। ଦୁଃଖ, ଶୋକମାନେ ଆମ ପାଖ ସ୍ପର୍ଶ କରିବା ଆଗରୁ ଯାହାଙ୍କ ଶରୀରରେ ଧକ୍କାଖାଇ ଫେରିଯାଆନ୍ତ ସେ ହେଉଛନ୍ତି ଧରିତ୍ରୀ ମାଆ। ଏତେ ଯନ୍ତ୍ରଣା ଭିତରେ ବି ଥରୁଟିଏ ଲୁହ ଝରେନା ମା' ଧରିତ୍ରୀ ଆଖିରୁ। ମେରୁ ପରି ତାଙ୍କ ମନ, ଆକାଶ ପରି ପ୍ରଶସ୍ତ ହୃଦୟ, ସାଗର ପରି ବିଶାଳ ହେଉଛି ଧରିତ୍ରୀ ମାଆ। ତା'ହେଲେ ତା'ର ପ୍ରଶସ୍ତ ଓ ବିଶାଳ ବକ୍ଷକୁ କାହିଁକି କଳୁଷିତ କରୁଛ, କାହିଁକି ଯୁଦ୍ଧ ରୂପକ ଧ୍ୱଂସର ବୋଝ ଲଦି ଦେଉଛ। ତା'ର ସାଇତା ଥିବା ଅନାବିଳ ପ୍ରେମ, ପ୍ରଭୃତ ଧନକୁ ପ୍ରଦୂଷିତ କରନି। ଯେତେବେଳେ ତା'ର କୋଳ ଅସୁମାରି ପଶୁପକ୍ଷୀର ସମାବେଶରେ ଭରପୂର ହୋଇଯାଏ ସେଇଠି ତା'ର ଅନ୍ତରର ସମସ୍ତ ରୁଦ୍ଧ କୋଠରି ଅନ୍ତରୀକ୍ଷ ପରି ପାଲଟିଯାଏ ପ୍ରଶସ୍ତ ଓ ଅସୀମ। ଧରିତ୍ରୀ ମାଆ ଭିତରେ ରହିଛି ଜୀବନର ଦର୍ଶନ ଓ ଜୀବନର ବ୍ୟାପକତା। ପ୍ରକୃତରେ ମଣିଷ ଖୁସି ରହିବା ହିଁ ତା' ଜନ୍ମର ଧର୍ମ। ମାତୃଗର୍ଭରୁ ଯିଏ ଯେତିକି ସୁନ୍ଦର ହୋଇ ଜନ୍ମ ହୋଇଛି, ତା' ସୌନ୍ଦର୍ଯ୍ୟ କିଛି ମାତ୍ରାରେ ବଢ଼ିଯାଏ ସାହସ୍ୟ ଜୀବନଯାପନ ପ୍ରଣାଳୀରେ।

ହେ ରାଷ୍ଟ୍ରନାୟକ ଜବାବ ଦିଅ, କାହିଁପାଇଁ



ଶିଶୁର କୋମଳ ଓଠରୁ ଛଡ଼ାଇନେଉଛ ସଜଫୁଲର ହସ ଯେଉଁ ହସ ଟିକକରେ ପୁଲକିତ ହୋଇଯାଏ ପୃଥିବୀର ଗୁରୁ ଚିତ୍ରପଟ, ପାଷାଣରେ ଖେଳିଯାଏ ସବୁଜ ସ୍ପନ୍ଦନ। ମାତ୍ର ଆଜି ବଦଳିଛି ବିଶ୍ୱର ଭୂଗୋଳ, ବିକୃତ ହୋଇଛି ତା'ର ଇତିହାସ। ରହିଛି କେବଳ ଅନେକ ଯନ୍ତ୍ରଣା, ଛାତିଥରା ଦୃଶ୍ୟପଟ। ଅନୁରୋଧ ତୁମକୁ ବିଶ୍ୱବାସୀଙ୍କର। ଶାମୁକାରୁ ମୁକ୍ତା ସାଉଁଟିଲା ପରି ସାଉଁଟ ଶ୍ରଦ୍ଧା, ସ୍ନେହ, ପ୍ରେମ ପ୍ରୀତି ଅଜାଡ଼ିଦିଅ ଜୀବନର ମୂଲ୍ୟ, ବୁଝାଇଦିଅ ଦୁର୍ଲଭ ଜୀବନ। ଶାନ୍ତି ଓ ପ୍ରଗତିର ପଥେ ସାଜି ପଥିକ ବୁହାଇଦିଅ ଧରିତ୍ରୀ ମାଆର ବକ୍ଷେ ପବିତ୍ରତାର ଗଙ୍ଗା, ଯମୁନା, ସରସ୍ୱତୀ।

ହେ ବିଶ୍ୱବାସୀ! ତୁମର ଚିନ୍ତାଚେତନାକୁ ଜାଗ୍ରତ କର। ଶାଣିତ କର ସ୍ୱର। ଏକ ଏକ ସ୍ୱର ମିଶି ବହୁମୁଖୀ ସ୍ୱରରେ ପରିଣତ ହେଉ। ନିଜେ ହିଁ ନିଜକୁ ସାନ୍ତ୍ୱନା ଦିଅ। ନିଜ ହାତରେ ପୋଛିଦିଅ ଆଖିର ଲୁହ। ମନକୁ ଦୃଢ଼ କର, ହୃଦୟରେ ସୃଷ୍ଟିକର ଅନ୍ୟାୟ ଅନୀତି ବିରୋଧରେ ସହସ୍ର ପ୍ରାଚୀର। ପ୍ରତ୍ୟେକ ବିଶ୍ୱବାସୀଙ୍କୁ ଆଜି ଲଢ଼ିବାକୁ ପଡ଼ିବ ଲଢୁଆ ପଣରେ, ଭାଗ୍ୟ ଆକାଶ ତଳେ ନ୍ୟାୟକୁ ଜିତାଇବା ପାଇଁ, ଶାନ୍ତି ସ୍ଥାପନ ପାଇଁ, ଭ୍ରାତୃତ୍ୱ ବନ୍ଧନରେ ବାନ୍ଧିହୋଇ ବିଶ୍ୱକୁ ସ୍ୱର୍ଗରେ ପରିଣତ କରିବା ପାଇଁ। ମନେରଖ, ଥରଟିଏ ହୃଦୟ ଢାଳିଦେଲେ ଶବ୍ଦରେ ଜଣେ କବି ପାଲଟିଯାଏ ନାହିଁ। ବାରମ୍ବାର ଶବ୍ଦର ଦୋଳିରେ ଝୁଲି ଆକାଶ ଛୁଇଁବାକୁ ପଡ଼େ। ସେହିପରି ସତ୍ୟର ଦରଜା ଖୋଲେ ନାହିଁ ଥରଟିଏ କରାଘାତରେ, ବାରବାର କରାଘାତ କରିବାକୁ ପଡ଼େ; ତେବେ ଯାଇ ସେ ଦରଜା ଖୋଲିବ। କେତେଦିନ ତୁମେ ଧ୍ୱଂସର ତାଣ୍ଡବ ଦେଖି ମୂକ ଓ ବଧିର ସାଜିବ, କେତେଦିନ ମୃତ୍ୟୁର ଯନ୍ତ୍ରଣା ଭୋଗୁଥିବ? ତୁମ୍ଭମାନଙ୍କ ସାହସିକ ପଦକ୍ଷେପ, ନିର୍ଭୀକ ପ୍ରତିରୋଧ ତଥା ଶାନ୍ତିର ବାର୍ତ୍ତା ବିଶ୍ୱ ଜନସମାଜକୁ ଦିଗ୍‌ଦର୍ଶନ ଦେଇପାରିବ ଏବଂ ବିଶ୍ୱଶାନ୍ତିରେ ସହାୟକ ହୋଇପାରିବ। ସୁତରାଂ ଆମ ସମସ୍ତଙ୍କୁ ମିଶି ଜୀବନଯୁଦ୍ଧରେ ଜଳିବାକୁ ହେବ, ଜଳି ଜଳି ଜଳାଇବାକୁ ହେବ ଆଲୁଅ। ଗୋଟିଏ ଦୀପର ଆଲୋକ ହିଁ ଆଉ ଏକ ଦୀପରେ ଆଲୋକ ସଞ୍ଚାରି ଦେବ। ଜୀବନଦୀପ ଜାଳିବା ଆସ। ଚେତନାକୁ ଜାଗ୍ରତ କରିବା। ବିତୃଷ୍ଣ ଜୀବନ ଭିତରେ ସତୃଷ୍ଣ ଚେତନାଟି ସୁସ୍ଥ ପରିବେଶ ଭିତରେ ନିଜକୁ ପ୍ରକାଶ କରିଥାଏ। ସମୟର ଆହ୍ୱାନ ଦାବିକରେ, 'ଆମେ ବିଶ୍ୱବାସୀ ଶାନ୍ତି ଚାହୁଁ, ଯୁଦ୍ଧ ଚାହୁଁନା, ବିକାଶ ଚାହୁଁ, ବିନାଶ ଚାହୁଁନା। ଯୁଦ୍ଧର କଳାବାଦଲ ହଟିଯାଉ। ବିଶ୍ୱ ଭାଗ୍ୟାକାଶର ବାଦଲର ଆଢୁଆଳୁ ଉଙ୍କିମାରୁ ପୂର୍ଣ୍ଣିମାର ଚନ୍ଦ୍ର। ସମୟର ପରିପୂର୍ଣ୍ଣତାରେ ସୁଖ ସମୃଦ୍ଧିରେ ଭରିଯାଉ ସମସ୍ତଙ୍କ ହୃଦୟ।

ପରିବେଶ ବିଜ୍ଞାନୀ
ମୋ: ୯୪୩୮୬୨୧୩୯୧

## ଏଇ ଭାରତରେ

ପୂଜା ଶର୍ମାଙ୍କ ବୟସ ୨୮। ସେ କ୍ୟାରିୟର ଚିନ୍ତା ଛାଡ଼ି ଏକ ଭିନ୍ନ ଜୀବନ ଜିଉଛନ୍ତି। ଦିଲ୍ଲୀରେ ଅପରିଚିତ ମୃତଦେହ ଦାହକରି ପୂଜା ମହାନତାର ପରିଚୟ ଦେଉଛନ୍ତି। ଏବେ ସୁଦ୍ଧା ସେ ପ୍ରାୟ ୪,୦୦୦ ମୃତଦେହର ଅନ୍ତିମ ସଂସ୍କାର କରି ସାରିଲେଣି। ଦିନକୁ ହାରାହାରି ୨ରୁ ୧୦ଟି ଶବ ସେ ଦାହ କରୁଛନ୍ତି। ସୂଚନାଯୋଗ୍ୟ, ଦିଲ୍ଲୀରେ ୨୦୧୮ରୁ ୨୦୨୨ ମଧ୍ୟରେ ୧୧,୦୦୦ ଅପରିଚିତ ମୃତଦେହ ଉଦ୍ଧାର କରାଯାଇଥିଲା ଓ ସେଥିରୁ ୧,୫୦୦ରୁ ଅଧିକଙ୍କୁ ଚିହ୍ନଟ କରାଯାଇଥିଲା। ଅବଶିଷ୍ଟ ମୃତଦେହଗୁଡ଼ିକୁ ଦାହ କରାଯାଇଥିଲା, ଯେଉଁଥିରେ ପୂଜାଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ପ୍ରକୃତରେ ନିଜ ଭାଇଙ୍କର ମୃତ୍ୟୁ ହେବା ପରେ ପୂଜା ମୁଖାଗ୍ନି ଦେବା ସହ ଦାହ ସମୟରେ ଉପସ୍ଥିତ ରହିଥିଲେ। ପୂଜା ଏକ ସରକାରୀ ହସ୍ପିଟାଲରେ ଏଚ୍‌ଆଇଭି କାଉନ୍‌ସିଲର ଭାବେ କାର୍ଯ୍ୟ କରୁଥିଲେ। ତାହାକୁ ଛାଡ଼ି ଏବେ ସେ ଏହି କାର୍ଯ୍ୟ କରୁଛନ୍ତି। କେବଳ ଏତିକି ନୁହେଁ, ସେ ଚିତାଭସ୍ମକୁ ହରିଦ୍ୱାରରେ ମଧ୍ୟ ବିସର୍ଜନ କରୁଛନ୍ତି। ଶବଦାହ ଲାଗି ହେଉଥିବା ଖର୍ଚ୍ଚ ପାଇଁ ତାଙ୍କ ଆଈ ମା' ପେନ୍‌ସନରୁ ଏବଂ ମେଟ୍ରୋ ଚାଳକ ଥିବା ପିତା ତାଙ୍କ ଦରମାରୁ କିଛି ଦେଇଥାଆନ୍ତି। ଏହାବାଦ୍‌ ସେ ଅନ୍ୟମାନଙ୍କଠାରୁ ଅନୁଦାନ ପାଇଥାଆନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୫ ଜୁନ୍‌ ୧୯୭୫**

- ନିରାପତ୍ତା ବାହିନୀ ଓ କେନ୍ଦ୍ରୀୟ ରିଜର୍ଭ ପୋଲିସ ଦ୍ୱାରା ୪୫ ବିଦ୍ରୋହୀ ନାଗା ଗିରଫ।
- ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଆହ୍ଲାବାଦ ହାଇକୋର୍ଟ ରାୟ ସମ୍ପର୍କରେ ସୁପ୍ରିମ୍‌କୋର୍ଟ ଏକ ସସର୍ତ୍ତ ଅଥଚ ସମ୍ପୂର୍ଣ୍ଣ ରହିତାଦେଶ ମଞ୍ଜୁର କରିଛନ୍ତି।
- ନେପାଳରେ ଜଳକୁଣ୍ଡ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଭାରତକୁ ନେପାଳ ପ୍ରଧାନମନ୍ତ୍ରୀ ନଗେନ୍ଦ୍ର ପ୍ରସାଦ ରିଜାଲଙ୍କ ଅନୁମତି ପ୍ରଦାନ।

# ପାଠକ ଶ୍ରେଷ୍ଠ ବିଚାରକ

## ଗଛ ସହ ବନ୍ଧୁ ହେବା

ମହାଶୟ,

ପ୍ରକୃତରେ ଆମ ଜୀବନକୁ ସରସ ସୁନ୍ଦର କରି ଗଢ଼ିତୋଳିବାରେ ଗଛର ଅବଦାନ ଶ୍ରେଷ୍ଠ । ଏଣୁ ଆମ ଗୃହରେ, ଗାଁରେ, ସହରରେ ଏପରିକି, ଗାଁର ବିଦ୍ୟାଳୟ ପରିସରରେ, ମନ୍ଦିର ପୀଠରେ, ନଦୀପଠାରେ, ବନ୍ଧ, ପୋଖରୀ ହୁଡ଼ାରେ ଯଦି ଗଛ ରଖିବା ତାହାହେଲେ ଆମର ବହୁତ ଉପକାର ହେବ। ବିଭିନ୍ନ ପର୍ବପର୍ବାଣି ସମୟରେ ଗଛ ଦ୍ୱାରା ଉପଲବ୍ଧ ଫଳ, ଫୁଲ, ପତ୍ର ଖୋଜା ପଡ଼ିଥାଏ। ଏଠାରେ ଆଉ ଗୋଟାଏ ଜିନିଷ ବେଶ ତାତ୍ପର୍ଯ୍ୟପୂର୍ଣ୍ଣ। ତାହା ହେଲା ଯଦି କିଏ ଏହି ବିଶ୍ୱରେ ବିନା ସ୍ୱାର୍ଥରେ କିଛି ପ୍ରଦାନ କରିଥାଏ ସେ ହେଉଛି ଗଛ। ତେଣୁ ଏହି ଜୀବଜଗତ ଧରାପୃଷ୍ଠରେ ବଞ୍ଚି ରହିବାକୁ ହେଲେ ବୃକ୍ଷ ହିଁ ଏକ ମାତ୍ର ବନ୍ଧୁ ଯେକି ମଣିଷକୁ ବଞ୍ଚି ରହିବା ପାଇଁ ରାହା ଦେବ। ଆମେ ସମସ୍ତେ ଆସ ଗଛ ସହ ବନ୍ଧୁତା ସ୍ଥାପନ କରିବା। ବ୍ୟାପକ ବୃକ୍ଷ ରୋପଣ ନିମନ୍ତେ ପ୍ରତିଶୃତିବଦ୍ଧ ହେବା। ଗଛକୁ ପରିବାରର ଏକ ସଦସ୍ୟ କରିବା। ବନ୍ଧୁଠାରୁ ବଳି ମିତ୍ର ନାହାନ୍ତି। ବନ୍ଧୁ ସବୁ ସମୟରେ ସାଥିରେ ଥାଆନ୍ତି, ଠିକ୍‌ ସେମିତି ଆମ ସହ ଗଛ ରହିବ।

**-ସିତାଂଶୁ ଶେଖର ମିଶ୍ର, ଶାନ୍ତି ନଗର, ସୋନପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କାକ ଚଳେ ନୀଡ଼େ
ଯାପିବ ରଜନୀ ପରା ପୀରତି-ନିବିଡ଼େ।
ନିଶାର ମଙ୍ଗଳ ଗାଇ ଶୁକ
ରହିଲାଣି ନୀଡ଼େ ଶାନ୍ତ ମୂକ।
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

ମୋରଡ଼ା,(ସ୍ମାରକ ମାଜୀ): ମୋରଡ଼ା ଥାନା ଚିତ୍ରଡ଼ା ଫାଣ୍ଡି ଅନ୍ତର୍ଗତ ଜୁଆଳିଭଙ୍ଗା ପଞ୍ଚାୟତର ମସର୍ଦା ଗ୍ରାମରେ ଜନୈକ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ଗ୍ରାମର ସୀତାନାଥ ମହାନ୍ତ। ମନ୍ଦିର ପାଖରେ ଥିବା ବେଲ ଗଛରେ ସୀତାନାଥଙ୍କ ମୃତଦେହ ଝୁଲୁଥିବା ଗ୍ରାମବାସୀ ଦେଖି ଫାଣ୍ଡିକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଥିଲା। ମୋରଡ଼ା ଥାନାରେ ମାମଲା(ନଂ.୩୩/୨୪) ରୁଜୁ ହୋଇଛି।

# ଅତିଷ୍ଠ କଲେଣି ହାତୀପଲ

■ସୁରକ୍ଷା ଦାବିରେ ଧାରଣାରେ ବସିଲେ ଲୋକେ
■ସ୍ଥାୟୀ ସମାଧାନ ନ ହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ

ବାରିପଦା,୨୪।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଝାଡ଼ଖଣ୍ଡୀ ଓ ଶିମିଳିପାଳ ହାତୀ ଉପଦ୍ରବକୁ ନେଇ ବିଭିନ୍ନ ଗ୍ରାମରେ ଉଦ୍‌ବେଗ ପ୍ରକାଶ ପାଇଛି। ହାତୀର ଗତିବିଧି ପରିବର୍ତ୍ତନ କରିବା ଓ ଲୋକଙ୍କୁ ସୁରକ୍ଷା ଯୋଗାଇବା ଦାବିରେ ଶତାଧିକ ଗ୍ରାମବାସୀ ସୋମବାର ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଏହାକୁ ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି।

ଜିଲାର ବଡ଼ସାହି ଓ ବାରିପଦା ବ୍ଲକ ଅଧୀନ ଦୀନବନ୍ଧୁପୁର, ଭଦୁଶୋଳ, କାଉଚି, ବଡଯୋଡ ଆଦି ଗ୍ରାମ ସନ୍ନିକଟ ରିଜର୍ଭ ଜଙ୍ଗଲରେ ଦୀର୍ଘଦିନ ଧରି ବଣୁଆ ହାତୀପଲ ଉପଦ୍ରବ ଚଳାଇ ଆସୁଛନ୍ତି। ସନ୍ଧ୍ୟା ହେଲେ ଗାଁଗଣ୍ଡାରେ ପଶି ଘର ଭାଙ୍ଗି ଧାନ ଚାଉଳ ଖାଇବା ସହ ଭଙ୍ଗାରୁଜା କରୁଛନ୍ତି। ହଠାତ୍ ଗ୍ରାମ ଭିତରକୁ ପଶିବା ଦ୍ୱାରା ଲୋକେ ହାତୀ ଆକ୍ରମଣର ଶିକାର ହେଉଛନ୍ତି। ଏପରିକି ଜଙ୍ଗଲକୁ ଲାଗି ରହୁଥିବା ଗାଁଗୁଡ଼ିକରେ ଷ୍ଟ୍ରିଟଲାଇଟ ବ୍ୟବସ୍ଥା ନ ଥିବାରୁ ଅନ୍ଧାର ସୁଯୋଗରେ ଧନଜୀବନ ହାନି ଘଟୁଛି। ସେହିପରି ପରିବା ବାଡ଼ିରେ ପଶି ଖାଇବା ସହ ବ୍ୟାପକ ନଷ୍ଟ କରୁଛନ୍ତି ହାତୀପଲ। ହାତୀ ଆସିବା ପୂର୍ବରୁ ଗ୍ରାମର ମହିଳାମାନେ ପିଲା ଛୁଆଙ୍କୁ ଧରି ସୁରକ୍ଷିତ ସ୍ଥାନକୁ ଚାଲି ଯାଉଛନ୍ତି। ଦୁଇମାସ ହେଲା ଏଭଳି ଚାଲିଥିବା ବେଳେ ବନ ବିଭାଗ ପକ୍ଷରୁ ହାତୀର ଗତିବିଧି ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରାଯାଉ ନ ଥିବା ବଡଯୋଡ ଗ୍ରାମର ରଞ୍ଜିତ ନାଏକ, ସୂର୍ଯ୍ୟ ମାଝୀ, ପବିତ୍ର ମହାନ୍ତ, ଦେବାଶିଷ ମାଝୀ ପ୍ରମୁଖ ପ୍ରକାଶ କରିଛନ୍ତି।

ଏପରିକି ହାତୀ ଉତ୍ପାତ ଖବର ଦେବା ପରେ ମଧ ବନ ବିଭାଗ କର୍ମଚାରୀମାନେ ଠିକ୍ ସମୟରେ ପହଞ୍ଚି ପାରୁନାହାନ୍ତି। ଫଳରେ ହାତୀ ଓ ମଣିଷ ଲଢ଼େଇ ଭଳି ଘଟଣା ପ୍ରତିଦିନ ଦେଖିବାକୁ ମିଳୁଛି। ହାତୀ ଆକ୍ରମଣରେ ଜଣକର ମୃତ୍ୟୁ ମଧ ଘଟିଛି। ହାତୀ ଭୟରେ ଲୋକଙ୍କ ଆଖିରୁ ନିଦ ହଜିଯାଇଛି। ଶାନ୍ତିରେ ଶୋଇବା ଭୁଲି ଯାଇଥିବା ବେଳେ ଲୋକେ ଦଳ ଦଳ ହୋଇ ଗାଁ ମୁଣ୍ଡରେ ଜଗି ରହୁଛନ୍ତି। ଦିନମଜୁରିଆ ଭାବେ କାମ କରି ଗୁଜୁରାଣ ମେଣ୍ଟାଉଥିବା ଲୋକେ ଘର ଓ ପରିବାରକୁ ଛାଡ଼ି ଭୟରେ କାମଧନ୍ଦା କରିବାକୁ ଯାଉ ନାହାନ୍ତି। ହାତୀ ଘଉଡ଼ାଇବା ପାଇଁ କୌଣସି ଉପାୟ ଜଣା ନ ଥିବାରୁ ଲୋକେ ଏଣେତେଣେ ଦଉଡ଼ିବାରେ ଲାଗିଥାନ୍ତି ବୋଲି କାଉଚି ଓ ଦୀନବନ୍ଧୁପୁର ଗ୍ରାମର ଦିବ୍ୟଜ୍ୟୋତି ମାଝୀ, ପିଠ ମାଝୀ, ମନୋଜ ବିନ୍ଧାଣୀ, ରବି ନାଏକ ପ୍ରମୁଖ କହିଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ବିଭିନ୍ନ ଦାବି ଉପସ୍ଥାପନ କରି ସେମାନେ ଜିଲାପାଳଙ୍କୁ ଜଣାଇଛନ୍ତି। ଗ୍ରାମରେ ସୋଲାର ସକ୍ ସିଷ୍ଟମ କରିବା, ଷ୍ଟ୍ରିଟଲାଇଟ ଲଗାଯିବା, ଗ୍ରାମବାସୀଙ୍କୁ ଟର୍ଚ୍ଚ ପ୍ରଦାନ, ହାତୀର ଗତିବିଧି ପରିବର୍ତ୍ତନ ପାଇଁ ବାଜା ବାଣ ଯୋଗାଇବା, କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ଅନୁକମ୍ପା ରାଶି ପ୍ରଦାନ, ଗ୍ରାମରେ ଫରେଷ୍ଟଗାର୍ଡ ଓ ଗଜସାଥୀଙ୍କ ସଂଖ୍ୟା ବୃଦ୍ଧି ପାଇଁ ସେମାନେ ଦାବି କରିଛନ୍ତି। ଖୁବ୍‌ଶୀଘ୍ର ସମାଧାନ କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଖୁବ୍‌ଶୀଘ୍ର ଏହାର ସମାଧାନ ପ୍ରତିଶ୍ରୁତି ଦେଇଥିଲେ। ଲୋକଙ୍କୁ ସୁରକ୍ଷା ଯୋଗାଇବା ନିମନ୍ତେ ବନ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ସୁରକ୍ଷା ପ୍ରଦାନ କରିବାକୁ ପ୍ରୟାସ ଆରମ୍ଭ କରିଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଲୋକେ।

## ରୋଟାରୀ କ୍ଲବ ପକ୍ଷରୁ କଫିନ ସେବା ଶୁଭାରମ୍ଭ

ବାରିପଦା, ୨୪।୬(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରୋଟାରୀ କ୍ଲବ ପରିସରରେ ସଭାପତି ଜ୍ୟୋତିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ସୋମବାର କଫିନ ସେବା ଶୁଭାରମ୍ଭ ହୋଇଛି। କ୍ଲବ ପକ୍ଷରୁ ନୂତନ ଭାବେ ଶବ ସୁରକ୍ଷା କଫିନ ନିମନ୍ତେ ସେବାର କ୍ଲବ ପରିସରରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ବ୍ୟବସାୟୀ ସରୋଜ କୁମାର ଖୁଣ୍ଟିଆ, ସମ୍ମାନନୀୟ ଅତିଥି ଭାବେ ତାଙ୍କ ସ୍ତ୍ରୀ ସଙ୍ଗୀତା ଖୁଣ୍ଟିଆ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ତାଙ୍କର ଦିବଙ୍ଗତ ଭାଇ ସ୍ୱର୍ଗତ ସନ୍ତୋଷ କୁମାର ଖୁଣ୍ଟିଆଙ୍କ ୧୫ତମ ଓ ଭାଉଜ ସ୍ୱର୍ଗତା ଶରେଣୁବାଳା ଖୁଣ୍ଟିଆଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ଅମର ଆତ୍ମାଙ୍କ ସ୍ମୃତିରେ ଜନସାଧାରଣଙ୍କ ନିମନ୍ତେ ଶବ ସୁରକ୍ଷା କଫିନ ବ୍ୟବସ୍ଥା ସୁଲଭ ସେବା ଯୋଗାଇ ଦେଇଥିଲେ। ସେବା ଅନୁଷ୍ଠାନ ରୋଟାରୀ କ୍ଲବକୁ ଉକ୍ତ କଫିନ ପ୍ରଦାନ କରିଥିଲେ। ଖୁଣ୍ଟିଆ ଦମ୍ପତିଙ୍କ ଦୃଷ୍ଟାନ୍ତ ମୂଳକ ଉକ୍ତ ସେବା କାର୍ଯ୍ୟ ପାଇଁ ପ୍ରଶଂସା କରାଯାଇଛି। ସଭା ଆରମ୍ଭରେ ବରିଷ୍ଠ ରୋଟାରିଆନ ବିଭୁ ପ୍ରସାଦ ଦାସ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବା ବେଳେ ପ୍ରାକ୍ତନ କ୍ଲବ ସଭାପତି ରାକେଶ ସିଂ ସଭାରେ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଦିବଙ୍ଗତ ଆତ୍ମାର ସଦ୍‌ଗତି ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।



କଫିନ ସେବା ଶୁଭାରମ୍ଭ ଅବସରରେ ରୋଟାରୀ କ୍ଲବର କର୍ମକର୍ତ୍ତା।

## ବିଧାୟକଙ୍କୁ ଭେଟିଲା ଅବସରପ୍ରାପ୍ତ ଶିକ୍ଷକ ସଂଘ

ଗୋପବନ୍ଧୁ ନଗର, ୨୪।୬ (ଶାନ୍ତନୁ କୁମାର ମଙ୍ଗୁଆଳ)-ଗୋପବନ୍ଧୁ ନଗର ଓ ଖୁଣ୍ଟା ବ୍ଲକର ଅବସରପ୍ରାପ୍ତ ଶିକ୍ଷକ ସଂଘ ସୋମବାର ନବନିର୍ବାଚିତ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇଙ୍କୁ ତାଙ୍କ ବାସଭବନରେ ଭେଟିଛି। ସଂଘ ପକ୍ଷରୁ ବିଭିନ୍ନ ଦାବି ଜଣାଇବା ସହ ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘ କାର୍ଯ୍ୟାଳୟ ନିମନ୍ତେ ଏକ ସ୍ଥାନ ସହ ସ୍ଥାୟୀ ଗୃହ ପ୍ରଦାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ସଂଘର ସଭାପତି ପ୍ରତାପ ଚନ୍ଦ୍ର ପାତ୍ର, ସମ୍ପାଦକ ହରିଶ ଚନ୍ଦ୍ର ପାତ୍ର, ସଙ୍ଗଠନ ସମ୍ପାଦକ ହିରେନ କୁମାର ରାୟ, ଛତିଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା

ମୋରଡ଼ା,୨୪।୬(ସ୍ମାରକ ମାଜୀ)

ମୋରଡ଼ା ବ୍ଲକର ଚିତ୍ରଡ଼ା ବସ୍‌ଷ୍ଟାଣ୍ଡଠାରେ ବିଧାୟକ ତଥା ଗୃହ ନଗର ଉନ୍ନୟନ ଓ ସାଧାରଣ ଅଭିଯୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବସ୍‌ଷ୍ଟାଣ୍ଡ ନିକଟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପୂର୍ବତନ ବ୍ଲକ ଅଧକ୍ଷ ବୈଦ୍ୟନାଥ ମହାନ୍ତ ସଭାପତିତ୍ୱ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ଅଜୟ ପାଳ ପରିଚାଳନା କରିଥିଲେ। ପ୍ରଥମେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ବ୍ଲକ୍ ଶିକ୍ଷକ ସଂଘ, ଅଞ୍ଚଳବାସୀ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମନ୍ତ୍ରୀ ଅଭିଭାଷଣରେ କହିଥିଲେ, ବର୍ତ୍ତମାନର ଭାଜପା ସରକାର ଜନସାଧାରଣଙ୍କ ସରକାର। ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ମୟୂରଭଞ୍ଜ ଜିଲା ସାରା ରାଜ୍ୟରେ ଏକ ନମ୍ବର ଜିଲାରେ ପରିଣତ କରିବାକୁ ଚେଷ୍ଟା କରିବେ ବୋଲି ସେ କହିଛନ୍ତି। ଜୁଆଳିଭଙ୍ଗା, ଗଡିଗାଁ, ବରକନ୍ଦ ପଞ୍ଚାୟତରେ ମଧ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



ଚିତ୍ରଡ଼ାଠାରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଜମି ଠକେଇ ମାମଲାରେ କଲେଜ କର୍ମଚାରୀ ଗିରଫ

ଗୋପବନ୍ଧୁନଗର, ୨୪।୬(ଶାନ୍ତନୁ କୁମାର ମଙ୍ଗୁଆଳ)-ଜମି କିଣାବିକା ଓ ଠକେଇ ମାମଲାରେ ଜଣେ କଲେଜ କର୍ମଚାରୀଙ୍କୁ ସୋମବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗୋପବନ୍ଧୁନଗର ବ୍ଲକର ଖିରିପଦା ଗ୍ରାମ ତଥା ସ୍ଥାନୀୟ କଲେଜରେ ଚତୁର୍ଥ କର୍ମଚାରୀ ଭାବେ କାର୍ଯ୍ୟରତ ଭାବଗ୍ରାହୀ ବେହେରା ବାଲେଶ୍ୱର ଅଞ୍ଚଳର ଦେବବ୍ରତ ସାହୁଙ୍କୁ ବେତନଟୀ ଅଞ୍ଚଳର ୧୦ଏକର ଜମି ଦେବାକୁ ୨ବର୍ଷ ତଳେ ଡିଲ୍ କରିଥିଲେ। ଏଥିପୂର୍ବରୁ ଭାବଗ୍ରାହୀ ବିଭିନ୍ନ ସ୍ଥାନରେ ଜମି କିଣାବିକା କରି ଆସୁଥିଲେ। ଦୁଇ ବର୍ଷ ତଳେ ଦେବବ୍ରତ ଫଳଚାଷ ପାଇଁ ଜମି ଖୋଜୁଥିବା ବେଳେ ଭାବଗ୍ରାହୀଙ୍କ ସହ ମିଶି ଜମି କିଣିବାକୁ କଥାବାର୍ତ୍ତା କରିଥିଲେ। ଭାବଗ୍ରାହୀ ତାଙ୍କୁ ବେତନଟୀ ଅଞ୍ଚଳର ଜମି ଅଛି କହି ବର୍ଷେ ମଧ୍ୟରେ ବିଭିନ୍ନ କିସ୍ତିରେ ୪୯ ଲକ୍ଷ ଟଙ୍କା ନେଇ କୌଣସି କାରଣରୁ ଆଉ ଜମି ଦେଇପାରି ନ ଥିଲେ। ଦେବବ୍ରତ ବିଭିନ୍ନ ସମୟରେ ଭେଟି ଟଙ୍କା ଫେରାଇ ଦେବାକୁ ଅନୁରୋଧ କରିଥିଲେ ମଧ ଭାବଗ୍ରାହୀ ଫେରାଇ ପାରି ନ ଥିଲେ। କିଛି ମାସ ତଳେ ଦେବବ୍ରତ ଖୁଣ୍ଟା ଥାନାରେ ଜଣାଇବା ପରେ ପୋଲିସ ଆଗରେ ଟଙ୍କା ଫେରାଇ ଦେବେ ବୋଲି ଭାବଗ୍ରାହୀ କହିଥିଲେ। ପରେ ମାତ୍ର ୩ ଲକ୍ଷ ଟଙ୍କା ଫେରାଇ ଆଉ ଧରାଛୁଆଁ ଦେଉ ନ ଥିଲେ। ଦେବବ୍ରତ ଲିଖିତ ଅଭିଯୋଗ କରିବା ପରେ ଗତ ୫ ତାରିଖରେ ପୋଲିସ ଭାବଗ୍ରାହୀଙ୍କ ବିରୋଧରେ ଜମି ଠକେଇ ମାମଲା (ନଂ.୨୦୦/୨୪) ରୁଜୁ କରିଥିଲା।

## ଜିଲାପାଳଙ୍କୁ ଭେଟିଲେ ଏସ୍‌ଏଚ୍‌ଜିର ଉର୍ଜାସାଥୀ


ଏସ୍‌ଏଚ୍‌ଜିର ମହିଳାମାନେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ବାରିପଦା,୨୪।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ମୋରଡ଼ା ବିଦ୍ୟୁତ୍ ସବ୍‌ଡିଭିଜନ ଅଧୀନରେ କାର୍ଯ୍ୟରତ ଏସ୍‌ଏଚ୍‌ଜି (ସ୍ୱୟଂସହାୟକ ଗୋଷ୍ଠୀ)ର ଉର୍ଜାସାଥୀଙ୍କ ପାଇଁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଉପଭୋକ୍ତାଙ୍କ ସଂଖ୍ୟା ବୃଦ୍ଧି କରା ନ ଯିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଏହାକୁ ନେଇ ମୋରଡ଼ା, ରାସଗୋବିନ୍ଦପୁର ଓ ବେତନଟୀ ବ୍ଲକର ୫୬ ଗ୍ରୁପ୍‌ର ସଭାନେତ୍ରୀ ଓ ସମ୍ପାଦିକା ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ଟିପିଏନ୍‌ଓଡିଏଲ୍ ପକ୍ଷରୁ ୨୦୨୨ ଜୁନ୍‌ରେ ୧ ହଜାର ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲ୍ ଓ କଲେକ୍‌ସନ କରିବାକୁ ନେଇ ଏସ୍‌ଏଚ୍‌ଜିର ମହିଳାମାନଙ୍କୁ ଉର୍ଜାସାଥୀ ଭାବେ ଏଗ୍ରିମେଣ୍ଟ ହୋଇଥିଲା। ଏହାକୁ ନେଇ ଜୁଲାଇ ୨୨ରୁ ଉପଭୋକ୍ତାଙ୍କଠାରୁ କଲେକ୍‌ସନ କାର୍ଯ୍ୟ ଆରମ୍ଭ କରି ନିଜର କମିଶନ ପ୍ରାପ୍ୟ ପାଉଥିଲେ। ୨୦୨୩ ଏପ୍ରିଲ ୬ରେ ଉପଭୋକ୍ତାଙ୍କ ମିଟର ବିଲିଂ କରିବାକୁ ନେଇ ବିଭାଗକୁ ଦାବି କରିବା ପରେ ୪ଶହ ହିତାଧିକାରୀ ପର୍ଯ୍ୟନ୍ତ ଅନୁମତି ଦିଆଯାଇଥିଲା। ବିଲିଂ ବାବଦରେ ୮ ଓ କଲେକ୍‌ସନ ବାବଦରେ ୧୦ଟଙ୍କା କମିଶନ ଆକାରରେ ପାଉଥିଲେ। ଏହାକୁ ନେଇ ପ୍ରତି ଗ୍ରୁପର ମହିଳାମାନେ ମାସତମାମ କାର୍ଯ୍ୟ କରି ମାତ୍ର ୩ ଶହରୁ ୪ ଶହ ଉପଭୋକ୍ତାଙ୍କଠାରୁ ବିଲ୍ ଓ କଲେକ୍‌ସନ କରୁଛନ୍ତି। ସେଥିମଧ୍ୟରୁ ଶତାଧିକ ଉପଭୋକ୍ତା ଅନ୍‌ଲାଇନ ଓ ବିଭାଗ କାର୍ଯ୍ୟାଳୟରେ ବିଲ୍ ପଇଠ କରିବା ଦ୍ୱାରା କଲେକ୍‌ସନର କମିଶନ ଉର୍ଜାସାଥୀଙ୍କୁ ମିଳିପାରୁ ନାହିଁ। ଫଳରେ ମିଟର ବିଲିଂ ଓ କଲେକ୍‌ସନକୁ କମିଶନ ଅର୍ଥ ମାସକୁ ୪/୫ହଜାର ଟଙ୍କା ପାଉଛନ୍ତି। ଏହି ଟଙ୍କାକୁ ଗ୍ରୁପର ୧୦ ମହିଳାଙ୍କ ମଧ୍ୟରେ ଭାଗ କରିବାରୁ ଜଣକ ପିଛା ମାତ୍ର ୪ ଶହରୁ ୫ ଶହ ଟଙ୍କା ପାଉଛନ୍ତି। ମାସତମାମ କାର୍ଯ୍ୟ କରି ଅଳ୍ପ ଟଙ୍କାରେ ପରିବାର ପୋଷଣ କରିବା ସମ୍ଭବ ହେଉ ନ ଥିବାରୁ ବିଭାଗ ପକ୍ଷରୁ ୧ ହଜାର ଉପଭୋକ୍ତାଙ୍କ ବିଲ୍ କାଟିବା ଓ ସଂଗ୍ରହ କରିବାକୁ ଗ୍ରୁପର ଝରଣା ଦେହୁରୀ ଓ ସସ୍ମିତା ସାହୁ ଦାବି ଜଣାଇଛନ୍ତି। ଏଥିରେ ବିଭାଗୀୟ ଅନୁମତି ଦିଆ ନ ଗଲେ ଉର୍ଜାସାଥୀଙ୍କୁ ମାସିକ ଦରମା ପ୍ରଦାନ କରାଯାଉ ବୋଲି ଗ୍ରୁପ୍‌ର ପ୍ରମିଳା ମହାନ୍ତ, କାନନବାଳା ମହାନ୍ତ ଓ ସୁକାନ୍ତି ସେଠୀ ଦାବି କରିଛନ୍ତି। ଖୁବ୍‌ଶୀଘ୍ର ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଏହାର ସମାଧାନ କରାଯିବ ବୋଲି ଜିଲାପାଳ ଦତାତ୍ରେୟ ଭାଉସାହେବ ଶିନ୍ଦେ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

## ସମସ୍ୟାର ସମାଧାନ ନିମନ୍ତେ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଦାବିପତ୍ର

ବାରିପଦା, ୨୪।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ସିନିୟର ସିଟିଜେନ ଫୋରମ ଆନୁକୂଲ୍ୟରେ ବାରିପଦାସ୍ଥିତ ସରକାରୀ କର୍ମଚାରୀ ସଂଘ ଗୃହରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଉଦଳା ସିନିୟର ସିଟିଜେନ ସଂଘ ପକ୍ଷରୁ ଏକ ପ୍ରତିନିଧି ଦଳ ସ୍ଥାନୀୟ ସମସ୍ୟାକୁ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡିକ ମଧ୍ୟରେ ଉଦଳାଠାରେ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟର କାର୍ଯ୍ୟାରମ୍ଭ କରିବା, ସମୀବୃକ୍ଷଠାରୁ ଦେବକୁଣ୍ଡ ପର୍ଯ୍ୟନ୍ତ ସମସ୍ତ ଦର୍ଶନୀୟ ସ୍ଥାନକୁ ନେଇ ଏକ ପର୍ଯ୍ୟଟନ ବଳୟ ସୃଷ୍ଟି କରିବା, ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ଓ ଜୈବ ବିବିଧତା ରକ୍ଷା କରିବା, ନୀଳଗିରି ରେଳଲାଇନକୁ ବାରିପଦା ଭାୟା ଉଦଳା ସମ୍ପ୍ରସାରଣ କରାଇବା, ଉଦଳାରେ ଟ୍ରିପଲ ଇଞ୍ଜିନ ସରକାର ଚାଲୁଥିବା ବେଳେ ୫୦ବର୍ଷର ଏନଏସିକୁ ଉପଯୁକ୍ତ ଟାଉନ ପ୍ଲାନିଂ ସହିତ ପୌର ପରିଷଦ ମାନ୍ୟତା ପ୍ରଦାନ କରିବା, ମୟୂରଭଞ୍ଜ ସମେତ ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଗୃହ ନିର୍ମାଣ କରିବା, ଜଙ୍ଗଲର ସୁରକ୍ଷା ପାଇଁ ଶବଦାହରେ ବିଦ୍ୟୁତ କିମ୍ବା ସୌରଚୂଲାର ପ୍ରଚଳନ କରାଇବା, ବରିଷ୍ଠ ନାଗରିକମାନଙ୍କୁ ସ୍ୱତନ୍ତ୍ର ମେଡିକାଲ ପ୍ୟାକେଜର ବ୍ୟବସ୍ଥା କରାଇବାକୁ ଉଲ୍ଲେଖ ରହିଛି। ଦାବିପତ୍ର ଗ୍ରହଣ କରିବା ପରେ ମନ୍ତ୍ରୀ ଡା. ମହାପାତ୍ର ଏହାର ଆଶୁ କାର୍ଯ୍ୟକାରିତା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଦାବିପତ୍ର ପ୍ରଦାନ ବେଳେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, କୃପାସିନ୍ଧୁ ବେହେରା, ସୁଶାନ୍ତ କୁମାର ବସା, କାଶୀନାଥ ଦାସ, ବ୍ରହ୍ମାନନ୍ଦ ନାୟକ ଓ ସର୍ବେଶ୍ୱର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ମୟୂରଭଞ୍ଜର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଏକ ପରାମର୍ଶ କମିଟି ଗଠନ କରି ପ୍ରସ୍ତାବିତ ସମସ୍ୟାର ସମାଧାନ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି ।


ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଦାବିପତ୍ର ଦିଆଯାଉଛି।


**ଦ.ପୂ. ରେଳପଥ - ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ.: କେଜିପିଡବ୍ଲ୍ୟୁ-ସିଏଆର୍‌ଆର୍-ଏଆର୍‌ଟିଏଆର୍‌ଏମ୍‌ଇ-୨୪-୧, ତାରିଖ: ୨୪।୦୬।୨୦୨୪।**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ୱାର୍କସ୍ ମ୍ୟାନେଜର/ଆର୍‌ଏସ୍‌ପି (କ୍ୟାରିଏଜ୍ ୱାର୍କସ୍), ଖଡ଼ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର, ପିନ୍-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କାର୍ଯ୍ୟର ନାମ:** ବିଜି କୋଚ୍‌ଗୁଡ଼ିକୁ ଏଆର୍‌ଟି/ଏଆର୍‌ଏମ୍‌ଇ କୋଚ୍‌ରେ ପରିବର୍ତ୍ତନ କରିବା, ପରିମାଣ-୧୭ କୋଚ୍। **ପରିମାଣ:** ଏନ୍‌ଆଇଟି ଅନୁଯାୟୀ। **କାର୍ଯ୍ୟର ସ୍ଥାନ:** ଖଡ଼ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ, ପୋଷ୍ଟ- ଖଡ଼ଗପୁର, ଜିଲ୍ଲା- ପଶ୍ଚିମ ମେଦିନାପୁର, ପିନ୍-୭୨୧୩୦୧। **ଟେଣ୍ଡର ମୂଲ୍ୟ:** ₹୨,୩୧,୨୯,୮୫୩.୦୬। **ଅମାନତ ରାଶି:** ₹୨,୬୫,୭୦୦। **ଠିକା ଅବଧି:** ଏଲ୍‌ଓଏ ଜାରି ହେବା ତାରିଖରୁ ୦୬ ମାସ। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ୍ୟ। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୬।୦୭।୨୦୨୪ରିଖ ୧୫.୦୦ ଘଟିକା। ସବିଶେଷ ଟେଣ୍ଡର ଦସ୍ତାବିଜ ଇ-ପୋର୍ଟାଲ୍ ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ। (PR-301)

**cmpdi** A Miniratna Company
**CENTRAL MINE PLANNING AND DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi - 834031, Jharkhand, India

**NOTICE**
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM Portal https://gem.gov.in."

**boyanika** CAD-314
**QUOTATION CALL NOTICE**
No. 1955 Dt. 21.06.2024
**Name of the work :-** Supply of Computer Materials, Packing Materials, Printing Materials & Official Stationeries to Odisha State Handloom WCS Ltd, Boyan Bhawan at PJN Marg, Bhubaneswar. The last date and time of submission of quotation is **10.07.2024 up to 5:00 PM**. Refer our website www.boyanika.com for details. All the information in connection with this Quotation Call Notice will be available in this website.
Sd/-
Managing Director
Boyanika
OIPR-31004/11/0003/2425

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**୪ର୍ଥ ଶୁଦ୍ଧିପତ୍ର ପ୍ରକାଶନ ତାରିଖ ତା୧୪।୦୬।୨୦୨୪ରିଖ**
କ୍ର.ସଂ. ଟେଣ୍ଡର ବିଜ୍ଞପ୍ତି ନଂ.: ସିଇସି/ବିଏସ୍‌ପି/୨୩-୨୪/୨୭ ତାରିଖ: ୧୬।୦୩।୨୦୨୪
(ଖୋଲା ଟେଣ୍ଡର) (ଦୁଇ ପ୍ୟାକେଟ୍ ପ୍ରଣାଳୀ)
ବିଷୟ:- "ଦକ୍ଷିଣ ପୂର୍ବ ମଧ୍ୟ ରେଳପଥରେ ସିଏଓ/ନିର୍ମାଣ କାର୍ଯ୍ୟାଳୟ ଏବଂ ସହଯୋଗୀ କାର୍ଯ୍ୟାଳୟଗୁଡ଼ିକ ପାଇଁ ସାଧାରଣ ପରାମର୍ଶଦାତାଙ୍କ ନିଯୁକ୍ତି ନିମନ୍ତେ ପ୍ରସ୍ତାବ ପାଇଁ ଅନୁରୋଧ (ଆର୍‌ଏଫ୍‌ପି)"। ଉପରୋକ୍ତ ଟେଣ୍ଡରର ଅନୁସୂଚୀ ସଂକ୍ରାନ୍ତରେ ନିମ୍ନଲିଖିତ ପରିବର୍ତ୍ତନଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଉଛି:-

| କ୍ର. ସଂ. | କାର୍ଯ୍ୟକ୍ରମର ବର୍ଣ୍ଣନା | ଏନ୍‌ଆଇଟିରେ ଦର୍ଶାଯାଇଥିବା ଅନୁଯାୟୀ | ସଂଶୋଧିତ ହୋଇଥିବା ଅନୁଯାୟୀ |
|---|---|---|---|
| ୧. | ବିଜ୍ଞାପିତ ମୂଲ୍ୟ (ଆଇଏନ୍‌ଆର୍) | ₹୧୬,୧୨,୧୧,୯୫୧.୦୦ | ₹୨୪,୧୯,୫୭,୯୪୪.୦୦ |
| ୨. | ଅମାନତ ରାଶି (ଆଇଏନ୍‌ଆର୍) | ₹୯,୫୬,୧୦୦.୦୦ | ₹୧୩,୫୯,୮୦୦.୦୦ |
| ୩. | ବିଡ୍ ଖୋଲିବା ଓ ବନ୍ଦ ହେବାର ତାରିଖ | ୧୫।୦୫।୨୦୨୪ | ୦୯।୦୭।୨୦୨୪ |

୪ର୍ଥ ଶୁଦ୍ଧିପତ୍ରର ସମସ୍ତ ବିବରଣୀ ଆଇଆର୍‌ଇପିଏସ୍ ପୋର୍ଟାଲରେ ଦେଖାଯାଇପାରିବ। ଅନ୍ୟ ନିୟମ ଏବଂ ସର୍ତ୍ତାବଳୀଗୁଡ଼ିକ ଅପରିବର୍ତ୍ତିତ ରହିବ।
ଦ୍ରଷ୍ଟବ୍ୟ: ସଂଶୋଧିତ ଯୋଗ୍ୟତା ଏବଂ ଏନ୍‌ଆଇଟି ସର୍ତ୍ତାବଳୀ, ସଂଶୋଧିତ ଆର୍‌ଏଫ୍‌ପି ସିଇସି-ବିଏସ୍‌ପି-୨୩-୨୪-୨୭ ଆଇଆର୍‌ଇପିଏସ୍ ପୋର୍ଟାଲରେ ଅପ୍‌ଲୋଡ୍ ହୋଇଛି।
ଡେପୁଟି ଚିଫ୍ ଇଞ୍ଜିନିୟର/ସିଓଏନ୍/ୱାର୍କସ୍-।।,
ଦ.ପୂ.ମ. ରେଳପଥ, ବିଳାସପୁର
CPR/10/105
South East Central Railway @secrail

**ବିଜ୍ଞାପନ**

**ଭଦ୍ରକ ମୁକାମ ସିଭିଲଜଜ୍ (ସିନିୟର ଡିଭିଜନ)ଙ୍କ ଅଦାଲତ, ଭଦ୍ରକ**
**ସି.ଏସ.ନଂ.-୬୬୯/୨୦୨୧**
**(ଦେୱାନୀ କାର୍ଯ୍ୟବିଧି ଆଇନର ଆଦେଶ-୫, ରୁଲ-୨୦)**
**ଶ୍ରୀ ମାର୍କଣ୍ଡ ନାୟକ**
**ଓଗେର..................ବାଦୀ**
**ବନାମ**
**ଶ୍ରୀ ସର୍ବେଶ୍ୱର ନାୟକ**
**ଓଗେର............ବିବାଦୀମାନେ**
ପ୍ରାପ୍ତେଷୁ:(୧) ଶ୍ରୀ ସର୍ବେଶ୍ୱର ନାୟକ, ବ୩୭ବର୍ଷ, ପି:ସ୍ୱ କେଶବ ନାୟକ (୨) ଶ୍ରୀକାନ୍ତ ନାୟକ, ବ୪୪ବର୍ଷ, ପି:ସ୍ୱ ଯଦୁମଣି ନାୟକ, (୩) ଶ୍ରୀ ବିଜୟ ନାୟକ, ବ୪୨ବର୍ଷ, ପି:ସ୍ୱ ଯଦୁମଣି ନାୟକ, (୪) ଶ୍ରୀ ପ୍ରକାଶ ନାୟକ ବ୪୦ବର୍ଷ, ପି:ସ୍ୱ ଯଦୁମଣି ନାୟକ, (୫) ଶ୍ରୀ ପ୍ରଶାନ୍ତ ନାୟକ ବ୩୭ବର୍ଷ, ପି:ସ୍ୱ ଯଦୁମଣି ନାୟକ
ଏ ସମସ୍ତଙ୍କର ନ.୧ ଠାରୁ ୫ ମ୍ବର ବିବାଦୀ ମାନଙ୍କର ସା:- ରଘୁନାଥପୁରଜୀଉପାଟଣା ସାମିଲ ନାଉଗରଡା, ହା/ସା/ପୋ /ଭାୟା- ରାମକ୍ରିଷ୍ଣନଗର, ଥା/ଜି:ରାୟଗଡ଼ା, ପିନ୍- ୭୬୫୦୦୧, (୬) ମନଞ୍ଜିନୀ ସାହୁ ଓରଫ ମିନାଞ୍ଜିନୀ ସାହୁ, ସ୍ୱା-ବସନ୍ତ ସାହୁ, ସା:ନାଉଗରଡା, ପୋ- ଉଗ୍ରତାରା, ଥା-ଚାନ୍ଦବାଲି, ଜି- ଭଦ୍ରକ... ବିବାଦୀ ।
ଏତଦ୍ୱାରା ଆପଣ ବିବାଦୀମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି କି ଉପରୋକ୍ତ ବାଦୀ ତଫସିଲ ବୃତ୍ତି ପକ୍ଷେ ଚିରସ୍ଥାୟୀ ନିଷେଧାଜ୍ଞା ଓ ଖେସରାତ ଦାବିରେ ଅତ୍ର ମୋକଦ୍ଦମା ଆଗତ କରିଅଛନ୍ତି । ମାତ୍ର ଅଦାଲତଙ୍କଠାରୁ ଆପଣଙ୍କ ଉପରେ ବାରମ୍ବାର ନୋଟିସ୍ ହେବା ସତ୍ତ୍ୱେ ଆପଣ ଜାଣିଶୁଣି ଉକ୍ତ ନୋଟିସ୍‌ମାନ ନେବାକୁ ଅସ୍ୱୀକାର କରୁଅଛନ୍ତି । ଉପରୋକ୍ତ ମୋକଦ୍ଦମାର ତାରିଖ ତା.୧୨.୦୭.୨୦୨୪ ରିଖକୁ ଧାର୍ଯ୍ୟ ଅଛି । ଉପରୋକ୍ତ ତାରିଖରେ ଦିବା ୧୦ ଘଟିକା ୩୦ ମିନିଟ୍ ସମୟରେ ଆପଣ କିମ୍ବା ଆପଣଙ୍କର ପ୍ରତିନିଧି କୋର୍ଟରେ ଉପସ୍ଥିତ ହୋଇ ନିଜର ଅଭିଯୋଗମାନ ଜଣାଇବେ, ଉପରୋକ୍ତ ତାରିଖରେ ଅନୁପସ୍ଥିତ ରହିଲେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
**ତଫସିଲ ବୃତ୍ତି**
ଜିଲ୍ଲା-ଭଦ୍ରକ, ଥାନା-ଚାନ୍ଦବାଲି, ମୌଜା- ନାଉଗରଡା, ଚକବନ୍ଦୀ ଖାତା ନ ୧୫୪ମ୍ବର ଖ୧୬୪୬ସଡା, ଏ.୦.୪୧ ଡି.
ଚକବନ୍ଦୀ ଖାତା ନ୧୭୦ମ୍ବର, ଖ୧୬୯୮ସଡା, ଏ.୦.୧୮ ଡି ଯାହାକି ସାବକ ଖାତା ନ ୧୯୮ମ୍ବର, ଖ୧୩୨୪ସଡାର ଏକାଂଶ ଅଟେ । ଏଜନ ମୌଜା ନାମାଜାରୀ ଖାତା ନ ୬୩୩/୩୧୭ ମ୍ବର, ଖ୧୬୯୮/ ୨୫୭୫ ସଡା, ଏ ୦.୦୪୫୦ ଡି ଯାହାକି ଚକବନ୍ଦୀ ଖାତା ନ ୧୭୦ ମ୍ବର, ଖ୧୬୯୮ସଡାର ଏକାଂଶ ଅଟେ ।

ଇଣ୍ଡିୟନ ବୈଂକ Indian Bank ALLAHABAD
**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ.: ସି/୯, ସେକ୍ଟର - ୬, ସିଡ଼ିଏ, ପୋ.: ମର୍କତ ନଗର, କଟକ - ୭୫୩୦୧୪, ଇ-ମେଲ୍: zocuttack@indianbank.co.in
**ଦଖଲ ନୋଟିସ୍**
ପରିଶିଷ୍ଟ-୪ [ରୁଲ୍-୮(୧)]
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି **ଦଖଲ** ନେଇଛନ୍ତି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ । **ଋଣଗ୍ରହୀତାଙ୍କର ଦୃଷ୍ଟି ଆକର୍ଷଣ କରାଯାଉଛି କି ସେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ତାଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ।**

| ମହାନଦୀ ବିହାର ଶାଖା/ ଋଣଗ୍ରହୀତା/ସହ-ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଅଳକା ମହାନ୍ତି,** ସ୍ୱାମୀ: ଶ୍ରୀ ପ୍ରଦୀପ କୁମାର ଦାସ / **ସହ-ଋଣଗ୍ରହୀତା: ପ୍ରଦୀପ କୁମାର ଦାସ,** ପିତା: ଶ୍ରୀ ବ୍ରଜବନ୍ଧୁ ଦାସ, ଉଭୟଙ୍କ ଠିକଣା: ୧) ପ୍ଲଟ୍ ନଂ.: ୪୬୩/୯୩୫ ଏବଂ ୪୬୨, ଫ୍ଲାଟ୍ ନଂ.: ୨ବି, ମୌଜା: କଟକ ସହର, ୟୁନିଟ୍ ନଂ.: ୩୭, ବାଦାମବାଡ଼ି, ପିନ୍-୭୫୩୦୦୯, ୨) ପ୍ଲଟ୍ ନଂ.: ୭୪୯/୨୪୫୦, ମହାନଦୀ ବିହାର, ହାରାମଣୀ ମଣ୍ଡପ ନିକଟ, ନଦୀକୂଳ ସାହି, ଥାନା: ଚାଉଳିଆଗଞ୍ଜ, କଟକ, ପିନ୍-୭୫୩୦୦୪ | ୧୭.୦୬.୨୦୨୪ ସୁଦ୍ଧା ଟ.୪୦,୩୨,୮୧୯/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୦୩.୨୦୨୪ / ୧୯.୦୬.୨୦୨୪ | ଅରୁଣୋଦୟ ମାର୍କେଟ, କଟକ ଠାରେ ଥିବା **"ମହାବୀର ଆପାର୍ଟମେଣ୍ଟ"** ନାମକ ବିଲ୍ଡିଂର ୨ୟ ମହଲାରେ ଥିବା ଫ୍ଲାଟ୍ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ ନଂ.: ୨ବି, ଖାତା ନଂ.: ୯୧, ପ୍ଲଟ୍ ନଂ.: ୪୬୩/୯୩୫, କ୍ଷେତ୍ର: ଏକର୦.୧୩୪ ଡିସିମିଲି, ପ୍ଲଟ୍ ନଂ.: ୪୬୪, କ୍ଷେତ୍ର: ଏକର ୦.୦୫୯ଡ଼ିସିମିଲି, ପ୍ଲଟ୍ ନଂ.: ୪୬୫, କ୍ଷେତ୍ର ଏକର: ୦.୦୫୦ଡ଼ିସିମିଲି ଏବଂ ଖାତା ନଂ.: ୨୭୧, ପ୍ଲଟ୍ ନଂ.: ୪୬୨, କ୍ଷେତ୍ର: ଏକର୦.୦୫୩ ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର ୦.୨୯୬ ଡିସିମିଲି (୧୧୮୦ ବର୍ଗଫୁଟ)**, ମୌଜା: କଟକ ସହର, ବାଦାମବାଡ଼ି, ଜିଲ୍ଲା: କଟକ, ଓଡ଼ିଶା, ପ୍ରକାର: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଖୋଲା ଆକାଶ, ଦକ୍ଷିଣ: କରିଡର, ପୂର୍ବ: ଖୋଲା ଆକାଶ, ପଶ୍ଚିମ: ଫ୍ଲାଟ ନଂ.:୨ସି |

**ସ୍ଥାନ: କଟକ**
**ତାରିଖ : ୨୪.୦୬.୨୦୨୪**
କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ବ୍ୟାଙ୍କ

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ବ୍ୟବସାୟୀଙ୍କ ମୃତ୍ୟୁ

ବାହାନଗା, ୨୪।୬ (ଅରୂପ କୁମାର ଦାସ)

ବାଲେଶ୍ୱର ଜିଲା ବାହାନାଗା ବ୍ଲକ ଅଭଣା ପଞ୍ଚାୟତ ଆଳଦା ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି। ଗ୍ରାମର ଭବେଶ ଓଝା (୩୬) ଖରାସାହାପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିକଟସ୍ଥ ଏକ ରଡ଼ ୱେଲଡିଂ ଦୋକାନ କରିଥିଲେ। ସକାଳେ କାମ ପ୍ରବଳ ଭିଡ଼ ଥିବାରୁ ସକାଳ ଠୁ କାମ କରି ଦ୍ୱିପ୍ରହରରେ ଘରକୁ ଖାଇବା ପାଇଁ ଯାଇଥିଲେ। ଖାଇସାରି ପୁଣି ଦୋକାନକୁ କାମ କରିବା ପାଇଁ ପଳାଇ ଆସିଥିଲେ। ହଠାତ୍ ୱେଲଡିଂ କରୁଥିବା ବେଳେ ଏକ ତାର ଚାର୍ଜ ହୋଇ ତାଙ୍କ ହାତରେ ଲାଗିଯାଇଥିଲା। ଆଖପାଖ ଲୋକ ଦେଖିବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଦ୍ୱାରା ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ସୋର ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ସମସ୍ୟାଘେରରେ ଧାମନଗର ମହାବିଦ୍ୟାଳୟ

ଧାମନଗର,୨୪।୬ (ସନ୍ତୋଷ କୁମାର ମହାପାତ୍ର)




- ଅଧିକାଂଶ ପଦବୀ ଖାଲି
- ରସାୟନ ବିଜ୍ଞାନ ବିଭାଗରେ ଅଧାପକ ନାହାନ୍ତି
- ୬ ବର୍ଷ ପରେ ବି ଏସ୍‌ସି-ଏସ୍‌ଟି ହଷ୍ଟେଲ ନିର୍ମାଣ ସରିଲାନି

ଭଦ୍ରକ ଜିଲା ଧାମନଗର ବ୍ଲକର ବହୁ ପୁରାତନ ଧାମନଗର ମହାବିଦ୍ୟାଳୟ ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରୁଛି। ପାରିପାର୍ଶ୍ୱିକ ପରିବେଶ ବା ଭିତ୍ତିଭୂମି, ବିଭାଗୀୟ କ୍ଷେତ୍ରରେ ନିଯୁକ୍ତିକୁ ନେଇ ସବୁବେଳେ ଅବହେଳାର ଶିକାର ହେଉଥିବା ଲକ୍ଷ୍ୟ କରାଯାଇଛି। ଦୀର୍ଘ ୧୫ବର୍ଷରୁ ଊର୍ଦ୍ଧ୍ୱ ହେବ କେବଳ ଭାରପ୍ରାପ୍ତ ଅଧ୍ୟକ୍ଷରେ ଏହି ମହାବିଦ୍ୟାଳୟ ଚାଲିଛି। ସେହିପରି ଅଧ୍ୟାପକ ଓ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ମିଶାଇ ଅଧିକାଂଶ ପଦବୀ ଖାଲି ପଡ଼ିଛି। ୩୧ଟି ଟିଚିଂ ପୋଷ୍ଟରୁ ୮ଟି ଫାଙ୍କା ଥିବାବେଳେ ୨୧ଟି ନନ୍ ଟିଚିଂ ପୋଷ୍ଟରୁ ୧୧ଟି ଫାଙ୍କା ପଡ଼ିଛି। ଏପରିକି ରସାୟନ ବିଜ୍ଞାନ ବିଭାଗରେ ଆଦୌ ଅଧ୍ୟାପକ ନାହାନ୍ତି। ୧୦ଜଣ ଅତିଥି ଅଧ୍ୟାପକଙ୍କୁ ନେଇ ଏଠାରେ ଶିକ୍ଷାଦାନ ଚାଲିଥିବା ବେଳେ ନାମ ଲେଖା ସରିବା ପରେ ପୁନଶ୍ଚ ଏମାନଙ୍କ ଉପରେ ମହାବିଦ୍ୟାଳୟ ନିର୍ଭର କରିପାରେ। ଶ୍ରେଣୀଗୃହ ଅଭାବ ଥିବା ବେଳେ ବିଜ୍ଞାନଗାର ଆଧୁନିକୀକରଣର ଆବଶ୍ୟକତା ରହିଛି। ଦୀର୍ଘବର୍ଷ ହେଲା ଲାଇବ୍ରେରିଆନ ପଦବୀ ଖାଲି ପଡ଼ିଛି। ଯେଉଁ ଦୁଇଜଣ ଅସ୍ଥାୟୀ ଦାୟିତ୍ୱରେ ଥିଲେ ସେମାନେ ଅବସର ନେବା ପରେ ଏବେ କ୍ଲିରିକାଲ ଷ୍ଟାଫ୍ ଏହି ଦାୟିତ୍ୱ ତୁଲାଉଛନ୍ତି।

ସେହିପରି ୨୦୧୭ରେ ତତ୍କାଳୀନ କ୍ରୀଡ଼ା ଅଧ୍ୟାପକଙ୍କ ଅବସର ପରେ ଉକ୍ତ ପଦବୀ ଏଯାଏ ଖାଲି ପଡ଼ିଛି। କଲେଜ ଚତୁଃପାର୍ଶ୍ୱରେ ପାଚେରି ନ ଥିବାରୁ ଅବାଧରେ ଅସାମାଜିକ ବ୍ୟକ୍ତି ଅନୁପ୍ରବେଶ କରୁଛନ୍ତି। ୨୦୧୮ରେ ଏସ୍‌ସି ଏସ୍‌ଟି ହଷ୍ଟେଲ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୧ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଥିଲା। କାର୍ଯ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ଦୀର୍ଘବର୍ଷ ପଡ଼ି ରହିବାରୁ ଦ୍ୱିତୀୟ ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ସମ୍ପୂର୍ଣ୍ଣ କରିବାକୁ ଧାର୍ଯ୍ୟ ହୋଇଥିଲା। ସେତିକି ଟଙ୍କାରେ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାରୁ ପୁନର୍ବାର ୨୦୨୩ରେ ୭୫ଲକ୍ଷ ଅର୍ଥ ବ୍ୟୟବରାଦ କରାଯାଇଥିଲା। ଏଥିରେ କେବଳ ପଲସ୍ତରା, କବାଟ ଓ ରଙ୍ଗ କରାଯାଇଥିବା ବେଳେ ଅଦ୍ୟାବଧି କାର୍ଯ୍ୟ ସରିନାହିଁ। କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ହଷ୍ଟେଲ ନିର୍ମାଣରେ ବିଳମ୍ବ ସାଙ୍ଗକୁ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେଉଛି। ୨୦୨୩ରେ ବ୍ଲକ ପକ୍ଷରୁ ପାଖାପାଖି ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର କରାଯାଇ ମହାବିଦ୍ୟାଳୟରେ ୨ ଲାବୋରେଟୋରୀ ନବୀକରଣ ନିମନ୍ତେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ବିଭିନ୍ନ ସମସ୍ୟା ଥିବାରୁ ନିକଟରେ ନାକ ଟିମ୍ କଲେଜକୁ ଆସି ନ ଥିବା ଜଣାପଡ଼ିଛି। ପ୍ରାୟ ୧୫ ଏକରରୁ ଊର୍ଦ୍ଧ୍ୱ ଜମି ଜବରଦଖଲ ଯୋଗୁ କଲେଜର ପରିଧି ଧୀରେ ଧୀରେ ସଙ୍କୁଚିତ ହେବାକୁ ବସିଛି। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ଏମ୍.ଡି. ଇସ୍ରାଇଲ କହିଛନ୍ତି, କର୍ମଚାରୀ ଅଭାବ ସହ କଲେଜର ଅନ୍ୟାନ୍ୟ ସମସ୍ୟା ବି ରହିଛି। ଆଗାମୀ ଦିନରେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରି ଆଲୋଚନା କରାଯିବ। ଏସ୍‌ସି ଏସ୍‌ଟି ହଷ୍ଟେଲ ନିର୍ମାଣ କାର୍ଯ୍ୟ ସରିନାହିଁ। ହେଲେ ବ୍ଲକ ପକ୍ଷରୁ ନିର୍ମାଣ ହେଉଥିବା ଲାବୋରେଟୋରୀ କାମ ଶୀଘ୍ର ସାରି ହସ୍ତାନ୍ତର କରିବାକୁ ବିଡିଓ ବନବିହାରୀ ଦିଣ୍ଡାଙ୍କ ସହୁ ଆଲୋଚନା ହୋଇଛି। ଏହି ନିର୍ବାଚନମଣ୍ଡଳୀର ବିଧାୟକ ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ ହୋଇଥିବାରୁ କଲେଜ ପ୍ରତି ଦୃଷ୍ଟି ଦେଲେ ସମସ୍ତ ସମସ୍ୟା ସମାଧାନ ହୋଇପାରିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

# ଜିଲାସ୍ତରୀୟ ରେନ୍‌ବୋ ସ୍ୱାଭିମାନ ପଦଯାତ୍ରା




କିନ୍ନରମାନେ ପଦଯାତ୍ରାରେ ଲୋକଙ୍କୁ ସଚେତନ କରୁଛନ୍ତି।

ଭଦ୍ରକ,୨୪।୬ (ସନାତନ ରାଉତ)

ଲିଙ୍ଗଗତ ଭେଦଭାବ ବୋଲି କିନ୍ନରମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା, ସମ୍ବିଧାନର ଧାରା ଅନୁସାରେ ଶିକ୍ଷାଗତ, ସମାନତା ଓ ସ୍ୱାଧୀନତା ଅଧିକାର ସୁଯୋଗ ମିଳିବା, ସେମାନଙ୍କ ପ୍ରତି ଅବହେଳା କରା ନ ଯିବାକୁ ଲୋକଙ୍କ ମଧ୍ୟରେ ସଚେତନତା ପାଇଁ କିନ୍ନର ସଂଘ ସୁରକ୍ଷା ଫାଉଣ୍ଡେଶନ ଓ ଭୁବନେଶ୍ୱର ସାଥୀ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ସୋମବାର ଜିଲାସ୍ତରୀୟ ରେନ୍‌ବୋ ସ୍ୱାଭିମାନ ପଦଯାତ୍ରା କରାଯାଇଛି। ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରୁ ପଦଯାତ୍ରାରେ ବାହାରି କିନ୍ନରମାନେ ପ୍ଲାକାର୍ଡ ଧରି ନାରା ଦେଇ ବାଗୁରାଇ ପର୍ଯ୍ୟନ୍ତ ଯାଇଥିଲେ। କିନ୍ନର ସଂଘର ସୌମ୍ୟା ଦାସ, ସୀମା ଟାଙ୍ଗୁରୁ, ସଞ୍ଜନା ସାସ୍ମଲ, ମାମୁନି ମହାରଣା, ତୁଳସୀ ନାୟକ, ଶ୍ରାବଣୀ ମଲିକ ପ୍ରମୁଖ ପରିଚାଳନା କରିଥିଲେ।

# ସାପ କାମୁଡ଼ାରେ ୨ ଯୁବକ ମୃତ

ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ)/କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୨୪।୬

ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ସାପ କାମୁଡାରେ ୨ ଯୁବକଙ୍କ ମୃତ୍ୟୁ ହୋଇଛି।

ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ଡମ୍ବରୁଘାଟି ଗ୍ରାମର ଜିତେନ୍ଦ୍ର ସିଂ (୨୦) ରବିବାର ରାତି ପ୍ରାୟ ୧୧ଟା ବେଳେ ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନୀଳଗିରି ହସ୍‌ପିଟାଲ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ମାତ୍ର କଟକ ନେବା ବାଟରେ ସୋର ନିକଟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଜିତେନ୍ଦ୍ର ମିତ୍ରପୁରସ୍ଥିତ ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟର +୩ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ତାଙ୍କର ଅନ୍ୟ ଜଣେ ଭାଇ ଥିଲେ ହେଁ ସେ ମାନସିକ ବିକୃତ ଅଟନ୍ତି। ଏନେଇ ନୀଳଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେହିପରି ସିଂଲା ଥାନା ଅନ୍ତର୍ଗତ କୁଣ୍ଡଳୀ ଗ୍ରାମର ରତ୍ନାକର ମଲ୍ଲିକ(୩୯) ରବିବାର ରାତିରେ ଶୋଇଥିବା ବେଳେ ସାପ କାମୁଡି ଦେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପରିବାର ଲୋକେ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ।

# ଲେଖାପଢ଼ା ଜାଣି ନ ଥିବାରୁ ପଦ ହରାଇଲେ ସରପଞ୍ଚ



ବୟାଙ୍ଗଡିହୀ ପଞ୍ଚାୟତର ସରପଞ୍ଚ ଦାୟିତ୍ୱ ଗ୍ରହଣ କରୁଛନ୍ତି ନାଏବ ସରପଞ୍ଚ ପ୍ରଦୀପ ବାରିକ।

ଅସୁରାଳି,୨୪।୬ (ସନ୍ତୋଷ ପ୍ରଧାନ/ଦେବେନ୍ଦ୍ର ଆଦିଆ)

**ଦାୟିତ୍ୱ ନେଲେ ନାଏବ ସରପଞ୍ଚ**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ବୟାଙ୍ଗଡିହୀ ପଞ୍ଚାୟତର ସରପଞ୍ଚ କୁନ୍ତଳା ମଲିକ ଲେଖାପଢ଼ା ଜାଣି ନ ଥିବାରୁ ପଦ ହରାଇଛନ୍ତି। ପଞ୍ଚାୟତର ନାଏବ ସରପଞ୍ଚ ପ୍ରଦୀପ ବାରିକ ସରପଞ୍ଚ ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱୀ ଭାରତୀ ବେହେରାଙ୍କୁ ହରାଇ କୁନ୍ତଳା ସରପଞ୍ଚ ହୋଇଥିଲେ। କୁନ୍ତଳା ଓଡ଼ିଆ ପଢ଼ି ଲେଖିପାରୁ ନ ଥିବା ନେଇ ଭାରତୀ ଧାମନଗର କୋର୍ଟ ଦ୍ୱାରସ୍ଥ ହୋଇଥିଲେ। ପାଠ ପଢ଼ିଥିବା ନେଇ କୁନ୍ତଳା କୋର୍ଟରେ ସାବ୍ୟସ୍ତ କରି ନ ପାରିବାରୁ ତାଙ୍କ ସରପଞ୍ଚ ପଦ ରଦ୍ଦ କରିବାକୁ କୋର୍ଟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ କୁନ୍ତଳା ହାଇକୋର୍ଟରେ ଅପିଲ୍ କରିଥିଲେ ମଧ୍ୟ ନିଜକୁ ପାଠ ପଢୁଆ ସାବ୍ୟସ୍ତ କରିପାରି ନ ଥିଲେ। ଶେଷରେ ସରପଞ୍ଚ ପଦ ହରାଇଛନ୍ତି। ଭଦ୍ରକ ଉପଜିଲାପାଳ ମନୋଜ ପାତ୍ରଙ୍କ ଚିଠି ଅନୁସାରେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ନାଏବ ସରପଞ୍ଚ ପ୍ରଦୀପଙ୍କୁ ସରପଞ୍ଚ ଦାୟିତ୍ୱ ପ୍ରଦାନ କରାଯାଇଛି। ନିର୍ବାହୀ ଅଧିକାରୀ ପ୍ରଦୀପଙ୍କୁ ଶପଥ ପାଠ କରାଇଥିଲେ। ବାରମ୍ବାର ନୋଟିସ ସତ୍ତ୍ୱେ କୁନ୍ତଳା ନିଜର ପଦ ଛାଡୁ ନ ଥିଲେ। ଉପଜିଲାପାଳଙ୍କ ନିର୍ଦ୍ଦେଶରେ କୁନ୍ତଳାଙ୍କ ବାସଭବନ ଆଗରେ ନୋଟିସ ଲଗାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ପଞ୍ଚାୟତରେ ସରପଞ୍ଚ ପଦ ଲାଗି ଉପନିର୍ବାଚନ କରାଯିବାକୁ ବିଜ୍ଞପ୍ତି ପାଇଁ ଉପଜିଲାପାଳଙ୍କ ଚିଠିରେ ଦର୍ଶାଯାଇଛି।

# ବିଜେଡି ପ୍ରାଥମିକ ସଦସ୍ୟ ପଦ ଛାଡ଼ିଲେ ଅସିତ

ବାସୁଦେବପୁର,୨୪।୬ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବିଜେଡି ଯୁବନେତା ତଥା ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ପ୍ରତିନିଧି ଅସିତ୍ କୁମାର ଦାସ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ଗତ ୨୨ ତାରିଖରେ ତାଙ୍କ ଇସ୍ତଫାପତ୍ର ବିଜେଡିର ବ୍ଲକ ସଭାପତିଙ୍କୁ ପ୍ରଦାନ କରିଥିବା କହିଛନ୍ତି। ଗତ ନିର୍ବାଚନରେ ବିଜେଡିରୁ ବିଧାୟକ ପ୍ରାର୍ଥୀ ହୋଇଥିବା ବିଷ୍ଣୁବ୍ରତଙ୍କ ପରାଜୟ ପରେ ତାଙ୍କର ଘନିଷ୍ଠ ସହଯୋଗୀ ଥିବା ଅସିତ୍ ଦଳ ଛାଡ଼ିବା ଚର୍ଚ୍ଚାର ବିଷୟ ହୋଇଛି।

ବିଷ୍ଣୁବ୍ରତ ୬୩୧ ଖଣ୍ଡ ଭୋଟ ବ୍ୟବଧାନରେ ହାରିବା ପରେ ନିର୍ବାଚନ ପରିଚାଳନାକୁ ନେଇ ତାଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ କେତେକ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ନେଇ ଅସିତ୍ ସୂଚନା ଦେଇଛନ୍ତି। ଅପରପକ୍ଷେ ଅସିତ୍‌ଙ୍କ ଦଳ ବିରୋଧୀ କାର୍ଯ୍ୟ ତଥା ଦଳୀୟ ପ୍ରାର୍ଥୀ ବିଷ୍ଣୁବ୍ରତଙ୍କୁ ହରାଇବା ପାଇଁ ଷଡ଼ଯନ୍ତ୍ର କରିବା ଓ ଦଳର ନେତା ବିଷ୍ଣୁବ୍ରତଙ୍କ ପ୍ରତି ସର୍ବସାଧାରଣରେ କଟୁ ମନ୍ତବ୍ୟ ଦେଉଥିବାରୁ ତାଙ୍କୁ ଦଳରୁ ବହିଷ୍କାର ପାଇଁ ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ ଗତ ୨୧ ତାରିଖରେ ଜିଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କୁ ଚିଠିମାଧ୍ୟମରେ ଅବଗତ କରିଥିଲେ। ବ୍ଲକ ବିଜେଡି ସଭାପତିଙ୍କ ସୁପାରିଶକ୍ରମେ ଜିଲା ସଭାପତି ଚିଠି ନଂ. ୧୯/୨୪ ତା ୨୧।୬।୨୦୨୪ ରିଖରେ ଅସିତ୍‌ଙ୍କୁ ଦଳରୁ ବହିଷ୍କାର କରିଥିବା ଜଣାପଡ଼ିଛି।

# 'ପୁଅ ହିଁ ସ୍ୱାମୀଙ୍କ ହତ୍ୟାକାରୀ'

ଖଇରା, ୨୪।୬(ଉତ୍କଳବନ୍ଧୁ ପଣ୍ଡା)

- ୬ଦିନ ଧରି ନିଖୋଜ ଘଟଣାର ଅନ୍ତ
- ଅଟୋରେ ଓହ୍ଲାଇ ଚକ୍‌ମା ଦେଲେ ଚମ୍ପାବତୀ

ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଗରସଙ୍ଗ ଗ୍ରାମରେ ଜମିବାଡି ଘଟଣାକୁ ନେଇ ଘଟିଯାଇଥିବା ହତ୍ୟାକାଣ୍ଡ ଘଟଣା ଉପରୁ ପରଦା ହଟିଛି। ଗ୍ରାମର ପ୍ରଭାକର ବେହେରାଙ୍କ ମୃତଦେହ ସାରୁଖାଲରୁ ଉଦ୍ଧାର ହେବାର ୪୮ଘଣ୍ଟା ପରେ ନିଖୋଜ ଥିବା ସ୍ତ୍ରୀ ଚମ୍ପାବତୀ ସୋମବାର ସକାଳେ ଏକ ଅଟୋରେ ଘରକୁ ଫେରି ନିଖୋଜ ଚର୍ଚ୍ଚାର ଅନ୍ତ ଘଟାଇଛନ୍ତି। ସେପଟେ ଚମ୍ପାବତୀ ସିମୁଳିଆ ପୋଲିସକୁ ବୟାନ ଦେଇ ପୁଅ ରମେଶ ବାପାଙ୍କୁ କବାଟ କିଳି ବାଡିରେ ପିଟି ମାରିଦେଇଥିବା କହିଛନ୍ତି। ମାରିବା ପରେ ସାରୁଖାଲରେ ପୋତି ତାଙ୍କୁ ସାଙ୍ଗରେ ଧରି ଅନ୍ୟ ସ୍ଥାନକୁ ପଳାଇ ଯାଇଥିଲେ। ରବିବାର ସକାଳେ ପୁଅ ତାଙ୍କୁ ଜାମୁଝାଡି ନିକଟରେ ଏକ ଅଟୋରେ ବସାଇ ଘରକୁ ଚାଲିଯିବାକୁ କହି ପଳାଇଥିବା ପୋଲିସ ଆଗରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ୧୭ ତାରିଖଠାରୁ ମା' ବାପା ଏବଂ ପୁଅ ରମେଶ ନିଖୋଜ ଥିବା ବେଳେ ପୁଅ ଜମିବାଡି ଲୋଭରୁ ମା' ବାପାଙ୍କୁ ହତ୍ୟା କରି ସାରୁଖାଲରେ ପୋତିଦେଇଥିବା ଚର୍ଚ୍ଚା ଜୋର ଧରିଥିଲା।

# ବିଦ୍ୟାଳୟ ସୁରକ୍ଷା ସପ୍ତାହ

ଚାନ୍ଦବାଲି,୨୪।୬ (କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଗୋପାଳପୁର କ୍ଲଷ୍ଟର ଅଧୀନ ପାଟୁଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ସିଆର୍‌ସିସି ତପନ ସାହୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ମାଧବାନନ୍ଦ ଓଝା ବିଦ୍ୟାଳୟର ସୁରକ୍ଷା ଓ ନିରାପତ୍ତାର ବିଭିନ୍ନ ଦିଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ପ୍ରଭାକର ସାମଲ ବିଦ୍ୟାଳୟ ସୁରକ୍ଷାରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ କହିଥିଲେ। ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ଓ ସୁନ୍ଦର ଶିକ୍ଷଣ ପରିବେଶ ସୃଷ୍ଟି ପାଇଁ ଅଭିଭାବକଙ୍କ ସମ୍ପୃକ୍ତି ନିହାତି ଦରକାର ବୋଲି ଶିକ୍ଷକ ନାରାୟଣ ନାୟକ କହିଥିଲେ। ଏହି ପରିପ୍ରେକ୍ଷୀରେ ଏକ କମିଟି ଗଠନ କରାଯାଇ ସଫଳ କାର୍ଯ୍ୟାନ୍ୱୟନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ନିରଞ୍ଜନ ପତି, ମମତା ମହାଳିକ, ମମତା ସ୍ୱାଇଁ, ଶିବପ୍ରିୟା ମହାଳିକ ପ୍ରମୁଖ ସହଯୋଗ କରିଥିଲେ।




ପାଟୁଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୁରକ୍ଷା ସପ୍ତାହ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକ।

# ରାଶନ କାର୍ଡ ପାଇଁ ବିଡିଓଙ୍କ ଦ୍ୱାରସ୍ଥ ମହିଳା

ବାସୁଦେବପୁର,୨୪।୬ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଅଡୁଁଆ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ଅନ୍ୟ କେତେକ ଅଞ୍ଚଳର ମହିଳାମାନେ ରାଶନ କାର୍ଡ ପାଇଁ ସୋମବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ତୁରନ୍ତ ସେମାନଙ୍କ ନାମ ରାଶନ କାର୍ଡରେ ଯୋଗ ସହ ନୂତନ କାର୍ଡ ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି। ଦୀର୍ଘଦିନ ଧରି ସେମାନଙ୍କୁ ରାଶନ କାର୍ଡ ମିଳୁ ନ ଥିବାରୁ ମହିଳାମାନେ ଅସନ୍ତୋଷ ପ୍ରକାଶ କରିବା ସହ ଏ ଦିଗରେ ପଦକ୍ଷେପ ନେବାକୁ ବିଡିଓଙ୍କୁ ଦାବି ଜଣାଇଛନ୍ତି। ରାଶନ କାର୍ଡ ସାଇଟ୍ ବନ୍ଦ ଥିବାରୁ ନୂତନ କାର୍ଡ ପ୍ରସ୍ତୁତରେ କିଛିଦିନ ବିଳମ୍ବ ହେବ ଓ ୱେବ୍‌ସାଇଟ୍ ଖୋଲିଲେ ହିତାଧିକାରୀଙ୍କୁ ରାଶନ କାର୍ଡ ଯୋଗାଇ ଦିଆଯିବ ବୋଲି ବିଡିଓ ସଞ୍ଜୀବ ସାହୁ କହିଛନ୍ତି।

# ଶତାୟୁ ସାରସ୍ୱତ ସାଧକଙ୍କୁ ନାଗରିକ ସମ୍ବର୍ଦ୍ଧନା



ସାରସ୍ୱତ ସାଧକ ସୁଧାଂଶୁ ଶେଖର ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ତିହିଡ଼ି,୨୪।୬ (ସଞ୍ଜିତ ବଳ)

ସାହିତ୍ୟ, ସଙ୍ଗୀତ ପ୍ରତି ସମର୍ପଣ ଭାବ ଥିଲେ ବ୍ୟକ୍ତି ଚେତନାରେ ଉତ୍ତରଣ ଘଟିଥାଏ। ଜୀବନର ଅନେକ ସଂଘର୍ଷ, ଦୁଃଖ ଓ ଶୋକ ସେହି ଭାବ ନିକଟରେ ଗୌଣ ପାଲଟିଯାଏ। ଯାହା ଶତାୟୁ ସାରସ୍ୱତ ସାଧକ କବି ସୁଧାଂଶୁ ଶେଖର ବେହେରାଙ୍କ ସଂଘର୍ଷମୟ ଜୀବନ ଓ ସାମଗ୍ରିକ କୃତୀରୁ ଅନୁଭବ କରିହୁଏ। ଶତାୟୁ ସାଧକ ସୁଧାଂଶୁଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ତିହିଡ଼ି ବ୍ଲକର ସିନ୍ଦୋଳ ପଞ୍ଚାୟତ ହାଇସ୍କୁଲରେ ରବିବାର ସନ୍ଧ୍ୟାରେ ଏହି ଉପଲକ୍ଷେ ଅନୁଷ୍ଠିତ ସଭାକୁ ବରିଷ୍ଠ ଶିକ୍ଷାବିତ୍ ନିରଞ୍ଜନ ନାୟକ ଉଦ୍‌ଘାଟନ କରିଥିଲେ। ବରିଷ୍ଠ କଥାକାର ଉମାକାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ବରେଣ୍ୟ ଆଲୋଚକ ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ କୀର୍ତ୍ତନ ନାରାୟଣ ଦାସ, ସାହିତ୍ୟିକ ଧିରେନ୍ଦ୍ର ବଳ, ପ୍ରଧାନଶିକ୍ଷକ ବିଶ୍ୱନାଥ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କବି ପି.ହୃଷୀକେଶ, ମୁକ୍ତିକାନ୍ତ ନାୟକ, କୃପାସିନ୍ଧୁ ମହାନ୍ତି, ରତ୍ନାକର ସାହୁ, ବଳରାମ ମଲ୍ଲିକ, ସୁରେନ୍ଦ୍ର ନାୟକ, ଅଜୟ କୁମାର ମଲ୍ଲିକ ପ୍ରମୁଖ କବି ସୁଧାଂଶୁଙ୍କ ଜୀବନ ଓ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ କବି ବିଜୟ ବେହେରାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ବିପ୍ଳବ ରଞ୍ଜନ ପତି, ସୁଧାରଞ୍ଜନ ମହାନ୍ତି, ମଥୁରା ମୋହନ ବେହେରା, ପୁଷ୍ପାଞ୍ଜଳି ତ୍ରିପାଠୀ, ବୈକୁଣ୍ଠନାଥ ଓଝା, କୈଳାସ ବେହେରା, ଗଦାଧର ପରିଡ଼ା, ଅନୁପମା ଦାସ ପ୍ରମୁଖ କବିତା ପାଠ କରିଥିଲେ। କବି ରବି କୁମାର ମହାନ୍ତି ଅତିଥି ପରିଚୟ ଦେଇଥିବା ବେଳେ ମୁକୁନ୍ଦଦେବ ନାୟକ ମାନପତ୍ର ପାଠ କରିଥିଲେ। କବି ଆଶୁତୋଷ କରଣ, ସୁବାସ ଚନ୍ଦ୍ର ଦାସ, ରଞ୍ଜୁଲତା ଗାହାଣ, ପ୍ରଦୀପ ଦାସ, ସରୋଜ ନାୟକ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ।

## ପୁଣି ମୁଣ୍ଡ ଟେକିଛି ପୌରପାଳିକା ବିବାଦ

# ପୌରାଧକ୍ଷାଙ୍କ ବିରୋଧରେ କଂଗ୍ରେସ ପାରିଷଦଙ୍କ ଧାରଣା

ଭଦ୍ରକ,୨୪।୬ (ସନାତନ ରାଉତ)



ପୌରପାଳିକା ଫାଟକ ଆଗରେ କାଉନସିଲରମାନେ ଧାରଣା ଦେଇଛନ୍ତି।

କିଛିଦିନର ବ୍ୟବଧାନ ପରେ ପୁଣି ଭଦ୍ରକ ପୌରପାଳିକାରେ ମୁଣ୍ଡ ଟେକିଛି ବିବାଦ। ପୌରାଧକ୍ଷାଙ୍କ ବିରୋଧରେ କଂଗ୍ରେସ ପାରିଷଦମାନେ ସୋମବାର ପୌରପାଳିକା ଅଫିସ୍ ଫାଟକ ଆଗରେ ଧାରଣା ଦେଇଛନ୍ତି। ସ୍ୱାଧୀନ ଭାବେ ପୌରାଧକ୍ଷା ନିର୍ବାଚିତ ହେବା ପରେ ସେତେବେଳର ବିଧାୟକ ଓ ବିଜେଡି ପାରିଷଦମାନଙ୍କ ସହ ବିବାଦ ଲାଗି ରହିଥିଲା। ସେତେବେଳେ କଂଗ୍ରେସ ପାରିଷଦମାନେ ପୌରାଧକ୍ଷାଙ୍କୁ ସମର୍ଥନ କରିଥିଲେ। ପରବର୍ତ୍ତୀ ସମୟରେ ପୌରାଧକ୍ଷା ବିଜେଡିରେ ସାମିଲ ହେବା ପରେ କଂଗ୍ରେସ ପାରିଷଦଙ୍କ ସହ ବିବାଦ ଆରମ୍ଭ ହୋଇଛି। ପୂର୍ବରୁ କଂଗ୍ରେସ ପାରିଷଦଙ୍କ ୱାର୍ଡରେ ହୋଇଥିବା କାମର ବିଲ୍ କରାଇ ଦେଇ ନ ଥିବା ପ୍ରତିବାଦରେ କଂଗ୍ରେସ କାଉନସିଲରମାନେ ପୌରପାଳିକା ଫାଟକ ଆଗରେ ଧାରଣାରେ ବସିଥିଲେ। ଆକ୍ରୋଶ ରଖି ବିଲ୍ କରାଯାଉ ନ ଥିବାରୁ ବାକି ରହିଥିବା କାମ ଠିକାଦାରମାନେ କରୁନାହାନ୍ତି। ବର୍ଷାଦିନ ଆସୁଥିବା ବେଳେ ଡ୍ରେନ୍ କାମ କରା ନ ଗଲେ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ଏ ସମସ୍ୟାର ସମାଧାନ ପାଇଁ ତୁରନ୍ତ ବିଲ୍ କରାଯିବାକୁ ସେମାନେ ଦାବି କରିଛନ୍ତି। ଏହି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ପୌରପାଳିକାକୁ ସମ୍ପୂର୍ଣ୍ଣ ଭାବେ ଅଚଳ କରିଦିଆଯିବ ବୋଲି ଧାରଣାରତ କାଉନସିଲରମାନେ ଚେତାବନୀ ଦେଇଥିଲେ।

ପୌରପାଳିକାର ୧୭ ନଂ. ୱାର୍ଡର କାଉନସିଲର ଫରିୟାଦ୍ ଖାଁ, ୧୯ ନଂ. ୱାର୍ଡର ପାରିଷଦ ରୁକ୍‌ସାନା ଖାତୁନ, ୨୪ ନଂ.ୱାର୍ଡର ପାରିଷଦ ଜାହିଦ ସାହା, ନଗର କଂଗ୍ରେସ ସଭାପତି ମୋକିତ୍ ଖାଁ, କଂଗ୍ରେସ ନେତା ସନିଆ ନନ୍ଦ, ସାହିଲ୍ କାଦ୍ରୀ, ଶେଖ୍ ସାଗିଲ୍, ଶେଖ୍ ସୋଲେମାନଙ୍କ ସମେତ କାଉନସିଲର ଓ କଂଗ୍ରେସ ନେତାମାନେ ଧାରଣା ଦେଇଥିଲେ। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି ଏବଂ ପୁରୁଣାବଜାର ଥାନା ଅଧିକାରୀ ନୀରୋଜ କୁମାର ସାମଲ ଧାରଣାରତ ପାରିଷଦମାନଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୨୮ ତାରିଖ ମଧ୍ୟରେ ବିଲ୍ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସେମାନେ ଧାରଣାରୁ ଉଠିଥିଲେ।

**ଅବକାରୀ ଚଢ଼ାଉ: ୪ ଗିରଫ**

ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ)-ନୀଳଗିରି ଅବକାରୀ ବିଭାଗ ଏବଂ ବାଲେଶ୍ୱର ମୋବାଇଲ ସ୍କ୍ୱାଡ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ଦେଶୀ-ବିଦେଶୀ ମଦ ଜବତ କରାଯିବା ସହ ପୋଚ ନଷ୍ଟ କରାଯାଇଛି। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଶରତ ବେହେରା, ପଦ୍ମାବତୀ ଜେନା, ପ୍ରକାଶ ଚନ୍ଦ୍ର ପତି, ସୁଧାକର ସିଂ। ରଧାକିଶୋରପୁର ଅଞ୍ଚଳରେ ୨୯୭୫ଲିଟର ପୋଚ ନଷ୍ଟ କରାଯାଇଥିବା ବେଳେ ୩୭୦ଲିଟର ମଦ ଜବତ କରାଯାଇଛି।

## ବାଲେଶ୍ୱର

# ସିମୁଳିଆ ବସ୍‌ଷ୍ଟାଣ୍ଡ: ଉଦ୍‌ଘାଟନ ପରଠୁ ତାଲା

**ସିମୁଳିଆ, ୨୪।୬(ସନ୍ତୋଷ ନାୟକ)**

ଓଡିଶା ରାଜ୍ୟ ସରକାରଙ୍କ ସଡ଼କ ଓ ପରିବହନ ନିଗମ(ଓଏସ୍ଆରଟିସି) ଦ୍ୱାରା ଯାତ୍ରୀମାନଙ୍କ ଗମନାଗମନର ସୁବିଧା ପାଇଁ ବାଲେଶ୍ୱର ଜିଲା ସିମୁଳିଆ ବ୍ଲକର ସଦର ମହକୁମା ମାର୍କୋଣାର ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ 'ସିମୁଳିଆ ବସ୍‌ଷ୍ଟାଣ୍ଡ' ନିର୍ମାଣ ହୋଇଛି । ହେଲେ ଉଦ୍‌ଘାଟନ ପରଠୁ ଏହି ବସ୍‌ଷ୍ଟାଣ୍ଡର ଉଭୟ ପାର୍ଶ୍ୱ ଗେଟରେ ତାଲା ଝୁଲିଛି।

ଗତ୨୦୨୧ରେ ଆରଡିସିଙ୍କ ଅନୁମୋଦନକ୍ରମେ ଏଲାଇନେସନ କେସ୍ ନଂ. ୩/୨୦୨୧ରେ ମାର୍କୋଣା ଅଞ୍ଚଳରେ ଥିବା ଖାତା ନଂ. ୫୪୬/୨, ପ୍ଲଟ ନଂ. ୧୬୮୪/୨୬୯୦ରେ ଥିବା ୨ ଏକର ଘରବାଡି କିସମ ଜମିକୁ ଓଡିଶା ବାଣିଜ୍ୟ ପରିବହନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ମାର୍କୋଣା ଆରଆଇ ସାରସୀ ମହାନ୍ତି ସୂଚନା ଦେଇଛନ୍ତି। ୩କୋଟି ୭୩ ଲକ୍ଷ ୭୫ହଜାର ୬ଶହ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ସିମୁଳିଆ ବସ୍‌ଷ୍ଟାଣ୍ଡ ନିର୍ମାଣ ଦାୟିତ୍ୱ ଓଡିଶା ପୋଲିସ ହାଉସିଂ କଲ୍ୟାଣ ନିଗମକୁ ଦିଆଯାଇଥିଲା। ତେବେ ୨ ଏକର ପରିସୀମାରେ ଅତ୍ୟାଧୁନିକ ଶୈଳୀରେ ନିର୍ମିତ ଏହି ବସ୍‌ଷ୍ଟାଣ୍ଡ ପରିସରରେ ଯାତ୍ରୀ ଓ ବସ୍ ଷ୍ଟାଫ୍‌ମାନଙ୍କ ପାଇଁ ବିଶ୍ରାମାଗାର, ଶୌଚାଳୟ, ମୋବାଇଲ ଚାର୍ଜର ପଏଣ୍ଟ, ଟିକେଟ କାଉଣ୍ଟର, ପାନୀୟଜଳ ବ୍ୟବସ୍ଥା, ୨୪ଘଣ୍ଟା ଆଲୋକ ବ୍ୟବସ୍ଥା, ଯାତ୍ରୀମାନଙ୍କୁ ସୂଚନା ଦେବା ପାଇଁ ମାଇକ ବ୍ୟବସ୍ଥା ଓ ପୂରା ବ୍ୟବସ୍ଥାକୁ ନଜରରେ ରଖିବା ପାଇଁ ସିସି କ୍ୟାମେରା ଲଗାଯାଇଛି। ମାର୍ଚ୍ଚ ୧୧ରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହି ବସ୍‌ଷ୍ଟାଣ୍ଡର ଉଦଘାଟନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ସମ୍ମାନନୀୟ ଅତିଥି ରୂପେ ତହସିଲଦାର ସୁନୀଲ କୁମାର ଗୁପ୍ତ, ବିଡିଓ ସମ୍ବିତ କୁମାର କର, ଥାନା ଅଧିକାରିଣୀ ସ୍ୱର୍ଣ୍ଣଲତା ମିଞ୍ଜ, ପ୍ରକଳ୍ପ ପରିଚାଳକ




ଇଂ. ସୁନୀଲ କୁମାର ରାୟ, ଆରଟିଓ ରଶ୍ମିରଞ୍ଜନ ଦଳବେହେରା, ଓଡିଶା ପୋଲିସ ହାଉସିଂବୋର୍ଡ ନିଗମ ପରିଚାଳକ ବିଶ୍ୱମୋହନ ମିଶ୍ର, ଓଏସ୍ଆରଟିସି ଅଧିକାରୀ ଏଲ୍. ତିରୁପତି ଆଗରୀ ପ୍ରମୁଖ ଯୋଗ ଦେଇଥିଲେ। ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଏହାର ପାଚେରିକୁ ଲାଗି ରହିଥିବା ଶ୍ରମିକ ବସ୍ତିର ୧୨ଟି ପରିବାରକୁ ପ୍ରଶାସନ ପୋଲିସ ଫୋର୍ସ ଲଗାଇ ଉଚ୍ଛେଦ କରିଥିଲା। ତେବେ ଉଦ୍‌ଘାଟନ ପରେ ଏହି ଷ୍ଟାଣ୍ଡରେ ତାଲା ଝୁଲୁଛି । ଏହି ଷ୍ଟାଣ୍ଡ ପରିସରରେ ତାଲା ପକାଇ କେତେକ ବ୍ୟକ୍ତି ରହୁଥିବା ଦେଖାଯାଇଛି । ଏ ସମ୍ପର୍କରେ ଜଣେ ବ୍ୟକ୍ତିଙ୍କୁ ପଚାରିବାରୁ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଏହାକୁ ହସ୍ତାନ୍ତର କରାଯିବ ବୋଲି ସେ ସୂଚନା ଦେଇଥିଲେ ।

■ବ୍ୟୟ ହୋଇଥିଲା ୩କୋଟି ୭୩ଲକ୍ଷ ୭୫ହଜାର ୬ଶହ ଟଙ୍କା

■ବ୍ଲକ କ୍ୱାର୍ଟର୍ସ ପରିସରରେ ରହୁଛି ଲକ୍ଷ୍ମୀ ବସ୍

ଅପରପକ୍ଷେ ବାଇପାସ୍ ରୋଡ ପାର୍ଶ୍ୱରେ ଏହି ବସ୍‌ଷ୍ଟାଣ୍ଡ ନିର୍ମିତ ହୋଇଛି। ବସ୍‌ଷ୍ଟାଣ୍ଡକୁ ୧୬ନଂ. ଜାତୀୟ ରାଜପଥର ୪ ଲେନ ବିଶିଷ୍ଟ ସଡକକୁ ଡେଇଁ ବସ୍ ଏହା ମଧ୍ୟକୁ ପ୍ରବେଶ କରିବା ପାଇଁ କୌଣସି ସୁବିଧା କରାଯାଇନାହିଁ। ତେଣୁ ସରକାରଙ୍କ ଏହି ବସ୍‌ଷ୍ଟାଣ୍ଡ ଯାତ୍ରୀମାନଙ୍କ କାମରେ ଲାଗିବାରେ ଅସୁବିଧା ରହିଥିବା ଯୁବ ବ୍ୟବସାୟୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେହିପରି ବସ୍‌ଷ୍ଟାଣ୍ଡରେ ତାଲା ଝୁଲୁଥିବାରୁ ସରକାରଙ୍କ ଲକ୍ଷ୍ମୀ ବସ୍ ବ୍ଲକ କ୍ୱାର୍ଟର୍ସ ପରିସରକୁ କଷ୍ଟରେ ପଶୁଥିବା ଓ ବାହାରୁଥିବା ଦେଖାଯାଇଛି। ଏହି ବସ୍‌ଷ୍ଟାଣ୍ଡ କେବେ କାର୍ଯ୍ୟକ୍ଷମ ହେବ ତାହା ସନ୍ଦେହ ଘେରରେ ରହିଛି ।

# ରେଳବ୍ରିଜ୍‌ରୁ ଯୁବକଙ୍କ ମୃତଦେହ ଜବତ

## ହତ୍ୟା ସନ୍ଦେହ

**ରୂପସା(ବାଞ୍ଛାନିଧି ଦେ)/ ବସ୍ତା(ହରିଶଙ୍କର ପାଢୀ), ୨୪।୬**

ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ବାଲେଶ୍ୱର ଜିଲା ଅଧୀନ ନୂଆଗାଁ-ବସ୍ତା ଷ୍ଟେଶନ ମଝିରେ ଥିବା ଜଳକା ରେଳବ୍ରିଜ୍ ଉପରୁ ସୋମବାର ଜିଆର୍‌ପି ଥାନା ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ବସ୍ତା ଥାନା ବାହାର୍ଦ୍ଦା ପଞ୍ଚାୟତ ମେଳକ ଗ୍ରାମର ଦେବାଶିଷ ନାୟକ(୨୪)। ଏ ସଂକ୍ରାନ୍ତରେ ଜିଆର୍‌ପି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୪୯/୨୪) ରୁଜୁ କରି ତଦନ୍ତ କରୁଛି। ରବିବାର ରାତିରେ ସାଙ୍ଗମାନଙ୍କ ସହ ଦେବାଶିଷ ପାଖ ଗାଁ ପେଗରପଡ଼ାକୁ ଯାତ୍ରା ଦେଖିବାକୁ ଯାଇଥିଲେ। ରାତିରେ ସେ ଘରକୁ ଫେରି ନ ଥିଲେ। ସୋମବାର ସକାଳେ ଜଳକା ରେଳବ୍ରିଜ୍‌ର ଅପଲାଇନ୍‌ରେ ଯୁବକଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ବାଲେଶ୍ୱର ଜିଆର୍‌ପି ଥାନା ଓ ରୂପସା ଆରପିଏଫ୍ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲେ। ଯୁବକ ଟ୍ରେନ୍‌ରେ କଟି ମୃତ୍ୟୁବରଣ କରିଛନ୍ତି କି କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ପକାଇ ଦେଇଛନ୍ତି ତାହାକୁ ନେଇ ସନ୍ଦେହ ଦେଖାଦେଇଛି। ଏହା ଏକ ହତ୍ୟାକାଣ୍ଡ ବୋଲି ଗ୍ରାମବାସୀ ଓ ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଖାଉଟି ସାମଗ୍ରୀ ବଣ୍ଟନରେ ହେରଫେର ଅଭିଯୋଗ

**ଖଇରା, ୨୪।୬(ଉତ୍କଳବନ୍ଧୁ ପଣ୍ଡା)**

ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ପଳାସପୁର ଗାଁରେ ଥିବା ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱରେ ଥିବା ଡିଲର ଖାଉଟି ସାମଗ୍ରୀ ବଣ୍ଟନ ହେରଫେର କରୁଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ବିଭିନ୍ନ ସ୍ଥାନରେ ବଣ୍ଟାଯିବା ପାଇଁ ଆସିଥିବା ଚାଉଳକୁ ଗ୍ରାମବାସୀ ଅଟକ ରଖିଥିଲେ । ସୋମବାର ଯୋଗାଣ ବିଭାଗ ଅଧିକାରୀ ସୁବାସିନୀ ସାହୁ ତଦନ୍ତ କରିବା ପରେ ଜବତ ଚାଉଳକୁ ସରପଞ୍ଚଙ୍କ ଦାୟିତ୍ୱରେ ରଖାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଚାଉଳ ଆସିବା ପରେ ହିତାଧିକାରୀଙ୍କୁ ବଣ୍ଟାଯିବ ବୋଲି ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗର ତଦନ୍ତ କରି ସମସ୍ତ ହିତାଧିକାରୀଙ୍କୁ ନିୟମିତ ଚାଉଳ ବଣ୍ଟନ କରିବାକୁ ଗଜେନ୍ଦ୍ର ଗିରି, ଉପେନ୍ଦ୍ର ପ୍ରସାଦ ଭୂୟାଁ, ରମାକାନ୍ତ ମହାନ୍ତି, ଅଜିତ ମହାନ୍ତି, ଲକ୍ଷ୍ମୀକାନ୍ତ ନାୟକ, ମନୋରଞ୍ଜନ ମହାନ୍ତି ଓ ପ୍ରଫୁଲ ସାମଲ ପ୍ରମୁଖ ଦାବି କରିଛନ୍ତି ।

# ସାପ କାମୁଡ଼ାରେ ୨ ଯୁବକ ମୃତ

**ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ)/କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୨୪।୬**

ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ସାପ କାମୁଡାରେ ୨ ଯୁବକଙ୍କ ମୃତ୍ୟୁ ହୋଇଛି।

ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ଡମ୍ବରୁଘାଟି ଗ୍ରାମର ଜିତେନ୍ଦ୍ର ସିଂ (୨୦) ରବିବାର ରାତି ପ୍ରାୟ ୧୧ଟା ବେଳେ ଘରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନୀଳଗିରି ହସ୍‌ପିଟାଲ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା। ମାତ୍ର କଟକ ନେବା ବାଟରେ ସୋର ନିକଟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଜିତେନ୍ଦ୍ର ମିତ୍ରପୁରସ୍ଥିତ ସ୍ୱର୍ଣ୍ଣଚୂଡ଼ ମହାବିଦ୍ୟାଳୟର +୩ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ତାଙ୍କର ଅନ୍ୟ ଜଣେ ଭାଇ ଥିଲେ ହେଁ ସେ ମାନସିକ ବିକୃତ ଅଟନ୍ତି। ଏନେଇ ନୀଳଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସେହିପରି ସିଂଲା ଥାନା ଅନ୍ତର୍ଗତ କୁଣ୍ଡଳୀ ଗ୍ରାମର ରତ୍ନାକର ମଲ୍ଲିକ(୩୯) ରବିବାର ରାତିରେ ଶୋଇଥିବା ବେଳେ ସାପ କାମୁଡି ଦେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପରିବାର ଲୋକେ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ।

# ସୁରେଶ, ଜଗଦୀଶ ଉପଦେଷ୍ଟା

## ଟିପିଏନଓଡିଏଲ ୱାର୍କର୍ସ ଏମ୍ପ୍ଲୋଇଜ ୟୁନାଇଟେଡ୍ ଫୋରମ୍,ବାଲେଶ୍ୱର



ବୈଠକରେ ଟିପିଏନଓଡ଼ିଏଲ ଅଞ୍ଚଳରେ କାର୍ଯ୍ୟ କରୁଥିବା ସଙ୍ଗଠନର କର୍ମକର୍ତ୍ତା।

**ବାଲେଶ୍ୱର,୨୪।୬(ମାନସ ବିଶ୍ୱାଳ)**

ବାଲେଶ୍ୱର ସହର ଷ୍ଟେଶନ ଛକସ୍ଥିତ ଷ୍ଟେଶନ କ୍ଲବ ପରିସରରେ ଟିପିଏନଓଡ଼ିଏଲ ଅଞ୍ଚଳରେ କାର୍ଯ୍ୟ କରୁଥିବା ପାଞ୍ଚଟି ସଙ୍ଗଠନ ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନ, ଓଡ଼ିଶା ପାୱାର ସେକ୍ଟର ଏମ୍ପ୍ଲୋଇଜ ୟୁନିୟନ, କେନ୍ଦୁଝର ଜିଲା ବିଦ୍ୟୁତ କର୍ମଚାରୀ ସଂଘ, କଳିଙ୍ଗ ବିଦ୍ୟୁତ କର୍ମଚାରୀ ସଂଘ ଏବଂ ଅଲ୍ ଓଡ଼ିଶା ମିଟର ରିଡ଼ର ଆସୋସିଏଶନକୁ ନେଇ ସୋମବାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଉକ୍ତ ସଙ୍ଗଠନଗୁଡିକର ସମ୍ମତିକ୍ରମେ ନୂତନ ଭାବେ 'ଟିପିଏନଓଡିଏଲ ୱାର୍କର୍ସ ଏମ୍ପ୍ଲୋଇଜ ୟୁନାଇଟେଡ୍ ଫୋରମ୍, ବାଲେଶ୍ୱର' ଭାବେ ଏକ ଫୋରମ୍ ତିଆରି କରାଯାଇଛି। ସର୍ବସମ୍ମତିକ୍ରମେ ସୁରେଶ ଚନ୍ଦ୍ର ବେହେରା ଓ ଜଗଦୀଶ ଚନ୍ଦ୍ର ବେହେରାଙ୍କୁ ଉପଦେଷ୍ଟା, ଜ୍ୟୋତିକୃଷ୍ଣ ବେହେରାଙ୍କୁ କନଭେନର ଏବଂ ତପନ କୁମାର ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯିବା ସହ ଏକ ସବ୍ କମିଟି ଗଠନ କରାଯାଇଛି। ଏହି ଫୋରମ୍ ସାଧାରଣ ଜନତା, ବିଭାଗୀୟ କର୍ମଚାରୀ ଏବଂ ବିଦ୍ୟୁତ ଗ୍ରାହକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ପାଇଁ ଟିପିଏନଓଡିଏଲ କର୍ତ୍ତୃପକ୍ଷଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିବାର ଉଦ୍ଦେଶ୍ୟ ବୋଲି ମନୋନୀତ ହୋଇଥିବା ଉପଦେଷ୍ଟାଦ୍ୱୟ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ଅକ୍ଷୟ କୁମାର ଜେନା, ପ୍ରଭାତ କୁମାର ଦାସ, ରାଜେଶ କୁମାର ଦାଶ, ଦୀପକ କୁମାର ବାରିକ, ତପନ କୁମାର ଅଗସ୍ତି, ସନ୍ତୋଷ କୁମାର ପୁହାଣ ପ୍ରମୁଖ କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ।

# 'ପୁଅ ହିଁ ସ୍ୱାମୀଙ୍କ ହତ୍ୟାକାରୀ'

**ଖଇରା, ୨୪।୬(ଉତ୍କଳବନ୍ଧୁ ପଣ୍ଡା)**

■୬ଦିନ ଧରି ନିଖୋଜ ଘଟଣାର ଅନ୍ତ

■ଅଟୋରୁ ଓହ୍ଲାଇ ଚକ୍‌ମା ଦେଲେ ଚମ୍ପାବତୀ

ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଗରସଙ୍ଗ ଗ୍ରାମରେ ଜମିବାଡି ଘଟଣାକୁ ନେଇ ଘଟିଯାଇଥିବା ହତ୍ୟାକାଣ୍ଡ ଘଟଣା ଉପରୁ ପରଦା ହଟିଛି। ଗ୍ରାମର ପ୍ରଭାକର ବେହେରାଙ୍କ ମୃତଦେହ ସାରୁଖାଲରୁ ଉଦ୍ଧାର ହେବାର ୪୮ଘଣ୍ଟା ପରେ ନିଖୋଜ ଥିବା ସ୍ତ୍ରୀ ଚମ୍ପାବତୀ ସୋମବାର ସକାଳେ ଏକ ଅଟୋରେ ଘରକୁ ଫେରି ନିଖୋଜ ଚର୍ଚ୍ଚାର ଅନ୍ତ ଘଟାଇଛନ୍ତି । ସେପଟେ ଚମ୍ପାବତୀ ସିମୁଳିଆ ପୋଲିସକୁ ବୟାନ ଦେଇ ପୁଅ ରମେଶ ବାପାଙ୍କୁ କବାଟ କିଳି ବାଡିରେ ପିଟି ମାରିଦେଇଥିବା କହିଛନ୍ତି। ମାରିବା ପରେ ସାରୁଖାଲରେ ପୋତି ତାଙ୍କୁ ସାଙ୍ଗରେ ଧରି ଅନ୍ୟ ସ୍ଥାନକୁ ପଳାଇ ଯାଇଥିଲେ। ରବିବାର ସକାଳେ ପୁଅ ତାଙ୍କୁ ଜାମୁଝାଡି ନିକଟରେ ଏକ ଅଟୋରେ ବସାଇ ଘରକୁ ଚାଲିଯିବାକୁ କହି ପଳାଇଥିବା ପୋଲିସ ଆଗରେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ୧୭ ତାରିଖଠାରୁ ମା' ବାପା ଏବଂ ପୁଅ ରମେଶ ନିଖୋଜ ଥିବା ବେଳେ ପୁଅ ଜମିବାଡି ଲୋଭରୁ ମା' ବାପାଙ୍କୁ ହତ୍ୟା କରି ସାରୁଖାଲରେ ପୋତିଦେଇଥିବା ଚର୍ଚ୍ଚା ଜୋର ଧରିଥିଲା । ଶୁକ୍ରବାର ପ୍ରଭାକରଙ୍କ ମୃତଦେହ ସାରୁଖାଲରୁ ଉଦ୍ଧାର କରାଯାଇଥିଲେ ହେଁ ଚମ୍ପାବତୀଙ୍କର ଖୋଜଖବର ମିଳି ନ ଥିଲା।



ଅଟୋରୁ ଓହ୍ଲାଇ ଘରେ ଶୋଇଥିବା ଚମ୍ପାବତୀ।

# ୫୦ବର୍ଷରେ ଭୀମେଶ୍ୱର ଉଚ୍ଚ ବିଦ୍ୟାଳୟ




ସୁବର୍ଣ୍ଣ ଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକ।

**ରେମୁଣା, ୨୪।୬(ରବୀନ୍ଦ୍ର ମହାକୁଡ଼)**

ରେମୁଣା ଅଞ୍ଚଳରେ ପ୍ରତିଷ୍ଠିତ ଭୀମେଶ୍ୱର ଉଚ୍ଚ ବିଦ୍ୟାଳୟ ୫୦ବର୍ଷରେ ପଦାର୍ପଣ କରିଛି। ଏହି ଯାତ୍ରାକୁ ସ୍ମରଣୀୟ କରିବା ଲାଗି ପୁରାତନ ଛାତ୍ରୀଛାତ୍ର ଆଗେଇ ଆସିଛନ୍ତି। ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ସୁବର୍ଣ୍ଣ ଜୟନ୍ତୀ ସମାରୋହ ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ରଙ୍କ ଅନୁମୋଦନ କ୍ରମେ ଉତ୍ସବ ପରିଚାଳନା ଲାଗି କମିଟି ଗଠିତ ହୋଇଛି। ୧୯୭୯ ବ୍ୟାଚର ଛାତ୍ର ରମେଶ ଚନ୍ଦ୍ର ସାମଲ ସଭାପତି,

**ଗଠନ ହେଲା ଉତ୍ସବ ପରିଚାଳନା କମିଟି**

୧୯୯୩ ବ୍ୟାଚ୍‌ର ଛାତ୍ର ରାଧାରଞ୍ଜନ ଦାସ ସମ୍ପାଦକ ଓ ୨୦୦୬ ବ୍ୟାଚ୍‌ର ଛାତ୍ର ତାପସ ରଞ୍ଜନ ରଥଙ୍କୁ ଆବାହକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ପରବର୍ତ୍ତୀ ବୈଠକ ଆସନ୍ତା ଜୁଲାଇ ୧୪ରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ପ୍ରାକ୍ତନ ଛାତ୍ର ସଂସଦ ପକ୍ଷରୁ ବିନୋଦ କୁମାର ଦାସ, ବସନ୍ତ ପ୍ରଧାନ, ଚିତ୍ତରଞ୍ଜନ ଦାସ, ମୁରଲୀଧର ଦାସ, ରାଧାରଞ୍ଜନ ଦାସ, ଅନନ୍ତ ମହାର୍ଣ୍ଣାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଖଡଗପୁର ଡିଆର୍‌ଏମ୍‌ଙ୍କ ଜଳେଶ୍ୱର ରେଳଷ୍ଟେଶନ ପରିଦର୍ଶନ

**ଜଳେଶ୍ୱର, ୨୪।୬(ରବିନାରାୟଣ ପାତ୍ର)**

ଖଡଗପୁରରୁ ଭଦ୍ରକ ପର୍ଯ୍ୟନ୍ତ ୩ୟ ରେଳ ଧାରଣା ନିର୍ମାଣ କାର୍ଯ୍ୟ ଚାଲିଥିବା ଏବଂ ନିକଟରେ ହାୱଡା ଡିଭିଜନରେ ରେଳ ଦୁର୍ଘଟଣାକୁ ଲକ୍ଷ୍ୟକରି ଖଡଗପୁର ଡିଆର୍‌ଏମ୍ କେ.ଆର୍ ଚୌଧୁରୀ ସୋମବାର ଜଳେଶ୍ୱର ରେଳଷ୍ଟେଶନଠାରେ ପହଞ୍ଚିଥିଲେ। ୩ୟ ରେଳଲାଇନ୍ ଜଳେଶ୍ୱର ନିକଟରେ କେତେକ ବଡ ବଡ ପୋଲ ନିର୍ମାଣ ହେବା ଏବଂ ସୁବର୍ଣ୍ଣରେଖା ବନ୍ୟାପାଣି ପ୍ରବାହିତ ହେବା ବେଳେ ପାଣି ନିଷ୍କାସନ ଓ ନୂତନ ରେଳଧାରଣା ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଥିଲେ। ବିଭିନ୍ନ ସୁରକ୍ଷା ଯୋଜନା ସମ୍ପର୍କରେ ଉପସ୍ଥିତ ପଦସ୍ଥ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ବିଶେଷ କରି ପେନାଲ ରୁମ୍ ଓ ସିଗ୍‌ନାଲ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ପଚାରି ବୁଝିଥିଲେ। ପ୍ରକାଶଯୋଗ୍ୟ ଗତ କିଛିଦିନ ତଳେ ଜଳେଶ୍ୱରର ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ପ୍ଲାଟଫର୍ମରେ ଯାତ୍ରୀଙ୍କ କେତେକ ଅଭାବ ଅସୁବିଧା ସମ୍ପର୍କରେ ଅଭିଯୋଗ କରାଯାଇଥିଲା । ବିଶେଷ କରି ଶୌଚାଳୟର ବ୍ୟାପକ ଅସୁବିଧା, ପ୍ରତୀକ୍ଷା ଗୃହ, ଶୟନାଗାର, ଟ୍ରେନ୍ ଇଣ୍ଡିକେଶନ ବୋର୍ଡ, ବଗି ଇଣ୍ଡିକେଟର, ଅମୃତ ଭାରତ ଯୋଜନାର ଅଗ୍ରଗତି ସମ୍ପର୍କରେ ମଧ୍ୟ ସେ ପଚାରି ବୁଝିଥିଲେ । ସେ ଏକ ସ୍ୱତନ୍ତ୍ର ସେଲୁନ୍ ଯୋଗେ ଖଡଗପୁରରୁ ରାଣିତାଲ ଗଲାବେଳେ ଜଳେଶ୍ୱରରେ ଓହ୍ଲାଇଥିଲେ। ତାଙ୍କ ସହିତ ସିନିୟର ଡିସିଏମ୍, ସିନିୟର ଡିଇଏମ୍, ସିନିୟର ଡିଓଏମ୍ ଓ ଅନ୍ୟାନ୍ୟ ବହୁ କର୍ମକର୍ତ୍ତା ଆସି ସମୀକ୍ଷା କରିଥିବା ଜଣାଯାଇଛି ।

# ବିଦ୍ୟୁତ୍ ଆଘାତରେ ବ୍ୟବସାୟୀଙ୍କ ମୃତ୍ୟୁ

**ବାହାନଗା, ୨୪।୬ (ଅରୂପ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନାଗା ବ୍ଲକ ଅଭଣା ପଞ୍ଚାୟତ ଆଳଦା ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି। ଗ୍ରାମର ଭବେଶ ଓଝା (୩୬) ଖରାସାହାପୁର ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିକଟସ୍ଥ ଏକ ରଡ଼ ୱେଲଡିଂ ଦୋକାନ କରିଥିଲେ। ସକାଳେ କାମ ପ୍ରବଳ ଭିଡ଼ ଥିବାରୁ ସକାଳ ଠୁ କାମ କରି ଦ୍ୱିପ୍ରହରରେ ଘରକୁ ଖାଇବା ପାଇଁ ଯାଇଥିଲେ। ଖାଇସାରି ପୁଣି ଦୋକାନକୁ କାମ କରିବା ପାଇଁ ପଳାଇ ଆସିଥିଲେ। ହଠାତ୍ ୱେଲଡିଂ କରୁଥିବା ବେଳେ ଏକ ତାର ଚାର୍ଜ ହୋଇ ତାଙ୍କ ହାତରେ ଲାଗିଯାଇଥିଲା। ଆଖପାଖ ଲୋକ ଦେଖିବା ପରେ ତାଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଦ୍ୱାରା ସୋର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ସୋର ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ପାଣିପାଗ ସନ୍ତୁଳନ ରକ୍ଷା ଲାଗି ବୃକ୍ଷରୋପଣ ଏକମାତ୍ର ମାଧ୍ୟମ




ଚାରା ରୋପଣ ଅବସରରେ ଫାଉଣ୍ଡେଶନର କର୍ମକର୍ତ୍ତା।

**ସୋର, ୨୪। ୬(ଜନ୍ମେଜୟ ମିଶ୍ର)**

ରାମଚନ୍ଦ୍ର ଫାଉଣ୍ଡେଶନ, ସୋର ଆନୁକୂଲ୍ୟରେ ଏକାଦଶ ବାର୍ଷିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋର ପୌରପାଳିକା ଅଧୀନ ତୁଣ୍ଡପଡା ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଧୀରେନ୍ଦ୍ର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଡ଼. ଧୀରେଶ ଷଡଙ୍ଗୀ , ଡ଼. ଅସୀମା ଶତପଥୀ, ସୋର ବିଧାୟକ ମାଧବ ଧଡା ଓ ପାରିଷଦ ସରୋଜିନୀ ନାୟକ ଅତିଥି ଭାବେ ଯୋଗଦେଇ ତାପମାତ୍ରା ବଢି ବଢି ଚାଲିଥିବାରୁ ବୃକ୍ଷରୋପଣ ବ୍ୟତୀତ ଅନ୍ୟ କିଛି ଉପାୟ ନାହିଁ ବୋଲି କହିଥିଲେ। ଉପସ୍ଥିତ ପରିବେଶପ୍ରେମୀମାନଙ୍କ ମଧ୍ୟରୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲମ୍ବୋଦର ମିଶ୍ର, ଇଞ୍ଜିନିୟର ପ୍ରଫୁଲ୍ଲ କୁମାର ଦାସ, ପୁରୁବାଇ କନ୍ୟାଶ୍ରମର ମୁଖ୍ୟ ସୁମତୀ ମହାନ୍ତି, ଶିକ୍ଷୟିତ୍ରୀ ଶୈଳବାଳା ପଣ୍ଡାଙ୍କ ସମେତ ବିସ୍ମୟ ବାଳକ ନବନି ଦାସ ପ୍ରମୁଖ ଭବିଷ୍ୟତରେ ପରିବେଶ ଓ ପାଣିପାଗର ସନ୍ତୁଳନ ରକ୍ଷା କରିବା ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ମାଧ୍ୟମ ବୋଲି ଗୁରୁତ୍ୱାରୋପ କରିଥିଲେ। ଶିକ୍ଷୟିତ୍ରୀ ଆରତୀ ଦାସ ମଞ୍ଚ ପରିଚାଳନା କରିଥିଲେ। ଉମାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ତୁଣ୍ଡପଡା ଗ୍ରାମର ସନ୍ତୋଷ କୁମାର ସିଂ, ଦେବବ୍ରତ ବଗୁଡ଼େଇ, ରାଜେନ୍ଦ୍ର ନାୟକଙ୍କ ସମେତ ଅନେକ ଯୁବ କର୍ମକର୍ତ୍ତାଙ୍କ ସହଯୋଗରେ ତୁଣ୍ଡପଡା ଖେଳ ପଡିଆ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଦ୍ୱାରା ଚାରାରୋପଣ କରାଯାଇଥିଲା।

# ମାର୍ଚ୍ଚରୁ ଶିକ୍ଷକ ସଂଖ୍ୟା ଶୂନ, ଉପସ୍ଥାନ ବି ନଗଣ୍ୟ

**୪୪ବର୍ଷର ମହତୀପୁର ମଧୁହରି ବିଦ୍ୟାପୀଠର ସଙ୍ଗିନ ଅବସ୍ଥା**

**ଖଇରା, ୨୪।୬(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକର ମଧୁହରି ବିଦ୍ୟାପୀଠ ଏବେ ଶ୍ରୀହୀନ ହୋଇପଡିଛି। ଦିନେ ଛାତ୍ରୀଛାତ୍ରଙ୍କ ପ୍ରଥମ ପସନ୍ଦ ପାଲଟିଥିବା ଏହି ହାଇସ୍କୁଲ ଏବେ ସଙ୍କଟମୟ ପରିସ୍ଥିତି ଦେଇ ଗତି କରୁଛି । ଦିନେ ୯ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ପୂର୍ଣ୍ଣପଦବୀରେ ଆଗେଇ ଚାଲିଥିବା ସ୍କୁଲ ଏବେ ବିନା ଶିକ୍ଷକରେ ଖାଁ ଖାଁ ଲାଗୁଛି । କେତେ ପ୍ରଶାସନିକ ଅଧିକାରୀ, ଚାଟାର୍ଡ ଆକାଉଣ୍ଟାଣ୍ଟ, ଅଧ୍ୟାପକ, ଶିକ୍ଷକ ଜନ୍ମ ଦେଇଥିବା ଏହି ବିଦ୍ୟାଳୟକୁ ଆଜିର ଦିନରେ ଅଭିଭାବକମାନେ ପିଲା ଛାଡିବା ନେଇ ୧୦ଥର ଭାବିବାକୁ ପଡୁଛି। ଶହେରୁ ଅଧିକ ଉପସ୍ଥାନ ରହୁଥିବା ଶ୍ରେଣୀରେ ଆଜି ୧୪ କି ୧୫ ପିଲା ଶ୍ରେଣୀ ମଣ୍ଡନ କରୁଛନ୍ତି। ତୁରନ୍ତ ୨୪-୨୫ ଶିକ୍ଷାବର୍ଷ ଲାଗି ସରକାର କିଛି ବ୍ୟବସ୍ଥା ନ କଲେ ବିଦ୍ୟାଳୟ ବନ୍ଦ ହେବା ନିଶ୍ଚିତ ବୋଲି ଉଦ୍‌ବେଗ ପ୍ରକାଶ କରି ବହୁ ଅଭିଭାବକ, ଗ୍ରାମବାସୀ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଗଣଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଉକ୍ତ ବିଦ୍ୟାଳୟ ୧୯୭୯-୮୦ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ବେଳେ ଆରମ୍ଭରୁ ଉଚ୍ଚକୋଟୀର ଶିକ୍ଷାଦାନ ପାଇଁ ବ୍ଲକରେ ସୁନାମ ଅର୍ଜନ କରିଥିଲା। ୨୦୧୫ରୁ ବିଦ୍ୟାଳୟରେ ଦୁର୍ଦ୍ଦିନ ମାଡି ଆସିଥିଲା। ପ୍ରଥମ ଶିକ୍ଷକ ଭାବେ ପ୍ରଧାନ ଶିକ୍ଷକ ରତ୍ନାକର ନାୟକ ଅବସର ଗ୍ରହଣ କରିବା ପରେ ୨୦୧୭ ଜାନୁଆରୀରୁ ୨୦୨୪ ଜାନୁଆରୀ ମଧ୍ୟରେ ୭ଜଣ ଶିକ୍ଷକ ଅବସର ନେଇଥିଲେ। ବାରମ୍ବାର ଦାବି ସତ୍ତ୍ୱେ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଆଳ ଦେଖାଇ ଶିକ୍ଷାଧିକାରୀମାନେ ପଦବୀ ପୂରଣ ପାଇଁ ସାମାନ୍ୟତମ ଆଗ୍ରହ ପ୍ରକାଶ କରି ନ ଥିଲେ। ଶେଷ ଶିକ୍ଷକ ଭାବେ ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ପାଣିଗ୍ରାହୀ ୩୧ମାର୍ଚ୍ଚରେ ଅବସରଗ୍ରହଣ କରିବା ପରେ ଏବେ ପ୍ରଧାନଶିକ୍ଷକ ଦାୟିତ୍ୱ ସାରୁଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ସାହୁଙ୍କୁ ନ୍ୟସ୍ତ କରାଯାଇଛି। ଏଣୁ ଜଣେ ପ୍ରଧାନଶିକ୍ଷକଙ୍କୁ ୨ ସ୍କୁଲର ଦାୟିତ୍ୱ ଚଳାଇବାକୁ ପଡୁଥିବାରୁ ମହତୀପୁରକୁ କାଁ ଭାଁ ଆସିବା କଷ୍ଟସାଧ୍ୟ ହୋଇ ପଡୁଛି। ଉକ୍ତ ପ୍ରଧାନଶିକ୍ଷକଙ୍କୁ ମହତୀପୁର ହାଇସ୍କୁଲର ସମ୍ପୂର୍ଣ୍ଣ ଦାୟିତ୍ୱ ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି । ୨ ଶ୍ରେଣୀର ପିଲାମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଅତି କମ୍‌ରେ ଡେପୁଟେଶନରେ କୌଣସି ଶିକ୍ଷକ ବ୍ୟବସ୍ଥା କରିବାକୁ ଦଶମ ଶ୍ରେଣୀର ଛାତ୍ରୀ ସ୍ମୃତିସଙ୍ଗୀତା ବେହେରା ଓ ଛାତ୍ର ରୋହନ ନାୟକ ପ୍ରମୁଖ ସରକାରଙ୍କ ନିକଟରେ ଗୁହାରି କରିଛନ୍ତି । ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଗଦାଧର ଦାସଙ୍କୁ ଯୋଗାଯୋଗ କରିବାରେ ସେ ଏ ବିଷୟରେ ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଛି । ସେ ଯାହା ନିଷ୍ପତ୍ତି ନେବେ।





ଶ୍ରୀହୀନ ପାଲଟିଥିବା ମଧୁହରି ବିଦ୍ୟାପୀଠ।

## ବାଇକ୍ ଡିକି ଭାଙ୍ଗି ଚୋରି

ହାଟଡିହୀ,(ଶୁଭକାନ୍ତ ନାୟକ): କେନ୍ଦୁଝର ଜିଲା ନନ୍ଦିପଦା ଥାନା ଛେନାପଦୀ ବଜାରରୁ ବାଇକ ଡ଼ିକି ଭାଙ୍ଗି ଚୋରି । ପଞ୍ଚୁଗୋଛିଆ ପଞ୍ଚାୟତ ଶିବନାରାୟଣପୁରର ସୁନା ଦୋକାନୀ କୋଦଣ୍ଡଧର ସାହୁ ସୋମବାର ଦୋକାନ ଆଗରେ ନିଜ ବାଇକ ରଖି ପାଣି ଆଣିବାକୁ ଯାଇଥିଲେ। ଆସି ଦେଖିଲା ବେଳକୁ ତାଙ୍କ ଗାଡି ଡ଼ିକି ଭଙ୍ଗା ହୋଇଥିଲା। ଡିକିରେ ଥିବା ସୁନା ପ୍ରାୟ ୬୦ ଗ୍ରାମ, ରୁପା ଦେଢ଼ କେଜି ଏବଂ ନଗଦ ୬୫ ହଜାର ଟଙ୍କା ଲୁଟେରା ନେଇଯାଇଥିଲେ। ନନ୍ଦୀପଦା ଥାନାରେ ଏକ ମାମଲା(ନଂ ୨୦୬/୨୦୨୪)ରୁଜୁ ହୋଇଥିବା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି।

**କେନ୍ଦୁଝର**


ଜଣେ ଦିବ୍ୟାଙ୍ଗ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମସ୍ୟା ଜଣାଉଛନ୍ତି।


ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


ଆଦିବାସୀ ମହିଳା, ପୁରୁଷମାନେ ମାଟିର ପୁଅ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପାରମ୍ପରିକ ନୃତ୍ୟଗୀତରେ ସ୍ୱାଗତ କରୁଛନ୍ତି।

# କାଗଜପତ୍ରରେ ମହଜୁଦ, ହିତାଧିକାରୀଙ୍କୁ ମିଳୁନି

## ଚମକପୁରରେ ୨ ମାସର ଚାଉଳ ହେରଫେର ଅଭିଯୋଗ

ଯୋଡ଼ା,୨୪।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଚମକପୁର ପଞ୍ଚାୟତରେ ୨ ମାସର ସାଧାରଣ ବଣ୍ଟନ ଚାଉଳ ହେରଫେର ଅଭିଯୋଗ ହୋଇଛି। ପଞ୍ଚାୟତ ଖାତାରେ ଚାଉଳ ମହଜୁଦ ଥିବା ଦର୍ଶାଯାଇଥିବା ବେଳେ ହିତାଧିକାରୀଙ୍କୁ ୨ ମାସର ଚାଉଳ ମିଳିପାରିନାହିଁ। ଚାଉଳ ପ୍ରଦାନ ନିମନ୍ତେ ଦିନ ଗଡ଼ାଯାଉଥିବାରୁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ସୂଚନା ଅନୁଯାୟୀ, ଚମକପୁର ପଞ୍ଚାୟତରେ ନିର୍ବାଚନ ପୂର୍ବରୁ ମେ ଓ ଜୁନ ମାସର ଚାଉଳ ବଣ୍ଟନ କରାଯିବା ନେଇ ପଞ୍ଚାୟତ ପକ୍ଷରୁ ଅପ୍ରେଲ ୧୮ରେ ନୋଟିସ୍ ଜାରି ହୋଇଥିଲା। ବିଜ୍ଞପ୍ତି ଅନୁଯାୟୀ ଅପ୍ରେଲ ୨୪ରେ ରେଭେନ୍ସାପୁର (କ) ଗ୍ରାମରେ ଚାଉଳ ବଣ୍ଟନ କରାଯିବାର ଥିଲା। ମାତ୍ର ଚାଉଳ ବଣ୍ଟନ କରା ନ ଯାଇ ଅପ୍ରେଲ ୨୭ରେ ଆଉ ଏକ ନୋଟିସ୍ ଜାରି କରି ଚାଉଳ ସରି ଯାଇଥିବା ଏବଂ ପରବର୍ତ୍ତୀ ଆଲଟମେଣ୍ଟରେ ଦିଆଯିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆଜି ପର୍ଯ୍ୟନ୍ତ ଚାଉଳ ମିଳିନାହିଁ। କେବେ ଚାଉଳ ମିଳିବ ବୋଲି ପଞ୍ଚାୟତରେ ହିତାଧିକାରୀ ପଚାରିବାରୁ ବ୍ଲକ୍‌କୁ ଯାଇ ପଚାର ବୋଲି କୁହାଯାଇଥିବା ହିତାଧିକାରୀ ଶିବ ମୁଣ୍ଡା, ସୋରେନ ମୁଣ୍ଡା, ଚରଣ ମୁଣ୍ଡା, ଜଗନ୍ନାଥ ମୁଣ୍ଡା, ଚକ୍ର ମୁଣ୍ଡା, ରିନା ମୁଣ୍ଡା, ଲକ୍ଷ୍ମୀ ମୁଣ୍ଡା, ଆରତୀ ମୁଣ୍ଡା, ବୁଧୁନି ମୁଣ୍ଡା ପ୍ରମୁଖ କହିଛନ୍ତି। ଚାଉଳ ବଣ୍ଟନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମାଧ୍ୟମରେ କରାଯାଇଥାଏ। ଗୋଦାମରେ ଚାଉଳ କମ ଗଚ୍ଛିତ ଥିବା ଯୋଗୁ ଏହାକୁ ସମତୁଲ କରିବା ପାଇଁ କିଛି ହିତାଧିକାରୀଙ୍କ ନାମରେ ସେମାନଙ୍କ ପ୍ରାପ୍ୟ ଚାଉଳ ନ ଦେଇ ସେମାନଙ୍କ ନାମରେ ରସିଦ କାଟି ଦିଆଯାଉଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ବାସିନ୍ଦା ଯୋଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଅରୁଣିମା ସାହୁଙ୍କୁ ମେ ୯ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଏଥିସହ ୨୮ନଂ. ଜୋନ୍ ଜିଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଃଦା ଜୁନ୍ ୧୮ରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କୁ ଭେଟି ଅଭିଯୋଗ କରିବା ପରେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଏବଂ ଯୋଗାଣ ଅଧିକାରୀ ବିଷ୍ଣୁ ପ୍ରସାଦ ମହାରଣାଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବ୍ଲକ୍ ଯୋଗାଣ ଅଧିକାରୀଙ୍କୁ ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ପଚାରିବାରୁ ଉକ୍ତ ପଞ୍ଚାୟତକୁ ଚାଉଳ ଦିଆଯାଇଥିବା କହିଛନ୍ତି। ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ କହିଛନ୍ତି, ସେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ତଦନ୍ତ କରିଛନ୍ତି। ପୂର୍ବ ୨ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମୟରୁ ପଞ୍ଚାୟତ କାଗଜପତ୍ରରେ ୨୫୦କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଚାଉଳ ମହଜୁଦ ଥିବା ଜାଣିବାକୁ ପାଇଥିଲେ। ତେବେ ଚାଉଳ ମହଜୁଦ ଥିବାରୁ ପ୍ରତି ମାସ ୧୪୦ କ୍ୱିଣ୍ଟାଲ ଚାଉଳ ବ୍ଲକ୍ ପକ୍ଷରୁ କମ ଦିଆଯାଉଥିବା ସେ କହିଛନ୍ତି। ଯୋଡ଼ା ବିଡ଼ିଓ ଓ ଯୋଗାଣ ଅଧିକାରୀଙ୍କ ଉପସ୍ଥିତିରେ ୩ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନେଇ ଆଲୋଚନା ହୋଇଥିଲା। ଆଗାମୀ ୧୫ ଦିନ ମଧ୍ୟରେ ନିଅଣ୍ଟ ଚାଉଳକୁ ଭରଣା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇ ଥିବା ସେ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ବରିଷ୍ଠ ନାଗରିକ ପରିଷଦର ଦାବିପତ୍ର

ଆନନ୍ଦପୁର,୨୪।୬(ଉମେଶ ଚନ୍ଦ୍ର ପାଢ଼ୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ୨ ଦିନିଆ କେନ୍ଦୁଝର ଗସ୍ତ ଅବସରରେ ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲେ। ଏଥି ସହିତ ଆନନ୍ଦପୁର ଡ଼ଙ୍ଗାଘାଟଠାରେ ଏକ ପାଦଚଲା ସେତୁ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ବୈତରଣୀ ନଦୀର ଉଭୟ ପାର୍ଶ୍ୱରେ ଥିବା ଆନନ୍ଦପୁର ଓ ଘସିପୁରା ବସ୍‌ଷ୍ଟାଣ୍ଡକୁ ସଂଯୋଗ କରି ଏହି ସେତୁ ନିର୍ମିତ ହେଲେ ଆନନ୍ଦପୁର ଉପଖଣ୍ଡର ବହୁ ଦିନର ଦାବିପୂରଣ ହୋଇ ପାରିବ ବୋଲି ଏଥିରେ ଉପସ୍ଥାପିତ କରାଯାଇଛି। ବରିଷ୍ଠ ନାଗରିକ ପରିଷଦର ସମ୍ପାଦକ ଅରୁଣ ମହାନ୍ତିଙ୍କ ସଂଯୋଜନାକ୍ରମେ ପରିଷଦର ସଭାପତି ରମାକାନ୍ତ ନାୟକ, ଆନନ୍ଦପୁର ପୌର ପରିଷଦର ଉପଧ୍ୟାକ୍ଷ ଦୁର୍ଗାଚରଣ ଦଳେଇ, ବରିଷ୍ଠ ନାଗରିକ ପରିଷଦର କାର୍ଯ୍ୟକାରୀ ସଭାପତି ଅଶୋକ ସାହୁ, ବରିଷ୍ଠ ସଦସ୍ୟ ନିରାକାର ଦଳେଇ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦୁଝରଗଡ଼ଠାରେ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣେଇବା ସହିତ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ଫୁଲ ବ୍ୟବସାୟୀ ଲାଭବାନ

କେନ୍ଦୁଝର, ୨୪।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

ପୂର୍ବରୁ ଜିଲାକୁ ମୁଖ୍ୟମନ୍ତ୍ରୀ ଆସିଲେ ସେଭଳି ଫୁଲ ତୋଡ଼ା ବିକ୍ରି ହୋଇ ନ ଥାଏ। କିନ୍ତୁ ଜିଲାରପୁଅ ମୋହନ ମାଝୀ ମୁଖ୍ୟମନ୍ତ୍ରୀ ହେବା ପରେ କେନ୍ଦୁଝର ଗସ୍ତରେ ଆସିବାରୁ ବହୁ ଫୁଲ ତୋଡ଼ା ବିକ୍ରି ହୋଇଛି। ମୁଖ୍ୟମନ୍ତ୍ରୀଙ୍କୁ ଫୁଲତୋଡ଼ା ଦେଇ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା ଦେବାକୁ ଆବଶ୍ୟକ ପଡ଼ିଥିଲା। ଫଳରେ ଫୁଲର ଚାହିଦା ବଢ଼ିଥିବାରୁ ଫୁଲ ତୋଡ଼ା ୫୦ ରୁ ୫୦୦ ଟଙ୍କାରେ ବିକ୍ରି ହୋଇଥିବା ଫୁଲ ଦୋକାନୀମାନେ କହିଛନ୍ତି। ଗୋଟିଏ ଦିନରେ ସେମାନେ ବହୁତ ଭଲ ବ୍ୟବସାୟ କରିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି। କେନ୍ଦୁଝର ସହର ଗାନ୍ଧୀଛକ ନିକଟରେ ୨, ସିରାଜୁଦ୍ଦିନ ଛକ ନିକଟରେ ଗୋଟିଏ, ଷ୍ଟେଟ୍ ବ୍ୟାଙ୍କ ପାଖରେ ୨, ପୁରୁଣା ସହରରେ ୨, ଥାନା ଛକ ନିକଟରେ ଗୋଟିଏ ଫୁଲ ଦୋକନ ରହିଛି। ସମସ୍ତେ ଭଲ ବ୍ୟବସାୟ କରିଥିବା କହିଛନ୍ତି। ଏପରିକି ଫୁଲ ଅଭାବରୁ ଅନେକ ଖାଲି ହାତରେ ଫେରିଥିବା ବେଳେ କେତେକ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଫୁଲ ତୋଡ଼ାକୁ ପୁଣି ବ୍ୟବହାର କରି ଶୁଭେଚ୍ଛା ଦେବାକୁ ବାଧ ହୋଇଥିବା ଜଣାପଡ଼ିଛି। ଯାହା ହେଉ ଏହା ଦ୍ୱାରା ଫୁଲ ବ୍ୟବସାୟୀଙ୍କ ୨ ପଇସା ଲାଭ ହୋଇଛି ବୋଲି ଶିକ୍ଷକ ନେତା ପ୍ରଣବ ରାଉତରାୟ କହିଛନ୍ତି। ପାଖାପଖି ଶହେ ଛୋଟବଡ଼ ଫୁଲତୋଡ଼ା ବିକ୍ରି ହୋଇଛି। ବାହାଘର ପାଇଁ ଗାଡ଼ି ସଜା ଥିବାରୁ ଫୁଲତୋଡ଼ା ଯୋଗାଇପାରିଲୁନାହିଁ। ପାଖାପାଖି ୨୦୦ ଫୁଲ ତୋଡ଼ା ଯୋଗାଇଦେଇ ନ ପାରିବାରୁ ଫେରିଯାଇଥିଲେ ବୋଲି ଗାନ୍ଧୀ ଛକ ପୌରପାଳିକା ମାର୍କେଟ କମ୍ପ୍ଲେକ୍ସ ନିକଟ ଫୁଲ ଦୋକାନୀ ପ୍ରସନ୍ନ କୁମାର ପାଗଳ କହିଛନ୍ତି।

## ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରାଉ

### ବାଣଫୁଟାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟଣା

ହାଟଡ଼ିହୀ,୨୪।୬(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ସୋସୋ ଥାନା ବଉଳା ଲହରସାହିରେ ବାଣଫୁଟାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟଣାରେ ନୂଆ ମୋଡ଼ ନେଇଛି। ଗୋଟିଏ ପକ୍ଷର ଅଭିଯୋଗରେ ପୋଲିସ ମାମଲା ରୁଜୁ କରି ଗୋଟିଏ ପରିବାରର ୬ ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷର ଅଭିଯୋଗ ଦିଗରେ କୌଣସି ପଦକ୍ଷେପ ଗ୍ରହଣ ହୋଇ ନ ଥିଲା। ଏସ୍‌ପିଙ୍କ ଦ୍ୱାରସ୍ଥ ଏବଂ ଗଣମାଧ୍ୟମରେ ଘଟଣା ପ୍ରକାଶ ପରେ ୮ ଦିନ ପରେ ପୋଲିସ ମାମଲା ରୁଜୁ କରିଥିଲା। କିନ୍ତୁ ଏବେ ପରିବାରର ଅନ୍ୟ ୪ ଜଣଙ୍କୁ ଗିରଫ ଦାବିରେ ପ୍ରତିପକ୍ଷ ସୋମବାର ଥାନା ଘେରାଉ କରିଥିଲେ।

ସୂଚନାଯୋଗ୍ୟ, ସିଲାଇ ପୂର୍ତ୍ତିଙ୍କ ଘର ଆଗରେ ଜୁନ୍ ୧୨ ରାତିରେ ବାଣଫୁଟାକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟିଥିଲା। ଜୁନ୍ ୧୩ରେ ଥାନାରେ ପୃଥକ ଅଭିଯୋଗ ହୋଇଥିଲା। ପୋଲିସ ଗୋଟିଏ ପକ୍ଷର ଅଭିଯୋଗ ଅନୁସାରେ ସିଲାଇ ଏବଂ ତାଙ୍କ ପୁଅ ନଟବରଙ୍କୁ ଗିରଫ କରିଥିଲା। ସିଲାଇଙ୍କ ସ୍ତ୍ରୀ ସୁନ୍ଧୁ ପୂର୍ତ୍ତିଙ୍କ ଅଭିଯୋଗ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ଫଳରେ ସୁନ୍ଧୁ ଜୁନ୍ ୧୮ରେ ଏସ୍‌ପିଙ୍କୁ ଅଭିଯୋଗ କରିବା ପରେ ଅଭିଯୋଗ ପତ୍ରର ତାରିଖ ପରିବର୍ତ୍ତନ କରାଯାଇ ଜୁନ୍ ୨୧ରେ ସୋସୋ ପୋଲିସ ଅନ୍ୟ ଏକ ମାମଲା ରୁଜୁ କରିଥିଲା। ମାମଲା ରୁଜୁ ପରେ ସିଲାଇଙ୍କ ବୋହୂ ତଥା ୭ ମାସର ଗର୍ଭବତୀ ମହିଳା କାଞ୍ଚନ ଲୁଗୁନଙ୍କ ସମେତ ଅନ୍ୟ ୩ ଜଣଙ୍କୁ ଗିରଫ ପାଇଁ ବିପକ୍ଷ ଗୋଷ୍ଠୀର କିଛି ବ୍ୟକ୍ତି ଥାନା ଘେରାଉ କରିଥିଲେ। ଆଇନ୍‌ଜୀବୀ ସଞ୍ଜୟ ମିଶ୍ର, ଏସ୍‌ୟୁସିଆଇ କର୍ମୀ ଆଦିକନ୍ଦ ଯେନା କହିଛନ୍ତି, ବିନା ଅନୁମତିରେ ବାଣ ଫୁଟାଉଥିବା ବ୍ୟକ୍ତି ଏବଂ ସୁନ୍ଧୁ ପୂର୍ତ୍ତିଙ୍କ ଅଭିଯୋଗ ଅନୁସାରେ ଅଭିଯୁକ୍ତଙ୍କୁ ଗିରଫ କରା ନ ଯିବାକୁ ନେଇ ପୋଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଗିରଫରୁ ବର୍ତ୍ତିବା ପାଇଁ ବିପକ୍ଷ ଗୋଷ୍ଠୀ ଥାନା ଘେରାଉ କରି ଚାପ ସୃଷ୍ଟି କରୁଥିବା ଓକିଲ ଆର୍ଯ୍ୟଭଟ୍ଟ ମୈକାପ କହିଛନ୍ତି।

## ଶାସ୍ତ୍ରୀୟ ସଙ୍ଗୀତ ପ୍ରତିଯୋଗିତା


କୃତୀ ପ୍ରତିଯୋଗୀ ଅତିଥିଙ୍କ ନିକଟରୁ ପୁରସ୍କାର ଗ୍ରହଣ କରୁଛନ୍ତି।

ରାମଚନ୍ଦ୍ରପୁର,୨୪।୬(ଗଣେଶ୍ୱର ସା)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ସାଇଁକୁଳ ପତିତପାବନ ମହାବିଦ୍ୟାଳୟଠାରେ ସାନିଧାପା ଅନୁଷ୍ଠାନପକ୍ଷରୁ ରାଜ୍ୟସ୍ତରୀୟ ଶାସ୍ତ୍ରୀୟ ସଙ୍ଗିତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ହିନ୍ଦୁସ୍ଥାନୀ, ଓଡ଼ିଶୀ ଭୋକାଲ, ତବଲା ପ୍ରତିଯୋଗିତା, ଶାସ୍ତ୍ରୀୟ ସଙ୍ଗୀତର ପ୍ରତିଯୋଗୀ ନିଜର କଳା ପ୍ରଦର୍ଶନରେ ଉପସ୍ଥିତ ବିଚାରକ ମଣ୍ଡଳୀ ତଥା ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କୃତିତ୍ୱ ଅର୍ଜନ କରିଥିବା କଳାକାରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସାନିଧାପା ଅନୁଷ୍ଠାନର ସଭାପତି ଦେବେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ମୁଖ୍ୟ ବକ୍ତାଭାବେ ସଙ୍ଗୀତଜ୍ଞ ପିତାମ୍ବର ଜେନା, ସମ୍ମାନିତ ଅତିଥିଭାବେ ପଣ୍ଡିତ ଜିତୁ ଦାଶ, ପତିତପାବନ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ ବିଶାଳ, ଡିଗ୍ରୀ କଲେଜ ଅଧ୍ୟକ୍ଷ ଅମୂଲ୍ୟ ଜେନା ଯୋଗଦାନ କରି ସାନିଧାପା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଶାସ୍ତ୍ରୀୟ ସଙ୍ଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ସାନିଧାପା ସମ୍ପାଦକ ଶୁଭାଶିଷ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ଚନ୍ଦ୍ରଶେଖର ସାହୁ, ହରିହର ଜେନା, ବିଜୟ ତ୍ରିପାଠୀ, ସନ୍ତୋଷ ପରିଡ଼ା, ହରିହର ମିଶ୍ର, କୁନାଲ ସାହୁ, ଅମିୟ ନାଥଙ୍କ ସହ ସାନିଧାପା ଅନୁଷ୍ଠାନର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଯୁବ ଓ ଶ୍ରମ ବିକାଶ ମଞ୍ଚ ପକ୍ଷରୁ ଅଭିଯୋଗପତ୍ର

କେନ୍ଦୁଝର,୨୪।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନ୍ମମାଟି କେନ୍ଦୁଝରକୁ ୨ ଦିନିଆ ଗସ୍ତରେ ଆସି ପ୍ରଥମେ ଘଟଗାଁ ଓ ପରେ କେନ୍ଦୁଝରରେ ପହଞ୍ଚିଥିଲେ। ଏହି ଅବସରରେ କେନ୍ଦୁଝରର ଅଗ୍ରଣୀ ସଂଗଠନ ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝର ଗଡ଼ ତରଫରୁ ଜିଲାରେ ମେଗା ଷ୍ଟିଲପ୍ଲାଣ୍ଟ ନିର୍ମାଣ, ଧରଣୀଧର ମେଡିକାଲ କଲେଜକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ସମସ୍ତ ବିଭାଗରେ ରୋଗୀ ସେବା ଆରମ୍ଭ ଓ ଇଣ୍ଟର ୟୁନିଟ୍‌କୁ କାର୍ଯ୍ୟକାରୀ କରିବା, ମେଡିକାଲ କଲେଜରୁ ସେଣ୍ଡକାପ ଦେଇ ରାଇକଳା ଢ଼ିପା ସାହି ପର୍ଯ୍ୟନ୍ତ ଦୁଇଲେନ ବିଶିଷ୍ଟ ରାସ୍ତା ନିର୍ମାଣ କରିବା, ବୈତରଣୀ ନଦୀର କାନପୁର ବୃହତ ଜଳ ସେଚନ ପ୍ରକଳ୍ପକୁ ତୁରନ୍ତ ଶେଷ କରି ଚମ୍ପୁଆ, ଝୁମ୍ପୁରା, ଯୋଡ଼ା, ପାଟଣା ସମେତ ସଦର ବ୍ଲକ୍ ଓ କେନ୍ଦୁଝର ପୌରପାଳିକାକୁ ପାନୀୟ ଜଳ ସହିତ କୃଷି କ୍ଷେତ୍ରକୁ ଜଳ ଯୋଗାଇବା, କେନ୍ଦୁଝର ଜିଲାକୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ସରବରାହ ଜାରି ରଖିବା, ନରଣପୁର, ବସନ୍ତପୁର ଓ ଅସନପାଟ ଆଦି ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଯୁକ୍ତଦୁଇ ଶିକ୍ଷା ଚଳିତ ଶିକ୍ଷା ବର୍ଷରୁ ଆରମ୍ଭ କରିବାକୁ ନିବେଦନ କରାଯାଇଥିଲା। ଏଥି ସହିତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ କାର୍ଯ୍ୟରତ କମ୍ପ୍ୟୁଟର ଡାଟା ଏଣ୍ଟ୍ରି ଅପରେଟରମାନେ କିପରି ଚାକିରି ଫେରିପାଇବେ ସେ ବିଷୟରେ ମଧ୍ୟ ଯୁବ ଓ ଶ୍ରମ ବିକାଶ ମଞ୍ଚର ସମ୍ପାଦିକା ଶୈଳବାଳା ପରିଡ଼ା, ସଭାପତି ରଞ୍ଜନ ବେହେରା, ନବୀନ ପଲେଇ, ସୁରେଶ ଚନ୍ଦ୍ର ପଲେଇ, ରଞ୍ଜନ ମହାନ୍ତ, ବରେନ୍ଦ୍ର ପାରିଡ଼ା, ହେମନ୍ତ ମହନ୍ତ ପ୍ରମୁଖ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଓ ଉପଢୌକନ ଦେବା ସହିତ ଦାବି ଉତ୍ଥାପନ କରିଥିଲେ।

## ୨୪ ଲକ୍ଷ ଟଙ୍କା, ୩୮ଗ୍ରାମ ସୁନା ମିଳିଲା

### ମା' ତାରିଣୀଙ୍କ ହୁଣ୍ଡି ଗଣତି

ଘଟଗାଁ,୨୪।୬(ରାଜେନ୍ଦ୍ର କୁମାର ପଟ୍ଟନାୟକ): କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ହୁଣ୍ଡି ସୋମବାର ଖୋଲାଯାଇ ଗଣତି କରାଯାଇଛି। ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ସମୁଦାୟ ୨୪ ଲକ୍ଷ ୧୬ ହଜାର ୪୩୭ ଟଙ୍କା, ୩୮ ଗ୍ରାମ ୪୬୦ ମିଲିଗ୍ରାମ ସୁନା ଓ ଏକ କେଜି ୩୨୪ ଗ୍ରାମ ୭୮୦ ମିଲିଗ୍ରାମ ରୁପା ମିଳିଥିବା ଜଣାଯାଇଛି। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜିନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ମଦନ ମୋହନ ପୂର୍ତ୍ତି, ନଳିନୀ ମହାନ୍ତ, ଶ୍ରୀନିବାସ ବେହେରା, ଢେଙ୍କିକୋଟ ୟୁନାଇଟେଡ଼ ବ୍ୟାଙ୍କ ଅଫ ଇଣ୍ଡିଆ ଯଶୋବନ୍ତ ନାରାୟଣ ନାଏକ, ଆଦର୍ଶ ଅଭିଷେକ ମହାନ୍ତି, ପ୍ରଦୀପ ନାଏକ, ଶିଖା ସ୍ୱଳିପ୍ତା ପାଢ଼ୀ ଉପସ୍ଥିତ ଥିଲେ। ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ଶରତ ବେହେରା, ହରେକୃଷ୍ଣ ପଲେଇ, ତୁଷାରକାନ୍ତ ରାଉତ, ହରିହର ମହାନ୍ତ, ନାରାୟଣ ମୁଖି, ଗଗନ ବେହେରା, ପିତାମ୍ବର ଗିରି ଚକ୍ରଧର ନାଏକ, ସନିଆ ମୁଖି ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ।

## ଚିକିତ୍ସାରେ ଅବହେଳା ପ୍ରସଙ୍ଗ

## ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଆଦେଶ

କେନ୍ଦୁଝର,୨୪।୬(ନରେଶ ଚନ୍ଦ୍ର ପଟ୍ଟନାୟକ): ଜାତୀୟ ମାନବାଧିକାର କମିଶନ ଏକ ମାନବାଧିକାର ଉଲ୍ଲଂଘନ ମାମଲାର ଶୁଣାଣି କରି ଓଡ଼ିଶା ସରକାରଙ୍କ ଚିଫ୍ ସେକ୍ରେଟାରୀଙ୍କୁ ସଦର ବ୍ଲକ୍ ସେଣ୍ଡକାପ ଗ୍ରାମର ପ୍ରଦୀପ ପଟେଲଙ୍କ ସ୍ତ୍ରୀ ପୀଡ଼ିତା ଗୁରୁବାରି ମହାନ୍ତଙ୍କୁ ୪ ଲକ୍ଷ ଟଙ୍କା ଦେବାକୁ ଆଦେଶ କରିଛନ୍ତି। ଏଥିସହ ପୈଠର ପ୍ରମାଣ ୬ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ କହିଛନ୍ତି।

ପ୍ରକାଶ ଯେ, ୨୦୨୨ରେ ସଦର ବ୍ଲକ୍ ଅନ୍ତର୍ଗତ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁରୁବାରି ପ୍ରସବ କରିବାକୁ ଯାଇଥିଲେ। ବିଳମ୍ବରେ ପ୍ରସବ ହେବ ବୋଲି ଡାକ୍ତର କହି ଫେରାଇ ଦେଇଥିଲେ। ରାତିରେ ମହିଳାଙ୍କ ପ୍ରସବ ହୋଇଥିଲା। ପ୍ରବଳ ରକ୍ତସ୍ରାବ ହେବାରୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ତେବେ ଡାକ୍ତର ତାଙ୍କର ମୂତ୍ରାଶୟକୁ ସିଲେଇ କରିଦେବାରୁ ସେ ଯନ୍ତ୍ରଣା ପାଇଥିଲେ। ୨ ମାସ ପରେ ସେ ପୁଣି ଡାକ୍ତରଖାନା ଆସିଥିଲେ। ତାଙ୍କୁ ବିଳମ୍ବରେ ଜିଲା ମୁଖ୍ୟାଳୟ ଡାକ୍ତରଖାନାକୁ ପଠାଯାଇ ଅପରେସନ କରାଯାଇଥିଲା। ତେବେ ରୋଗୀଙ୍କୁ ଚିକିତ୍ସାରେ ଅବହେଳାକୁ ନେଇ ୧୧ ଅକ୍ଟୋବର ୨୦୨୨ରେ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। କମିଶନ ମାମଲା(ନଂ. ୧୭୦୭୯/୨୦୨୨) ରୁଜୁ କରି ଏହାର ଶୁଣାଣି କରି ଏଭଳି ଆଦେଶ କରିଛନ୍ତି।

# ମଙ୍ଗଳା ମନ୍ଦିର ରାସ୍ତାରେ ଆଣ୍ଠୁଏ ପାଣି

## ଭକ୍ତଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

କେନ୍ଦୁଝର,୨୪।୬
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହର ୱାର୍ଡ ନମ୍ବର ୧୮ ଅନ୍ତର୍ଗତ ସାତସିଂଘା ମୌଜାରେ ଥିବା ମଙ୍ଗଳା ମନ୍ଦିର ରାସ୍ତାରେ ଆଣ୍ଠୁଏ ପାଣି ଜମିଛି। ସାମାନ୍ୟ ବର୍ଷା ହେଲେ ପ୍ରାୟ ୧ ଫୁଟ୍ ପାଣି ଜମା ହୋଇ ଉବୁଟୁବୁ ହୋଇଯାଏ। ଫଳରେ ଲୋକେ ଯାତାୟାତ କରିପାରୁ ନ ଥିବା ବେଳେ ଭକ୍ତମାନେ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି। ବର୍ଷା ହେଲେ ଜଳବନ୍ଦୀ ହୋଇଯାଉଥିବାରୁ ସାହିର ଲୋକମାନେ ଦୁର୍ଦ୍ଦଶା ଭୋଗୁଛନ୍ତି।

ରାସ୍ତାର ମରାମତି ୨୦୦୮-୨୦୦୯ ପରଠାରୁ ହୋଇନାହିଁ। ପୂର୍ବରୁ ନିର୍ମାଣ ହୋଇଥିବା ଡ୍ରେନ ଉପରେ ଥିବା, ଡ୍ରେନ୍ ମୁଖ୍ୟ ଡ୍ରେନ୍ ଆଡ଼କୁ ଗଡ଼ାଣିଆ ହୋଇ ନ ଥିବାରୁ ପାଣି ନିଷ୍କାସିତ ହୋଇପାରୁନାହିଁ। ଡ୍ରେନେଜ୍ ବ୍ୟବସ୍ଥା କରାଯାଉ ନ ଥିବାରୁ ଜଳ ନିଷ୍କାସନ ହେବାକୁ ଘଣ୍ଟା ଘଣ୍ଟା ସମୟ ଲାଗିଥାଏ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇ ମଶା, ମାଛି, ସାପ ବେଙ୍ଗ ଆଦି ଭୟ ଦେଖାଦେଉଛି। ଏ ନେଇ ସ୍ଥାନୀୟ ଲୋକେ ପୌରପାଳିକା କର୍ତ୍ତୃପକ୍ଷଙ୍କୁ ଜଣାଇ ମରାମତି କରିବାକୁ ନିବେଦନ କରିଛନ୍ତି। ମାତ୍ର ପଦକ୍ଷେପ ନିଆଯାଉ ନ ଥିବାରୁ ସ୍ଥାନୀୟ ଶୁଶିଲ କୁମାର ମହାନ୍ତ, ମାମା ସାହୁ ସମେତ ଅନ୍ୟମାନେ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।




## ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ପାଟଣା,୨୪।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଖୀରେଇ ଟାଙ୍ଗିରୀ ପଞ୍ଚାୟତ କାର୍ଯ୍ୟାଳୟରେ ପଶି ସୋମବାର ଜଣେ ଯୁବକ ମହିଳା ସରପଞ୍ଚଙ୍କୁ ଦୁର୍ବ୍ୟହାର କରିଛନ୍ତି। ଏ ନେଇ ସରପଞ୍ଚ ସଞ୍ଜୁଲତା ନାଏକ ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ପଞ୍ଚାୟତର ବିଭିନ୍ନ ଉତ୍ସ (ସାଧାରଣ ସମ୍ପତ୍ତି)ର ନିଲାମ ଚାଲିଥିଲା। ଏହି ସମୟରେ ପଞ୍ଚାୟତ ଅଧୀନ ନୂଆଗାଁ ଗ୍ରାମର ହିମାଂଶୁ ନାଏକ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କୁ ଗାଳିଗୁଲଜ କରିବା ସହ ଠେଲାପେଲା କରିଥିଲେ। ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚିରିବା ସହ ନଗଦ ୧୨ ହଜାର ଟଙ୍କା ନେଇ ପଳାଇଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଥାନାରେ ଏକ ମାମଲା(ନଂ.୨୦୮/୨୪) ରୁଜୁ ହୋଇଥିବା ତୁରୁମୁଙ୍ଗା ଥାନା ଏସ୍‌ଆଇ ରସାନନ୍ଦ ନାଏକ କହିଛନ୍ତି।

# ବିକାଶ ପାଇଁ ସମସ୍ତେ ପରାମର୍ଶ ଦେଇପାରିବେ: ମୁଖ୍ୟମନ୍ତ୍ରୀ

କେନ୍ଦୁଝର/ଚମ୍ପୁଆ/ ଝୁମ୍ପୁରା,୨୪।୬
(ନରେଶ ଚନ୍ଦ୍ର ପଟ୍ଟନାୟକ/ ମହେଶ୍ୱର ଦାସ/ଶଶିଭୂଷଣ ସାହୁ)


ଝୁମ୍ପୁରା ହାଇସ୍କୁଲଠାରେ ସହପାଠୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ରାଜ୍ୟର ବିକାଶ ପାଇଁ ସମସ୍ତେ ପରାମର୍ଶ ଦେଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଥମ ଥର ପାଇଁ ନିଜ ଜିଲା କେନ୍ଦୁଝରକୁ ୨ ଦିନିଆ ଗସ୍ତରେ ଯାଇ ସୋମବାର ଜନ୍ମମାଟି ରାଇକଳାଠାରେ ଅନୁଷ୍ଠିତ ସ୍ୱାଗତ ସଭାରେ ସେ ଏହା କହିଛନ୍ତି। ସ୍ଥାନୀୟ ଅଞ୍ଚଳ, ଜିଲା ଓ ରାଜ୍ୟର ବିକାଶ ପାଇଁ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି।

ହେଲିକପ୍ଟର ଯୋଗେ କେନ୍ଦୁଝରରୁ ପୂର୍ବାହ୍ନ ୧୦ଟା ୩୦ରେ ବାହାରି ସଦର ବ୍ଲକ୍ ରାଇକଳାରେ ମୁଖ୍ୟମନ୍ତ୍ରୀ ଓହ୍ଲାଇଥିଲେ। ତାଙ୍କୁ ଦେଖିବାକୁ ଓ ସ୍ୱାଗତ ଜଣାଇବାକୁ ଆଖପାଖ ଅଞ୍ଚଳର ଲୋକମାନେ ଏକତ୍ରିତ ହୋଇଥିଲେ। ଗ୍ରାମ ଏକ ପ୍ରକାର ଉତ୍ସବମୁଖର ହୋଇଉଠିଥିଲା। ପାରମ୍ପରିକ ବାଦ୍ୟ ଓ ନୃତ୍ୟଗୀତରେ ଗାଁ ପ୍ରକମ୍ପିତ ହୋଇଥିଲା। ଜନ୍ମମାଟିରେ ମୋହନଙ୍କୁ ଦେଖି ସମସ୍ତେ ଭାବବିହ୍ୱଳ ହୋଇଉଠିଥିଲେ। ଗସ୍ତ ପୂର୍ବରୁ ପ୍ରଶାସନ ପକ୍ଷରୁ ରାସ୍ତାଘାଟ ମରାମତି, ଗ୍ରାମ ସଫେଇ, ସୌନ୍ଦର୍ଯ୍ୟକରଣ କରାଯାଇଥିଲା। ଗାଁ ଦାଣ୍ଡରେ ଝୋଟି ଚମକୁଥିଲା। ହେଲିପ୍ୟାଡ୍‌ରୁ ମୁଖ୍ୟମନ୍ତ୍ରୀ ସଡ଼କ ପଥରେ ରୋଡ୍ ଶୋ' କରି ଝୁମ୍ପୁରା ଯାଇଥିଲେ। ଝୁମ୍ପୁରାରେ ପିଲାଦିନର ହାଇସ୍କୁଲରେ କିଛି ସମୟ ବିତାଇବା ସହ ସହପାଠୀଙ୍କୁ ଭେଟିଥିଲେ। ସେଠାରୁ ବାହାରି ଝୁମ୍ପୁରା ବଜାରସ୍ଥିତ ଦୁର୍ଗାମନ୍ଦିର ପଡ଼ିଆରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିଲେ। ସେଠାରେ ବିଭିନ୍ନ ବର୍ଗର ଲୋକ, ସଂଗଠନ ଓ ସଂସ୍ଥା ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ମାଟିର ସନ୍ତାନ ଆପଣଙ୍କ ମୋହନ ଭାଇ କେବଳ ଝୁମ୍ପୁରା ନୁହେଁ, ଜିଲାର ବିକାଶ ପାଇଁ କାମ କରିବେ। ଏଣୁ ଆପଣମାନେ ଯେତେବେଳେ ଚାହିଁବେ ତାଙ୍କ ପାଖକୁ ଯାଇପାରିବେ ଏବଂ ଦେଖା କରିପାରିବେ। ବିକାଶ ପାଇଁ ସମସ୍ତେ ତାଙ୍କୁ ପ୍ରସ୍ତାବ, ପରାମର୍ଶ ଦେଇପାରିବେ। ସେ ଭାବବିହ୍ୱଳ ହୋଇ କହିଥିଲେ, ଆପଣମାନେ ମୋ ସହିତ ଅଛନ୍ତି। ମୋ ପାଖରେ ମା' ତାରିଣୀ, ଶ୍ରୀ ବଳଦେବଜୀଉ, ଶ୍ରୀଜଗନ୍ନାଥ, ଦୁର୍ଗତିନାଶିନୀ ମା' ଅଛନ୍ତି। ମୋର କାହାରିକୁ ଭୟ କରିବାର ନାହିଁ। ଲୋକଙ୍କ ପାଇଁ ଓ ଆପଣଙ୍କ ଆଶୀର୍ବାଦ ଲାଗି ଆଜି ପୁରୀ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ଚାରି ଦ୍ୱାର ଖୋଲିଲା। ଭଗବାନ ଏବଂ ଭକ୍ତଙ୍କ ମଧ୍ୟରେ ଥିବା ପ୍ରତିବନ୍ଧକ ଉଠିଲା। ସେ ହେଉଛନ୍ତି ଲୋକଙ୍କ ମୁଖ୍ୟମନ୍ତ୍ରୀ। ଏଣୁ ସମସ୍ତେ ସିଧାସଳଖ ନିଜର ସମସ୍ୟା ତାଙ୍କୁ ଜଣାଇପାରିବେ ବୋଲି କହିଥିଲେ। ଫୋନ୍‌ରେ କଥାବାର୍ତ୍ତା ହେବା ସମ୍ଭବ ନୁହେଁ। କିନ୍ତୁ ତାଙ୍କ ପାଖକୁ ଯେକେହି ସବୁସମୟରେ ଆସିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ହେବା ଦିନଠାରୁ ସେ ରାତି ୩ଟାରେ ଶୋଉଛନ୍ତି। କିଏ ଯେପରି ମନ ଊଣା ନ କରନ୍ତି, ସେଥିପାଇଁ ଦେଖାକରିବାକୁ ପଡ଼ିଥାଏ। କାରଣ ଆପଣମାନଙ୍କୁ ମୁଁ ଭୟ କରେ ଓ ଏହି ଭୟ ଏମିତି ରହିଥାଉ ବୋଲି କହିଥିଲେ। ନିଜ ପିଲାଦିନର ସ୍ମୃତିକୁ ମନେପକାଇ କିପରି ପ୍ରତ୍ୟେକ ବୁଧବାର ଝୁମ୍ପୁରା ହାଟକୁ ମା'ଙ୍କ ସହିତ ଆସୁଥିଲେ ତାହା ସେ ବର୍ଣ୍ଣନା କହିଥିଲେ। ସେହି ଦିନଟା ତାଙ୍କ ପାଇଁ ଛୁଟି ଦିନ ଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ନ୍ୟାୟ ନ ମିଳିଲେ ଛାତ୍ର ସଙ୍ଗଠନ ରାସ୍ତାକୁ ଓହ୍ଲାଇବ: ଦେବୀରଞ୍ଜନ

ଭୁବନେଶ୍ୱର,୨୪।୬(ଅନିଲ ଦାସ)

**ଏନ୍‌ଇଇଟି ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗ**

ଏନ୍‌ଇଇଟି(ୟୁଜି) ପରୀକ୍ଷା ପ୍ରଶ୍ନପତ୍ର ଲିକ୍‌କୁ ନେଇ ସମଗ୍ର ଦେଶରେ ବିଭିନ୍ନ ଛାତ୍ର ସଙ୍ଗଠନ ଆନ୍ଦୋଳନ ଚଳାଇଛନ୍ତି। ବିରୋଧୀ ଦଳଗୁଡ଼ିକ ମଧ୍ୟ କେନ୍ଦ୍ର ସରକାରଙ୍କୁ ଏହି ପ୍ରସଙ୍ଗରେ ଘେରିଛନ୍ତି। ତେବେ କିଛିଦିନ ଚୁପ୍ ରହିବା ପରେ ସୋମବାର ବିଜେଡି ଏନ୍‌ଇଇଟି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛି। ଛାତ୍ରମାନଙ୍କୁ ଉଚିତ୍ ନ୍ୟାୟ ନ ମିଳିଲେ ବିଜେଡି ଛାତ୍ର ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ସୋମବାର ବିଜୁ ଛାତ୍ର ଜନତା ଦଳ ସଭାପତି ତଥା ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, କେନ୍ଦ୍ର ସରକାର ନିଜର ନୀତି ଓ ଉକ୍ତିରେ ସ୍ୱଷ୍ଟତା ରଖନ୍ତୁ। କେବଳ ଏନ୍‌ଟିଏ ଅଧ୍ୟକ୍ଷଙ୍କୁ କାର୍ଯ୍ୟରୁ ନିବୃତ୍ତ କରିଦେଲେ ଚଳିବ ନାହିଁ। ଛାତ୍ର ଜଗତର ଭବିଷ୍ୟତ ଓ ପରୀକ୍ଷାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ସେମାନଙ୍କ ମନରେ ଯେଉଁ ପ୍ରଶ୍ନ ଉଙ୍କିମାରୁଛି, ସେଥିରେ ସ୍ୱଷ୍ଟତା ଆସିବା ଦରକାର। ନ ହେଲେ ଓଡ଼ିଶାର ଛାତ୍ରମାନେ ରାସ୍ତାକୁ ଓହ୍ଲାଇ ଲଢ଼େଇ କରିବା ପାଇଁ ବେଶି ସମୟ ଲାଗିବ ନାହିଁ। କେନ୍ଦ୍ର ସରକାର ଏ ସମ୍ପର୍କରେ ତୁରନ୍ତ ନିଷ୍ପତ୍ତି ନିଅନ୍ତୁ, ନଚେତ୍ ସମଗ୍ର ଓଡ଼ିଶାରେ ଏକ ବିରାଟ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଦେବୀରଞ୍ଜନ କହିଛନ୍ତି। ଏନ୍‌ଇଇଟି ହେଉ କିମ୍ବା ୟୁଜିସି-ନେଟ୍ ପ୍ରାୟ ୩୪ ଲକ୍ଷ ପିଲାଙ୍କ ଭାଗ୍ୟ ସହିତ ଖେଳାଯାଇଛି। ଏନ୍‌ଟିଏ ଅଧ୍ୟକ୍ଷଙ୍କୁ କେବଳ ହଟାଇ ଦେଲେ ଚଳିବ ନାହିଁ। ଏଥିପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦରକାର। ପିଲାମାନେ ଯେଉଁ ବିଶ୍ୱସନୀୟତା ହରାଇଛନ୍ତି ଆଗାମୀ ଦିନରେ ଯେପରି ତାହା ଫେରିପାଇବେ ସେ ଦିଗରେ ପଦକ୍ଷେପ ନେବା ଆବଶ୍ୟକ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏ ନେଇ ସ୍ୱଷ୍ଟତା ଆଣୁନାହାନ୍ତି। କେତେବେଳେ କ୍ୱେଶ୍ଚିନ ପେପର ଲିକ୍ ହୋଇ ନାହିଁ କହୁଥିବା ବେଳେ ଏହା କେବଳ ଲୋକାଲ ଇସ୍ୟୁ ବୋଲି କହୁଛନ୍ତି। ଏହା ସମଗ୍ର ଭାରତ ବର୍ଷର ସମସ୍ୟା ହୋଇଛି। କେବଳ ଜଣେ ଦି'ଜଣଙ୍କୁ ଗିରଫ କରିଦେଲେ ହେବ ନାହିଁ। ଛାତ୍ରମାନଙ୍କର ବିଶ୍ୱସନୀୟତା ଫେରି ପାଇବା ପାଇଁ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

# 'ସହମତିରେ ହେବ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ସ୍ଥାନ ଚିହ୍ନଟ'

ସମ୍ବଲପୁର,୨୪।୬
(ଭବାନୀ ଶଙ୍କର ଭୋଇ)



ସୋମବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମ୍ବଲପୁର ଜିଲା ଓକିଲ ସଂଘ ବୈଠକରେ ଭାଷଣ ଦେଉଛନ୍ତି।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ପାଇଁ ସାମୁହିକ ସହମତି ସହ ସ୍ଥାନ ଚିହ୍ନଟ କରାଯିବା ଉପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି। ସୋମବାର ସମ୍ବଲପୁର ଗସ୍ତ ଅବସରରେ ଓକିଲ ସଂଘ ପାଠାଗାରରେ ଆୟୋଜିତ ବୈଠକରେ ଜିଲା ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ବେଳେ ସେ ଏହା କହିଛନ୍ତି। ଏହି ଅବସରରେ ବିଭିନ୍ନ ରାଜସ୍ୱ ବିଭାଗୀୟ ତ୍ରୁଟି ଓ ସ୍ଥାନୀୟ ସମସ୍ୟାଗୁଡ଼ିକ ଉପରେ ଆଲୋକପାତ କରାଯାଇଥିଲା। ଏହାସହିତ ସମ୍ବଲପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରସଙ୍ଗରେ ମଧ୍ୟ କର୍ମକର୍ତ୍ତାମାନେ ଆଲୋଚନା କରି ରାଜ୍ୟ ସରକାର ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ।

ପଶ୍ଚିମ ଓଡ଼ିଶାର ବିଭିନ୍ନ ବାର୍‌କୁ ନେଇ ଆଲୋଚନା ମାଧ୍ୟମରେ ସ୍ଥାନ ଚିହ୍ନଟ କରିବାକୁ ମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ହାଇକୋର୍ଟ ଆନ୍ଦୋଳନରେ ପୂର୍ବ ସରକାର ଓକିଲମାନଙ୍କ ଉପରେ ଅମାନବୀୟ ଅତ୍ୟାଚାର କରି ଲାଇସେନ୍ସ ବାତିଲ କରିବା ଭଳି ଘଟଣାକୁ ସେ ନିନ୍ଦା କରିଥିଲେ। ରାଜ୍ୟର ଅନ୍ୟ ଜିଲାରେ ପ୍ରୋବେଟ ନିୟମ କାର୍ଯ୍ୟକାରୀ ହେଉ ନ ଥିବା ବେଳେ ସମ୍ବଲପୁର ତହସିଲରେ ଏହି ନିୟମ ଯୋଗୁ ଇଚ୍ଛାପତ୍ର ଜରିଆରେ ଜମି ହସ୍ତାନ୍ତର ଏବଂ ପଞ୍ଜୀକରଣରେ ସ୍ଥାନୀୟ ଅଧିବାସୀ ହଇରାଣ ହେଉଛନ୍ତି। ଏ ନେଇ ଓକିଲମାନେ ରାଜସ୍ୱ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଏହାକୁ ହଟାଇବାକୁ ଅନୁରୋଧ କରିଥିଲେ। ରାଜସ୍ୱ ବିଭାଗରେ ଦଲାଲରାଜ୍ ଓ ମଧ୍ୟସ୍ଥ କାରବାର କରାଯାଉଥିବା ଅଭିଯୋଗ ଉପରେ ମନ୍ତ୍ରୀ ଏହାକୁ ଦୃଢ଼ଭାବେ ଦମନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ସମ୍ବଲପୁର ଓକିଲ ସଂଘର ସଦସ୍ୟ ରହିଥିବା ମନ୍ତ୍ରୀ ପୂଜାରୀଙ୍କୁ ଓକିଲ ସଂଘ ସଭାପତି ସତ୍ୟନାରାୟଣ ପଣ୍ଡାଙ୍କ ନେତୃତ୍ୱରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ଓକିଲ ସଂଘ ସମ୍ପାଦକ ପ୍ରବୀଣ କୁମାର ସିଂଦେଓ, ଉପସଭାପତି ସିଦ୍ଧାର୍ଥ ଶେଖର ସାହୁ, ପ୍ରମୋଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟୁତ୍ତରରେ ମନ୍ତ୍ରୀ ପୂଜାରୀ କହିଥିଲେ, ସେ ଯେଉଁ ପଦବୀରେ ଥିଲେ ମଧ୍ୟ ସବୁବେଳେ ସମ୍ବଲପୁର ଓକିଲ ସଂଘର ଜଣେ ସାମାନ୍ୟ ସଦସ୍ୟ ଭାବେ ରହିବେ।

# ପ୍ରଧାନମନ୍ତ୍ରୀ ପଦରେ ବସିବାକୁ ଇନ୍ଦିରା ଗଣତନ୍ତ୍ରକୁ ହତ୍ୟା କରିଥିଲେ: ଭାଜପା

ଭୁବନେଶ୍ୱର,୨୪।୬
(ଅନିଲ ଦାସ)

**ଜରୁରିକାଳୀନ ପରିସ୍ଥିତି: ଆଜି କଳା ଦିବସ ପାଳିବ ଭାଜପା**

ଦେଶରେ ସାଧାରଣ ନିର୍ବାଚନ ସରିଛି। ଅଷ୍ଟାଦଶ ଲୋକ ସଭା ଆରମ୍ଭ ହେବା ପୂର୍ବରୁ କଂଗ୍ରେସ ତା'ର ସ୍ୱାର୍ଥ ହାସଲ କରିବା ପାଇଁ ହୀନ ରାଜନୀତି ଆରମ୍ଭ କରିଦେଇଛି। ୪୯ ବର୍ଷ ତଳେ କଂଗ୍ରେସ ଜରୁରିକାଳୀନ ପରିସ୍ଥିତି ଘୋଷଣା କରି ଗଣତନ୍ତ୍ର ଓ ସମ୍ବିଧାନକୁ ହତ୍ୟା କରିବାକୁ ଚେଷ୍ଟା କରିଥିବା ବେଳେ ଏତେ ବର୍ଷ ପରେ ବି ଉକ୍ତ ଦଳରେ କୌଣସି ସୁଧାର ଆସିନାହିଁ ବୋଲି ରାଜ୍ୟ ଭାଜପା ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି। ସୋମବାର ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଭାରତୀୟ ସମ୍ବିଧାନ ଇତିହାସରେ କଂଗ୍ରେସ ଅତୀତରେ ଅନେକ କଳାକାହାଣୀ ଲେଖିଛି। ଆଜକୁ ୪୯ ବର୍ଷ ତଳେ ଅର୍ଥାତ୍ ୧୯୭୫ ଜୁନ୍ ୨୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସରକାରୀ କଳର ଅପବ୍ୟବହାର କରି ଭାରତରେ ପ୍ରଥମଥର ପାଇଁ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଥିଲେ। ସେ ଗଣତନ୍ତ୍ରକୁ ହତ୍ୟା କରିବା ସହ ମାନବିକ ଅଧିକାରକୁ ମଧ୍ୟ କ୍ଷୁଣ୍ଣ କରିଥିଲେ। ଦେଶର ସମସ୍ତ ବିରୋଧୀ ଦଳର ନେତୃବୃନ୍ଦଙ୍କୁ ନେଇ ଜେଲ୍ ଭିତରେ ରଖିଥିଲେ। ୧୯ ମାସ ଧରି କଂଗ୍ରେସ ସରକାର ଭାରତରେ ସ୍ୱେଚ୍ଛାଚାରୀ ଶାସନ ଚଳାଇ ସମ୍ବିଧାନର ମୁଖବନ୍ଧକୁ ପରିବର୍ତ୍ତନ କରିଥିଲା। ଏହି ଦିବସକୁ ଭାଜପା 'କଳା ଦିବସ' ଭାବେ ପାଳନ କରିଆସିଛି। ଗଣତନ୍ତ୍ରର କଥା କହୁଥିବା କଂଗ୍ରେସ ସମ୍ବିଧାନକୁ ସର୍ବାଧିକ ଥର ଅପବ୍ୟବହାର କରିବା ସହ କ୍ଷତି ପହଞ୍ଚାଇଛି। ୩୫୬ ଧାରାର ସର୍ବାଧିକ ଥର ଉପଯୋଗ କରି ନିର୍ବାଚିତ ରାଜ୍ୟ ସରକାରମାନଙ୍କୁ ଏହି ଦଳ ଭାଙ୍ଗିଛି। ଭାରତୀୟ ଜନତା ପାର୍ଟି ଏକ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବେ ସମଗ୍ର ଦେଶବାସୀଙ୍କୁ କଂଗ୍ରେସର ଏହି କଳା କାରନାମା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଛି। ଏ ନେଇ ମଙ୍ଗଳବାର ରାଜ୍ୟର ବିଭିନ୍ନ ଜିଲାରେ ଭାଜପା ପକ୍ଷରୁ ବୁଦ୍ଧିଜୀବୀ ଓ ଖବରଦାତା ସମ୍ମିଳନୀ କରାଯିବ। ଯେଉଁମାନେ ଜରୁରିକାଳୀନ ପରିସ୍ଥିତିକୁ ବିରୋଧ କରି ଗିରଫ ହୋଇଥିଲେ, ସେମାନଙ୍କ ଅନୁଭୂତି ପାଠ ସହ ସମ୍ମାନିତ କରାଯିବ ବୋଲି ମଲ୍ଲିକ କହିଛନ୍ତି।

ରାଜ୍ୟ ଭାଜପା ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି, କଂଗ୍ରେସ ଦଳ ସର୍ବଦା ଓଡ଼ିଶା ଏବଂ ଓଡ଼ିଆ ବିରୋଧୀ ମାନସିକତା ରଖିଆସିଛି। ଅପରପକ୍ଷେ ମୋଦି ସରକାର ଓଡ଼ିଶାବାସୀଙ୍କୁ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଅନେକ ଓଡ଼ିଆ ପ୍ରତିଭାମାନଙ୍କୁ ପଦ୍ମ ପୁରସ୍କାରରେ ସମ୍ମାନିତ କରିଛନ୍ତି। ଓଡ଼ିଶାର ଝିଅ ଆଜି ଭାରତର ସର୍ବପ୍ରଥମ ନାଗରିକ। ମନ୍ତ୍ରିମଣ୍ଡଳରେ ଓଡ଼ିଆଙ୍କୁ ସର୍ବଦା ଗୁରୁତ୍ୱ ଦିଆଯିବା ସହ ଭାରତର ବିଭିନ୍ନ ବିଭାଗରେ ଓଡ଼ିଆଙ୍କୁ ସର୍ବୋଚ୍ଚ ପଦବୀରେ ଅବସ୍ଥାପିତ କରାଯାଇଛି। ଓଡ଼ିଶାର ବିକାଶକୁ ଭାଜପା ଗୁରୁତ୍ୱ ଦେଉଥିବା ବେଳେ କଂଗ୍ରେସ ତାହା ସହିପାରୁନାହିଁ। ଏକ ଦାୟିତ୍ୱସମ୍ପନ୍ନ ବିରୋଧୀ ଦଳର ଦାୟିତ୍ୱ ନେଇ କଂଗ୍ରେସ ଦେଶକୁ ଆଗକୁ ବଢ଼ିବାର ଚେଷ୍ଟା କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

# ମୁଖ୍ୟମନ୍ତ୍ରୀ ପଦ ମର୍ଯ୍ୟାଦା ରଖନ୍ତୁ: ପ୍ରତାପ ଦେବ

ଭୁବନେଶ୍ୱର,୨୪।୬
(ଅନିଲ ଦାସ)

କେନ୍ଦୁଝରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଟିପ୍ପଣୀକୁ ନେଇ ବିଜେଡି କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛି। ସୋମବାର ଏକ ଖବରଦାତା ସମ୍ମିଳନୀରେ ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ପ୍ରତାପ କେଶରୀ ଦେବ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ କେନ୍ଦୁଝରରେ ଏକ ସଭାରେ ଯେଉଁ ଟିପ୍ପଣୀ ଦେଇଛନ୍ତି ତାହା ଦୁର୍ଭାଗ୍ୟଜନକ। ସେ କହିଛନ୍ତି, ଖଣି ଦୁର୍ନୀତି ହୋଇଥିଲା। ଏଥିରେ କାହାରିକୁ ଛଡ଼ାଯିବ ନାହିଁ। ସେ ବିରୋଧୀ ଦଳରେ ଥିବାବେଳେ ସରକାରୀ ଦଳ ପକ୍ଷରୁ ତାଙ୍କୁ ମନ୍ତ୍ରୀପଦ ଓ ଅନ୍ୟାନ୍ୟ ପ୍ରଲୋଭନ ଦିଆଯାଇଥିଲା ବୋଲି ଯାହା କହିଛନ୍ତି, ତାହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। ମୁଖ୍ୟମନ୍ତ୍ରୀ ଜାଣିବା ଦରକାର ଯେ, ସେ ଏବେ ବିରୋଧୀ ଦଳରେ ନାହାନ୍ତି। ସେ ଏବେ ରାଜ୍ୟର ମୁଖ୍ୟମନ୍ତ୍ରୀ। ସେ ଏପରି ଟିପ୍ପଣୀ ଦେବା ପୂର୍ବରୁ ଚିନ୍ତା କରିବାର ଥିଲା। ତାଙ୍କ ପଦ ମର୍ଯ୍ୟାଦା ବଞ୍ଚାଇ ରଖିବା ତାଙ୍କର କର୍ତ୍ତବ୍ୟ। ଯେଉଁଭଳି ସେ ଉକ୍ତି ରଖିଛନ୍ତି ତାହା ଆଦୌ ଗ୍ରହଣୀୟ ନୁହଁ। ଯେକୌଣସି ପରିସ୍ଥିତି ଓ ଯେକୌଣସି କଥାର ଜବାବ ଦେବାକୁ ବିଜୁ ଜନତା ଦଳ ସଦାବେଳେ ପ୍ରସ୍ତୁତ ଅଛି। ଯଦି ସେ କହୁଛନ୍ତି ବିରୋଧୀ ଦଳରେ ଥିବା ବେଳେ ତାଙ୍କୁ ପ୍ରଲୋଭନ ଦେଖାଯାଇଥିଲା, ସେତେବେଳେ ଏହାକୁ ସେ ଗଣମାଧ୍ୟମରେ କାହିଁକି କହିଲେନି ବୋଲି ପ୍ରତାପ ଦେବ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ହେବା ପରେ ଏହା କେତେଦୂର ତାଙ୍କୁ ସାଜୁଛି ସେ ନିଜକୁ ନିଜେ ପଚାରିବା ଉଚିତ।

ସେ ଚାହିଁଥିଲେ ସେତେବେଳେ କେସ୍ କରିପାରିଥାନ୍ତେ। ଏକଥା ନ କରି ଏବେ ମୁଖ୍ୟମନ୍ତ୍ରୀ ହେବା ପରେ ଏପରି ମନ୍ତବ୍ୟ ଦେବା କେତେଦୂର ସମୀଚୀନ ତାହା ସେ ତର୍ଜମା କରନ୍ତୁ। ତାଙ୍କ ଦଳର ସର୍ବୋଚ୍ଚ ନେତା କହିଛନ୍ତି, ଓଡ଼ିଶା ଖଣି ସଂସ୍କାର ଯଦି ଶିଖିବାର ଅଛି ତେବେ ଓଡ଼ିଶାରୁ ଶିଖ। ସଂସଦରେ ତାଙ୍କ ସର୍ବୋଚ୍ଚ ନେତା ପ୍ରଧାନମନ୍ତ୍ରୀ ଏହା ସ୍ୱୀକାର କରିଛନ୍ତି। ଏହାକୁ କେମିତି ମୁଖ୍ୟମନ୍ତ୍ରୀ ଭୁଲିଯାଉଛନ୍ତି। ସଂଘୀୟ ବ୍ୟବସ୍ଥାରେ କିପରି ଶାସନ କରିବାକୁ ହୁଏ, ତାହା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କଠାରୁ ଶିକ୍ଷା କରିବା ଉଚିତ। କ୍ଷମତାକୁ ଆସି ବିରୋଧୀ ଦଳ ପରି ପ୍ରଳାପ କରିବା ଛାଡ଼ନ୍ତୁ। ଓଡ଼ିଶାବାସୀ ଓ ଲୋକମାନେ ଭାଜପାକୁ ଜନମତ ଦେଇଛନ୍ତି। ତାଙ୍କ ଦଳ ତାଙ୍କୁ ମୁଖ୍ୟମନ୍ତ୍ରୀ କରିଛନ୍ତି। ତେଣୁ ସେ ତାଙ୍କ ପଦ ମର୍ଯ୍ୟାଦା ରକ୍ଷା କରିବା ଉଚିତ। ଏଭଳି ଉକ୍ତି ଯଦି ଜଣେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମରେ ରଖିବେ, ତେବେ ତାହା ଶୋଭନୀୟ ନୁହେଁ ବୋଲି ପ୍ରତାପ ଦେବ କହିଛନ୍ତି।

# ୧୯୮୦ରେ ବିଭୀଷିକାକୁ ମନେପକାଇଲେ ମନ୍ତ୍ରୀ ସୁରେଶ

**ସାମିଲ ହେଲେ ବହୁ ପୁରାତନ ଛାତ୍ରୀଛାତ୍ର**

ସମ୍ବଲପୁର,୨୪।୬(ଭବାନୀ ଶଙ୍କର ଭୋଇ)


ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଶହୀଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ଓଡ଼ିଶାର ଅନ୍ୟତମ ପ୍ରତିଷ୍ଠିତ ଉଚ୍ଚ ଶିକ୍ଷାନୁଷ୍ଠାନ ଗଙ୍ଗାଧର ମେହେର କଲେଜରେ ୧୯୮୦ ମସିହା ଐତିହାସିକ ଛାତ୍ର ଆନ୍ଦୋଳନର ଶହୀଦମାନଙ୍କୁ ସୋମବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଅବସର ଥିଲା ଏକଦା ଏଠାକାର ଛାତ୍ର ଆନ୍ଦୋଳନର ନେତୃତ୍ୱ ନେଇଥିବା ସୁରେଶ ପୂଜାରୀ ଏବେ ରାଜ୍ୟର ରାଜସ୍ୱ ମନ୍ତ୍ରୀ ହେବା ପରେ ଶହୀଦ ସ୍ତମ୍ଭ ପରିଦର୍ଶନ କରିବାର। ଏହି କ୍ଷଣରେ ହିଁ ପୁରୁଣା ଦିନର ସ୍ମୃତି ରୋମନ୍ଥନ କରାଯାଇଥିବା ଦେଖିବାକୁ ମିଳିଥିଲା।

ଇତିହାସକୁ ଯିବା। ସେତେବେଳର ଛାତ୍ର ଆନ୍ଦୋଳନର ମୁଖ୍ୟ ତଥା ଗଙ୍ଗାଧର ମେହେର କଲେଜ ଛାତ୍ର ସଂସଦର ତତ୍କାଳୀନ ସଭାପତି ସୁରେଶ ପୂଜାରୀଙ୍କ ଆବାହକତ୍ୱରେ ନିଖିଳ ଓଡ଼ିଶା ଛାତ୍ର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନିଃଶୁଳ୍କ କଲେଜ ଶିକ୍ଷା, ଯାତ୍ରୀବାହୀ ବସ୍‌ରେ ଛାତ୍ରୀଛାତ୍ରଙ୍କୁ ୫୦% ରିହାତି ସମେତ ୮ ଦଫା ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯାଇଥିଲା। ଏହି ଆନ୍ଦୋଳନକୁ ସାରା ରାଜ୍ୟର ଛାତ୍ରମାନଙ୍କର ସମର୍ଥନ ମିଳିଥିଲା। ଏହାର ଚର୍ଚ୍ଚା ସାରା ଦେଶରେ ହେବା ସହ ବିବିସି ଭଳି ସଂସ୍ଥା ଏ ନେଇ ଖବର ପ୍ରସାରଣ କରିଥିଲା। ଏହି ଆନ୍ଦୋଳନରୁ ଛାତ୍ରନେତା ସୁରେଶ ପୂଜାରୀ ସେତେବେଳେ ଏକ ଚର୍ଚ୍ଚିତ ଚେହେରା ପାଲଟି ଯାଇଥିଲେ। ତାଙ୍କର ନେତୃତ୍ୱ ଅନେକ ଛାତ୍ରୀଛାତ୍ରଙ୍କୁ ଆନ୍ଦୋଳନରେ ସାମିଲ ହେବା ପାଇଁ ପ୍ରେରିତ କରିଥିଲା। ସେହି ଆନ୍ଦୋଳନ ତତ୍କାଳୀନ କଂଗ୍ରେସ ସରକାରକୁ ଅଡୁଆରେ ପକାଇଥିଲା। ଏପରିକି ରାଜ୍ୟରେ ଛାତ୍ରମାନେ ଶାସକ ଦଳର କର୍ମୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଆନ୍ଦୋଳନକୁ ଦମନ କରିବା ପାଇଁ ସେହି ସମୟରେ ରାଜ୍ୟର ଟିଟିଲାଗଡ଼, ବିନିକା, ହୀରାକୁଦ, ଭୁବନ ଓ ଅନ୍ୟ କେତେକ ସ୍ଥାନରେ ପୋଲିସ ଗୁଳିଚାଳନା କରିଥିଲା। ପୋଲିସ ଗୁଳିରେ ଜଗଦୀଶ ପନସାରୀ, ଶ୍ରୀଧର ବେରିହା, ପ୍ରଫୁଲ୍ଲ ରାଉତରାୟ, ଦିବାକର ବର୍ଦ୍ଧନ, ଉଦ୍ଧବ ବେହେରା, ଲକ୍ଷ୍ମୀଧର ମହାରଣା ପ୍ରମୁଖ ୬ ଜଣ ଛାତ୍ର ଶହୀଦ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ସେହି ଶହୀଦମାନଙ୍କ ସ୍ମୃତିରେ ଗଙ୍ଗାଧର ମେହେର କଲେଜ ପରିସରରେ ଶହୀଦ ସ୍ତମ୍ଭ ନିର୍ମାଣ ସହ ଡିସେମ୍ବର ୫ରେ ଶହୀଦ ଦିବସ ପାଳନ କରାଯାଇଥାଏ।

ରାଜସ୍ୱ ମନ୍ତ୍ରୀ ସୁରେଶ ପ୍ରଥମ ସରକାରୀ ଗସ୍ତରେ ସମ୍ବଲପୁର ଆସି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମରେ ଯୋଗଦେଲା ବେଳେ ତାଙ୍କ ସହ ସାମିଲ ହୋଇଥିଲେ କଲେଜର ପୁରାତନ ଛାତ୍ରୀଛାତ୍ର, ଛାତ୍ର ଆନ୍ଦୋଳନ ସମୟର ବହୁ ଛାତ୍ରନେତା, ସାମାଜିକ କର୍ମୀ ଏବଂ ତତ୍କାଳୀନ ନିଖିଳ ଓଡ଼ିଶା ଛାତ୍ର କ୍ରିୟାନୁଷ୍ଠାନ କମିଟିର ସଦସ୍ୟ। ଏହି ପରିପ୍ରେକ୍ଷୀରେ ମନେପକାଯାଇଥିଲା ଉକ୍ତ ଛାତ୍ର ଆନ୍ଦୋଳନରେ କେବଳ ସୁରେଶ ପୂଜାରୀଙ୍କୁ ନୁହନ୍ତି, ବରଂ ତତ୍କାଳୀନ ମହିଳା ମହାବିଦ୍ୟାଳୟର ନେତ୍ରୀ ରାଧାରାଣୀ ପଣ୍ଡା, ସିପ୍ରା ମହାନ୍ତି, ରାଉରକେଲାର ନୀହାର ରାୟ, ସୋନ୍‌ପୁରର ନିରଞ୍ଜନ ପୂଜାରୀ, ବରପାଲିର ଅଶୋକ ପାଣିଗ୍ରାହୀଙ୍କ ଭଳି ଅନେକ ଛାତ୍ରନେତା ପରବର୍ତ୍ତୀ ସମୟରେ ରାଜ୍ୟ ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣକରି କିଭଳି ବିଭିନ୍ନ ସମୟରେ ବିଧାୟକ ଏବଂ ମନ୍ତ୍ରୀ ହୋଇପାରିଛନ୍ତି । ଏହି ଛାତ୍ର ଆନ୍ଦୋଳନ ତତ୍କାଳୀନ କଂଗ୍ରେସ ସରକାରର ଅଖଣ୍ଡ କ୍ଷମତାକୁ ଚ୍ୟାଲେଞ୍ଜ କରିପାରିଥିଲା। ତେବେ ବର୍ତ୍ତମାନ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ରସଂଘ ନିର୍ବାଚନ ପ୍ରତ୍ୟକ୍ଷ ଭାବେ ହେଉ ନ ଥିବାରୁ କଲେଜଗୁଡ଼ିକରୁ ଆଉ ଛାତ୍ରନେତା ତିଆରି ହେଉ ନ ଥିବା ଅଭିଯୋଗ ହୋଇଥାଏ। ଅନେକ ବର୍ଷ ପରେ ତତ୍କାଳୀନ ଛାତ୍ରନେତାମାନେ ଏକଜୁଟ ହୋଇ ଆନ୍ଦୋଳନ ସମୟକୁ ଯେଭଳି ମନେପକାଇଛନ୍ତି, ତାହା ଛାତ୍ରାବସ୍ଥାର ନେତୃତ୍ୱକୁ ପୁଣି ଚିଆଁଇଦେଲା ବୋଲି ସାଧାରଣରେ ଆଲୋଚନା ହୋଇଛି।

## ଆଜି ନିଲାମ ହୋଇପାରେ ସ୍ପେକ୍ଟ୍ରମ

ନୂଆଦିଲ୍ଲୀ:ଦେଶବାସୀଙ୍କୁ ଉନ୍ନତମାନର ଟେଲିକମ୍‌ଭିତ୍ତିକ ସେବା ଯୋଗାଇ ଦେବାକୁ କେନ୍ଦ୍ର ସରକାର ପ୍ରସ୍ତୁତ ଥିଲାବେଳେ ଟେଲିକମ ବିଭାଗ (ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ୟୁନିକେଶନ ବା ଡଟ୍) ପକ୍ଷରୁ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଏପରିକି ମଙ୍ଗଳବାର ପ୍ରାୟ ୯୬,୩୧୮ (୯୬,୩୧୭.୬୫ କୋଟି) କୋଟି ଟଙ୍କାର ସ୍ପେକ୍ଟ୍ରମ ନିଲାମ କରାଯାଇପାରେ ବୋଲି ଡଟ୍ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

# ନିବେଶ ପ୍ରସ୍ତାବରେ ଓଡ଼ିଶା ଆଗୁଆ

ଭୁବନେଶ୍ୱର,୨୪।୬(ଅନୁରାଧା ମହାରଣା)

କ୍ରମାଗତ ଭାବେ ଓଡ଼ିଶାରେ ନିବେଶ ପ୍ରସ୍ତାବ ବୃଦ୍ଧି ପାଉଥିବାବେଳେ ନିବେଶକମାନେ ମଧ୍ୟ ରାଜ୍ୟରେ ବ୍ୟାପକ ପରିମାଣର ପୁଞ୍ଜି ନିବେଶ ପାଇଁ ଓଡ଼ିଶା ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏପରିକି ଶିଳ୍ପ ବିନିଯୋଗ କ୍ଷେତ୍ରରେ ଗତବର୍ଷ ୨୦.୪ ପ୍ରତିଶତ ବୃଦ୍ଧି ଘଟିଛି। ୨୦୨୩ ମସିହାରେ ମୋଟ ୫୧୦,୮୫୨ କୋଟି ଟଙ୍କା ବିନିଯୋଗ ସହିତ ୧,୨୬୭ ଇଣ୍ଡଷ୍ଟ୍ରିଆଲ ଉଦ୍ୟୋଗୀ ସ୍ମାରକପତ୍ର (ଆଇଇଏମ୍) ଦାଖଲ କରାଯାଇଛି। ୨୦୨୨ରେ ୪୨୪,୧୦୧ କୋଟି ଟଙ୍କା ମୂଲ୍ୟର ପାର୍ଟ-ଏ ଆଇଏମ ନାମକ ୧,୧୮୫ଟି ପ୍ରପୋଜାଲ ଦାଖଲ ହୋଇଛି। ଏ କ୍ଷେତ୍ରରେ ଓଡ଼ିଶା ସର୍ବାଧିକ ୨୧୦,୮୩୭ କୋଟି ଟଙ୍କା, ଗୁଜରାଟ ୬୨,୫୩୫ କୋଟି, ମହାରାଷ୍ଟ୍ର ୫୯,୫୫୧ କୋଟି ଏବଂ ମଧ୍ୟପ୍ରଦେଶ ୨୨,୧୬୩ କୋଟି ଟଙ୍କା ପାଇଛି। ଶିଳ୍ପ ବିନିଯୋଗ ଦୃଷ୍ଟିରୁ ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶର ଦୁଇ ତେଲୁଗୁ ରାଜ୍ୟ ଯଥାକ୍ରମେ ୧୩,୨୪୨ କୋଟି ଏବଂ ୧୨,୨୩୮ କୋଟି ଟଙ୍କା ପାଇଛନ୍ତି। ୨୦୨୩ ଡିସେମ୍ବରରେ, ୧୨,୨୭୪ କୋଟି ଟଙ୍କା ପ୍ରସ୍ତାବିତ ନିବେଶ ସହିତ ୯୨ ଆଇଏଏମ୍ ଦାଖଲ କରାଯାଇଥିଲା। ଗୁଜରାଟ, ଓଡ଼ିଶା ଏବଂ ମହାରାଷ୍ଟ୍ର ଯଥାକ୍ରମେ ୫,୦୮୧ କୋଟି, ୧,୨୮୫ କୋଟିଏବଂ ୧,୧୪୫ କୋଟିଟଙ୍କା ବିନିଯୋଗ ସହିତ ଅଗ୍ରଣୀ ରାଜ୍ୟ ଅଟନ୍ତି। ପୁଞ୍ଜି ବିନିଯୋଗ ଉଦ୍ଦେଶ୍ୟରେ ରାସାୟନିକ ପଦାର୍ଥ (ସାର ବ୍ୟତୀତ), ଧାତବ ଶିଳ୍ପ ଏବଂ ବୈଦ୍ୟୁତିକ ଉପକରଣ ପାଇଁ ଯଥାକ୍ରମେ ୩,୦୩୨ କୋଟି, ୧,୮୫୩ କୋଟି ଏବଂ ୧,୮୪୮ କୋଟି ଟଙ୍କା ପ୍ରସ୍ତାବ ରହିଛି। ଆଇଇଏମ୍‌ଗୁଡିକ ଗତ କ୍ୟାଲେଣ୍ଡର ବର୍ଷରେ ୫୩୦,୨୯୭ ନିଯୁକ୍ତି ସୃଷ୍ଟି କରିବେ ବୋଲି ଆଶା କରାଯାଉଛି। ଏହା ୨୦୨୨ ମସିହାରେ ୩୬୭,୧୭୪ ରୁ ୪୪.୪ ପ୍ରତିଶତ ବୃଦ୍ଧି ପାଇଛି। ପ୍ରକୃତ କାର୍ଯ୍ୟକାରିତା ଦୃଷ୍ଟିରୁ ୧୨.୩ ପ୍ରତିଶତ ବୃଦ୍ଧି ଘଟିଛି। ମୋଟ ୨୨,୦୬୪ କୋଟି ଟଙ୍କା ବିନିଯୋଗ ସହିତ ୨୦୨୨ ମସିହାରେ ୯୧୬ଟି ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବାବେଳେ ୨୦୨୩ ମସିହାରେ ୯୯୯ଟି ପ୍ରକଳ୍ପ ଥିଲା, ଯେଉଁଥିରେ ମୋଟ ୨୮୦,୯୬୪ କୋଟି ଟଙ୍କା ବିନିଯୋଗ ହୋଇଥିଲା। ଅବଶ୍ୟ ଗତ ବର୍ଷ ଶିଳ୍ପ ପ୍ରକଳ୍ପଗୁଡିକର କାର୍ଯ୍ୟକାରିତା ୨୦୨୧ ତୁଳନାରେ କମ ଥିଲା, ଯାହା ୩୪୭,୯୭୮ କୋଟି ଟଙ୍କା ଥିଲା। ୨୦୨୩ ମସିହାରେ ରାସାୟନିକ ପଦାର୍ଥ (ସାର ବ୍ୟତୀତ) କ୍ଷେତ୍ରରେ ୭୦,୨୦୬ କୋଟି ଟଙ୍କା ପାଇବା ଶିଳ୍ପ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ସବୁଠାରୁ ଅଧିକ ଲାଭଦାୟକ ଥିଲା।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୨୪।୬

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୧୩୧ (୧୩୧.୧୮) ପଏଣ୍ଟ ବଢି ୭୭,୩୪୧(୭୭,୩୪୧.୦୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୪୮(୪୭.୫୫) ପଏଣ୍ଟ ବୃଦ୍ଧି ଘଟି ୨୩,୫୪୯ (୨୩,୫୪୮.୬୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ସୁମିତ ବିଓବିର ବ୍ରାଣ୍ଡ୍ ଆମ୍ବାସାଡର

ଭୁବନେଶ୍ୱର,୨୪।୬



ସୁମିତ ନାଗଲ

ବ୍ୟାଙ୍କ ଅଫ୍ ବରୋଦା (ବିଓବି) ର ନୂତନ ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଭାରତୀୟ ଟେନିସ୍ ଖେଳାଳି ସୁମିତ ନାଗଲଙ୍କୁ ନିଯୁକ୍ତି ଦିଆଯାଇଛି। ଏପରିକି ଉଦୀୟମାନ ତଥା ପ୍ରତିଭାବାନ ଏବଂ ଉଚ୍ଚାକାଂକ୍ଷୀ ଭାରତୀୟ କ୍ରୀଡ଼ାବିତମାନେ ବିଶ୍ୱସ୍ତରରେ ଶ୍ରେଷ୍ଠ ଖେଳାଳିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚେଷ୍ଟା କରୁଥିବାରୁ ସେମାନଙ୍କୁ ସହଯୋଗ କରିବା ପାଇଁ ବ୍ୟାଙ୍କର ଦୀର୍ଘଦିନର ନୀତି ସହିତ ଏହି ପଦକ୍ଷେପ ନିଆଯାଇଛି। ୨୬ ବର୍ଷ ବୟସ୍କ ସୁମିତ ନାଗଲଙ୍କୁ ବ୍ୟାଙ୍କ ପକ୍ଷରୁ ରଣନୀତିକ ଭାବେ ଏହି ସେଗମେଣ୍ଟ ପାଇଁ ଡିଜାଇନ୍ କରାଯାଇଥିବା ବିଭିନ୍ନ ପ୍ରଡକ୍ଟ ସହିତ ଯୁବକ ଏବଂ ନୂଆ ପିଢ଼ିର ଗ୍ରାହକଙ୍କୁ ଟାର୍ଗେଟ କରାଯିବ। ସୁମିତ ବିଓବି ଏଣ୍ଡୋର୍ସର ଏକ ଚମତ୍କାର ଲାଇନ୍ ଅପ୍‌ରେ ସାମିଲ ହୋଇଛନ୍ତି, ଯେଉଁଥିରେ ବ୍ୟାଡମିଣ୍ଟନ୍ ତାରକା ପିଭି ସିନ୍ଧୁ ଏବଂ କ୍ରିକେଟ୍‌ର ଯୁବ ଆଇକନ୍ ଶେଫାଲି ବର୍ମା ରହିଛନ୍ତି।

ଏ ସମ୍ପର୍କରେ ବିଓବିର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି, ଭାରତର କିଛି ପ୍ରତିଭାବାନ କ୍ରୀଡ଼ା ପ୍ରତିଭାଙ୍କ ସହ ଭାଗୀଦାରି କରିବା ଏବଂ ସେମାନଙ୍କ କ୍ୟାରିୟରର ପ୍ରାରମ୍ଭରେ ସହଯୋଗ କରିବାର ସମୃଦ୍ଧ ପରମ୍ପରା ରହିଛି। ବିଓବି ପରିବାରରେ ସୁମିତ ନାଗଲଙ୍କୁ ସ୍ୱାଗତ କରି ଆମେ ବେଶ୍ ଉତ୍ସାହିତ ଅଛୁ। ସେହିଭଳି ସୁମିତ ନାଗଲ କହିଛନ୍ତି, ବିଓବି ସହ ସାମିଲ୍ ହୋଇ ମୁଁ ଗର୍ବ ଅନୁଭବ କରୁଛି ଏବଂ ମୋ ଉପରେ ଭରସା ରଖିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଉଛି।

## ଗହମ ଷ୍ଟକ୍ ପାଇଁ ସୀମା ନିର୍ଦ୍ଧାରିତ



ଭୁବନେଶ୍ୱର,୨୪।୬(ଅନୁରାଧା ମହାରଣା)

ସାମଗ୍ରିକ ଖାଦ୍ୟ ନିରାପତ୍ତାକୁ ନିୟନ୍ତ୍ରଣ କରିବା ଏବଂ ବେଆଇନ ମହଜୁଦ ରୋକିବା ପାଇଁ ଭାରତ ସରକାର ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ବ୍ୟବସାୟୀ, ହୋଲସେଲର, ରିଟେଲର, ବିଗ ଚେନ ରିଟେଲର ଏବଂ ପ୍ରୋସେସରମାନଙ୍କ ପାଇଁ ପ୍ରଯୁଜ୍ୟ ଗହମ ଉପରେ ଷ୍ଟକ ସୀମା ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନିର୍ଦ୍ଦିଷ୍ଟ ଖାଦ୍ୟ ସାମଗ୍ରୀ ଉପରେ ଲାଇସେନ୍ସ ଆବଶ୍ୟକତା, ଷ୍ଟକ ସୀମା ଏବଂ ଚଳପ୍ରଚଳ ପ୍ରତିବନ୍ଧକ (ସଂଶୋଧନ) ଆଦେଶ ଲାଗୁ ହୋଇଛି। ସୋମବାରଠାରୁ ଏହା କାର୍ଯ୍ୟକାରୀ ହୋଇଥିବାବେଳେ ଏହା ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଲାଗୁ ହେବ। ଷ୍ଟକ ସୀମା ପ୍ରତ୍ୟେକ ସଂସ୍ଥା ପାଇଁ ବ୍ୟକ୍ତିଗତ ଭାବେ ଲାଗୁ ହେବ। ବ୍ୟବସାୟୀ ବା ହୋଲସେଲର ୩୦୦୦ ମେଟ୍ରିକ ଟନ୍, ରିଟେଲର୍ ତଥା ପ୍ରତ୍ୟେକ ରିଟେଲ ଆଉଟଲେଟ ପାଇଁ ୧୦ ମେଟ୍ରିକ ଟନ୍, ବିଗ ଚେନ ରିଟେଲର୍ ପ୍ରତ୍ୟେକ ଆଉଟଲେଟ ପାଇଁ ୧୦ ମେଟ୍ରିକ ଟନ୍ ଏବଂ ସମସ୍ତ ଡିପୋ ଓ ପ୍ରୋସେସରରେ ୩୦୦୦ ମେଟ୍ରିକ ଟନ୍ ପର୍ଯ୍ୟନ୍ତ ଷ୍ଟକ୍ ରଖିପାରିବେ। ପ୍ରକ୍ରିୟାକାରୀଙ୍କ ପାଇଁ ଆର୍ଥିକ ବର୍ଷ ୨୦୨୪-୨୫ର ଅବଶିଷ୍ଟ ମାସ ସହିତ ମାସିକ ସଂସ୍ଥାପିତ କ୍ଷମତା(ଏମ୍‌ଆଇସି)କୁ ଗୁଣନ କରି ଏହାର ୭୦ ପ୍ରତିଶତ ନିର୍ଦ୍ଧାରିତ କରାଯାଇଛି। ଉପରୋକ୍ତ ଭଳି ସମ୍ପୃକ୍ତ ଆଇନଗତ ସଂସ୍ଥାଗୁଡ଼ିକୁ ଷ୍ଟକ ସ୍ଥିତି ଘୋଷଣା କରିବାକୁ ପଡ଼ିବ ଏବଂ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗର ପୋର୍ଟାଲ https://evegoils.nic.in/wsp/loginରେ ନିୟମିତ ଭାବେ ଅପଡେଟ ଦେବାକୁ ପଡ଼ିବ ଏବଂ ଯଦି ସେମାନଙ୍କ ପାଖରେ ଥିବା ଷ୍ଟକ୍ ନିର୍ଦ୍ଧାରିତ ସୀମାଠାରୁ ଅଧିକ ହୁଏ ତେବେ ସେମାନଙ୍କୁ ଏହି ବିଜ୍ଞପ୍ତି ଜାରି ହେବାର ୩୦ ଦିନ ମଧ୍ୟରେ ନିର୍ଦ୍ଧାରିତ ଷ୍ଟକ ସୀମାକୁ ଆଣିବାକୁ ପଡ଼ିବ।

## ଜୁଲାଇ ୨୭ରେ ଆଇସିସିର ମେଗା ନିଯୁକ୍ତି ମେଳା




ଭୁବନେଶ୍ୱର,୨୪।୬ (ଅଭୟ ଦାଶ)

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ(ଆଇସିସି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ମେଗା ନିଯୁକ୍ତି ମେଳା' ସମ୍ପର୍କରେ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମ ୨୦୨୪ ଜୁଲାଇ ୨୭ ଓ ୨୮ ରେ ଭୁବନେଶ୍ୱରର ଲୁମ୍ବିନି କନ୍‌ଭେନ୍ସନଠାରେ ଅନୁଷ୍ଠିତ ହେବ ବୋଲି ଆଇସିସି ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସୋମବାର ଆଇସିସି ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଭୁବନେଶ୍ୱରର ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଆଇସିସି ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଜେ.ବି ପାଣିଙ୍କ ସମେତ ସିକତା ଦାସ, ଆର.କେ ଦାସ, ଜେ.ଡି. ପାଲ, ରାଜୀବ ସାହୁ ଏବଂ ବି.ଏନ. ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସମ୍ମିଳନୀର ଆଭିମୁଖ୍ୟ ଓ ମେଳା ସମ୍ପର୍କିତ ସମସ୍ତ ସୂଚନା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ମେଡିକାଲ, ବ୍ୟାଙ୍କ, ହସ୍ପିଟାଲିଟି, ଆଇଟି, ଶିକ୍ଷା, ଖଣି, ଅଟୋମୋବାଇଲ୍ ଏବଂ ଏଚ୍‌ଆର୍ କନସଲଟାନ୍ସ ଭଳି ବିଭିନ୍ନ କ୍ଷେତ୍ରରେ ଚାକିରି ଖୋଜୁଥିବା ଆଶାୟୀ ଏବଂ ଶୀର୍ଷ ନିଯୁକ୍ତିଦାତାମାନେ ଅଂଶଗ୍ରହଣ କରିପାରିବେ।

ସେହିଭଳି ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ୪୦୦୦ରୁ ୫୦୦୦ ଅଂଶଗ୍ରହଣକାରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏପରିକି ଚାକିରି ଖୋଜୁଥିବା ଏବଂ ନିଯୁକ୍ତିଦାତାଙ୍କ ମଧ୍ୟରେ ସିଧାସଳଖ କଥାବାର୍ତ୍ତା ଏବଂ ଯୋଗଦାନ ପାଇଁ ଆଇସିସି ନିଯୁକ୍ତି ମେଳା ୨୦୨୪ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ହେବ।

ସେହିପରି ବିଭିନ୍ନ କମ୍ପାନୀ ଏବଂ ଚାକିରି ଖୋଜୁଥିବା ଲୋକଙ୍କୁ ଏକତ୍ର କରିବା ସହିତ ପ୍ରାର୍ଥୀଙ୍କ ଦକ୍ଷତା ଏବଂ ଯୋଗ୍ୟତାର ବାସ୍ତବ ମୂଲ୍ୟାଙ୍କନକୁ ଏହା ସୁଗମ କରିବ ବୋଲି ଆୟୋଜକଙ୍କ ପକ୍ଷରୁ ବିସ୍ତୃତ ଭାବେ ମତପ୍ରକାଶ କରାଯାଇଛି।

## ଅଖିଲ ଗୁପ୍ତା ଭାରତୀ ଆକ୍ସାର ନ୍ୟୁ ଚେୟାରମ୍ୟାନ

ଭୁବନେଶ୍ୱର,୨୪।୬

ଦେଶର ପ୍ରମୁଖ ଘରୋଇ ବୀମା କମ୍ପାନୀ ତଥା ଭାରତୀ ଆକ୍ସା ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ଅଧ୍ୟକ୍ଷ ( ନ୍ୟୁ ଚେୟାରମ୍ୟାନ) ଭାବେ ଅଖିଲ ଗୁପ୍ତା ନିକଟରେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ ଭାରତୀ ଏଣ୍ଟରପ୍ରାଇଜେସ୍‌ର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ଏପରିକି ଗୁପ୍ତା ଦୀର୍ଘ ୪୦ ବର୍ଷ ଧରି ବିଭିନ୍ନ ଘରୋଇ ସଂସ୍ଥା ଓ ବୀମା କମ୍ପାନୀଗୁଡିକରେ ଦକ୍ଷତାର ସହିତ କାର୍ଯ୍ୟ କରିଛନ୍ତି। ସେହିଭଳି ଦେଶର ପ୍ରମୁଖ ଘରୋଇ ଟେଲିକମ କମ୍ପାନୀ 'ଭାରତୀ ଏୟାରଟେଲ୍'ର ଅଭିବୃଦ୍ଧିରେ ଗୁପ୍ତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଏପରିକି ରୂପାନ୍ତରିତ ଅଭିଯାନ ପରିକଳ୍ପନା କରି ତାହାକୁ ସଫଳତାର ସହ କାର୍ଯ୍ୟକାରୀ କରିବାର ଗୁପ୍ତାଙ୍କର ଅତୁଳନୀୟ ଅବଦାନ ରହିଛି, ସେ ତାଙ୍କ କ୍ୟାରିୟର୍‌ରେ ୱାରବର୍ଗ୍ ପିନ୍‌କସ୍, ଟାମାସେକ୍, କେକେଆର, କତାର ଫାଉଣ୍ଡେଶନ ଏଣ୍ଡାଓମେଣ୍ଟ, ଏଆଇଏଫ୍, ସେକ୍ୟୁଆ କ୍ୟାପିଟାଲ୍ ଭଳି ଅଗ୍ରଣୀ ନିବେଶକଙ୍କ ସହ ସହଯୋଗିତା ସ୍ଥାପନ କରିବାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଭାରତୀ ଏୟାରଟେଲ୍, ଭାରତୀ ଇନଫ୍ରାଟେଲ୍ ଓ ଏୟାରଟେଲ୍ ଆଫ୍ରିକାକୁ ମଧ୍ୟ ସେ ସଫଳତାର ସହ ଷ୍ଟକ୍ ବଜାରରେ ତାଲିକାଭୁକ୍ତ କରାଇଥିଲେ।

ଏ ସମ୍ପର୍କରେ ଭାରତୀ ଆକ୍ସା ଲାଇଫ୍ ଇନସ୍ୟୁରାନ୍ସର ଅଧ୍ୟକ୍ଷ ଅଖିଲ୍ ଗୁପ୍ତା କହିଛନ୍ତି, ଭାରତୀ ଆକ୍ସା ଲାଇଫ୍ ଇନସ୍ୟୁରାନ୍ସର ନେତୃତ୍ୱ ନେଇ ମୁଁ ଗର୍ବିତ, କାରଣ ଆମ ପାଖରେ ଅଭିନବତା ଏବଂ ଉପଭୋକ୍ତାଙ୍କ ବୀମା ବିନିଯୋଗ ସହିତ ସ୍ଥାୟୀ ଅଭିବୃଦ୍ଧିର ଗଭୀର ବୁଝାମଣା ଉପଯୋଗ କରିବାର ଏକ ବିରାଟ ସୁଯୋଗ ରହିଛି।

ଭାରତୀ ଆକ୍ସା ଲାଇଫ୍ ଇନସ୍ୟୁରାନ୍ସକୁ ସୁଦୃଢ଼ କରିବା ପାଇଁ ସମର୍ପିତ ଏକ ପ୍ରତିଭାଶାଳୀ ଏବଂ ଉତ୍ସାହୀ ଟିମ୍ ରହିଛି। ଏପରିକି ଆମର ଗ୍ରାହକ ଏବଂ ଶିଳ୍ପସଂସ୍ଥାର ବିଶ୍ୱସ୍ତ ଅଂଶୀଦାର ଭାବେ କାମ କରିବାକୁ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ନିର୍ଦ୍ଦେଶକଙ୍କ ସହ ବା ବୋର୍ଡ ସହ କାମ କରିବାକୁ ମୁଁ ଉତ୍ସାହିତ ଅଛି।

## ରାଜ୍ୟ ଖବର

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ରାଣ୍ଡ ହୋଇ ଦେହକୁ ମଣ୍ଡେ**
**ରାଜା ହୋଇ ପରଜା ତଣ୍ଡେ**
**ଗୃହସ୍ତ ହୋଇ ପତ୍ନୀକି ଦଣ୍ଡେ**
**ସାହୁ ହୋଇ ଖାତକକୁ ଭଣ୍ଡେ।**

ବିଧବା ନାରୀଙ୍କ ପକ୍ଷେ ଅଳଙ୍କାର ପିନ୍ଧିବା ସମାଜ ଦୃଷ୍ଟିରେ ଗ୍ରହଣୀୟ ହୋଇ ନ ଥାଏ। ରାଜା ହୋଇ ପ୍ରଜାଙ୍କ ଉପରେ ଜୁଲମ କରିବା ଅନ୍ୟାୟ। ପତ୍ନୀ ପ୍ରତି ଅବିଚାର କରିବା ସହ ଶାରୀରିକ ଯନ୍ତ୍ରଣା ଦେବା କାପୁରୁଷତାର ଲକ୍ଷଣ ହୋଇଥାଏ। ସେହିପରି ମହାଜନ ହୋଇ ଖାତକ ପ୍ରତି ଅତ୍ୟାଚାର କରିବା ବା ଠକିବା ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ରାଧେ ରାଧେ**
**ତୁମର ଅଧେକୁ ଆମର ଅଧେ।**

ସଲାସତୁରା ହୋଇ ନିଜ ନିଜ ଭିତରେ ଆତ୍ମସାତ କରିନେବାର ଫନ୍ଦି ଫିକର। ଅତି ଗୋପନରେ ଭାଗ ବଣ୍ଟା କରୁଥିବା ଧୂର୍ତ୍ତ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# 'ନୋ ହେଲ୍‌ମେଟ ନୋ ପେଟ୍ରୋଲ' ନିୟମ ବାଟବଣା

ଭୁବନେଶ୍ୱର,୨୪।୬
(ସୂର୍ଯ୍ୟକାନ୍ତ ବେହେରା)

ବିନା ହେଲ୍‌ମେଟ୍‌ରେ ବାଇକ ଚଳାଇବା ଯୋଗୁ ଦୁର୍ଘଟଣାରେ ବହୁ ଜୀବନ ଯାଉଛି। ଏହି ଦୁର୍ଘଟଣାଜନିତ ମୃତ୍ୟୁ କମାଇବା ସହ ବାଇକ ଆରୋହୀଙ୍କୁ ସଚେତନ କରିବା ନିମନ୍ତେ ରାଜ୍ୟ ସରକାର 'ନୋ ହେଲମେଟ ନୋ ପେଟ୍ରୋଲ' ନିୟମ ଆଣିଥିଲେ। ଏହାକୁ କାର୍ଯ୍ୟକାରୀ କରିବାକୁ ସ୍ଥାନୀୟ ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟ ପରିବହନ ବିଭାଗ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ମଧ୍ୟ ଏନେଇ ଆଲୋଚନା ହୋଇଥିଲା। ପେଟ୍ରୋଲ ପମ୍ପ ମାଲିକଙ୍କ ସହଯୋଗରେ ଏହି ନିର୍ଦ୍ଦେଶକୁ କଡ଼ାକଡ଼ି କରାଯାଇଥିଲା। ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲାରେ କାର୍ଯ୍ୟକାରୀ କରାଯାଇଥିଲେ ମଧ୍ୟ ଏବେ ଏହି ନିୟମ ସମ୍ପୂର୍ଣ୍ଣ ବାଟବଣା ହୋଇଯାଇଛି।



'ନୋ ହେଲ୍‌ମେଟ ନୋ ପେଟ୍ରୋଲ' ନିୟମ ବିଭିନ୍ନ ରାଜ୍ୟରେ ଲାଗୁ କରାଯାଇଛି। ଓଡ଼ିଶାରେ ପ୍ରଥମେ ୨୦୧୫ରେ ବରଗଡ଼ ଜିଲା ପୋଲିସ ଏହି ନିୟମ କାର୍ଯ୍ୟକାରୀ କରିଥିଲା। ପରେ ଅର୍ଥାତ୍ ୨୦୧୬ରେ କମିଶନରେଟ ପୋଲିସ ପକ୍ଷରୁ କଟକ ଓ ଭୁବନେଶ୍ୱରରେ 'ନୋ ହେଲ୍‌ମେଟ୍ ନୋ ପେଟ୍ରୋଲ ନିୟମ'କୁ କଡାକଡି କରାଯାଇଥିଲା। ପରବର୍ତ୍ତୀ ସମୟରେ ସୁନ୍ଦରଗଡ଼, ସମ୍ବଲପୁର, ଗଞ୍ଜାମ, ବାଲେଶ୍ୱର, ସୁବର୍ଣ୍ଣପୁର, ଜଗତ୍‌ସିଂହପୁର ଆଦି ବିଭିନ୍ନ ଜିଲାରେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇଥିଲା। ପେଟ୍ରୋଲ ଟାଙ୍କିରେ ପୋଲିସ କର୍ମଚାରୀ ନିୟୋଜିତ ହୋଇ ଲୋକଙ୍କୁ ହେଲମେଟ ପିନ୍ଧି ପେଟ୍ରୋଲ ପମ୍ପକୁ ଆସିବା ନିମନ୍ତେ ସଚେତନ କରୁଥିଲେ। କର୍ମଚାରୀମାନେ ମଧ୍ୟ ବିନା ହେଲ୍‌ମେଟ୍‌ରେ ଆସୁଥିବା ବାଇକ୍ ଚାଳକଙ୍କୁ ତେଲ ଦେଉ ନ ଥିଲେ। ଏପରିକି ପେଟ୍ରୋଲ ପମ୍ପଗୁଡ଼ିକରେ ଏନେଇ ସାଇନ ବୋର୍ଡ ଓ ବ୍ୟାନର ମଧ୍ୟ ଲଗାଯାଇଥିଲା। କିଛିଦିନ ଏହି ନିୟମ ବିଶେଷକରି ସହରାଞ୍ଚଳରେ ପାଳନ କରାଯାଇଥିଲା ଓ ଲୋକେ ମଧ୍ୟ ସଚେତନ ହେଉଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ଆଉ କେହି ଗୁରୁତ୍ୱ ଦେଲେନାହିଁ। ଲୋକେ କଟକଣା ମାନିଲେ ନାହିଁ କି ପେଟ୍ରୋଲ ପମ୍ପ କର୍ମଚାରୀ ଆହୁ ବାରଣ କଲେ ନାହିଁ। ଫଳରେ ପୂର୍ବପରି ବିନା ହେଲ୍‌ମେଟରେ ଗାଡ଼ି ଚାଳନାଜନିତ ମୃତ୍ୟୁ ହାର ବଢ଼ିଚାଲିଛି। ତେଣୁ ଏହି ନିୟମକୁ ପୁନର୍ବାର କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

### ୨ ବର୍ଷରେ ୩,୪୬୪ ଜଣଙ୍କ ମୃତ୍ୟୁ

ରାଜ୍ୟ ଗତ ଦୁଇ ବର୍ଷରେ ବିନା ହେଲ୍‌ମେଟରେ ବାଇକ୍‌ରେ ଯିବାବେଳେ ଦୁର୍ଘଟଣାରେ ୩ ହଜାର ୪୬୪ ଜଣଙ୍କ ମୃତ୍ୟୁ ହୋଇଥିବା ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୨ରେ ୧୬୯୫ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ୨୬୧୫ଜଣ ଆହତ ହୋଇଛନ୍ତି। ସେହିପରି ୨୦୨୩ରେ ମୃତ୍ୟୁସଂଖ୍ୟା ବଢ଼ି ୧୭୬୯ ହୋଇଥିବା ବେଳେ ୨୪୪୬ଜଣ ଆହତ ହୋଇଛନ୍ତି।

### ଜୀବନକୁ ବିପଦରେ ପକାଉଛନ୍ତି ବିନା ହେଲ୍‌ମେଟଧାରୀ



ଲୋକଙ୍କୁ ସଚେତନ କରାଇବା ପାଇଁ ସବୁପ୍ରକାର ଚେଷ୍ଟା କରାଯାଉଛି। ମଦ୍ୟପାନ କରି ଗାଡି ଚଳାଇବା, ରଙ୍ଗ ରୁଟ୍‌ରେ ଯିବା, ରେଡ୍ ଲାଇଟ ଡେଇଁବା, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର କରୁଥିବା ଅମାନିଆମାନେ ନିଜ ସହ ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛନ୍ତି। ତେଣୁ ସେମାନଙ୍କ ବିରୋଧରେ ବାରମ୍ବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କିନ୍ତୁ ଯେଉଁମାନେ ହେଲମେଟ ପିନ୍ଧୁନାହାନ୍ତି ସେମାନେ ନିଜକୁ ବିପଦରେ ପକାଉଛନ୍ତି। ଏଥିପାଇଁ ଲୋକେ ସଚେତନ ହେବା ଦରକାର।

- ସଞ୍ଜୀବ ପଣ୍ଡା, କଟକ-ଭୁବନେଶ୍ୱର ପୋଲିସ କମିଶନର

### ନିଜେ ସଚେତନ ହେଲେ ପୋଲିସର ଆବଶ୍ୟକତା ପଡିବନି



ନିୟମ ତିଆରି ହେବା ବଡ କଥା ନୁହେଁ। ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯିବା ଉଚିତ। ତେବେ ଏହି ଘଟଣାରେ ଜନସାଧାରଣ ହିଁ ମୁଖ୍ୟତଃ ଦାୟୀ। ବାଇକ୍ ଚଳାଇବା ବେଳେ ହେଲ୍‌ମେଟ ପିନ୍ଧିବା ଜରୁରୀ ବୋଲି ଜାଣିବା ଦରକାର। ନିଜେ ସଚେତନ ହୋଇପାରିଲେ ପୋଲିସ କିମ୍ବା ନିୟମର ଆବଶ୍ୟକତା ପଡ଼ିବନି କି ଏଥିପାଇଁ ମନରେ ଭୟ ମଧ୍ୟ ରହିବନି।

- ମୋନାଲିସା ଦାସ, ଛାତ୍ରୀ

### ସବୁସ୍ତରରେ ସଚେତନତା କାର୍ଯ୍ୟକ୍ରମ ଜାରି ରହୁ



ପେଟ୍ରୋଲ ପମ୍ପ୍‌ରେ ସଡ଼କ ସୁରକ୍ଷାକୁ ନେଇ ପେଟ୍ରୋଲ ପମ୍ପ୍‌ରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସରକାର 'ନୋ ହେଲ୍‌ମେଟ୍ ନୋ ପେଟ୍ରୋଲ' ନାମରେ ଏକ ନିୟମ ଆଣିଥିଲେ। ଜିଲାପାଳମାନେ ଏହାକୁ କାର୍ଯ୍ୟରେ ପରିଣତ କରିବା ସହ ପେଟ୍ରୋଲ ପମ୍ପର ସହଯୋଗ ଲୋଡ଼ିଥିଲେ। ଆମେ ନିୟମକୁ ସ୍ୱାଗତ ଜଣାଇଥିଲୁ। କୌଣସି ବାଧ୍ୟତାମୂଳକ ନୁହେଁ, ବରଂ ସଚେତନତା ଉଦ୍ଦେଶ୍ୟରେ ଏହାକୁ କରାଯାଇଥିଲା। ଲୋକଙ୍କୁ ସଚେତନ କରାଇବା ନିମନ୍ତେ ସମସ୍ତ ଚେଷ୍ଟା କରିଥିଲୁ। ପୂର୍ବାପେକ୍ଷା ଲୋକେ ସଚେତନ ରହି ଡବଲ ହେଲମଟ ମଧ୍ୟ ପିନ୍ଧିବାକୁ ଆରମ୍ଭ କଲେଣି। ସେହିପରି ଏବେବି ଟାଙ୍କିରେ ଏହି ସଚେତନତା ବାର୍ତ୍ତା ଲାଗୁ ରହିଛି। ଯେଉଁମାନେ ହେଲ୍‌ମେଟ ପିନ୍ଧି ଆସୁନାହାନ୍ତି ତାଙ୍କୁ ଦିଆଯାଉନି। ହେଲେ ସେମାନେ ଟାଙ୍କି ବାହାରକୁ ଯାଇ ଲୋକଙ୍କଠାରୁ ହେଲ୍‌ମଟ ମାଗିଆଣି ପେଟ୍ରୋଲ ଭରୁଛନ୍ତି। ହେଲେ ଖାଲି ପେଟ୍ରୋଲ ପମ୍ପ୍‌ରେ ଏହି ସଚେତନତା ବାର୍ତ୍ତା ଦେଲେ ହେବନି ସବୁସ୍ତରରେ ସଚେତନତା କାର୍ଯ୍ୟକ୍ରମ ସବୁବେଳେ ଜାରି ରହିବା ଦରକାର। ସେହିପରି ଅମାନିଆଙ୍କ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ କରିବା ସହ ଲାଇସେନ୍ସ ୨ ବର୍ଷ ପାଇଁ ବାତିଲ କରିଦେଲେ ସେମାନଙ୍କ ମନରେ ଭୟ ରହିବ।

- ସଞ୍ଜୟ ଲାଠ୍, ସାଧାରଣ ସମ୍ପାଦକ, ଉତ୍କଳ ପେଟ୍ରୋଲିୟମ ଡିଲର୍ସ ସଂଘ

### ସଡ଼କ ସୁରକ୍ଷା ପାଇଁ ଜିଲାପାଳଙ୍କ କ୍ଷମତା ରହିଛି



'ନୋ ହେଲ୍‌ମେଟ୍ ନୋ ପେଟ୍ରୋଲ' ନିୟମ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଥିଲା। କିନ୍ତୁ ଲୋକଙ୍କୁ ବାରମ୍ବାର ସଚେତନା ଓ ଜରିମାନା ଆଦାୟ ସତ୍ତ୍ୱେ କିଛି ଲୋକେ ଏହାକୁ ହାଲ୍‌କା ଭାବେ ନେଇ ହେଲମେଟ ପିନ୍ଧୁନାହାନ୍ତି। ଫଳରେ ଲୋକଙ୍କ ଜୀବନ ବିପଦରେ ପଡୁଛି। କିନ୍ତୁ ଏହି ନିୟମ ପାଇଁ ଅର୍ଡର କିଛି ହୋଇନି। ସେଣ୍ଟ୍ରାଲ ମୋଟର ଭେଇକିଲ ରୁଲରେ ମଧ୍ୟ ନାହିଁ। ଏହା ସରକାରଙ୍କର ଗୋଟେ ପଲିସି। ସଡକ ସୁରକ୍ଷା ପାଇଁ ଜିଲାପାଳଙ୍କର କ୍ଷମତା ରହିଛି। ସବୁ ଜଲାରେ ଏକ ଡିଷ୍ଟ୍ରିକ୍ଟ ରୋଡ୍ ସେଫ୍ଟି କମିଟି ରହିଛି। ଏଭଳି ଅନେକ ନିୟମ ଲାଗୁ କରିବା ନେଇ ଏହି କମିଟିରେ ନିଷ୍ପତ୍ତି ନିଆଯାଏ। ଏହାର ଚେୟାରମ୍ୟାନ୍ ଜିଲାପାଳମାନେ ଥାଆନ୍ତି। ସେହିପରି ଡିଷ୍ଟ୍ରିକ୍ଟ ଆଡ୍‌ମିନିଷ୍ଟ୍ରେଶନ ମିଟିଂରେ ମଧ୍ୟ ଏହି ନିଷ୍ପତ୍ତି ହୋଇପାରିବ।

- ଲାଲମୋହନ ସେଠୀ, ରାଜ୍ୟ ଅତିରିକ୍ତ ପରିବହନ କମିଶନର (ଏନ୍‌ଫୋର୍ସମେଣ୍ଟ)

# ବର୍ଷାରେ ଶିଶୁ ରହିବେ ଫିଟ୍



**ଆରମ୍ଭ ହେଲା ବର୍ଷାଦିନ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ବଢ଼ିଲା ମା'ମାନଙ୍କ ଟେନ୍‌ସନ। କାରଣ ଏହିଦିନେ ଶିଶୁଙ୍କଠାରେ ଦେଖାଦିଏ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା। ଏହା ଦୂରକରିବା ଲାଗି କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ନିହାତି ଆବଶ୍ୟକ...**

■ ବର୍ଷାଦିନେ ଅନେକ ପିଲାଙ୍କ ତ୍ୱଚା ସମ୍ବନ୍ଧୀୟ ସମସ୍ୟା ଦେଖାଦିଏ। ଯଦି ପିଲାଠାରେ କୁଣ୍ଡେଇହେବା, ଫଳିଯିବା, ଲାଲ୍ ପଡ଼ିବା ଭଳି ଲକ୍ଷଣ ଦେଖାଦିଏ ତେବେ ଲିମ୍ବପତ୍ରକୁ ବାଟି ଉକ୍ତ ସ୍ଥାନରେ ଲଗାନ୍ତୁ। ଏହି ପ୍ରାକୃତିକ ଉପାୟ ପିଲାଙ୍କ ତ୍ୱଚା ସମସ୍ୟା ସହଜରେ ଦୂର କରିଥାଏ। ସମସ୍ୟା ନ କମିଲେ ଡାକ୍ତରଙ୍କ ପରାମର୍ଶକ୍ରମେ ସ୍କିନ୍ କ୍ରିମ୍ ଲଗାନ୍ତୁ।

■ ବର୍ଷାଦିନେ ଅଧିକାଂଶ ମାଆ ଥଣ୍ଡା ଧରିବା ଡରରେ ପିଲାଙ୍କୁ ଆଦୌ ଗାଧୋଇ ଦିଅନ୍ତି ନାହିଁ। ହେଲେ ଏହାଦ୍ୱାରା ପିଲାଠାରେ ଆଲର୍ଜି, କୁଣ୍ଡାଇଦେବା କିମ୍ବା ଅନ୍ୟାନ୍ୟ ଫଙ୍ଗାଲ ଇନ୍‌ଫେକ୍ସନର ଭୟ ବଢ଼ିଯାଏ। ତେଣୁ ପିଲାଙ୍କୁ ଆବଶ୍ୟକ ମାତ୍ରାରେ ଥଣ୍ଡା ପରିବର୍ତ୍ତେ ନଖ ଉଷୁମ ପାଣିରେ ଗାଧୋଇ ଦିଅନ୍ତୁ। ଏହାଦ୍ୱାରା ସେମାନେ ସଫା, ଜୀବାଣୁମୁକ୍ତ ଓ ନୀରୋଗ ରହିବେ।

■ ବର୍ଷାଦିନେ ପିଲାଙ୍କ ଚର୍ମରେ ଫଙ୍ଗାଲ ଓ ରିଂୱର୍ମ ଇନ୍‌ଫେକ୍ସନ ଦେଖାଦିଏ। ଏହା ଅପରିଷ୍କାର ପାଣି କିମ୍ବା ପୋଷା ଜୀବଜନ୍ତୁଙ୍କ ଯୋଗୁ ହୋଇପାରେ। ତେଣୁ ଏହିଦିନେ ପିଲାଙ୍କୁ ଜୀବଜନ୍ତୁଙ୍କଠାରୁ ଦୂରେଇ ରଖନ୍ତୁ। ସେମାନଙ୍କ ପୋଷାକ ଆଣ୍ଟିସେପ୍ଟିକ୍ କିମ୍ବା ମେଡିକେଟେଡ୍ ସଲ୍ୟୁଶନରେ ସଫାକରନ୍ତୁ। ସେମାନଙ୍କ ଶରୀରକୁ ଓଦାହେବାକୁ ଦିଅନ୍ତୁ ନାହିଁ, ସର୍ବଦା ସଫା ଏବଂ ଶୁଖିଲା ରଖନ୍ତୁ।

■ ପିଲାଙ୍କ ନଖ ବଡ଼ ହେବା ମାତ୍ରେ କାଟିଦିଅନ୍ତୁ। ସେମାନଙ୍କ ହାତ ବାରମ୍ବାର ଓଦା ହେବାକୁ ଦିଅନ୍ତୁ ନାହିଁ। ନଚେତ୍ ଏହାଦ୍ୱାରା ମଧ୍ୟ ଇନ୍‌ଫେକ୍ସନ ଆଶଙ୍କା ରହିଛି।

■ ଏହିଦିନେ ପିଲାଙ୍କର ଘିମିରି ସମସ୍ୟା ବି ଦେଖାଦେଇଥାଏ। ଏପରି ହେଲେ ଗୋଲାପଜଳରେ ଅଳ୍ପ ଚନ୍ଦନ ଘୋରି ଲଗାନ୍ତୁ। ୧୫-୨୦ମିନିଟ୍ ରଖିବା ପରେ ପାଣିରେ ଭଲ ଭାବେ ଧୋଇ ପିଲାକୁ ପୋଛିଦିଅନ୍ତୁ।

# କେମିତି ଚିହ୍ନିବେ ନକଲି ପନୀର

**ବର୍ତ୍ତମାନ ମାର୍କେଟ୍‌ରେ ନକଲି ପନୀର ବିକ୍ରି ହେଉଛି, ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। ନକଲି ପନୀର ଚିହ୍ନିବା ଲାଗି କେତୋଟି କଥା ପ୍ରତି ଧ୍ୟାନଦେବା ଆବଶ୍ୟକ...**



● ନକଲି ପନୀର କ୍ଷୀରକୁ ଛିଣ୍ଡାଇ ପ୍ରାକୃତିକ ଉପାୟରେ ନୁହେଁ ବରଂ କୃତ୍ରିମ ଉପାୟରେ ପ୍ରସ୍ତୁତ କରାଯାଇଥାଏ। ଏହାକୁ ପ୍ରସ୍ତୁତ କରିବା ଲାଗି ଖରାପ କ୍ଷୀର ବା ନଷ୍ଟ ହୋଇଯାଇଥିବା କ୍ଷୀର, ଆରାରୁଟ୍, ଡିଟରଜେଣ୍ଟ ପାଉଡର, ଫର୍ମାଲିନ୍, ଗ୍ଲିସେରାଲ ମନୋଷ୍ଟିଅରେଟ୍ ପାଉଡର, ପାମୋଲିନ୍ ତେଲ ଭଳି ଉପାଦାନ ମିଶାଯାଉଛି; ଯାହାକି ଶରୀର ପାଇଁ ହାନିକାରକ।

● ପନୀର କିଣିବା ବେଳେ ଏହାକୁ ଅଳ୍ପ ହାତରେ ନେଇ ଦେଖନ୍ତୁ। ଯଦି ଏହା ନରମ ବଦଳରେ ଟାଣ ଏବଂ ରବର ପରି ଲାଗୁଛି ତେବେ ତାହା ନକଲି।

● ପନୀରକୁ ହାତରେ ନେଇ ଘଷିଲେ ଯଦି ଝଡ଼ିପଡ଼େ ତାହା ନକଲି।

● ପନୀରକୁ ଚାଖିଲେ ସ୍ୱାଦ ମିଠାଳିଆ ଓ ଗନ୍ଧ କ୍ଷୀର ପରି ନ ଲାଗୁଥାଏ ତେବେ ତାହା ନକଲି।

● ଏକ ପାତ୍ରରେ ପାଣି ଏବଂ ଖଣ୍ଡେ ପନୀର ନେଇ ଭଲ ଭାବେ ୫ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ସେଥିରେ କିଛି ବୁନ୍ଦା ଆୟୋଡିନ୍ ଟିଂଚର ପକାନ୍ତୁ, ଯଦି ପନୀରର ରଙ୍ଗ ନୀଳ ଦେଖାଯାଏ, ତେବେ ବୁଝିଯିବେ ଏହା ଆଦୌ ଠିକ୍ ପନୀର ନୁହେଁ।

● ସେହିପରି ହରଡ଼ ଡାଲି କିମ୍ବା ସୋୟାବିନ୍ ବ୍ୟବହାରକରି ମଧ୍ୟ ଆପଣ ନକଲି ପନୀର ଚିହ୍ନଟ କରିପାରିବେ। ଏଥିପାଇଁ ଖଣ୍ଡେ ପନୀରକୁ ପାଣିରେ ପକାଇ ଭଲଭାବେ ୫ ମିନିଟ୍ ଫୁଟାନ୍ତୁ। ଏହାକୁ କିଛି ସମୟ ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ସେଥିରେ ଅଳ୍ପ ହରଡ଼ଡାଲି ଗୁଣ୍ଡ କିମ୍ବା ସୋୟାବିନ୍ ଗୁଣ୍ଡ ପକାଇ ୧୦ ମିନିଟ୍ ଅପେକ୍ଷା କରନ୍ତୁ। ଯଦି ପନୀରର ରଙ୍ଗ ପରିବର୍ତ୍ତନ ହୋଇ ଅଳ୍ପ ଲାଲ୍ ଦେଖାଯାଏ ତେବେ ଜାଣିବେ ଏଥିରେ ୟୁରିଆ କିମ୍ବା ଡିଟରଜେଣ୍ଟ ମିଶାଯାଇଛି। ଏହି ନକଲି ପନୀର ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ।

# ଏକାକୀ

**ହାୟର ଷ୍ଟଡି ହେଉ ଅବା ଜବ୍ ପାଇଁ ବର୍ତ୍ତମାନ ଅଧିକାଂଶ ଯୁବତୀ ଓ ମହିଳାଙ୍କୁ ପରିବାରଠାରୁ ଦୂରରେ ରହିବାକୁ ହେଉଛି। ତେବେ ଏକ ଅଜଣା ଜାଗାରେ ଏକାକୀ ରହିବା କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ ...**



ସାଧାରଣତଃ ନାରୀ ଦୁର୍ବଳ, ଏହି ଧାରଣା ଅଧିକାଂଶଙ୍କ ମନରେ ରହିଛି। କାରଣ ନାରୀଟିଏ ହିଁ ସର୍ବପ୍ରଥମେ ଯେକୌଣସି ଅପରାଧର ଶିକାର ହୋଇଥାଏ। ଆଉ ଏଇ ଡରରେ ହେଉ ଅବା ପରିବାର ଚାପରେ ସକ୍ଷମ ହୋଇଥିଲେ ବି ଅନେକ ମହିଳା ଏକାକୀ ବାହାରେ ନ ରହିବା ଲାଗି ଭଲ ଭଲ ଜବ୍ ସୁଯୋଗ ହାତଛଡ଼ା କରିଥାନ୍ତି। ହେଲେ ଆଉ କେତେଜଣ ଦୃଢ଼ ମନୋବଳ ରଖି ସାହସର ସହ ସବୁ ଚ୍ୟାଲେଞ୍ଜକୁ ଗ୍ରହଣକରି ଏକା ରହିପାରନ୍ତି ଓ ସଫଳତାର ସ୍ୱାଦ ଚାଖିଥାନ୍ତି। ତେବେ ଏକା ରହୁଥିଲେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ସଚେତନ ହେବା ବୁଦ୍ଧିମତ୍ତାର କାର୍ଯ୍ୟ...

**ରହିବା ସୁବିଧା:** ଜବ୍ ପାଇଁ ଏକାକୀ ରହିବାକୁ ହେଉଥିଲେ ମେସ୍ କିମ୍ବା ହଷ୍ଟେଲ ଭଲ ଅପ୍ସନ। ଘର ନେବାକୁ ଚାହୁଁଥିଲେ, ସର୍ବଦା ଅଧିକ ଲୋକ ରହୁଥିବା ଭଳି ସ୍ଥାନ ଯେପରି ଆପାର୍ଟମେଣ୍ଟ କିମ୍ବା କୌଣସି ଘରୋଇ ଲୋକଙ୍କ ଘରେ ଭଡ଼ାରେ ରହିବା ନିରାପଦ। ରହିବା ସ୍ଥାନ ଅଫିସ୍‌ଠାରୁ ଅଳ୍ପ ଦୂରରେ ହେଲେ ଭଲ। ଯଦି ପୂର୍ବରୁ ଉକ୍ତ ସହରରେ କେହି ବନ୍ଧୁ କିମ୍ବା ପରିଚିତ ରହୁଥା'ନ୍ତି, ତେବେ ସେମାନଙ୍କ ସହାୟତା ମାଗନ୍ତୁ; ଅଧିକ ଉପକୃତ ହେବେ।

**ବଢ଼ାନ୍ତୁ ଲୋକ ସମ୍ପର୍କ:** ଜବ୍ ପାଇଁ ନୂଆ ସ୍ଥାନରେ ଏକାକୀ ରହୁଥିଲେ ଘର ମାଲିକ, ପାଖ ପଡ଼ୋଶୀଙ୍କଠାରୁ ଆରମ୍ଭକରି ଅଫିସ୍‌ରେ ବସ୍ ଓ ସହକର୍ମୀଙ୍କ ସହ ସୁସମ୍ପର୍କ ରଖନ୍ତୁ। କାରଣ ସମସ୍ତଙ୍କ ସହ ଭଲ ସମ୍ପର୍କ ରଖିଲେ ନୂଆ ଜାଗାରେ ହଠାତ୍ ଆବଶ୍ୟକ ବେଳେ ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ ଏହିମାନେ ନିଶ୍ଚୟ ସାହାଯ୍ୟ କରିବେ।

**ଡାଉନ୍‌ଲୋଡ୍ କରନ୍ତୁ ସେଫ୍ଟି ଆପ୍:** ବର୍ତ୍ତମାନ ମହିଳାଙ୍କ ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ଅନ୍‌ଲାଇନ ଆପ୍ ସୁବିଧା ଯୋଗାଇ ଦିଆଯାଉଛି। ତେଣୁ ସେଫ୍ଟିପିନ୍, ରକ୍ଷା, ହିମତ୍, ସ୍ମାର୍ଟ ୨୪X୭, ସେକ୍ ଟୁ ସେଫ୍ଟି, ବିସେଫ୍ଟି ଭଳି ଆପ୍‌କୁ ନିଜ ମୋବାଇଲ୍ ଫୋନ୍‌ରେ





ଡାଉନ୍‌ଲୋଡ୍ କରନ୍ତୁ। ଏହାର ବ୍ୟବହାର ଭଲ ଭାବେ ଶିଖନ୍ତୁ। ଏଭଳି ଆପ୍‌ରେ ସାଧାରଣତଃ ଆବଶ୍ୟକ ବେଳେ ବ୍ୟବହାର କରୁଥିବା ମହିଳାଙ୍କ ଫୋନ୍‌ରୁ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ସୂଚନା ମିଳିବା ମାତ୍ରେ ଜିପିଏସ୍ ଦ୍ୱାରା ଲୋକେଶନ୍ ଟ୍ରାକ୍ କରାଯାଇ ତୁରନ୍ତ ସାହାଯ୍ୟ ଯୋଗାଇ ଦିଆଯାଇଥାଏ।



**ଶିଖନ୍ତୁ ଆତ୍ମସୁରକ୍ଷା କୌଶଳ:** ଜୁଡୋ, କରାଟେ, ଟାଏକୋଣ୍ଡୋ, କୁଙ୍ଗ୍‌ଫୁ ଆଦି ବିଭିନ୍ନ ଆତ୍ମରକ୍ଷା କଳା ଶିଖିବା ଦ୍ୱାରା ଜଣେ ଶାରୀରିକ ସ୍ତରରେ ମଜଭୁତ ହୋଇପାରିବା ସହ ଯେକୌଣସି ଅସୁବିଧାର ମୁକାବିଲା ସାହସର ସହ କରିପାରିବେ। ତେବେ ଯେଉଁମାନେ ଏହିସବୁ କୌଶଳ ନ ଜାଣିଛନ୍ତି ସେମାନେ ସୁରକ୍ଷା ଦୃଷ୍ଟିରୁ ପାଖରେ ବିଶେଷକରି ବାହାରକୁ ଯିବା ବେଳେ ପାଖରେ ପେପରସ୍ପ୍ରେ, ଡିଓଡରାଣ୍ଟ, ନେଲ୍‌କଟର, ଛୁରି, ସେଫ୍ଟିପିନ୍, ଲଙ୍କାଗୁଣ୍ଡ ପରି ଛୋଟ ଛୋଟ ଜିନିଷ ରଖନ୍ତୁ।

**ଟ୍ରାନ୍ସପୋର୍ଟ ବ୍ୟବସ୍ଥା:** ବର୍ତ୍ତମାନ ଅଧିକାଂଶ ଅଫିସ୍‌ରେ ଟ୍ରାନ୍ସପୋର୍ଟ ସବୁଧା ଉପଲବ୍ଧ ଥିବାରୁ ଏହା ଏକ ନିରାପଦ ଅପ୍ସନ। ହେଲେ ଏହି ସୁବିଧା ନ ଥିଲେ ଯଥା ସମ୍ଭବ ପର୍ସନାଲ ଗାଡ଼ି ବ୍ୟବହାରକଲେ ଭଲ। ଯଦି ଗାଡ଼ି ନାହିଁ ଏବଂ ପବ୍ଲିକ୍ ଟ୍ରାନ୍ସପୋର୍ଟ ଉପରେ ନିର୍ଭର କରିବାକୁ ପଡୁଛି ତେବେ ଯାତାୟାତ ସମୟରେ ବିଶେଷ ସତର୍କ ରୁହନ୍ତୁ।

**ମେଡ୍ ରଖୁଥିଲେ:** ଅନେକ କର୍ମଜୀବୀ ମହିଳା ସମୟ ଅଭାବରୁ ଘରକାମ ପାଇଁ ମେଡ୍ ଏବଂ ରୋଷେଇ ପାଇଁ କୁକ୍ ମଧ୍ୟ ରଖିଥାଆନ୍ତି। ହେଲେ ଏମାନଙ୍କୁ ରଖୁଥିଲେ କୌଣସି ବିଶ୍ୱସ୍ତ ଏଜେନ୍ସିରୁ ହିଁ ମେଡ୍ ରଖନ୍ତୁ। ସେମାନଙ୍କ ଆଧାରକାର୍ଡ ଏବଂ ଅନ୍ୟ ପରିଚୟପତ୍ର ଦେଖନ୍ତୁ। କାମ ପାଇଁ ଘରଚାବି ବିଶ୍ୱାସରେ କାହାକୁ ଦେଇ ଅଫିସ୍ ଯିବାର ଭୁଲ୍ ଆଦୌ ନ କରି ଘରେ ନିଜେ ଉପସ୍ଥିତ ଥିବା ବେଳେ ସେମାନଙ୍କୁ ଆସିବାକୁ କୁହନ୍ତୁ।

**ମେଡିକାଲ ସୁବିଧା:** ବର୍ତ୍ତମାନ ସମୟରେ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖିବାକୁ ମିଳୁଛି। ତେଣୁ ଏକାକୀ ବାହାରେ ରହୁଥିଲେ ରହିବା ସ୍ଥାନ ନିକଟରେ କେଉଁଠି ମେଡିକାଲ ଅଛି ତାହା ମଧ୍ୟ ଭଲ ଭାବେ ବୁଝିନିଅନ୍ତୁ। କାରଣ ଏହାଦ୍ୱାରା କେବେ ଦେହ ଖରାପ ହେଲେ ତୁରନ୍ତ ଡାକ୍ତରଙ୍କ ନିକଟକୁ ଯାଇ ଚିକିତ୍ସା କରାଇବା ସହଜ ହୋଇପାରିବ।

**କ୍ୟାଶ୍ ବଦଳରେ ଇ-ବ୍ୟାଙ୍କିଙ୍ଗ୍ ଭଲ:** ଏକା ରହୁଥିଲେ ସୁରକ୍ଷା ଦୃଷ୍ଟିରୁ ପାଖରେ ଅଧିକ ଟଙ୍କା ନ ରଖି କାର୍ଡ କିମ୍ବା ଅନ୍‌ଲାଇନ ବ୍ୟାଙ୍କିଙ୍ଗ୍ ଭଳି କ୍ୟାଶ୍‌ଲେସ୍ ସୁବିଧା ଆପଣାନ୍ତୁ। ଏଟିଏମ୍‌ରୁ ଟଙ୍କା ବାହାର କରିବାକୁ ଥିଲେ ସବୁବେଳେ ଦିନ ସମୟରେ ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା ଏଟିଏମ୍ ବ୍ୟବହାର କରନ୍ତୁ।

ସୌନ୍ଦର୍ଯ୍ୟ

# ରୂପଚର୍ଯ୍ୟା ପାଇଁ ରସୁଣ

**ରସୁଣ ଯେ କେବଳ ଖାଦ୍ୟରେ ବ୍ୟବହାର କରାଯାଏ ତା' ନୁହେଁ ଏହାକୁ ବ୍ୟବହାର କରି ନିଜ ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି କରିପାରିବେ। ଜାଣିରଖନ୍ତୁ ରୂପଚର୍ଯ୍ୟା ପାଇଁ କିପରି ବ୍ୟବହାର କରିବେ ରସୁଣ...**



⏭ ରସୁଣରେ ଭରି ରହିଥିବା ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିଫଙ୍ଗାଲ, ଆଣ୍ଟିବାୟୋଟିକ୍, ଆଣ୍ଟିସେପ୍ଟିକ୍ ଏବଂ ଜର୍ମିସାଇଡ୍ ତତ୍ତ୍ୱ ଖୁବ୍ ଶୀଘ୍ର ବ୍ରଣ ସମସ୍ୟା ଦୂରକରିବାରେ ସାହାଯ୍ୟ କରିଥାଏ। ଏଥିପାଇଁ ୨କୋଳା ରସୁଣକୁ ଛେଚି ରସ ବାହାର କରିଦିଅନ୍ତୁ। ସେଥିରେ ସମ ପାରିମାଣରେ ହ୍ୱାଇଟ୍ ଭିନେଗାର ମିଶାଇ ତୁଳା ସାହାଯ୍ୟରେ ନେଇ ବ୍ରଣ ହୋଇଥିବା ସ୍ଥାନରେ ଲଗାନ୍ତୁ।

⏭ ୨/୩ କୋଳା ରସୁଣକୁ ଭଲ ଭାବେ ଛେଚି କିମ୍ବା ବାଟି ଫେସ୍‌ପ୍ୟାକ୍‌ରେ ମିଶାଇ ମୁହଁରେ ଲଗାନ୍ତୁ। କିଛି ସମୟ ରଖିବା ପରେ ମୁହଁ ଧୋଇଦିଅନ୍ତୁ। ପ୍ରତିଦିନ ଏପରି କଲେ ପ୍ରିମ୍ୟାଚୋର ଏଜିଂ ସମସ୍ୟା ଦୂରହୋଇଥାଏ। କାରଣ ଏଥିରେ ଥିବା ସଲ୍‌ଫର କୋଲାଜେନ୍ ପ୍ରସ୍ତୁତ କରି ଏଜ୍‌ମାର୍କ ଦୂର କରିଥାଏ।



⏭ ତ୍ୱଚାରୁ କଳାଦାଗ ଦୂରକରିବା ଲାଗି ରସୁଣ ବେଶ୍ ଉପକାରୀ। ଏଥିପାଇଁ ୩-୪ଟି ରସୁଣ କୋଳାକୁ ଛେଚି ଅଳ୍ପ ପାଣିରେ ଭଲଭାବେ ଫୁଟାଇ ଦିଅନ୍ତୁ। ଏହାକୁ କାଢ଼ି ପେଷ୍ଟ ପ୍ରସ୍ତୁତ କରି ମୁହଁରେ ଦାଗ ଥିବା ସ୍ଥାନରେ ଲଗାଇ କିଛି ସମୟ ରଖିବା ପରେ ଧୋଇଦିଅନ୍ତୁ। ସପ୍ତାହକୁ ଥରେ କିମ୍ବା ୨ଥର ଏହାକୁ ବ୍ୟବହାରକଲେ ଶୀଘ୍ର ରେଜଲ୍ଟ ପାଇପାରିବେ।

⏭ ମୋଟା ହୋଇଗଲେ କିମ୍ବା ଶିଶୁ ଜନ୍ମ ପରେ ଅଧିକାଂଶ ମହିଳାଙ୍କ ପେଟ, ବାହୁ, ଜଙ୍ଘ ଆଦି ସ୍ଥାନରେ ଷ୍ଟ୍ରେଚ୍ ମାର୍କ ହୋଇଯାଏ। ଏହାକୁ କମ୍ କରିବା ଲାଗି ସେମାନେ ବିଭିନ୍ନ ଉପାୟ ମଧ୍ୟ ଆପଣାଇଥାନ୍ତି। ଏପରି ହୋଇଥିଲେ ରସୁଣ ଏକ ଭଲ ଅପ୍ସନ। ନଡ଼ିଆ କିମ୍ବା ଅନ୍ୟ କୌଣସି ତେଲରେ ୩-୪ କୋଳା ରସୁଣ ପକାଇ ଫୁଟାଇ ଦିଅନ୍ତୁ। ତେଲକୁ ଛାଣି ଥଣ୍ଡା କରିବା ପରେ ଷ୍ଟ୍ରେଚ୍ ମାର୍କ ହୋଇଥିବା ସ୍ଥାନରେ ଧୀରେ ଧୀରେ ମସାଜ କରନ୍ତୁ। ପ୍ରତିଦିନ ଏହାକୁ ଲଗାଇଲେ ମାତ୍ର କିଛି ସପ୍ତାହ ମଧ୍ୟରେ ଷ୍ଟ୍ରେଚ୍ ମାର୍କ କମିବାରେ ଲାଗିବ।

ଖାଦ୍ୟରୁଚି

# ଚିଲ୍ଲୀ ବେବିକର୍ନ

**ଆବଶ୍ୟକ ସାମଗ୍ରୀ:** ୨୦୦ଗ୍ରାମ୍ ବେବିକର୍ନ, ଛୋଟ ଛୋଟ କଟାହୋଇଥିବା ଦୁଇଟି ବଡ଼ ପିଆଜ, ଛୋଟ ଛୋଟ କଟା କଞ୍ଚାଲଙ୍କା ୫ଟି, ମଧ୍ୟମ ଆକାରରେ କଟାହୋଇଥିବା ଗୋଟିଏ କ୍ୟାପ୍ସିକମ୍, ଛୋଟ କଟାହୋଇଥିବା ଗୋଟିଏ ଗାଜର, ତେଲ ୧୫୦ ଗ୍ରାମ, ଜିରା ୧ ଚାମଚ, ଅଦା ରସୁଣ ପେଷ୍ଟ ୩ ଚାମଚ, କର୍ନଫ୍ଲୋର ୧ ଚାମଚ, ୧/୨ ଚାମଚ ଗୋଲମରିଚ ଗୁଣ୍ଡ, ଲୁଣ ସ୍ୱାଦ ଅନୁସାରେ, ସୋୟା ସସ୍ ୨ ଚାମଚ, ଟମାଟୋ ସସ୍ ୩ ଚାମଚ, ଚିଲ୍ଲୀ ସସ୍ ୩ ଚାମଚ, ଭିନେଗାର ୨ ଚାମଚ, ଧନିଆପତ୍ର।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବେବିକର୍ନକୁ ମଧ୍ୟମ ଆକାରରେ କାଟି ଦିଅନ୍ତୁ। ସେଥିରେ ଅଦାରସୁଣ ପେଷ୍ଟ, ଗୋଲମରିଚ ଗୁଣ୍ଡ, ଟମାଟୋ ସସ୍, ସୋୟା ସସ୍, କର୍ନଫ୍ଲୋର୍ ଏବଂ ଆବଶ୍ୟକ ମାତ୍ରାରେ ଲୁଣ ଓ ପାଣି ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ତେଲ ଗରମ କରି ଏହାକୁ ଛାଣିଦିଅନ୍ତୁ। ଚୁଲାରେ ଆଉ ଏକ ପ୍ୟାନ୍ ବସାଇ ସେଥିରେ ଅଳ୍ପ ତେଲ ଗରମକରି ଜିରା ପକାନ୍ତୁ। ସେଥିରେ କଟା ପିଆଜ, ଗାଜର ପକାଇ ଭାଜନ୍ତୁ। ଅଳ୍ପ ଭାଜି ହୋଇଗଲେ କ୍ୟାପ୍ସିକମ୍ ଏବଂ ଅଳ୍ପ ଲଣ ପକାଇ ଭାଜନ୍ତୁ। ବର୍ତ୍ତମାନ ସୋୟା ସସ୍, ଟମାଟୋ ସସ୍, ଭିନେଗାର ପକାଇ ଗୋଳନ୍ତୁ। ସେଥିରେ ଛଣାହୋଇଥିବା ବେବିକର୍ନ ପକାଇ ଭଲ ଭାବେ ମିଶାନ୍ତୁ ଏବଂ ୨ ମିନିଟ୍ ଘୋଡ଼ାଇ ରଖନ୍ତୁ। ଶେଷରେ କଟା ଧନିଆପତ୍ର ପକାଇ ଚୁଲା ବନ୍ଦ କରିଦିଅନ୍ତୁ। ନାନ୍, ରୁଟି, ପରଟା, ପୁରି ସହ ଚିଲ୍ଲୀ ବେବିକର୍ନ ଖାଇବାର ମଜା ନିଅନ୍ତୁ।






## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................



ସିଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସେମିଫାଇନାଲରେ ଭାରତ

**ସେଣ୍ଟ ଲୁସିଆ, ୨୪।୬**

ଅଧିନାୟକ ରୋହିତ ଶର୍ମାଙ୍କ ବିସ୍ଫୋରକ ବ୍ୟାଟିଂ ପରେ ବୋଲରଙ୍କ ମିଳିତ ଅବଦାନ ବଳରେ ଭାରତ ଟି୨୦ କ୍ରିକେଟ ବିଶ୍ୱକପର ସୋମବାର ଅନୁଷ୍ଠିତ ସୁପର-୮ ମ୍ୟାଚରେ ଅଷ୍ଟ୍ରେଲିଆକୁ ୨୪ ରନରେ ପରାସ୍ତ କରିଛି। ଏଥିସହ ଅପରାଜେୟଭାବେ ଭାରତ ସେମିଫାଇନାଲରେ ପ୍ରବେଶ କରିଛି। ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୨୦୫ ରନ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୨୦ ଓଭରରେ ୭ ଉଇକେଟ ହରାଇ ୧୮୧ ରନ କରି ପାରିଥିଲା। ଡେଭିଡ ୱାର୍ନର ମାତ୍ର ୬ ରନକରି ଆଉଟ ହୋଇଥିଲେ ହେଁ ଟ୍ରାଭିସ ହେଡ୍ ଓ ମିଚେଲ ମାର୍ଶ ଦ୍ୱିତୀୟ ଉଇକେଟରେ ୮୧ ରନ ଯୋଗକରି ଦଳକୁ ଲକ୍ଷ୍ୟ ପଥରେ ଅଗ୍ରସର କରାଇଥିଲେ। ୨୮ ବଲ୍‌ରୁ ୩୭ ରନ କରିଥିବା ମାର୍ଶଙ୍କୁ ଆଉଟ କରି ପାର୍ଟନରଶିପ୍ ଭାଙ୍ଗିଥିଲେ କୁଲଦୀପ ଯାଦବ। ହେଡ୍ କ୍ରିଜ୍‌ରେ ଥିବା ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଆଶା ଉଜ୍ଜୀବିତ ରହିଥିଲା। ମାତ୍ର ୧୭ତମ ଓଭରର ୩ୟ ବଲ୍‌ରେ ନିର୍ଭରଯୋଗ୍ୟ ଯଶପ୍ରୀତ୍ ବୁମ୍‌ରାଙ୍କ ବଲ୍‌ରେ ହେଡ୍‌ଙ୍କ ବିଦାୟ ସହ ଭାରତ ଗେମ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ହେଡ୍ ୪୩ ବଲ୍‌ରୁ ସର୍ବାଧିକ ୭୬ (୯ ଚୌକା, ୪ ଛକା) ରନ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂ ୩ଟି, କୁଲଦୀପ ଯାଦବ ୨ଟି ଏବଂ ଯଶପ୍ରୀତ୍ ବୁମ୍‌ରା ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପରାଜିତ ହୋଇଥିଲେ ହେଁ ଅଷ୍ଟ୍ରେଲିଆର ଅଭିଯାନ ଶେଷ ହୋଇନାହିଁ। ଏହି ଦଳ ୩ ମ୍ୟାଚରୁ ୨ ପଏଣ୍ଟରେ ରହିଛି। ମଙ୍ଗଳବାର ଆଫଗାନିସ୍ତାନ-ବାଂଲାଦେଶ ମ୍ୟାଚର ଫଳାଫଳ ଅଷ୍ଟ୍ରେଲିଆର ଭାଗ୍ୟ ନିର୍ଦ୍ଧାରଣ କରିବ। ଆଫଗାନିସ୍ତାନ ବିଜୟୀ ହେଲେ ସିଧାସଳଖ ସେମିଫାଇନାଲ ଯିବ। ବାଂଲାଦେଶ ବିଜୟୀ ହେଲେ ୩ ଦଳର ପଏଣ୍ଟ ୨ ରହିବ। ଏ କ୍ଷେତ୍ରରେ ରନ୍‌ହାର ନିର୍ଣ୍ଣାୟକ ଭୂମିକା ନେବ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତର ଆରମ୍ଭ ଭଲ ହୋଇ ନ ଥିଲା। ଦ୍ୱିତୀୟ ଓଭରର ୪ର୍ଥ ବଲ୍‌ରେ ବିରାଟ କୋହଲିଙ୍କୁ ଗୋଲ୍ଡେନ ଡକ୍ (୦)ରେ ଆଉଟ କରି ଅଷ୍ଟ୍ରେଲିଆ ଶିବିରରେ ଉତ୍ସାହ ଭରି ଦେଇଥିଲେ ଜୋଶ୍ ହାଜେଲଉଡ୍। ମାତ୍ର ରୋହିତ ଶର୍ମା ଧୂଆଁଧାର ବ୍ୟାଟିଂ କରି ଇନିଂସକୁ ଆଗେଇ ନେଇଥିଲେ। ମାତ୍ର ୧୯ ବଲ୍‌ରେ ସେ ଅର୍ଦ୍ଧଶତକ ପୂରଣ କରିଥିଲେ। ଯାହାକି ଚଳିତ ଟି୨୦ ବିଶ୍ୱକପରେ ଦ୍ରୁତତମ ଅର୍ଦ୍ଧଶତକ ଥିଲା। ପାୱାରପ୍ଲେ ୬ ଓଭରରେ ଭାରତ ୬୦ ରନ ସଂଗ୍ରହ କରି ବଡ଼ ସ୍କୋର ପାଇଁ ପଥ ପ୍ରସ୍ତୁତ କରିଥିଲା। ରୋହିତ ଓ ପନ୍ତ ଦ୍ୱିତୀୟ ଉଇକେଟରେ ୩୮ ବଲ୍‌ରୁ ୮୭ ରନର ଭାଗୀଦାରି ଗଢ଼ିଥିଲେ। ସେଥିରେ ପନ୍ତଙ୍କ ଅବଦାନଥିଲା ମାତ୍ର ୧୫ ରନ। ରୋହିତ ଧୂଆଁଧାର ବ୍ୟାଟିଂ ଜାରି ରଖି ଶତକର ନିକଟତର ହୋଇଥିଲେ। ତେବେ ସେ ୪୧ ବଲ୍‌ରୁ ୭ ଚୌକା ଓ ୮ ଛକା ସହାୟତାରେ ୯୨ ରନ କରିଥିବାବେଳେ ମିଚେଲ ଷ୍ଟାର୍କଙ୍କ ୟର୍କରକୁ ଖେଳିବାକୁ ଯାଇ ବୋଲ୍ଡ ହୋଇ ଯାଇଥିଲେ। ସେ ସୂର୍ଯ୍ୟକୁମାର ଯାଦବଙ୍କ ସହ ତୃତୀୟ ଉଇକେଟରେ ୨୦ ବଲ୍‌ରୁ ୩୪ ରନର ଭାଗୀଦାରି ଗଢ଼ିଥିଲେ। ସୂର୍ଯ୍ୟକୁମାର ୧୬ ବଲ୍‌ରୁ ୩୧ (୩ ଚୌକା, ୨ ଛକା), ଶିବମ୍ ଦୁବେ ୨୨ ବଲ୍‌ରୁ ୨୮ (୨ ଚୌକା, ୧ ଛକା) ରନକରି ଆଉଟ ହୋଇଥିବାବେଳେ ହାର୍ଦ୍ଦିକ ୧୭ ବଲ୍‌ରୁ ୨୭ (୧ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୦୫/୫ (ରୋହିତ ଶର୍ମା-୯୨, ସୂର୍ଯ୍ୟକୁମାର ଯାଦବ-୩୧, ଶିବମ୍ ଦୁବେ-୨୮, ହାର୍ଦ୍ଦିକ ପାଣ୍ଡ୍ୟା-୨୭, ମିଚେଲ ଷ୍ଟାର୍କ-୨/୪୫, ମାର୍କୁସ ଷ୍ଟୋଇନିସ-୨/୫୬, ଜୋଶ୍ ହାଜେଲଉଡ୍-୧/୧୪)।

ଅଷ୍ଟ୍ରେଲିଆ ୨୦ ଓଭରରେ ୧୮୧/୭ (ଟ୍ରାଭିସ ହେଡ୍-୭୬, ମିଚେଲ ମାର୍ଶ-୩୭, ଅର୍ଶଦୀପ ସିଂ-୩/୩୭, କୁଲଦୀପ ଯାଦବ-୨/୨୪, ଯଶପ୍ରୀତ୍ ବୁମ୍‌ରା-୧/୨୯, ଅକ୍ଷର ପଟେଲ-୧/୨୧)।



ପ୍ଲେୟର ଅଫ୍ ଦି ମ୍ୟାଚ୍
ରୋହିତ ଶର୍ମା

## ଟି୨୦ ବିଶ୍ୱକପ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ସୁପର-୮, ଗ୍ରୁପ୍-୧ | | | | | | |
| ଭାରତ | ୩ | ୩ | ୦ | ୦ | ୬ | +୨.୦୧୭ |
| ଅଷ୍ଟ୍ରେଲିଆ | ୩ | ୧ | ୨ | ୦ | ୨ | -୦.୩୩୧ |
| ଆଫଗାନିସ୍ତାନ | ୨ | ୧ | ୧ | ୦ | ୨ | -୦.୬୫୦ |
| ବାଂଲାଦେଶ | ୨ | ୦ | ୨ | ୦ | ୦ | -୨.୪୮୯ |
| ସୁପର-୮, ଗ୍ରୁପ୍-୨ | | | | | | |
| ଦକ୍ଷିଣ ଆଫ୍ରିକା | ୩ | ୩ | ୦ | ୦ | ୬ | +୦.୭୮୦ |
| ଇଂଲଣ୍ଡ | ୩ | ୨ | ୧ | ୦ | ୪ | +୧.୯୯୨ |
| ୱେଷ୍ଟଇଣ୍ଡିଜ | ୩ | ୧ | ୨ | ୦ | ୨ | +୦.୬୮୬ |
| ଆମେରିକା | ୩ | ୦ | ୩ | ୦ | ୦ | -୩.୯୦୬ |

## ଟି୨୦ ବିଶ୍ୱକପ

(ଆଜିର ମ୍ୟାଚ)

ଆଫଗାନିସ୍ତାନ
ବନାମ ବାଂଲାଦେଶ

ସ୍ଥାନ: ସେଣ୍ଟ ଭିନସେଣ୍ଟ
ସମୟ: ସକାଳ ୬ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଦକ୍ଷିଣ ଆଫ୍ରିକା ବିଜୟୀ

## ୱେଷ୍ଟଇଣ୍ଡିଜ ଅଭିଯାନ ଶେଷ

**ଆଣ୍ଟିଗୁଆ, ୨୪।୬ (ପି.ଟି.)**

ଟି୨୦ ବିଶ୍ୱକପର ସୁପର୍-୮ରେ ଆୟୋଜକ ୱେଷ୍ଟଇଣ୍ଡିଜ୍‌କୁ ଡର୍କୱର୍ଥ ଲୁଇସ୍ ମେଥଡରେ ୩ ଉଇକେଟରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି ଦକ୍ଷିଣ ଆଫ୍ରିକା। ପ୍ରଥମେ ବ୍ୟାଟିଂ କରି ଘରୋଇ ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୩୫ ରନ୍ କରିଥିଲା। ବର୍ଷା କାରଣରୁ ଦକ୍ଷିଣ ଆଫ୍ରିକାକୁ ୧୭ ଓଭରରେ ୧୨୩ ରନ୍‌ର ସଂଶୋଧିତ ଲକ୍ଷ୍ୟ ଦିଆଯାଇଥିଲା। ୧୬.୧ ଓଭରରେ ଦଳ ୭ ଉଇକେଟ ହରାଇ ୧୨୪ ରନ୍ କରିଥିଲା। ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ୱେଷ୍ଟଇଣ୍ଡିଜ୍ ମାତ୍ର ୫ରନ୍‌ରେ ୨ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ତେବେ ଓପନର କାଇଲ ମେୟର୍ସ(୩୫) ଓ ରଷ୍ଟନ ଚେଜ୍(୫୨) ତୃତୀୟ ଉଇକେଟରେ ୮୧ ରନ୍ ଯୋଡି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ୧୨ ଓଭର ସୁଦ୍ଧା ଘରୋଇ ଦଳ ୨ ଉଇକେଟରେ ୮୬ ରନ୍ କରି ଏକ ବଡ ସ୍କୋର ଆଡକୁ ଅଗ୍ରସର ହେଉଥିଲା। ତେବେ ତୃତୀୟ ଉଇକେଟର ପତନ ପରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ୱେଷ୍ଟଇଣ୍ଡିଜ। ଅନ୍ତିମ ୮ ଓଭରରେ ଦଳ ମାତ୍ର ୪୯ ରନ୍ କରି ପାରିଥିଲା। ରଷ୍ଟନ ଚେଜ୍ ଦଳ ପକ୍ଷରୁ ସର୍ବାଧିକ ୫୨ ରନ୍ ସ୍କୋର କରିଥିଲେ। ୪୨ ବଲ୍ ଖେଳି ସେ ୩ ଚୌକା ଓ ୨ ଛକା ମାରିଥିଲେ। କାଇଲ ମେୟର୍ସ ୩୪ ବଲ୍ ଖେଳି ୩ ଚୌକା ଓ ୨ ଛକା ସହ ୩୫ ରନ୍ କରିଥିଲେ। ଅନ୍ୟ ସମସ୍ତ ଖେଳାଳି ବିଫଳ ହୋଇଥିବା ବେଳେ ଆନ୍ଦ୍ରେ ରସେଲ ୧୫ ଓ ଅଲଜାରି ଯୋଶେଫ ୧୧ ରନ୍ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଟାବରେଜ୍ ସାମ୍‌ସି ୩, କାଗିସୋ ରାବାଡା, କେଶବ ମହାରାଜ, ଏଡେନ୍ ମାର୍କରମ ଓ ମାର୍କୋ ଜାନସେନ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ୧୨୩ ରନ୍‌ର ପିଛା କରି ଦକ୍ଷିଣ ଆଫ୍ରିକା ୧୬.୧ ଓଭରରେ ବିଜୟୀ ହୋଇଥିଲା। ଟ୍ରିଷ୍ଟାନ ଷ୍ଟବ୍ସ ସର୍ବାଧିକ ୨୯ ଓ ହେନରିଚ୍ କ୍ଲାସେନ୍ ୨୨ ରନ୍ କରିଥିଲେ। ଶେଷ ଭାଗରେ ମାର୍କୋ ଜାନସେନ୍ ଅପରାଜିତ ୨୧ ରନ୍‌ର ଇନିଂସ ଖେଳି ଦଳକୁ ବିଜୟୀ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ରଷ୍ଟନ ଚେଜ୍ ୩, ଆନ୍ଦ୍ରେ ରସେଲ୍ ଓ ଅଲଜାରି ଯୋଶେଫ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ଯାଦୁକରୀ ସ୍ପିନ ବୋଲିଂ ପାଇଁ ଟାବରେଜ୍ ସାମ୍‌ସିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୨୦ ଓଭରରେ ୧୩୫/୮ (ରଷ୍ଟନ ଚେଜ୍-୫୨, କାଇଲ ମେୟର୍ସ-୩୫, ଆନ୍ଦ୍ରେ ରସେଲ-୧୫, ଟାବ୍‌ରେଜ ସାମ୍‌ସି-୩/୨୭, କାଗିସୋ ରାବାଡା-୧/୧୧, କେଶବ ମହାରାଜ-୧/୧୮)।

ଦକ୍ଷିଣ ଆଫ୍ରିକା ୧୬.୧ ଓଭରରେ ୧୨୪/୭(ଡି/ଏଲ୍) (ଟ୍ରିଷ୍ଟାନ ଷ୍ଟବ୍ସ-୨୯, ହେନରିଚ୍ କ୍ଲାସେନ୍-୨୨, ମାର୍କୋ ଜାନ୍‌ସେନ୍-୨୧*, ରଷ୍ଟନ ଚେଜ୍-୩/୧୨, ଆନ୍ଦ୍ରେ ରସେଲ୍-୨/୧୯, ଅଲଜାରି ଯୋଶେଫ୍-୨/୨୫)।

# ଅର୍ଜୁନ, ଦୁର୍ଗାଙ୍କୁ ୫ ଉଇକେଟ ସଫଳତା

## ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ

**ଭୁବନେଶ୍ୱର, ୨୪।୬ (ସରୋଜ ଜେନା)**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ରାଉରକେଲା, ଖୋର୍ଦ୍ଧା, ବାଲେଶ୍ୱର, ସମ୍ବଲପୁର, କେନ୍ଦୁଝର ଓ ପୁରୀ ବିଜୟୀ ହୋଇଛନ୍ତି। ପୁରୀର ଦୁର୍ଗା ଦାଶ ଓ ବରଗଡର ଅର୍ଜୁନ୍ କୁଅଁର ୫ ଉଇକେଟ ସଫଳତା ହାସଲ କରିଥିଲେ। ସେହିପରି ରାଉରକେଲାର ସ୍ନେହଲ ସାମନ୍ତରାୟ ଶତକ ହାସଲ କରିଥିଲ ।



ଦୁର୍ଗା ଦାଶ

ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ରାଉରକେଲା ୧୪୦ ରନ୍‌ରେ ନବରଙ୍ଗପୁରକୁ ପରାସ୍ତ କରିଛି। ସ୍ନେହଲ ସାମନ୍ତରାୟଙ୍କ ୧୦୫ ରନ୍ ବଳରେ ରାଉରକେଲା ୪୯ ଓଭରରେ ୭ ଉଇକେଟ ହରାଇ ୨୯୭ ରନ୍ କରିଥିଲା। ଜବାବରେ ନବରଙ୍ଗପୁର ୩୬.୨ ଓଭରରେ ୧୫୭ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚ୍‌ରେ ଖୋର୍ଦ୍ଧା ୯ ରନ୍‌ରେ ପାରାଦୀପକୁ ପରାସ୍ତ କରିଛି। ଡ୍ରିମ୍ସ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ବାଲେଶ୍ୱର ୯୦ ରନ୍‌ରେ ବରଗଡକୁ ହରାଇଛି। ବାଲେଶ୍ୱର ୪୩.୩ ଓଭରରେ ୧୬୪ ରନ୍‌ରେ ଅଲଆଉଟ ହୋଇଥିଲା। ବରଗଡର ଅର୍ଜୁନ୍ କୁଅଁର ୫ ଉଇକେଟ ନେଇଥିଲେ। ଜବାବରେ ବରଗଡ ୨୫.୩ ଓଭରରେ ୭୪ ରନ୍‌ରେ ଅଲଆଉଟ ହୋଇଥିଲା।

ବିଡାନାସୀ ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚ୍‌ରେ ସମ୍ବଲପୁର ୭ ଉଇକେଟରେ ଢେଙ୍କାନାଳକୁ ପରାସ୍ତ କରିଛି। ସନ୍‌ସାଇନ୍ ଗ୍ରାଉଣ୍ଡରେ ଖେଳା ଯାଇଥିବା ମ୍ୟାଚ୍‌ରେ କେନ୍ଦୁଝର ୪୭ ରନ୍‌ରେ କଟକ ବିକୁ ପରାସ୍ତ କରିଛି। ସାର୍ଥକ ପ୍ରକାଶଙ୍କ ୮୪ ରନ୍ ବଳରେ କେନ୍ଦୁଝର ୪୭ ଓଭରରେ ୭ ଉଇକେଟ ହରାଇ ୨୫୭ ରନ୍ କରିଥିଲା। ଜବାବରେ କଟକ ବି ୨୧୦ ରନ୍‌ରେ ଅଲଆଉଟ ହୋଇଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ମ୍ୟାଚ୍‌ରେ ପୁରୀ ୧୦୦ ରନ୍‌ରେ କନ୍ଧମାଳକୁ ପରାସ୍ତ କରିଛି। ପୁରୀ ପ୍ରଥମେ ବ୍ୟାଟିଂ କରି ୪୭ ଓଭରରେ ୨୨୫ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଦୁର୍ଗା ଦାଶ ୫ ଉଇକେଟ ନେବାରୁ କନ୍ଧମାଳ ୧୨୫ ରନ୍‌ରେ ଅଲ ଆଉଟ ହୋଇଥିଲା।

## ଜନ୍ମଦିନ ଶୁଭେଚ୍ଛା





**ଶିବାଂଶୀ ମଲ୍ଲିକ (ସିଦ୍ଧି)**

ଆଜି ତୋର ସପ୍ତମ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ତୋର ଚଲାପଥ କୁସୁମିତ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ, ଏତିକି କାମନା।

ଶୁଭେଚ୍ଛା ସହ: ଜେଜେବାପା: ଶଙ୍କର, ଜେଜେମା': ମନପ୍ରିୟା, ଅଜା: ସୁରେନ୍ଦ୍ର, ଆଈ: ପାର୍ବତୀ, ବାପା: ସୌମ୍ୟ, ମା: ସ୍ୱର୍ଣ୍ଣମୟୀ, ବଡ଼ବାପା: ତ୍ରୈଲୋକ୍ୟ, ସ୍ମୃତି, ବଡ଼ମା': ରଞ୍ଜିତା, ଲୋପାମୁଦ୍ରା, ଭଉଣୀ: ରିଦ୍ଧି, ଶୁଭି, ଭାଇ: ରିଶୁ, ମାମୁ, ମଉସା, ମାଉସୀ ଏବଂ ବନ୍ଧୁ ପ୍ରିୟଜନବର୍ଗ ।

ଧ-୫୪୫

# କଶ୍ମିନାଙ୍କ ପେନାଲ୍ଟି ଶୁଟ୍‌ଆଉଟ୍ ଗୋଲ୍

**ନୂଆଦିଲ୍ଲୀ, ୨୪।୬ (ପି.ଟି.)**

ଭାରତୀୟ ତ୍ରିମୂର୍ତ୍ତି ଜ୍ୟୋତି ଚୌହାନ, ଏମ୍‌କେ କଶ୍ମିନା ଓ କିରଣ ପିସଦାଙ୍କ ସଫଳତା ବଳରେ କ୍ରୋଏସିଆନ୍ ମହିଳା ଫୁଟବଲ୍ କପ୍‌ରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଜେଏନ୍‌କେ ଡାଇନାମୋ ଜାଗ୍ରେବ। ଏହା କ୍ଲବ୍‌ର ପ୍ରଥମ ଟ୍ରଫି। ମଣିପୁରର ୨୫ ବର୍ଷୀୟା ମିଡଫିଲ୍ଡର ଏମ୍‌କେ କଶ୍ମିନା ପେନାଲ୍ଟି ଶୁଟଆଉଟରେ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଜେଏନ୍‌କେ ଓସିଜେକ୍ ବିପକ୍ଷ ଫାଇନାଲ ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୧-୧ରେ ଶେଷ ହୋଇଥିଲା। ପରେ ପେନାଲ୍ଟି ଶୁଟ୍‌ଆଉଟରେ ଜେଏନ୍‌କେ ଡାଇନାମୋ ଜାଗ୍ରେବ ୫-୪ରେ ବିଜୟୀ ହୋଇଥିଲା। ଶୁଟଆଉଟର ଅନ୍ତିମ ଶଟ୍ କଶ୍ମିନା ନେଇଥିବା ବେଳେ ଏହାକୁ ସ୍କୋର କରିଥିଲେ।

୧୯ ଥର କ୍ରୋଏସିଆନ୍ ମହିଳା ଫୁଟବଲ୍ କପ୍‌ରେ ଚାମ୍ପିୟନ ରହିଥିବା ଓସିଜେକ୍‌କୁ ଫେଭରିଟ୍ ବିବେଚନା କରାଯାଉଥିଲା। ପୂର୍ବରୁ ଜ୍ୟୋତି କ୍ୱାର୍ଟର ଫାଇନାଲରେ ଓ କଶ୍ମିନା ସେମି ଫାଇନାଲରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଜେଏନ୍‌କେ ଡାଇନାମୋ ଜାଗ୍ରେବରେ ବିଗତ କିଛି ସିଜନରେ ଭାରତୀୟ ଖେଳାଳିଙ୍କୁ ଦେଖିବାକୁ ମିଳୁଛି। ୨୦୨୨ରେ ଜ୍ୟୋତି ଓ ସୌମ୍ୟା ଗୁଗୁଲୋଥ୍ ଦଳରେ ସ୍ଥାନ ପାଇଥିଲେ। ଅନ୍ୟ ପକ୍ଷରେ କ୍ରମାଗତ ଦ୍ୱିତୀୟ ସିଜନ ପାଇଁ ଜେଏନ୍‌କେ ଡାଇନାମୋ ଜାଗ୍ରେବ ଫାଇନାଲ ଖେଳିଛି। ଗତ ସଂସ୍କରଣରେ ଏହା ରନରଅପ୍ ହୋଇଥିବା ବେଳେ ଚଳିତ ଥର ଟାଇଟଲ ହାସଲ କରିଛି।

## ମନେ ପଡ଼ନ୍ତି

ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**୰ଚିରଞ୍ଜିତ ଦାଶ**

ଉତ୍ତରଶାସନ, କଇଜଙ୍ଗା, ଜଗତସିଂହପୁର

ଆବିର୍ଭାବ: ତା ୦୨.୦୨.୧୯୮୭
ତିରୋଧାନ : ତା ୧୪.୦୬.୨୦୨୪

ଚାହୁଁ ଚାହୁଁ ଏଗାର ଦିନ ବିତିଗଲା ତୁମେ ଆମକୁ ଛାଡି ଚାଲିଯିବାର। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭେମାନେ ତୁମର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ। ଆମ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ପାଇଁ ତୁମେ ଆମ ନିକଟରେ ସର୍ବଦା ଚିର ସ୍ମରଣୀୟ ହୋଇ ରହିବ।

ଶୋକସନ୍ତପ୍ତ : ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

## Classified Everyday

0674-2580101, 2549949



REAL ESTATE

SALE

ଭୁବନେଶ୍ୱର, ଉତ୍ତରା କୃପାଜଳ କଲେଜ ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଚ୍ଚାରୁ ବିକ୍ରିହେବ। 9178660666. D-268

1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964. D-570

BDA new planning area at Benupur low cost investment plots available, price starts from @ 799/-. 6371364640. D-75966

Bhubaneswar କଳ୍ପନା ଛକରୁ 6.5K.M. ଦୂରତାରେ ଘରବାରି boundarywall plot କିଣନ୍ତୁ 1470/-, ସୁନ୍ଦରପଦା 1350/-, IIT Arugul- 420/-, ପ୍ରତାପନଗରୀ- 1470/-. 7853913366. D-75967

ଭୁବନେଶ୍ୱର ନଖରା, Synergy College ନିକଟବର୍ତ୍ତୀ 30 feet road ଥାଇ Boundarywall, Electricity ଥାଇ plot ମିଳୁଅଛି। 6370354458, 8018242542. D-503




Monalisa massage Club: All types Body massage with hiprofile smart lady rooms service available. 9708545108. D-555

Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Relax, Refresh your body, Mind at Saikrupa SPA with best therapies. 8984068077. D-527

Relax refreshment body massage therapy by experience lady therapist. 7008773793. D-76129

AFFIDAVIT

I, Sukadev Nayak alias Barendra Nayak (50), Vill- Kandada, P.S.- Simulia, Dist.- Balasore. My name is mentioned Sukadev Nayak in my LIC Policy bearing No.- 585916584. But my actual name is Barendra Nayak as per my Aadhaar and Bank Passbook. I declare by this affidavit Sukadev Nayak and Barendra Nayak same and one person. D-571

By an affidavit sworn before the Executive Magistrate, Tarabha, I, Deepanjali Jhankar, W/o. Kishore Kumar Jhankar, R/o. Village/P.O.- Pua, P.S.- Tarabha, Dist.- Subarnapur, Odisha declare that in my Aadhaar Card bearing No.-xxxx xxxx 9979 my name has been mentioned as Deepanjali Bhue Jhankar. That now I want to correction of my name from Deepanjali Bhue Jhankar to Deepanjali Jhankar for all purposes.
Sd/- Deepanjali Jhankar D-569


ଗୋଲ ଦେବାପରେ ସାଥୀ ଖେଳାଳିଙ୍କ ସହ ଖୁସି ମୁହୂର୍ତ୍ତରେ ଜର୍ମାନୀର ନିକଲାସ ଫୁଲକ୍ରଗ।

# ରାଉଣ୍ଡ ଅଫ୍ ୧୬ରେ ଜର୍ମାନୀ, ସୁଇଜରଲାଣ୍ଡ

**ଫ୍ରାଙ୍କଫର୍ଟ,୨୪।୬(ପି.ଟି.)**

ୟୁରୋ କପ୍ ୨୦୨୪ରେ ରବିବାର ଆୟୋଜକ ଜର୍ମାନୀ ସୁଇଜରଲାଣ୍ଡ ସହ ମ୍ୟାଚ୍ ୧-୧ରେ ଡ୍ର ରଖିଛି। ଏହା ସହିତ ଗ୍ରୁପ୍ ଏ'ର ପ୍ରଥମ ଦୁଇ ସ୍ଥାନରେ ରହି ଜର୍ମାନୀ, ସୁଇଜରଲାଣ୍ଡ ରାଉଣ୍ଡ ଅଫ୍ ୧୬ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଜର୍ମାନୀ ୭ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ସୁଇଜରଲାଣ୍ଡ ୫ ପଏଣ୍ଟ ସହ ଦ୍ୱିତୀୟରେ ରହିଥିଲା। ସୁଇଜରଲାଣ୍ଡ ପକ୍ଷରୁ ଡାନ୍ ଏନ୍‌ଡୋୟେ ପ୍ରଥମାର୍ଦ୍ଧର ୨୮ ତମ ମିନିଟରେ ଗୋଲ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ଜର୍ମାନୀ ପକ୍ଷରୁ ନିକଲାସ ଫୁଲକ୍ରଗ ଷ୍ଟପେଜ ଟାଇମର ୯୦+୨ ମିନିଟରେ ସ୍କୋର କରିଥିଲେ। ଷ୍ଟପେଜ ଟାଇମ ବେଳକୁ ୧-୦ରେ ପଛୁଆ ରହିଥିବା ଜର୍ମାନୀ ଏହାର ସମସ୍ତ ଡିଫେଣ୍ଡରଙ୍କୁ ଫରୱାର୍ଡ ଭାବେ ଖେଳାଇ ଆକ୍ରମଣକୁ ଜୋରଦାର କରିଥିଲା। ଅନ୍ୟତମ ସବଷ୍ଟିଚ୍ୟୁଟ୍ ଖେଳାଳି ଡେଭିଡ୍ ରାଉମଙ୍କ କ୍ରସ୍‌କୁ ନିକଲାସ ଗୋଲରେ ପରିଣତ କରିଥିଲେ। ସୁଇଜରଲାଣ୍ଡ ଅଧିନାୟକ ଗ୍ରାନିଟ୍ ଖାକାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ୨୮ ତମ ମିନିଟରେ ଗ୍ରାନିଟ୍ ଖାକାଙ୍କ ଆସିଷ୍ଟରେ ଡାନ୍ ଏନ୍‌ଡୋୟେ ପ୍ରଥମ ଗୋଲ ଦେଇଥିଲେ। ଗ୍ରାନିଟ୍ ଆଉ ଏକ ଗୋଲ ଦେଇଥିବା ବେଳେ ଏହାକୁ ରେଫରୀ ଅଫସାଇଡ ଘୋଷଣା କରିଥିଲେ। ଜର୍ମାନୀ ଗ୍ରୁପ୍ ଏ ଟପର ରହିଥିବା ବେଳେ ଗ୍ରୁପ୍ ସିର ଦ୍ୱିତୀୟ ସ୍ଥାନରେ ଥିବା ଦଳ ସହ ଏହା ରାଉଣ୍ଡ ଅଫ୍ ୧୬ ମ୍ୟାଚ୍ ଖେଳିବ।

## ୟୁରୋ କପ୍
### ସ୍କଟ୍‌ଲାଣ୍ଡକୁ ହରାଇଲା ହଙ୍ଗେରୀ

ଅନ୍ୟ ପକ୍ଷରେ ଗ୍ରୁପ୍ ଏ'ର ଅନ୍ୟ ଏକ ମ୍ୟାଚ୍‌ରେ ହଙ୍ଗେରୀ ୧-୦ ଗୋଲ୍‌ରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ୍‌ଟି ୦-୦ସ୍ଥିତିରେ ରହିଥିଲା। ମ୍ୟାଚ୍ ଡ୍ର ଆଡକୁ ଯାଉଥିବା ବେଳେ ୯୦+୧୦ ମିନିଟରେ କେଭିନ୍ ସୋବୋଥ୍ ଏକ ଗୋଲ ସ୍କୋର କରି ହଙ୍ଗେରୀକୁ ବିଜୟୀ କରିଥିଲେ। ମ୍ୟାଚ୍‌ର ୫୮ ପ୍ରତିଶତ ସମୟ ସ୍କଟଲାଣ୍ଡ ବଲକୁ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ଜିତି ପାରି ନ ଥିଲା।

ଭାରତ ତୀର୍ଥସାଥୀ ପ୍ୟାକେଜ୍ ଟୁର୍
ପରିଚାଳକ: ରାମଚନ୍ଦ୍ର ପଣ୍ଡା, ଯାଜପୁର, ମୋ.- ୯୪୩୭୭୫୩୫୮୮/୯୬୯୨୫୭୪୯୬୨
୧ମ ଯାତ୍ରା (ଉତ୍ତର ଭାରତ): ତା୦୯।୦୯।୨୪ରିଖରେ ଭୁବନେଶ୍ୱରରୁ ଯାତ୍ରାକରି ଏହ୍ଲାବାଦ (ତ୍ରିବେଣୀ ସଙ୍ଗମ), ମଥୁରା, ଗୋପ, ବୃନ୍ଦାବନ, ଦିଲ୍ଲୀ, ଜାମ୍ମୁ-ବୈଷ୍ଣୋଦେବୀ, ଅମୃତସର, ୱାଘା (ପାକିସ୍ତାନ ସୀମାରେ ମାର୍ଚ୍ଚିଂ, ହରିଦ୍ୱାର, ଋଷିକେଶ, ବଦ୍ରିନାଥ, କେଦାରନାଥ, ଡେରାଡୁନ-ମସୌରୀ, ଅଯୋଧ୍ୟା, କାଶୀ, ଗୟା ହୋଇ ତା୨୬/୯ରେ ପୁରୀ ପହଞ୍ଚିବେ। ୨ୟ ଯାତ୍ରା (ଉତ୍ତର ଭାରତ): ତା୩୦।୦୯।୨୪ରିଖ ପିତୃପକ୍ଷ, ମହାଳୟା ଶ୍ରାଦ୍ଧ ଉପଲକ୍ଷେ ଭୁବନେଶ୍ୱରରୁ ଯାତ୍ରାକରି ଏହ୍ଲାବାଦ-ତ୍ରିବେଣୀ ସଙ୍ଗମ, ପିତୃପକ୍ଷ ଅମାବାସ୍ୟାଦିନ ଗୟାଶ୍ରାଦ୍ଧ, ଅଯୋଧ୍ୟା କାଶୀ ହୋଇ ତା୫।୧୦।୨୪ରେ ପୁରୀ ପହଞ୍ଚିବେ। ୩ୟ ଯାତ୍ରା (ଦକ୍ଷିଣ ଭାରତ): ତା୧୪।୧୦।୨୪- ଭୁବନେଶ୍ୱରରୁ ବାହାରି ତିରୁପତି, ମାନ୍ଦ୍ରାଜ, ମଦୁରାଇ, ମିନାକ୍ଷୀଦେବୀ, ରାମେଶ୍ୱର ଧାମ, କନ୍ୟାକୁମାରୀ, ତ୍ରିଭେନ୍ଦ୍ରମ୍-ପଦ୍ମନାଭସ୍ୱାମୀ, ବାଙ୍ଗାଲୋର-ମହୀଶୂର, ମହାରାଜା ପ୍ୟାଲେସ୍, ସମର ପ୍ୟାଲେସ୍, ଚାମୁଣ୍ଡିଦେବୀ, ବୃନ୍ଦାବନ ଗାର୍ଡେନ ଇତ୍ୟାଦି ଜ୍ୟୋତିର୍ଲିଙ୍ଗ- ଶ୍ରୀଶୈଳମ୍- ମଲ୍ଲିକାର୍ଜୁନ ଦର୍ଶନ କରି ତା୨୭।୧୦।୨୪ରେ ଭୁବନେଶ୍ୱରରେ ପହଞ୍ଚିବେ। ୪ର୍ଥ ଯାତ୍ରା (ପଶ୍ଚିମ ଭାରତ): ତା୦୪।୧୨।୨୪ରେ ଯାତ୍ରାକରି ଉଜ୍ଜୟିନୀ ଜ୍ୟୋତିର୍ଲିଙ୍ଗ, ମହାକାଳେଶ୍ୱର, ଜ୍ୟୋତିର୍ଲିଙ୍ଗ ଓଁକାରେଶ୍ୱର, ଆଜମିର୍-ପୁଷ୍କରତୀର୍ଥ ମାଉଣ୍ଟଆବୁ, ଅହମ୍ମଦାବାଦ, ଗାନ୍ଧୀ ଆଶ୍ରମ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ-୧୮୪ମି. ଉଚ୍ଚତା, ଓଖା-ଦ୍ୱାରିକା ଧାମ୍, ଜଳ ଦ୍ୱାରିକା, ଜ୍ୟୋତିର୍ଲିଙ୍ଗ-ନାଗେଶ୍ୱର, ଜ୍ୟୋତିର୍ଲିଙ୍ଗ ସୋମନାଥ, ପ୍ରଭାସ ତୀର୍ଥ, ପୁନା-ନାସିକ୍, ପଞ୍ଚବଟି, ଜ୍ୟୋତିର୍ଲିଙ୍ଗ ତ୍ରୟମ୍ବକେଶ୍ୱର, ଜ୍ୟୋତିର୍ଲିଙ୍ଗ ଭୀମାଶଙ୍କର, ଜ୍ୟୋତିର୍ଲିଙ୍ଗ ଘୃଷ୍ଣେଶ୍ୱର, ଶନିସିଙ୍ଗ୍ନାପୁର, ଶିରିଡିସାଇ ହୋଇ ୧୮।୧୨।୨୪ରେ ପୁରୀ ପହଞ୍ଚିବେ। ଟିକେଟର ମୂଲ୍ୟ ପ୍ରଥମ ଯାତ୍ରା ତ୍ରିତଳ ଶୟନଯାନ ରେଳଭଡ଼ା + ଦୁଇବେଳା ନିରାମିଷ ଖାଦ୍ୟ + ଧର୍ମଶାଳା / ଲଜିଂ ରହଣି + ଦର୍ଶନୀୟ ସ୍ଥାନ ଭ୍ରମଣ ଖର୍ଚ୍ଚ ସହ ଜଣ ପ୍ରତି ୧ମ ଯାତ୍ରା- ୧୮,୫୦୦/-, ୨ୟ ଯାତ୍ରା - ୮,୫୦୦/-, ୩ୟ ଯାତ୍ରା- ୧୮,୫୦୦/-, ୪ର୍ଥ ଯାତ୍ରା- ୧୮,୫୦୦/- ବ୍ୟବସ୍ଥା ଭଲ ଗାଇଡ୍, ରୁଚିକର ଖାଦ୍ୟ, ବୃଦ୍ଧବୃଦ୍ଧାଙ୍କ ପାଇଁ ଦାୟିତ୍ୱ। ନିମ୍ନ ଠିକଣାରେ ଯୋଗାଯୋଗ ସହ ୨୦୦୦ ଟଙ୍କା ଦେଇ ସିଟ୍ ରିଜର୍ଭ କରନ୍ତୁ।
ଯୋଗାଯୋଗ: ଭୁବନେଶ୍ୱର- ୯୭୭୮୮୯୬୫୪୦, କଟକ- ୯୭୭୮୧୫୩୯୪୬, ଖୋର୍ଦ୍ଧା- ୯୯୩୭୭୭୫୨୫୮, ଚୌଦ୍ୱାର- ୬୩୭୦୨୫୨୮୧୧, ବାଲେଶ୍ୱର- ୯୮୬୧୦୭୫୩୨୮, ସମ୍ବଲପୁର- ୯୭୭୭୪୭୨୪୪୧, ନିମାପଡ଼ା- ୭୯୭୮୭୯୪୬୨୯, ଢେଙ୍କାନାଳ- ୯୩୩୭୧୬୩୫୫୧, ଭବାନୀପାଟଣା- ୯୫୮୩୪୭୫୭୪୦, ଜୁନାଗଡ଼- ୮୯୮୪୨୨୬୦୭୯, ଅନୁଗୋଳ- ୭୦୦୮୫୮୭୪୧୭, ରାଉରକେଲା- ୮୬୩୭୨୩୯୯୪୯
ବି.ଦ୍ର.: ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ଉପରଲିଖିତ ପରିଚାଳକଙ୍କୁ ଫୋନ୍- କରନ୍ତୁ।

# ବିଜୟ ସହ ଉରୁଗୁଏର ଅଭିଯାନ

**ମାୟାମି ଗାର୍ଡେନ୍ସ, ୨୪।୬ (ଏପି)**

ପାନାମା ବିପକ୍ଷରେ ୩-୧ ଗୋଲ୍‌ରେ ବିଜୟ ସହ ଉରୁଗୁଏ କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଛି। ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ ମାକ୍ସିମିଲିଆନୋ ଆରୁଜୋ। ସେ ଖେଳର ୧୬ତମ ମିନିଟ୍‌ରେ ବାମ ପାଦରେ କର୍ନରରୁ ଗୋଲ୍ ସ୍କୋର କରିଥିଲେ। ମ୍ୟାଚର ଶେଷ ଭାଗରେ ଡାରୱିନ ନୁନେଜ ଓ ମାଟିଆସ ଭିନା ଅନ୍ୟ ଦୁଇଟି ଗୋଲ୍ ଦେଇଥିଲେ। ରେକର୍ଡ ୧୬ତମ କୋପା ଆମେରିକା ଟାଇଟଲ ଲକ୍ଷ୍ୟରେ ଥିବା ଉରୁଗୁଏ ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହ ଗୋଲ୍ ପୋଷ୍ଟକୁ ୨୦ଟି ଶଟ୍ ଭାରିଥିଲା। ତନ୍ମଧ୍ୟରୁ ୭ଟି ଟାର୍ଗେଟ ରହିଥିଲା। ପାନାମା ତରଫରୁ ଏକମାତ୍ର ଗୋଲ୍ ଅମିର ମୁରିଲୋ ଷ୍ଟପେଜ ଟାଇମ ପୂର୍ବରୁ ସ୍କୋର କରିଥିଲେ। ହାର୍ଡ ରକ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚକୁ ଷ୍ଟାଡିୟମରେ ୩୩ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପଭୋଗ କରିଥିଲେ। ଏହି ଷ୍ଟାଡିୟମରେ ଜୁଲାଇ ୧୪ରେ ଟୁର୍ନାମେଣ୍ଟର ଫାଇନାଲ ଅନୁଷ୍ଠିତ ହେବ। ଏହାଛଡ଼ା ୨୦୨୬ ବିଶ୍ୱକପ୍‌ର ୭ଟି ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ରବିବାର ଟେକ୍ସାସର ଆର୍ଲିଙ୍ଗଟନଠାରେ ଗ୍ରୁପ୍ 'ସି'ର ଏକ ମ୍ୟାଚରେ ଆମେରିକା ୨-୦ ଗୋଲ୍‌ରେ ବଲିଭିଆକୁ ପରାସ୍ତ କରିଛି। ଉରୁଗୁଏ ଗୁରୁବାର ନ୍ୟୁ ଜର୍ସିର ଇଷ୍ଟ ରଥରଫୋର୍ଡଠାରେ ବଲିଭିଆକୁ ଭେଟିବାକୁ ଥିବା ବେଳେ ଆଟଲାଣ୍ଟାଠାରେ ପାନାମା ଆମେରିକା ସହ ମୁକାବିଲା କରିବ। ଜୁଲାଇ ୧ରେ କାନସାସ ସିଟିରେ ଆମେରିକା-ଉରୁଗୁଏ ମ୍ୟାଚ ଏବଂ ଫ୍ଲୋରିଡାର ଓର୍ଲାଣ୍ଡଠାରେ ପାନାମା-ବଲିଭିଆ ମ୍ୟାଚ ସହ ଗ୍ରୁପ୍ ପର୍ଯ୍ୟାୟ ଶେଷ ହେବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ କ୍ୱାର୍ଟରଫାଇନାଲରେ ପ୍ରବେଶ କରିବେ। ସବୁଠାରୁ ଅଧିକ ଥର କୋପା ଆମେରିକା ଟାଇଟଲ ଜିତିବା ରେକର୍ଡ ଉଭୟ ଉରୁଗୁଏ ଓ ଆର୍ଜେଣ୍ଟିନା ନାମରେ ରହିଛି। ଦୁଇ ଦେଶ ୧୫ ଥର ଲେଖାଏଁ ଟାଇଟଲ ବିଜୟୀ ହୋଇ ପାରିଛନ୍ତି। ସୂଚନାଯୋଗ୍ୟ, ପାନାମା ପୂର୍ବରୁ ସାଉଥ ଆମେରିକାର ଚାମ୍ପିୟନଶିପ୍‌ରେ ଏକ ଅତିଥି ଦଳ ଭାବେ ଭାଗ ନେଇଥିଲା। ଦଳ ଗ୍ରୁପ୍ ପର୍ଯ୍ୟାୟରୁ ଉନ୍ନୀତ ହୋଇ ନ ଥିଲା।


କୋପା ଆମେରିକା ଫୁଟ୍‌ବଲ ଟୁର୍ନାମେଣ୍ଟରେ ପାନାମା-ଉରୁଗୁଏ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ତୀରନ୍ଦାଜୀରେ ଭାରତକୁ ଅଲିମ୍ପିକ ଟିମ୍ କୋଟା

**ନୂଆଦିଲ୍ଲୀ, ୨୪।୬ (ପି.ଟି.)**

ଭାରତର ଉଭୟ ପୁରୁଷ ଓ ମହିଳା ତୀରନ୍ଦାଜୀ ଦଳ ସୋମବାର ପ୍ରକାଶିତ ଅପ୍‌ଡେଟ୍ ବିଶ୍ୱ ର୍‍ୟାଙ୍କିଙ୍ଗଙ୍କୁ ଭିତ୍ତିକରି ପ୍ୟାରିସ ଅଲିମ୍ପିକ କୋଟା ହାସଲ କରିଛି। ଭାରତ ଯୋଗ୍ୟତା ହାସଲ କରିପାରି ନ ଥିବା ଦେଶଗୁଡ଼ିକ ମଧ୍ୟରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ପ୍ରଥମ ସ୍ଥାନ ଅଧିକାର ଭିତ୍ତିରେ ଟିମ୍ କୋଟା ହାସଲ କରିଛି। ଫଳତଃ ଭାରତ ପ୍ୟାରିସରେ ସମସ୍ତ ୫ ମେଡାଲ ଇଭେଣ୍ଟ ଯଥା ପୁରୁଷ ଓ ମହିଳା ଟିମ୍, ବ୍ୟକ୍ତିଗତ ଓ ମିକ୍ସଡ କାଟେଗୋରିରେ ଭାଗନେବା ଲାଗି ଯୋଗ୍ୟତା ହାସଲ କରିପାରିଛି। ପୁରୁଷ ବିଭାଗରେ ଭାରତ ବ୍ୟତୀତ ଚାଇନା ମଧ୍ୟ କୋଟା ହାସଲ କରିଥିବା ବେଳେ ମହିଳା ବିଭାଗରେ ଦ୍ୱିତୀୟ ଦେଶ ଭାବେ ଇଣ୍ଡୋନେସିଆ ଟିମ୍ କୋଟା ହାସଲ କରିଛି। ଟିମ୍ ଇଭେଣ୍ଟଗୁଡ଼ିକରେ ପ୍ରତ୍ୟେକ ବିଭାଗରେ ୧୨ଟି ଲେଖାଏଁ ଦଳ ରହିବେ। ମିକ୍ସଡ ପ୍ରତିଯୋଗିତାରେ ୫ଟି ଦଳ ଭାଗ ନେବେ। ପ୍ରଥମ ଥର ୩-ଲେଗ୍ ଅଲିମ୍ପିକ କ୍ୱାଲିଫାୟର୍ସ ପରେ ଶ୍ରେଷ୍ଠ ଦୁଇ ଦେଶକୁ ଟିମ୍ କୋଟା ଅଫର କରାଯାଇଛି। ପ୍ରଥମ ଅଲିମ୍ପିକ କ୍ୱାଲିଫାୟର ଗତବର୍ଷ ବର୍ଲିନଠାରେ ବିଶ୍ୱ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ହୋଇଥିଲା, ଯେଉଁଠାରେ ଦକ୍ଷିଣ କୋରିଆ, ତୁର୍କୀ ଓ ଜାପାନ ପୁରୁଷ କାଟେଗୋରିରେ ଯୋଗ୍ୟତା ଅର୍ଜନ କରିଥିଲେ। ଜର୍ମାନୀ ଓ ମେକ୍ସିକୋ ମହିଳା ବିଭାଗରେ କୋଟା ହାସଲ କରିଥିଲେ। ଦ୍ୱିତୀୟ ଲେଗ୍ ଏକ କଣ୍ଟିନେଣ୍ଟାଲ କ୍ୱାଲିଫାୟର ଥିଲା। ଏଥିରେ ଏସିଆନ ଲେଗ୍‌ରୁ କାଜାଖସ୍ତାନ ଓ ଦକ୍ଷିଣ କୋରିଆ ପୁରୁଷ ଓ ମହିଳା କୋଟା ହାସଲ କରିଥିଲେ। ସେହିପରି ପାନ୍-ଆମେରିକାରୁ କଲମ୍ବିଆ ଓ ଯୁକ୍ତରାଷ୍ଟ୍ର ଆମେରିକା ଯୋଗ୍ୟତା ଅର୍ଜନ କରିଥିଲେ। ଫାଇନାଲ ଅଲିମ୍ପିକ କ୍ୱାଲିଫାୟର ଗତ ସପ୍ତାହରେ ଆଣ୍ଟାଲ୍ୟାରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ କ୍ୱାଲିଫାୟରରୁ ମେକ୍ସିକୋ, ଚାଇନିଜ ତାଇପେ, ଗ୍ରେଟ୍ ବ୍ରିଟେନ ପୁରୁଷ ବିଭାଗରେ କୋଟା ହାସଲ କରିଥିବା ବେଳେ ମହିଳା ବିଭାଗରେ ଚାଇନା, ମାଲେସିଆ, ଗ୍ରେଟ୍ ବ୍ରିଟେନ ଓ ଚାଇନିଜ ତାଇପେ ଯୋଗ୍ୟତା ଅର୍ଜନ କରିଥିଲେ। ତରୁଣ ଓ ଦୀପିକା ଚତୁର୍ଥ ଥର ଅଲିମ୍ପିକ୍ସରେ ଭାଗ ନେବାକୁ ଯାଉଛନ୍ତି।


ଦୀପିକା କୁମାରୀ ଓ ତରୁଣଦୀପ ରାୟ।

୪୦ ବର୍ଷୀୟ ଆର୍ମି ଭେଟେରାନ ତରୁଣଦୀପ ରାୟ ୨୦୦୪ ଏଥେନ୍ସରେ ତାଙ୍କ ଅଲିମ୍ପିକ ପଦାର୍ପଣ କରିଥିଲେ। ସେ ଗେମ୍ସରେ ୪ର୍ଥ ଥର ଭାଗ ନେବାକୁ ଯାଉଛନ୍ତି। ସେହିପରି ପୂର୍ବତନ ବିଶ୍ୱର ନମ୍ବର ୱାନ ଦୀପିକା କୁମାରୀ କ୍ରମାଗତ ଚତୁର୍ଥ ଥର ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ସେ ପ୍ରଥମ ଥର ୨୦୧୨ ଲଣ୍ଡନ ଗେମ୍ସରେ ଭାଗ ନେଇଥିଲେ। ଧୀରଜ ବୋମାଦେବରା, ଅଙ୍କିତା ଭକତ ଓ ଭଜନ କୌର ପ୍ରମୁଖ ପ୍ରଥମ ଥର ଅଲିମ୍ପିକ୍ସରେ ପାଦ ଦେବାକୁ ଥିବା ବେଳେ ପ୍ରବୀଣ କୌର ଟୋକିଓ ପରେ କ୍ରମାଗତ ଦ୍ୱିତୀୟ ଥର ଗେମ୍ସରେ ଅଂଶଗ୍ରହଣ କରିବେ।

**ଭାରତ ପୁରୁଷ ଦଳ:** ତରୁଣଦୀପ ରାୟ, ଧୀରଜ ବୋମାଦେବରା ଓ ପ୍ରବୀଣ ଯାଦବ। **ମହିଳା ଦଳ:** ଦୀପିକା କୁମାରୀ, ଭଜନ କୌର ଓ ଅଙ୍କିତା ଭକତ।

# ଭାରତୀୟ କ୍ୟାମ୍ପରେ ପ୍ୟାରୀ, ଜୁଲି


ପ୍ୟାରୀ ଖାଖା


ଜୁଲି କିଶାନ

**ଭୁବନେଶ୍ୱର, ୨୪।୬ (ତପନ ସ୍ୱାଇଁ)**

ଭାରତୀୟ ମହିଳା ଫୁଟବଲ ଦଳ ଜୁଲାଇ ୭ରୁ ୧୩ ପର୍ଯ୍ୟନ୍ତ ମ୍ୟାନମାର ବିପକ୍ଷରେ ଫିଫା ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବ। ଏଥିପାଇଁ ପ୍ରସ୍ତୁତି ସ୍ୱରୂପ ଭାରତୀୟ ଦଳର ଟ୍ରେନିଂ କ୍ୟାମ୍ପ ଚଳିତ ମାସ ୨୫ରୁ ଜୁଲାଇ ୬ ପର୍ଯ୍ୟନ୍ତ କୋଲକାତାରେ ଅନୁଷ୍ଠିତ ହେବ। ଏହି କ୍ୟାମ୍ପରେ ଯୋଗ ଦେବାପାଇଁ ଓଡ଼ିଶାର ଦୁଇ ତାରକା ଖେଳାଳି ଫରୱାର୍ଡ ପ୍ୟାରୀ ଖାଖା ଓ ଡିଫେଣ୍ଡର ଜୁଲି କିଶାନ ମନୋନୀତ ହୋଇଛନ୍ତି। ପୂର୍ବରୁ ଏହି ଦୁଇ ଖେଳାଳି ଅନେକଥର ଜାତୀୟ ଦଳର ସଦସ୍ୟ ରହି ସାରିଛନ୍ତି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଖାଖା ଓ ଜୁଲିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୱିମ୍ବେଲଡନରେ ଖେଳିବା ନିଷ୍ପତ୍ତି ନେଇ ନାହାନ୍ତି ମୁରେ

**ଲଣ୍ଡନ, ୨୪।୬ (ଏପି)**

ପିଠିର ନିମ୍ନ ଭାଗରେ ଅସ୍ତ୍ରୋପଚାର କାରଣରୁ ଆଣ୍ଡି ମୁରେ ୱିମ୍ବେଲଡନରେ ଅଂଶଗ୍ରହଣ କରିବା ସମ୍ପର୍କରେ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। କୁଇନ୍ସ କ୍ଲବରେ ଏକ ପ୍ରସ୍ତୁତି ମ୍ୟାଚରେ ଆଘାତପ୍ରାପ୍ତ ହେବା ପରେ ୩୭ ବର୍ଷୀୟ ମୁରେଙ୍କର ଗତ ଶନିବାର ଅସ୍ତ୍ରୋପଚାର ହୋଇଛି। ଅଲ୍ ଇଂଲଣ୍ଡ କ୍ଲବରେ ସେ ଶେଷ ଥର ପାଇଁ ଖେଳିବେ ବୋଲି ଆଶା କରାଯାଉଥିଲା। ମୁରେଙ୍କ ଟିମ୍ ସୋମବାର ଏକ ବିବୃତ୍ତିରେ କହିଛି ଯେ, ମେଡିକାଲ ଟିମ୍ ଦୁଇଥର ୱିମ୍ବେଲଡନ ଚାମ୍ପିୟନଙ୍କ ଚିକିତ୍ସା ଜାରି ରଖିଛି। ସେ କୋର୍ଟକୁ କେବେ ପ୍ରତ୍ୟାବର୍ତ୍ତନ କରିବେ ତାହା ତାଙ୍କ ମେଡିକାଲ ଟିମ୍ ସ୍ପଷ୍ଟ କରିବ। ଚଳିତ ବର୍ଷ ପରବର୍ତ୍ତୀ ଭାଗରେ ଅବସର ନେବେ ବୋଲି ସେ ସଙ୍କେତ ଦେଇ ସାରିଛନ୍ତି। ୨୦୧୩ ଓ ୨୦୧୬ରେ ୱିମ୍ବେଲଡନ ଟାଇଟଲ ଜିତିଥିବା ମୁରେ କୁଇନ୍ସ କ୍ଲବରେ ଜୋର୍ଡାନ ଥମ୍ପସନଙ୍କଠାରୁ ୪-୧ରେ ପଛରେ ଥିବା ବେଳେ ରିଟାୟର୍ଡ ନେବାକୁ ବାଧ୍ୟ ହୋଇଥିଲେ।

# ଗିଲ୍ ଅଧିନାୟକ, ପରାଗ, ଅଭିଷେକ, ନୀତୀଶଙ୍କୁ ସୁଯୋଗ


## ଜିମ୍ବାୱେ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଦଳ ଘୋଷଣା
## ରୋହିତ, କୋହଲି, ହାର୍ଦ୍ଦିକ, ସୂର୍ଯ୍ୟ, ଜାଡେଜା, ବୁମ୍‌ରାଙ୍କୁ ବିଶ୍ରାମ

**ନୂଆଦିଲ୍ଲୀ, ୨୪।୬ (ପି.ଟି.)**

ଜିମ୍ବାୱେ ବିପକ୍ଷ ୫ ମ୍ୟାଚବିଶିଷ୍ଟ ଟି୨୦ ସିରିଜ ପାଇଁ ସୋମବାର ଭାରତୀୟ ଦଳ ଘୋଷିତ ହୋଇଛି। ଶୁବମନ ଗିଲ୍ ଦଳର ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଆଇପିଏଲ୍‌ରେ ଭଲ ପ୍ରଦର୍ଶନର ପୁରସ୍କାର ସ୍ୱରୂପ ରିୟାନ ପରାଗ, ଅଭିଷେକ ଶର୍ମା ଓ ନୀତୀଶ ରେଡ୍ଡୀଙ୍କୁ ପ୍ରଥମଥର ପାଇଁ ଭାରତୀୟ ଦଳରେ ସୁଯୋଗ ମିଳିଛି। ଚଳିତ ଟି୨୦ ବିଶ୍ୱକପ ଖେଳୁଥିବା ଅଧିନାୟକ ରୋହିତ ଶର୍ମା, ବିରାଟ କୋହଲି, ହାର୍ଦ୍ଦିକ ପାଣ୍ଡ୍ୟା, ସୂର୍ଯ୍ୟକୁମାର ଯାଦବ, ରବୀନ୍ଦ୍ର ଜାଡେଜା ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ବିଶ୍ରାମ ଦିଆଯାଇଛି। ଏପରିକି ଶିବମ ଦୁବେ, ଅର୍ଶଦୀପ ସିଂ ଓ କୁଲଦୀପ ଯାଦବଙ୍କୁ ମଧ୍ୟ ବ୍ରେକ୍ ଦିଆଯାଇଛି। ଆଇପିଏଲ୍ ସମେତ ଗତ ୩ ମାସରୁ ଊର୍ଦ୍ଧ୍ୱ ଖେଳାଳିମାନେ କ୍ରମାଗତ ଖେଳି ଆସୁଥିବାରୁ କାର୍ଯ୍ୟଭାର ହ୍ରାସ ପାଇଁ ଚୟନକର୍ତ୍ତାମାନେ ରୋଟେଶନ ପଦ୍ଧତି ଅବଲମ୍ବନ କରିଛନ୍ତି। ଭାରତରେ ହେବାକୁଥିବା ୨୦୨୬ ଟି୨୦ ବିଶ୍ୱକପ ବେଳକୁ ଶ୍ରେଷ୍ଠ ଖେଳାଳିଙ୍କର ଏକ ପୁଲ୍ ପ୍ରସ୍ତୁତ କରିବା ମୁଖ୍ୟ ଲକ୍ଷ୍ୟ ବୋଲି ବିବେଚନା କରାଯାଉଛି। ଭାରତ-ଜିମ୍ବାୱେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଜୁଲାଇ ୬ରୁ ଆରମ୍ଭ ହେବ।


ପରାଗ, ଅଭିଷେକ ଓ ରେଡ୍ଡୀଙ୍କ ବ୍ୟତୀତ ଆଇପିଏଲ୍‌ରେ ଭଲ ଖେଳିଥିବା ଖେଳାଳିଙ୍କ ମଧ୍ୟରେ ତୁଷାର ଦେଶପାଣ୍ଡେ, ହର୍ଷିତ ରାଣା, ଆଭେଶ ଖାଁ ଓ ରିଙ୍କୁ ସିଂଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି। ଟି୨୦ ବିଶ୍ୱକପ ଦଳରେ ଥାଇ ମଧ୍ୟ ଚୂଡ଼ାନ୍ତ ଏକାଦଶରେ ସାମିଲ ହୋଇପାରି ନ ଥିବା ସଞ୍ଜୁ ସାମସନ ଓ ଯଶସ୍ୱୀ ଜୟସ୍ୱାଲଙ୍କୁ ମଧ୍ୟ ୧୫ ଜଣିଆ ଦଳରେ ଅନ୍ତର୍ଭୁକ୍ତ କରାଯାଇଛି। ଗିଲ୍ ଓ ଆଭେଶ ଟି୨୦ ବିଶ୍ୱକପ ପାଇଁ ରିଜର୍ଭ ଖେଳାଳି ତାଲିକାରେ ଥିଲେ। ଭାରତର ଗ୍ରୁପ୍ ମ୍ୟାଚ ସରିବା ପରେ ସେମାନଙ୍କୁ ରିଲିଜ୍ କରାଯାଇଛି। ନବାଗତଙ୍କ ମଧ୍ୟରେ ଅଭିଷେକ ଓ ପରାଗ ଆଇପିଏଲ୍-୧୭ରେ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ। ପଞ୍ଜାବ ବ୍ୟାଟର ଅଭିଷେକ ଆଇପିଏଲ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ଖେଳି ୪୮୪ ରନ କରିଥିଲେ। ସେହିପରି ରାଜସ୍ଥାନ ରୟାଲ୍ସର ପରାଗ ୫୭୩ ରନ ସ୍କୋର କରିଥିଲେ। ୨୧ ବର୍ଷୀୟ ପରାଗ ପ୍ରଥମ ଆସାମ ଖେଳାଳିଭାବେ ଭାରତୀୟ ସିନିୟର ଦଳରେ ସ୍ଥାନ ପାଇଛନ୍ତି। ସଞ୍ଜୁ ସାମସନ ଓ ଧ୍ରୁବ ଜୁରେଲ ଉଇକେଟ କିପିଂ ଦାୟିତ୍ୱ ସମ୍ଭାଳିବେ। ସିମ୍-ବୋଲିଂ ଅଲ୍‌ରାଉଣ୍ଡର ନୀତୀଶ ରେଡ୍ଡୀ ଗତ ଆଇପିଏଲ୍ ସମୟରେ ଚୟନକର୍ତ୍ତାଙ୍କ ନଜରରେ ରହିଥିଲେ। ଭବିଷ୍ୟତରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟାକ୍‌ଅପ୍ ଖେଳାଳିଭାବେ ତାଙ୍କୁ ଉପଯୋଗ କରାଯାଇପାରିବ।

### ଗିଲ୍‌ଙ୍କ ପାଇଁ ପରୀକ୍ଷା


ଶୁବମନ ଗିଲ୍


ଅଭିଷେକ ଶର୍ମା


ରିୟାନ ପରାଗ


ନୀତୀଶ ରେଡ୍ଡୀ

ଆଇପିଏଲରେ ଗୁଜରାଟ ଟାଇଟନ୍ସର ନେତୃତ୍ୱ ନେଉଥିବା ଶୁବମନ ଗିଲ୍ ଦୁର୍ଭାଗ୍ୟବଶତଃ ଟି୨୦ ବିଶ୍ୱକପର ମୁଖ୍ୟ ଦଳରେ ସାମିଲ ହୋଇପାରି ନ ଥିଲେ। ଏବେ ଜିମ୍ବାୱେ ଟୁର୍‌ରେ ତାଙ୍କୁ ନିଜ ଦକ୍ଷତା ପ୍ରଦର୍ଶନର ସୁଯୋଗ ମିଳିଛି। ଦ୍ରୁତ ବୋଲର ଆଭେସ ଖାଁ, ଖଲିଲ ଅହମଦ ଓ ଫିନିଶର ରିଙ୍କୁ ସିଂ ମଧ୍ୟ ସୁଯୋଗର ସଦ୍‌ବ୍ୟବହାର କରିବେ ବୋଲି ଆଶା ରହିଛି। ଅନ୍ୟତମ ସିନିୟର ବୋଲର ୟୁଜବେନ୍ଦ୍ର ଚହଲଙ୍କ ନାମକୁ ବିଚାରକୁ ନିଆ ଯାଇନାହିଁ। ପାଖାପାଖି ଏକ ଦଶନ୍ଧି ପୂର୍ବରୁ ସେ ଏହି ଜିମ୍ବାୱେ ବିପକ୍ଷରେ ହିଁ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ତୃତୀୟ ପସନ୍ଦ ଲେଗ୍‌ସ୍ପିନର ରବି ବିଷ୍ଣୋଇଙ୍କୁ ଦଳରେ ସାମିଲ କରାଯାଇଛି। ସେ ୨୪ଟି ଟି୨୦ରୁ ୩୬ଟି ଉଇକେଟ ନେଇଥିଲେ। ଅଭିଷେକଙ୍କୁ ଛାଡ଼ିଦେଲେ ଦଳରେ ଆଉ କେହି ସ୍ପେଶାଲିଷ୍ଟ ବାମହାତୀ ସ୍ପିନର ନାହାନ୍ତି। ଆଇପିଏଲ୍‌ରେ ଭଲ ପ୍ରଦର୍ଶନ କରିଥିଲେ ହେଁ ଦୁଇ ପେସ୍ ବୋଲର ହର୍ଷିତ ରାଣା ଓ ୟଶ୍ ଦୟାଲ ଭାରତୀୟ ଦଳରେ ସ୍ଥାନ ପାଇପାରି ନାହାନ୍ତି। ଡେଥ୍ ବୋଲିଂ କ୍ଷେତ୍ରରେ ଅଭିଜ୍ଞତା ମୁକେଶ କୁମାରଙ୍କୁ ଚୟନକର୍ତ୍ତାମାନେ ଅଧିକ ପସନ୍ଦ କରିଛନ୍ତି। ଜିମ୍ବାୱେ ପିଚ୍‌କୁ ଦୃଷ୍ଟିରେ ରଖି ଚେନ୍ନାଇ ସୁପର କିଙ୍ଗ୍ସର ତୁଷାର ଦେଶପାଣ୍ଡେଙ୍କ ଉପରେ ଭରସା କରାଯାଇଛି। ଆଇପିଏଲ୍‌ରେ ସେ ୮.୮୯ ଇକୋନୋମିରେ ୧୭ ଉଇକେଟ ନେଇଥିଲେ। ଟିମ୍ ମ୍ୟାନେଜମେଣ୍ଟ ସହ ମତଭେଦ ଯୋଗୁ ଇଶାନ କିଶନ ଟପ୍-୩ ଉଇକେଟ ମଧ୍ୟରେ ପରିଗଣିତ ହେଉନାହାନ୍ତି। ସମ୍ଭବତଃ ସେଥିପାଇଁ ତାଙ୍କ ନାମ ବିଚାରକୁ ନିଆ ଯାଇନାହିଁ।

**ଭାରତୀୟ ଦଳ:** ଶୁବମନ ଗିଲ୍ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଋତୁରାଜ ଗାଏକ୍ୱାଡ୍, ଅଭିଷେକ ଶର୍ମା, ରିଙ୍କୁ ସିଂ, ସଞ୍ଜୁ ସାମ୍‌ସନ, ଧ୍ରୁବ ଜୁରେଲ, ନୀତୀଶ ରେଡ୍ଡୀ, ରିୟାନ ପରାଗ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଆଭେଶ ଖାଁ, ଖଲିଲ ଅହମଦ, ମୁକେଶ କୁମାର, ତୁଷାର ଦେଶପାଣ୍ଡେ।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ